୬୬ତମ ବର୍ଷ ୨୪ ଏପ୍ରିଲ, ୨୦୨୩ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

୬୬ତମ ବର୍ଷ ୨୪ ଏପ୍ରିଲ, ୨୦୨୩ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୨୩]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ମୁଁ ଯାହା ଖୋଜୁଛି | ... ଶ୍ରୀଅରବିନ୍ଦ | ... | ୯ |
| ଧମ୍ମପଦ (୨) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ୧୦ |
| ଆମ୍ଭମାନଙ୍କର ଲକ୍ଷ୍ୟ | ... ଶ୍ରୀଅରବିନ୍ଦ | ... | ୧୫ |
| ପୃଥିବୀ ଉପରେ ଏକ ନୂତନ ଦିବ୍ୟ ଶକ୍ତି କ୍ରିୟା କରୁଛି | ... ଶ୍ରୀମା | ... | ୧୮ |
| ସାର୍ବଜନୀନ ସମନ୍ୱୟ | ... ଶ୍ରୀମା | ... | ୨୧ |
| ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର | ... | ... | ୨୩ |
| ଆତ୍ମକର୍ତ୍ତୃତ୍ୱ | ... ଶ୍ରୀମା | ... | ୨୭ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... ଶ୍ରୀଅରବିନ୍ଦ | ... | ୩୦ |
| ଆଧୁନିକର ଗତି-ବୈପରୀତ୍ୟ | ... ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୫ |
| ପରିବର୍ତ୍ତିତ ମୂଲ୍ୟବୋଧ ପରିପ୍ରେକ୍ଷୀରେ ବିଶ୍ୱାସ ଓ ବନ୍ଧୁତା | ... ଶ୍ରୀ ମନୋଜ ଦାସ | ... | ୩୯ |
| ଶୈଳ-ଚୂଳ-ଦେବାଳୟ (କବିତା) | ... ଶ୍ରୀଅରବିନ୍ଦ | ... | ୪୩ |
| ଅସତ୍‌ର ଆରୋଗ୍ୟ | ... ମମତା ଦାଶ | ... | ୪୪ |
| କର୍ମ ମଧ୍ୟରେ ବିଶ୍ରାମ | ... | ... | ୪୬ |
| ପୁରୁଷୋତ୍ତମ ଶ୍ରୀଜଗନ୍ନାଥ-ତତ୍ତ୍ୱ | ... ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୪୯ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଯୋଗବାଶିଷ୍ଠ ରାମାୟଣ | ... | ... | ୫୨ |

**ଶେଷ ପୃଷ୍ଠା :**

| | | | |
|---|---|---|---|
| ନିତ୍ୟ ନିରନ୍ତର ଅଗ୍ରଗତି | ... ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୬ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ୬୧ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

It is not a theory but a constant experience and very tangible when it comes that there is above us, above the consciousness in the physical body, a great supporting extension as it were of peace, light, power, joy – that we can beome aware of it and bring it down into the physical consciousness and that, at first for a time, afterwards more frequently and for a longer time, in the end for good, can remain and change the whole basis of our daily consciousness.

– Sri Aurobindo

ଏହା ଏକ ତତ୍ତ୍ୱ ନୁହେଁ, କିନ୍ତୁ ଏକ ନିରନ୍ତର ଅନୁଭୂତି ଏବଂ ଯେତେବେଳେ ଏହା ଆସେ, ଅତ୍ୟନ୍ତ ବୋଧଗମ୍ୟ ରୂପେ ଆମେ ଅନୁଭବ କରୁ ଯେ ଆମର ଊର୍ଦ୍ଧ୍ୱରେ, ଶରୀରସ୍ଥ ଚେତନାର ଊର୍ଦ୍ଧ୍ୱରେ, ତାହାକୁ ଆଶ୍ରୟ ଦେଇ ଧରି ରଖିଥିବା ଶାନ୍ତି, ଆଲୋକ, ଶକ୍ତି ଓ ଆନନ୍ଦର ଏକ ପ୍ରସାର ରହିଛି – ଏହା ସମ୍ପର୍କରେ ଆମେ ସଚେତ ହୋଇପାରୁ, ଆମ ଶରୀର ଚେତନା ଭିତରକୁ ଏହାକୁ ଓହ୍ଲାଇ ଆଣିପାରୁ ଏବଂ ଏହା ପ୍ରଥମେ କିଛି ସମୟ ପାଇଁ, ପରେ ଅଧିକ ପୁନଃ ପୁନଃ ଭାବରେ ଦୀର୍ଘକାଳ ପାଇଁ ଓ ଶେଷରେ ସ୍ଥାୟୀ ଭାବରେ ରହିପାରେ ଓ ଆମର ଦୈନନ୍ଦିନ ଚେତନାର ସମଗ୍ର ଭିତ୍ତିଟିକୁ ପୂରା ପରିବର୍ତ୍ତିତ କରିଦେଇ ପାରେ ।

– ଶ୍ରୀଅରବିନ୍ଦ



# ମାତୃବାଣୀ

... you talk of the Divine, you talk of the Supreme, you talk of Yoga, you say many things, but does all that correspond in your head to something concrete, to a thought, a feeling, a clear idea, an experience ? Or are they simply words ?

... As soon as one is convinced that there is a living and real Truth seeking to express itself in an objective universe, the only thing that seems to have any importance or value is to come into contact with this Truth, to identify oneself with it as perfectly as possible, and to no longer be anything but a means of expressing it, making it more and more living and tangible so that it may be manifested more and more perfectly.

– The Mother

... ତୁମେ ଭଗବାନଙ୍କ ବିଷୟରେ କୁହ, ପରମଙ୍କ ବିଷୟରେ କୁହ, ଯୋଗ ବିଷୟରେ କୁହ, ତୁମେ ଅନେକ କିଛି କୁହ, କିନ୍ତୁ ସେ ସମସ୍ତ ତୁମ ମସ୍ତିଷ୍କରେ ନିର୍ଦ୍ଦିଷ୍ଟ କିଛିର ଅନୁରୂପ ହୋଇଥାଏ କି ? ଏକ ଚିନ୍ତାର, ଏକ ଅନୁଭବର, ଏକ ସ୍ୱଷ୍ଟ ଧାରଣାର, ଏକ ଅଭିଜ୍ଞତାର ଅନୁରୂପ ହୋଇଥାଏ କି ? ନା ତାହା ଖାଲି ଗୁଡ଼ିଏ ଶବ୍ଦ ମାତ୍ର ?

... ଯେଉଁ ମୁହୂର୍ତ୍ତରେ ତୁମର ହୃଦ୍‌ବୋଧ ହୁଏ ଯେ ଏକ ଜୀବନ୍ତ ଓ ଯଥାର୍ଥ ଦିବ୍ୟ ସତ୍ୟ ରହିଛି ଯାହାକି ବାସ୍ତବ ବିଶ୍ୱଜଗତରେ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଚାହୁଁଛି, ସେତେବେଳେ ଏକମାତ୍ର ଯେଉଁ ଜିନିଷର କୌଣସି ଗୁରୁତ୍ୱ ବା ମୂଲ୍ୟ ରହିଛି ତା' ହେଉଛି ସେହି ଦିବ୍ୟ ସତ୍ୟ ସଙ୍ଗେ ସଂଯୋଗ ସ୍ଥାପନ କରିବା, ଯେତେ ଅଧିକ ପୂର୍ଣ୍ଣ ଓ ନିଖୁଣ ଭାବରେ ସମ୍ଭବ ସେହି ସତ୍ୟ ସହ ନିଜେ ଏକାତ୍ମ ହୋଇଯିବା, ଏବଂ ଆଉ ଅନ୍ୟ କିଛି ନ ହୋଇ ସେହି ସତ୍ୟକୁ ପ୍ରକାଶ କରିବାର ଏକ ନିମିତ୍ତ ବା ଅବଲମ୍ବନ ହୋଇ ଉଠିବା ଏବଂ ତାହାକୁ ଆହୁରି ଅଧିକରୁ ଅଧିକ ଜୀବନ୍ତ ଓ ଅନୁଭବଗମ୍ୟ କରି ଗଢ଼ି ତୋଳିବା, ଯାହା ଫଳରେ ସେହି ସତ୍ୟ ଆହୁରି ଅଧିକରୁ ଅଧିକ ପୂର୍ଣ୍ଣ ଓ ନିଖୁଣ ଭାବରେ ଅଭିବ୍ୟକ୍ତ ହୋଇପାରେ ।

– ଶ୍ରୀମା



# ମୁଁ ଯାହା ଖୋଜୁଛି

## ଶ୍ରୀଅରବିନ୍ଦ

ମୁଁ ଏପରି ଏକ ଆଲୋକ ଖୋଜୁଛି ଯାହା ହେବ ନୂତନ, ତଥାପି ପୁରାତନ, ବସ୍ତୁତଃ ସମସ୍ତ ଆଲୋକ ଭିତରେ ଯାହା ପ୍ରାଚୀନତମ, ସବୁଠୁ ପୁରାତନ । ମୁଁ ଏପରି ଏକ ନିର୍ଭରଯୋଗ୍ୟ ପ୍ରାମାଣିକ ସତ୍ୟ ଖୋଜୁଛି ଯାହାକି ସମସ୍ତ ମାନବିକ ସତ୍ୟକୁ ଗ୍ରହଣ କରିବ, ସେଗୁଡ଼ିକୁ ଆଲୋକିତ ଓ ସମନ୍ୱିତ କରିବ, ତଥାପି ମାନବିକ ଭୁଲ୍‌ଭ୍ରାନ୍ତିଗୁଡ଼ିକୁ ଠିକ୍‌ଭାବେ ବ୍ୟାଖ୍ୟା କରି ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଥିବ ଓ ସେଗୁଡ଼ିକର କବଳରୁ ନିଜକୁ ମୁକ୍ତ ରଖୁଥିବ । ମୁଁ ଏପରି ଏକ ମୂଳ ରଚନା ଓ ଶାସ୍ତ୍ର ଖୋଜୁଛି ଯହିଁରେ ଆଉ କୌଣସି ପ୍ରକ୍ଷେପ, ସଂଶୋଧନ ବା ଅଦଳ ବଦଳ ପାଇଁ ଆଦୌ ଅବକାଶ ନ ଥିବ । ତାହା କେବେହେଲେ କୀଟଦଂଷ୍ଟ୍ର ହୋଇ ବା ଧଳା ଉଇମାନଙ୍କ ଆହାର ହୋଇ ନଷ୍ଟ ହୋଇଯିବ ନାହିଁ, ମାଟି ତଳେ ପୋତି ହୋଇ ତାହା ଲୋପ ପାଇଯିବ ନାହିଁ ବା ସମୟର ପ୍ରବାହରେ ତାହାର କୌଣସି କ୍ଷୟକ୍ଷତି ବା ଅଙ୍ଗହାନି ଘଟିବ ନାହିଁ; କୌଣସି ମାଟିର ବା କୌଣସି ସମୟ ସ୍ରୋତର ସେହି କ୍ଷମତା ରହିବ ନାହିଁ । ମୁଁ ଏପରି ଏକ ତପସ୍ୟା ଖୋଜୁଛି ଯାହା ମୋ ପାଇଁ ଆଣିଦେବ ଶୁଦ୍ଧି ଏବଂ ନିଜ କବଳରୁ ତଥା ସମସ୍ତ ଅଜ୍ଞାନତାର କବଳରୁ ମୁକ୍ତି; ତଥାପି ଭଗବାନ୍ ଓ ତାଙ୍କ ବିଶ୍ୱଲୀଳାରେ ତାହା କୌଣସି ବ୍ୟାଘାତ ଘଟାଇବ ନାହିଁ । ମୁଁ ଏପରି ଏକ ସଂଶୟବାଦ ଖୋଜୁଛି ଯାହାକି ସବୁ କିଛିକୁ ପ୍ରଶ୍ନ କରିବ କିନ୍ତୁ ହୁଏତ ସତ୍ୟ ହୋଇପାରେ ଏପରି ସମ୍ଭାବନା ଥିବା କୌଣସି କିଛିକୁ ଅସ୍ୱୀକାର ନ କରିବା ପାଇଁ ତହିଁରେ ଯଥେଷ୍ଟ ଧୈର୍ଯ୍ୟ ରହିଥିବ । ମୁଁ ଏପରି ଏକ ଯୁକ୍ତିବୁଦ୍ଧି ଖୋଜୁଛି ଯାହା ଏପରି କୌଣସି ଅଯୌକ୍ତିକ ଦାବି ନେଇ ଅଗ୍ରସର ହୁଏ ନାହିଁ ଯେ ଉନବିଂଶ ଶତାବ୍ଦୀ ବ୍ୟତୀତ ମାନବ ଇତିହାସର ଅନ୍ୟସବୁ ଶତାବ୍ଦୀଗୁଡ଼ିକ କେବଳ ନିର୍ବୋଧତା ଓ ଅନ୍ଧ ବିଶ୍ୱାସରେ ପୂର୍ଣ୍ଣ ଥିଲା । ଆଜିର ଯୁକ୍ତିବୁଦ୍ଧି ଏକ ନୂତନ ମତାନ୍ଧତା, ଦୁର୍ବୋଧତା ଓ ଉଗ୍ର ଅସହିଷ୍ଣୁତା ନେଇ ସମସ୍ତ ଅନୁସନ୍ଧାନକୁ ସୀମିତ କରିଦେବା ଓ ତାହାକୁ ସାଧାରଣ ଜ୍ଞାନ ଏବଂ ସଂସ୍କାର ମୁକ୍ତ ଜ୍ଞାନାଲୋକ ବୋଲି କହିବାକୁ ପସନ୍ଦ କରେ । କିନ୍ତୁ ତା' ପରିବର୍ତ୍ତେ ମୁଁ ଖୋଜୁଛି ଏପରି ଏକ ଯୁକ୍ତିବୁଦ୍ଧି ଯାହା ସତ୍ୟର ଆବିଷ୍କାର ଉପରେହିଁ ସମସ୍ତ ଜୋର୍ ଦେବ । ମୁଁ ଏପରି ଏକ ବସ୍ତୁବାଦ ଖୋଜୁଛି ଯାହା ଜଡ଼ ବସ୍ତୁକୁ ସ୍ୱୀକାର କରିବ ଏବଂ ତାହାର ଦାସ ନ ହୋଇ ତାହାକୁ ବ୍ୟବହାର କରିବ ନିଜ ଲକ୍ଷ୍ୟ ସାଧନରେ । ମୁଁ ଖୋଜୁଛି ଏପରି ଏକ ଗୂଢ଼ ବିଦ୍ୟା ଯାହାକି ନିଜର ସମସ୍ତ ପ୍ରଣାଳୀ ଓ ତଥ୍ୟ ପ୍ରମାଣସବୁକୁ ପ୍ରକାଶ୍ୟ ଦିବାଲୋକ ଭିତରକୁ ନେଇ ଆସିବ; ତହିଁରେ କୌଣସି ଗୁପ୍ତ ରହସ୍ୟ ବା ଇନ୍ଦ୍ରଜାଲ ଆଦି ରହିବ ନାହିଁ ଅଥବା ମନୁଷ୍ୟ ପ୍ରତି ସେହି ପୁରୁଣା ଓ ମୂଢ଼ ଆହ୍ୱାନ ରହିବ ନାହିଁ ଯେ ''ହେ ମାନବ, ତୁମେ ଅନ୍ଧ ହୋଇଯାଅ ଓ ଦେଖ ।'' ସଂକ୍ଷେପରେ କହିଲେ ମୁଁ ଯାହା ଖୋଜୁଛି ତାହା ବିଜ୍ଞାନ ନୁହେଁ, ଧର୍ମ ନୁହେଁ ବା ବ୍ରହ୍ମବିଦ୍ୟା ନୁହେଁ; ମୁଁ ଖୋଜୁଛି ବେଦ, ପରମ ବ୍ରହ୍ମର ସତ୍ୟ; ମୋର ସନ୍ଧାନ ପରମଙ୍କର କେବଳ ମୂଳ ସ୍ୱରୂପକୁ ନେଇ ନୁହେଁ, କିନ୍ତୁ ତାଙ୍କର ପ୍ରକାଶ ଓ ଅଭିବ୍ୟକ୍ତିକୁ ନେଇ । ଅରଣ୍ୟକୁ ଯିବା ପାଇଁ ପଥ ଦେଖାଇବାର ପ୍ରଦୀପ ମୁଁ ଖୋଜୁ ନାହିଁ, ମୁଁ ଖୋଜୁଛି ସଂସାରରେ କର୍ମ ଓ ଆନନ୍ଦ ପାଇଁ ଏକ ଆଲୋକ ଓ ଅଭ୍ରାନ୍ତ ପଥନିର୍ଦ୍ଦେଶ; ମୁଁ ଖୋଜୁଛି ଏପରି ଏକ ସତ୍ୟ ଯାହା ସମସ୍ତ ମତାମତର ଅତୀତ ଏବଂ ଊର୍ଦ୍ଧ୍ୱରେ; ମୁଁ ଖୋଜୁଛି ଏପରି ଏକ ଜ୍ଞାନ ଯାହା ପାଇବା ପାଇଁ ସମସ୍ତ ଜ୍ଞାନ ସର୍ବଦା ତତ୍ପର – 'ଯସ୍ମିନ୍ ବିଜ୍ଞାତେ ସର୍ବମିଦଂ ବିଜ୍ଞାତମ୍' । ମୁଁ ବିଶ୍ୱାସ କରେ ସେହି ବେଦହିଁ ହେଉଛି ସନାତନ ଧର୍ମର ଭିତ୍ତି, ମୁଁ ବିଶ୍ୱାସ କରେ ହିନ୍ଦୁତ୍ୱର ଅନ୍ତରରେ ତାହାହିଁ ଗୋପନ ଦେବତା ରୂପେ ବିରାଜିତ ରହିଛନ୍ତି; କିନ୍ତୁ ଏକ ଆବରଣ ଖୋଲି ଦେବାକୁ ହେବ, ଏକ ପରଦାକୁ ଉଠାଇ ଦେବାକୁ ହେବ । ମୁଁ ବିଶ୍ୱାସ କରେ ସେହି ସତ୍ୟକୁ ଜାଣି ହେବ ଓ ଆବିଷ୍କାର କରିହେବ । ମୁଁ ବିଶ୍ୱାସ କରେ ଭାରତର ଭବିଷ୍ୟତ୍ ଓ ପୃଥିବୀର ଭବିଷ୍ୟତ୍ ନିର୍ଭର କରେ ସେହି ସତ୍ୟର ଆବିଷ୍କାର ଉପରେ ଏବଂ ଜୀବନର ସନ୍ନ୍ୟାସ ପାଇଁ ନୁହେଁ, ସଂସାର-ଜୀବନ ଓ ମାନବ ସମାଜର ଜୀବନ ପାଇଁ ତାହାର ପ୍ରୟୋଗ ଉପରେ ।

(Sri Aurobindo Archives and Research, Vol. 7, No. 1, April 1983, P. 37-38) ✜

# ଧମ୍ମପଦ

## (୨)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**(୭)**

ସୁଭାନୁପସ୍‌ସିଂ ବିହରନ୍ତଂ ଇନ୍ଦ୍ରିୟେସୁ ଅସଂବୁତଂ ।
ଭୋଜନମ୍‌ହି ଅମତ୍ତଞ୍ଞୁଂ କୁସୀତଂ ହୀନବୀରିୟଂ ।
ତଂ ବେ ପସହତି ମାରୋ ବାତୋ ରୁକ୍‌ଖଂ' ବ ଦୁବ୍‌ବଳଂ ॥

(One who goes about in the pursuit of the pleasurable, who is uncontrolled in his senses, who is immoderate in his food, who is lazy and unmanly, such a man Mãra overwhelm even as the gale does a weak tree.)

ଯେ ସୁଖାନ୍ୱେଷୀ, ଅସଂଯତେନ୍ଦ୍ରିୟ, ଅପରିମିତ-ଭୋଜୀ, ଅଳସ ଏବଂ ହୀନବୀର୍ଯ୍ୟ, ସେ 'ମାର' ଦ୍ୱାରା ଅଭିଭୂତ ହୁଅନ୍ତି ଯେପରି ଦୁର୍ବଳ ବୃକ୍ଷ ବାତ୍ୟାହତ ହୁଏ ।

**ଶ୍ରୀମା'ଙ୍କ ଭାଷ୍ୟ :**

ବୌଦ୍ଧ ସାହିତ୍ୟରେ 'ମାର' ଅର୍ଥ ଆଧ୍ୟାତ୍ମିକ ଜୀବନର ବିରୋଧକାରୀ ସକଳ ଅଶୁଭ ଶକ୍ତି । କେତେକ ଘଟଣାରେ ଏହା ମୃତ୍ୟୁର ପ୍ରତିରୂପ; ଅର୍ଥାତ୍ ଏହା ଭୌତିକ ଶରୀରର ବିନାଶ ଅପେକ୍ଷା ସତ୍ୟର ବିନାଶ, ଆଧ୍ୟାତ୍ମିକ ସତ୍ତାର ବିନାଶକୁ ସୂଚିତ କରେ ।

ଏଠାରେ ଏହାର ଅର୍ଥ ଏହି ଯେ ବ୍ୟକ୍ତି ଯେପର୍ଯ୍ୟନ୍ତ ତାହାର ଇନ୍ଦ୍ରିୟ ଓ କାମନା ସମୂହକୁ ଶାସନ କରେ ନାହିଁ; କିନ୍ତୁ ବାହ୍ୟ ଜୀବନର ଭୌତିକ ବିଷୟଗୁଡ଼ିକରେ ତୃପ୍ତି ଲାଭକୁ ସର୍ବାପେକ୍ଷା ଗୁରୁତ୍ୱ ପ୍ରଦାନ କରି ତହିଁରେ ଆସକ୍ତ ରହେ, ସେପର୍ଯ୍ୟନ୍ତ ଅଶୁଭ ଶକ୍ତିଚୟର ଆକ୍ରମଣକୁ ଏବଂ ଆମ୍ଭମାନଙ୍କୁ ଆଧ୍ୟାତ୍ମିକ ସଦ୍‌ବସ୍ତୁରୁ ଦୂରେଇ ନେଉଥିବା ତଥା ଆମ୍ଭମାନଙ୍କୁ ଅଧୋଗାମୀ କରୁଥିବା ସର୍ବପ୍ରକାର ଅପଶକ୍ତିକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକ ସଂକଳ୍ପ ଶକ୍ତି ତାହାର ନ ଥାଏ ।

ଧମ୍ମପଦ ନୈତିକତାର ଦୃଷ୍ଟିରୁ ଅଶୁଭ ଶକ୍ତିର ବିଶେଷ ବିଚାର କରେ ନାହିଁ; ମନୁଷ୍ୟ ଯେପରି ତାହାର ଅବିବେଚିତ ନ୍ୟାୟପରତା ଏବଂ ସ୍ୱେଚ୍ଛାଚାରୀ ଭାବ ସହ ଶୁଭାଶୁଭ ବିଚାର କରେ ତଥା ଅଶୁଭକୁ ବୁଝେ । ଆଧ୍ୟାତ୍ମିକ ଦୃଷ୍ଟିରେ ଯାହା ଆମ୍ଭମାନଙ୍କୁ ଲକ୍ଷ୍ୟଚ୍ୟୁତ କରେ, ଯାହା କୌଣସି ସମୟରେ ଆମ୍ଭମାନଙ୍କୁ ଇହ ଜୀବନର ପରମ କାରଣ, ସତ୍ତାର ସତ୍ୟରୁ ବଳପୂର୍ବକ ବିଚ୍ୟୁତ କରେ ଏବଂ ତାହାର ଉପଲବ୍ଧିରେ ଅନ୍ତରାୟ ସୃଷ୍ଟି କରେ ତାହାକୁହିଁ ପ୍ରକୃତରେ ଅଶୁଭ ବୋଲାଯାଏ ।

ଏହିପରି ଭାବରେ ଏହାକୁ ବୁଝିବାକୁ ହେବ ।

(୮)

ଅସୁଭାନୁପସ୍‌ସିଂ ବିହରନ୍ତଂ ଇନ୍ଦ୍ରିୟେସୁ ସୁସଂବୁତଂ ।
ଭୋଜନମ୍ହି ଚ ମତ୍ତଞ୍ଞୁଂ ସଦ୍ଧଂ ଆରଦ୍ଧବୀରିୟଂ ।
ତଂ ବେ ନପ୍‌ପସହତି ମାରୋ ବାତୋ ସେଲଂ' ବ ପବବ୍‌ତଂ ॥

(One who goes about in the pursuit of that which is not the pleasurable, who is well-controlled in his senses, who is moderate in regard to food, who is full of faith and manliness, such a man the Mãra does not overwhelm even as the gale does not a rocky mountain.)

ଯାହା ମନୋମୋହକର ନୁହେଁ ତାହାକୁ ଯେ ଅନ୍ୱେଷଣ କରେ, ଯେ ସଂଯତେନ୍ଦ୍ରିୟ, ପରିମିତଭୋଜୀ, ଶ୍ରଦ୍ଧାବାନ୍ ଓ ବୀର୍ଯ୍ୟବାନ୍, ସେ 'ମାର' କର୍ତ୍ତୃକ ଅଭିଭୂତ ହୁଅନ୍ତି ନାହିଁ, ଯେପରି ପ୍ରସ୍ତରମୟ ପର୍ବତ ବାତ୍ୟା ଦ୍ୱାରା ପ୍ରଭାବିତ ହୁଏ ନାହିଁ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଧମ୍ମପଦ 'ଶ୍ରଦ୍ଧା'କୁ କୌଣସି ଧର୍ମଗତ ବା ଧର୍ମସଂସ୍ଥା ଉପରେ ବିଶ୍ୱାସ ଅର୍ଥରେ ବ୍ୟବହାର କରୁ ନାହାନ୍ତି, ଏପରିକି ଶିକ୍ଷାଗୁରୁଙ୍କ ଶିକ୍ଷା ଉପରେ ବିଶ୍ୱାସ ଅର୍ଥରେ ମଧ୍ୟ ନୁହେଁ । ଏହାର ଅର୍ଥ ନିଜର ସ୍ୱୟଂ ସମ୍ଭାବନୀୟତା ଉପରେ ବିଶ୍ୱାସ; ଏହି ନିଶ୍ଚୟତାରେ ବିଶ୍ୱାସ ଯେ ଯାବତୀୟ ବାଧାବିଘ୍ନ, ପ୍ରତିବନ୍ଧକ, ଯାବତୀୟ ଅସଂପୂର୍ଣ୍ଣତା, ଏପରିକି ସତ୍ତାର ଯାବତୀୟ ଅସ୍ୱୀକୃତି ସତ୍ତ୍ୱେ ବ୍ୟକ୍ତି ଏହି ସାଧନ ପାଇଁ ଜନ୍ମଗ୍ରହଣ କରିଛି ଏବଂ ତାହାକୁ ସେ ଅବଶ୍ୟ ପ୍ରାପ୍ତ ହେବ ।

ଅବଶ୍ୟ ବ୍ୟକ୍ତିର ସଂକଳ୍ପ କଦାପି ଇତସ୍ତତଃ ହେବ ନାହିଁ, ନିଜର ଉଦ୍ୟମରେ ସେ ଅଧ୍ୟବସାୟୀ ହେବ ଏବଂ ତାହାର ବିଶ୍ୱାସ ଅଟଳ ରହିବ । ତେଣୁ ବ୍ୟକ୍ତି ବହୁବର୍ଷ ବ୍ୟାପୀ ଚେଷ୍ଟା ପରିବର୍ତ୍ତେ ଅଳ୍ପ କେତୋଟି ବର୍ଷ ମଧ୍ୟରେ, ଏପରିକି କେତେକ ଅବସ୍ଥାରେ ଅଳ୍ପ କେତୋଟି ଦିନ ମଧ୍ୟରେ ଏବଂ ଯଥେଷ୍ଟ ପ୍ରଗାଢ଼ ଚେଷ୍ଟା ଥିଲେ କେତୋଟି ଘଣ୍ଟା ମଧ୍ୟରେ ଏହି ସାଧର ସାଧନ କରିପାରେ । ଅର୍ଥାତ୍ ତୁମେ ତୁମର ଅନ୍ତରର ଏପରି ପୀଠରେ ଅବସ୍ଥାନ କରିପାର ଯେଉଁଠି ତୁମର ସାଧନାକୁ ଆକ୍ରମଣ କରୁଥିବା କୌଣସି ଅଶୁଭ ସଂକଳ୍ପ ତୁମ ଉପରେ କ୍ଷମତା ବିସ୍ତାର କରିପାରିବ ନାହିଁ, ଯେପରି ପ୍ରବଳ ବାତ୍ୟା ପର୍ବତ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରେ ନାହିଁ ।

ତତ୍ପରେ ପଥ କଠିନ ହେବ ନାହିଁ; ଏହା ଅସାଧାରଣ ଭାବରେ ଚିତ୍ତାକର୍ଷକ ହେବ ।

(୯)

ଅନିକ୍‌କସାବୋ କାସାବଂ ଯୋ ବତ୍‌ଥଂ ପରିଦହେସ୍‌ସତି ।
ଅପେତୋ ଦମସଚ୍ଚେନ ନ ସୋ କାସାବମରହତି ॥

(He who puts on the holy robe and yet has not discarded his impurities and has neither self-control nor truth, does not indeed deserve the holy robe.)

ଯେ ପବିତ୍ର (କାଷାୟ) ବସ୍ତ୍ର ପରିଧାନ କରନ୍ତି ଏବଂ ନିଜର ଅପବିତ୍ରତା ତଥାପି ପରିହାର କରି ନ ଥା'ନ୍ତି, ଯେ ଅସଂଯମୀ ଓ ଅସତ୍ୟାଶ୍ରୟୀ ସେ ବ୍ୟକ୍ତି ଶୁଚି (କାଷାୟ) ବସ୍ତ୍ରର ଅନୁପଯୁକ୍ତ ।

**ଶ୍ରୀମା'ଙ୍କ ଭାଷ୍ୟ :**

କାଷାୟ ବସ୍ତ୍ରର ସରଳ ଅର୍ଥ ବୌଦ୍ଧ ସନ୍ନ୍ୟାସୀମାନଙ୍କର ପରିଚ୍ଛଦ; ଯେଉଁମାନେ ସନ୍ନ୍ୟାସଧର୍ମ ପାଳନ କରୁଥିଲେ ସେମାନଙ୍କର ଏହା ପରିଚ୍ଛଦ ଥିଲା । କିନ୍ତୁ ଧମ୍ମପଦ ଯଥାର୍ଥରେ ଏପରି ଅର୍ଥରେ ଏହାକୁ ଗ୍ରହଣ କରୁ ନାହାନ୍ତି; କାରଣ କାଷାୟ ବସ୍ତ୍ର ପରିଧାନ କରୁଥିବା ଲୋକଙ୍କର ଅଭାବ ନାହିଁ ଏବଂ ଯେଉଁମାନେ କି ନିଜର ମଳିନତାରୁ ଶୁଦ୍ଧ ହୋଇ ନ ଥା'ନ୍ତି । କାଷାୟ ବସ୍ତ୍ର ଆଧ୍ୟାତ୍ମିକ ଜୀବନ ପ୍ରତି ସମର୍ପିତ ଜୀବନର ପ୍ରତୀକ ରୂପେ ଧରାଯାଏ, ଅର୍ଥାତ୍ ଆଧ୍ୟାତ୍ମିକ ଜୀବନରେ ଐକାନ୍ତିକ ଅଭିନିବେଶ ବ୍ୟତୀତ ଅନ୍ୟ ସବୁ ବିଷୟ ତ୍ୟାଗର ଏହା ବାହ୍ୟ ପ୍ରତୀକ ।

ବୌଦ୍ଧ ମତରେ 'ଅଶୁଦ୍ଧି' ଅର୍ଥ ପ୍ରଧାନତଃ ଅହଙ୍କାର ଓ ଅବିଦ୍ୟା । କାରଣ ବୌଦ୍ଧମାନଙ୍କ ଦୃଷ୍ଟିରେ ଅବିଦ୍ୟା ମନୁଷ୍ୟର ସର୍ବପ୍ରଧାନ ମଳିନତା । ଅବିଦ୍ୟାର ଅର୍ଥ ବହିର୍ଜଗତ ବିଷୟରେ ଅଜ୍ଞାନତା ନୁହେଁ, ପ୍ରାକୃତିକ ନିୟମାବଳିର ଅଜ୍ଞାନତା ନୁହେଁ, ବିଦ୍ୟାଳୟରେ ତୁମେ ଶିକ୍ଷା କରୁଥିବା ବିଷୟର ଅଜ୍ଞାନତା ନୁହେଁ । ଏହା ବସ୍ତୁରାଜିର ଗଭୀରତମ ସତ୍ୟ, ସ୍ୱଧର୍ମ, ଧର୍ମ ବିଷୟରେ ଅଜ୍ଞାନତା ।

ଏଠାରେ ଦୃଷ୍ଟି ରଖିବା ଉଚିତ ଯେ ଯେଉଁ ଦୁଇଟି ଅଭାବ ବିଷୟରେ ଏଠାରେ ନିର୍ବନ୍ଧ କରାଯାଉଛି ତାହା ହେଲା ଆତ୍ମସଂଯମ ଓ ସତ୍ୟନିଷ୍ଠା(ସତ୍ୟାନୁରାଗ)ର ଅଭାବ । ଏଠାରେ ସତ୍ୟନିଷ୍ଠାର ଅର୍ଥ ଆନ୍ତରିକତା ଓ ସାଧୁତା । ଧମ୍ମପଦ ଯେଉଁ ବିଷୟର ତୀବ୍ର ସମାଲୋଚନା କରେ ତାହା ହେଲା କପଟତା : ଅର୍ଥାତ୍ ଆଧ୍ୟାତ୍ମିକ ଜୀବନଯାପନର ଛଳନା କରିବା ଏବଂ ତାହା ଯାପନ ନ କରିବା; ସତ୍ୟର ଅନୁସନ୍ଧାନର ଛଳନା କରିବା ଅଥଚ ତାହା ନ କରିବା; ବାହ୍ୟ ସଂକେତ ଦ୍ୱାରା ଭାଗବତ ଜୀବନ ପ୍ରତି ଆତ୍ମନିବେଦନ ପ୍ରଦର୍ଶନ କରିବା (ଏଠାରେ କାଷାୟ ବସ୍ତ୍ର ତାହାର ସଂକେତ), କିନ୍ତୁ ଅନ୍ତରରେ ନିଜ ବିଷୟରେ, ନିଜର ସ୍ୱାର୍ଥ, ନିଜ ଅଭିଳାଷାଦି ବିଷୟରେ ବ୍ୟସ୍ତ ରହିବା । ଏଠାରେ ସ୍ମରଣୀୟ ବିଷୟ ଏହି ଯେ ଧମ୍ମପଦ ଆତ୍ମସଂଯମର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦେଉଅଛି । କାରଣ ବୌଦ୍ଧମାନଙ୍କର ଶିକ୍ଷାରେ ସକଳ ବିଷୟରେ ଅମିତାଚାର ମନ୍ଦ । ବୁଦ୍ଧ ସର୍ବଦା ''ମଧ୍ୟପଥ''କୁ ଗୁରୁତ୍ୱ ଦେଇଛନ୍ତି । ଏ ଦିଗରେ ବା ସେ ଦିଗରେ ଆତିଶଯ୍ୟ, ଏ ବିଷୟ ବା ଅନ୍ୟ ବିଷୟର ଅତିରଞ୍ଜନ ଅନାବଶ୍ୟକ । ସବୁ କ୍ଷେତ୍ରରେ ଯଥୋଚିତ ମାତ୍ରା, ସମତା, ସଂଯମିତ ସାମ୍ୟଭାବ ପ୍ରୟୋଜନ ।

ସୁତରାଂ ଆଧ୍ୟାତ୍ମିକ ଜୀବନଯାପନ ପାଇଁ ଯୋଗ୍ୟତା ଅର୍ଜନ ନିମିତ୍ତ ଯେଉଁସବୁ ଗୁଣ ଆବଶ୍ୟକ ସେଗୁଡ଼ିକ ହେଲା ଆନ୍ତର ସମତା, ସକଳ କର୍ମରେ ସାମ୍ୟଭାବ, ସବୁ ବିଷୟରେ ସଂଯତାଚାର, ଅକପଟ ସରଳତା, ସାଧୁତା ଓ ସତ୍ୟନିଷ୍ଠା ।

ସମତା, ସଂଯମ, ସତ୍ୟନିଷ୍ଠା ଓ ସାଧୁତା — ଏହାହିଁ ଆମ୍ଭମାନଙ୍କର ଧ୍ୟାନର ବିଷୟ ।

## (୧୦)

ଯୋ ଚ ବନ୍ତକସାବସ୍ସ ସୀଲେସୁ ସୁସମାହିତୋ ।
ଉପେତୋ ଦମସଚ୍ଚେନ ସ ବେ କାସାବମରହତି ॥

(One who has discarded all impurities, who is firmly established in the moral disciplines, who is full of self-control and truth deserves indeed the yellow robe.)

ଯେ ନିଜର ଯାବତୀୟ ଅଶୁଦ୍ଧି ପରିହାର କରିଛନ୍ତି, ଯେ ନୈତିକ ଶୃଙ୍ଖଳାରେ ଦୃଢ଼ ପ୍ରତିଷ୍ଠିତ, ଆତ୍ମସଂଯମୀ ଓ ସତ୍ୟନିଷ୍ଠ, ସେ କାଷାୟ ବସ୍ତ୍ର ପରିଧାନର ଉପଯୁକ୍ତ ।

**ଶ୍ରୀମା'ଙ୍କ ଭାଷ୍ୟ :**

ମୁଁ ଚାହେଁ ନାହିଁ ଯେ ତୁମେ ଏହି ପାଠକୁ ଗୋଟିଏ

ନୈତିକ ଉପଦେଶ ରୂପେ ଗ୍ରହଣ କରିବ । ଏଥିରେ ଅବଶ୍ୟ ଏକ ଗଭୀର ତାତ୍ପର୍ଯ୍ୟ ଅଛି, କାରଣ ଯଥାର୍ଥରେ ସକଳ ଆଧ୍ୟାତ୍ମିକ ଶିକ୍ଷାରେ ମାନସିକ ଧାରଣାଗତ ନୈତିକତାର ଶିକ୍ଷା ଅଭିପ୍ରେତ ନୁହେଁ ।

ଏହି କଥା ଅଶୁଦ୍ଧି ଶବ୍ଦରେ ମଧ୍ୟ ପ୍ରଯୋଜ୍ୟ । ନୈତିକ ଦୃଷ୍ଟିରୁ 'ପବିତ୍ର' କହିଲେ ଯାହା ବୁଝାଯାଏ, ପ୍ରକୃତ ଆଧ୍ୟାତ୍ମିକ ଶିକ୍ଷାରେ ସେପରି ଅର୍ଥ ଗ୍ରହଣ କରାହୁଏ ନାହିଁ । ବିଶେଷତଃ ବୌଦ୍ଧମାନଙ୍କ ଦୃଷ୍ଟିରେ ପବିତ୍ରତାର ଅର୍ଥ ଅବିଦ୍ୟାର ଅଭାବ, ଯେପରି ମୁଁ ଗତଥର ତୁମ୍ଭମାନଙ୍କୁ କହିଅଛି ଏବଂ ଅବିଦ୍ୟାର ଅର୍ଥ ଆନ୍ତର ବିଧିକୁ, ତୁମର ସତ୍ତାର ସତ୍ୟକୁ ପ୍ରତ୍ୟାଖ୍ୟାନ କରିବା । ଏବଂ ସତ୍ୟନିଷ୍ଠାର ଅର୍ଥ ଭ୍ରାନ୍ତିକୁ ସଦ୍‌ବସ୍ତୁ ରୂପେ ଗ୍ରହଣ ନ କରିବା, ଏବଂ ପରିବର୍ତ୍ତନଶୀଳ ଓ ଇନ୍ଦ୍ରିୟର ବିଷୟୀଭୂତ ଗତିଶୀଳ ବହିର୍ଜଗତକୁ ସତ୍ତାର ଅନ୍ତର୍ନିହିତ ଏବଂ ପ୍ରକୃତ ଶାଶ୍ୱତ ରୂପେ ଗ୍ରହଣ ନ କରିବା ।

ସୁତରାଂ ଆମ୍ଭେମାନେ କହିପାରୁ ଯେ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ପରିଚାଳନ କରିବାକୁ ଚାହାନ୍ତି, ସେମାନଙ୍କ ପକ୍ଷରେ ସର୍ବାଗ୍ରେ ପାଳନୀୟ ବିଷୟ ହେଲା,– ଆତ୍ମସଂଯମ, ଆତ୍ମଜୟ, ସଂଯମିତାଚାର, କାମନାଶୂନ୍ୟତା, ସତ୍ତାର ଆନ୍ତର ସତ୍ୟ ଏବଂ ତାହାର ଆତ୍ମପ୍ରକାଶ ବିଧିର ଅନୁସନ୍ଧାନ ।

ନିଜ ପ୍ରତି, ନିଜର ଲକ୍ଷ୍ୟ ପ୍ରତି ସତ୍ୟପରାୟଣ ହେବା, ବିଶୃଙ୍ଖଳ ଉତ୍ତେଜନା-ସମୂହ ଦ୍ୱାରା ନିଜକୁ ଚାଳିତ କରିବାକୁ ନ ଦେବା, ପରିବର୍ତ୍ତନଶୀଳ ଇନ୍ଦ୍ରିୟଗ୍ରାହ୍ୟ ବହିର୍ଜଗତକୁ ସଦ୍‌ବସ୍ତୁ ରୂପେ ଗ୍ରହଣ ନ କରିବା – ଏହିସବୁ ସଦ୍‌ଗୁଣ ବ୍ୟକ୍ତି ପକ୍ଷରେ ଆଧ୍ୟାତ୍ମିକତା ପଥରେ ଅଗ୍ରସର ହେବା ପାଇଁ ଏକାନ୍ତ ଆବଶ୍ୟକ ।

## (୧୧)

ଅସାରେ ସାରମତିନୋ ସାରେ ଚାସାରଦସ୍‌ସିନୋ ।
ତେ ସାରଂ ନାଧିଗଚ୍ଛନ୍ତି ମିଚ୍ଛାସଙ୍କପ୍ପଗୋଚରା ।।

(They who consider error as truth and see truth in error never attain the truth, for they follow wrong desires and their false apprehensions.)

ଯେଉଁମାନେ ମିଥ୍ୟାକୁ ସତ୍ୟ ଜ୍ଞାନ କରନ୍ତି ଏବଂ ମିଥ୍ୟାରେ ସତ୍ୟ ଦର୍ଶନ କରନ୍ତି ସେମାନେ କଦାପି ସତ୍ୟରେ ଉପନୀତ ହୋଇପାରନ୍ତି ନାହିଁ, କାରଣ ସେମାନେ ଭ୍ରମାତ୍ମକ ବାସନା ଏବଂ ମିଥ୍ୟା ଧାରଣା ଅନୁସରଣ କରନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏଠାରେ ଗୋଟିଏ ବ୍ୟାଖ୍ୟା ଯୋଗ କରାଯାଇପାରେ, ଅର୍ଥାତ୍ ଯଦି ଜଣେ ମିଥ୍ୟାକୁ ସତ୍ୟ ବୋଲି ଏବଂ ସତ୍ୟକୁ ମିଥ୍ୟା ବୋଲି ଗ୍ରହଣ କରି ସନ୍ତୁଷ୍ଟ ହୁଏ, ତା'ହେଲେ ଯୁକ୍ତି ଦୃଷ୍ଟିରୁ ଯଥାର୍ଥ ସତ୍ୟ ଏବଂ ଯଥାର୍ଥ ମିଥ୍ୟା କ'ଣ, ତାହା ପକ୍ଷରେ ନିର୍ବାଚନ କରିବା ସହଜ ହେବ ଯଦି ସେହି ମୁହୂର୍ତ୍ତରେ ସେ କୌଣସି କାରଣବଶତଃ କିଂବା କୌଣସିଠାରୁ ସାହାଯ୍ୟ ପ୍ରାପ୍ତ ହୋଇ ତାହା ନିର୍ଣ୍ଣୟ କରିପାରେ; ତାହାହେଲେ ସେ ସତ୍ୟକୁ ଗ୍ରହଣ କରେ ଏବଂ ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ ଯେଉଁ ବ୍ୟକ୍ତି ନିଜର ମିଥ୍ୟାକୁ ଭଲପାଏ, ତା'ର ବ୍ୟକ୍ତିସତ୍ତାର କୌଣସିଠାରେ ସତ୍ୟକୁ ସ୍ୱୀକାର କରିବାର ଅନିଚ୍ଛା ରହିଥାଏ ।

ମୋର ଅନୁଭୂତି ଏହିପରି : ଯେତେବେଳେ ତୁମେ ଆନ୍ତରିକ ଭାବରେ ସତ୍ୟକୁ ଜାଣିବାକୁ ଚାହିଁବ, ତୁମେ ନିଶ୍ଚୟ ତାହା ଜାଣିପାରିବ । ତୁମ ଭିତରେ ସର୍ବଦା ଏପରି କିଛି ବିଦ୍ୟମାନ ଯାହା ତୁମକୁ ମିଥ୍ୟା ଦେଖାଇଦିଏ, ତଥା ସତ୍ୟକୁ ସ୍ୱୀକାର କରିବାକୁ ସାହାଯ୍ୟ କରେ । କିନ୍ତୁ ତୁମେ ଯଦି ମନୋଯୋଗ ସହକାରେ ପର୍ଯ୍ୟବେକ୍ଷଣ କର, ତୁମେ ଜାଣିପାରିବ ଯେ ଯେହେତୁ ତୁମେ ମିଥ୍ୟାକୁ ପସନ୍ଦ କର, ସେହି ହେତୁ ସତ୍ୟକୁ ଜାଣିପାର ନାହିଁ ।

ସାମାନ୍ୟ, ଅତି ସାମାନ୍ୟ, (ଜୀବନର ବଡ଼ ବଡ଼ ଘଟଣା, ଗୁରୁତର ମୀମାଂସା ଗ୍ରହଣର ଗୁରୁତ୍ୱ ସତ୍ତ୍ୱେ) ଅତି ନଗଣ୍ୟ ବିଷୟରେ, ଯେତେବେଳେ ସତ୍ୟ ନିମିତ୍ତ ଅଭୀପ୍ସା ଏବଂ ସତ୍ୟ ସଂକଳ୍ପ ସମ୍ପୂର୍ଣ୍ଣ ଆନ୍ତରିକ ହୁଏ ସେତେବେଳେ ସର୍ବଦା ବ୍ୟକ୍ତିକୁ ନିର୍ଦ୍ଦେଶ ମିଳେ । ଏବଂ ପ୍ରକୃତରେ ତୁମେ ଯଦି ବୌଦ୍ଧମତାନୁଯାୟୀ ଶିକ୍ଷାପ୍ରଣାଳୀ ଅନୁସାରେ ତୁମ ସତ୍ତାର ବିକାଶଧାରାର କାରଣ ନିଜ ମଧ୍ୟରେ ଅନୁସନ୍ଧାନ କର, ତାହାହେଲେ ତୁମେ ସର୍ବଦା ଦେଖିପାରିବ ଯେ ତୁମର କାମନା ହେତୁ ମିଥ୍ୟା ବଦ୍ଧମୂଳ ହୁଏ । ତୁମର ଅଭିରୁଚି, ତୁମର ଏକ ନିର୍ଦ୍ଦିଷ୍ଟ ଧାରାରେ ଅନୁଭବ କରିବାର ବାସନା ହେତୁ ତୁମେ

ଭୁଲ୍ କରିଥାଅ । ଏହାର କାରଣ ଆଦୌ ନୁହେଁ ଯେ ସତ୍ୟ କ'ଣ ତୁମେ ଜାଣ ନାହିଁ । ତୁମେ ପ୍ରକୃତରେ ଏହା ଜାଣିପାରନା କାରଣ ତୁମେ କୁହ –''ଓଃ ମୁଁ ସତ୍ୟକୁ ଚାହେଁ'', କିନ୍ତୁ ଏହି କଥା ତୁମେ ଅସ୍ପଷ୍ଟ, ସାଧାରଣ ଓ ଅନିର୍ଧାର୍ଯ୍ୟ ଭାବରେ କୁହ । ପ୍ରକୃତରେ ଯଦି ତୁମେ ସାମାନ୍ୟ ବିଷୟ, ଅତି ସାମାନ୍ୟ, ପ୍ରତ୍ୟେକ ବିଷୟ ଯଥାରୀତି ଅନୁସନ୍ଧାନ କର ତାହାହେଲେ ତୁମେ ଆବିଷ୍କାର କରିବ ଯେ ତୁମେ ନ ଦେଖିବା ଉଦ୍ଦେଶ୍ୟରେ ଓଟପକ୍ଷୀ ପରି ଉପରମୁହାଁ ହୋଇ ରହିଛ । ପଛପଟେ କ'ଣ ଅଛି, ତାହା ନ ଦେଖିବା ଉଦ୍ଦେଶ୍ୟରେ ତୁମେ ସମ୍ମୁଖରେ ଗୋଟାଏ କିଛି ଅସ୍ପଷ୍ଟ, ଅନିଶ୍ଚିତ ବସ୍ତୁକୁ ପର୍ଦ୍ଦା ପରି ରଖ ।

ଆନ୍ତରିକତା ଥିଲେ ତୁମେ ଜାଣିପାରିବ ଯେ ସହାୟତା, ପରିଚାଳନା ଏବଂ କୃପା ସର୍ବଦା ରହିଛି ତୁମ ପ୍ରଶ୍ନର ସମାଧାନ ନିମିତ୍ତ ଏବଂ ତୁମେ ଅଧିକ ସମୟ ଭ୍ରମରେ ପଡ଼ିବ ନାହିଁ ।

ଉନ୍ନତି ପାଇଁ ଅଭୀପ୍ସାରେ, ସତ୍ୟ ପାଇଁ ସଂକଳ୍ପରେ, ଯଥାର୍ଥ ପବିତ୍ରତାର ଆବଶ୍ୟକତା ବିଷୟରେ – ଆଧ୍ୟାତ୍ମିକ ଜୀବନରେ ପବିତ୍ରତା ଯେପରି ବୁଝାଯାଏ; ଆନ୍ତରିକତା,– ଏ ପ୍ରକାର ଅକପଟ ସରଳତା ସର୍ବବିଧ ଉନ୍ନତିର ପ୍ରଧାନ ସହାୟ । ଆନ୍ତରିକତା ବଳରେ ତୁମେ ଜାଣିବ, ତୁମେ ପାରିବ ।

ସତ୍ତାର କୌଣସି ଅଂଶରେ ସର୍ବଦା ଏପରି କିଛି ଅଛି ଯାହା ଆତ୍ମ-ପ୍ରବଞ୍ଚନାକୁ ପସନ୍ଦ କରେ, ନଚେତ୍ ତୁମକୁ ପଥ ଦେଖାଇବା ପାଇଁ ଆଲୋକ ସର୍ବଦା ପ୍ରସ୍ତୁତ ରହିଅଛି; କିନ୍ତୁ ନ ଦେଖିବା ଉଦ୍ଦେଶ୍ୟରେ ତୁମେ ଆଖି ବୁଜିଦିଅ ।

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ, ପୃଷ୍ଠା : ୮ - ୧୫
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ) ❖

Realisation of the new creation: it is for this that we must prepare ourselves.

(CWM. Vol. 15, p. 116) – THE MOTHER

*With best compliments from* :

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଆମ୍ଭମାନଙ୍କର ଲକ୍ଷ୍ୟ

## ଶ୍ରୀଅରବିନ୍ଦ

ଆଜି ଆମ୍ଭେମାନେ କର୍ମକ୍ଷେତ୍ରକୁ ଏକ ବିଶିଷ୍ଟ ଲକ୍ଷ୍ୟର ଦାୟିତ୍ୱ ସହ ଏକ ନୂତନ ଆଦର୍ଶ ଓ ଏକ ନୂତନ ବାର୍ତ୍ତାର ବାହକ ରୂପେ ଆସିଅଛୁ । ଆମ୍ଭେମାନେ ମାନବଜାତି ନିମିତ୍ତ ଯେଉଁ ବାର୍ତ୍ତା ବହନ କରି ଆଣିଛୁ, ତାହା ଏକ ଆଧ୍ୟାତ୍ମିକ ଆଦର୍ଶ ଏବଂ ଏପରି ଏକ ପାର୍ଥିବ ଜୀବନ ଯାହା ସେହି ଆଧ୍ୟାତ୍ମିକତାର ଅଭିବ୍ୟକ୍ତି ଏବଂ କ୍ରମ-ବର୍ଦ୍ଧମାନ ବାସ୍ତବ ସ୍ୱରୂପ । ଆମ୍ଭମାନଙ୍କର ଉଦ୍ୟମ ହେବ ପଥ ନିର୍ମାଣ କରିବା ଏବଂ ଏକ ମହାନ୍ ଓ ବିରାଟ ପରିବର୍ତ୍ତନର ସୂତ୍ରପାତ କରିବା ଯହିଁରେ ଆମ୍ଭେମାନେ ବିଶ୍ୱାସ କରୁ ଏବଂ ଯାହା ଭବିଷ୍ୟତ୍ ମାନବଜାତିର ଲକ୍ଷ୍ୟ ଓ ଭବିଷ୍ୟତ୍ ଭାରତର ଲକ୍ଷ୍ୟ । ଆମ୍ଭମାନଙ୍କର ଲକ୍ଷ୍ୟ ହେଲା ଆଧ୍ୟାତ୍ମିକତା ମଧ୍ୟରେ ମାନବଜାତିର ନବଜନ୍ମ ଏବଂ ସେହି ମହାନ୍ ନବଜନ୍ମ ଓ ନବସୃଷ୍ଟିର କର୍ମକ୍ଷେତ୍ର ସୃଷ୍ଟି କରିବା ସକାଶେ ଆମ୍ଭମାନଙ୍କର ଜୀବନ ସେହି ଆଧ୍ୟାତ୍ମିକତାରେ ଅନୁପ୍ରେରିତ ଏକ ପ୍ରଚେଷ୍ଟା ହେବା ଉଚିତ ।

ଏକ ଆଧ୍ୟାତ୍ମିକ ଆଦର୍ଶ ଚିରକାଳହିଁ ଭାରତର ଭାବନା ଓ ଆସ୍ପୃହାର ବିଶେଷତ୍ୱ । କିନ୍ତୁ କାଳର ଅଗ୍ରଗତି ଓ ମାନବଜାତିର ପ୍ରୟୋଜନ ହେତୁ ସେହି ଆଦର୍ଶର ଗୋଟାଏ ନୂତନ ରୂପ ଓ ଗୋଟାଏ ନୂତନ ସଂସ୍କରଣ ଆବଶ୍ୟକ ହୋଇଅଛି । ସେହି ପୁରାତନ ରୂପ ଓ ପୁରାତନ ପନ୍ଥା ବର୍ତ୍ତମାନ ଯୁଗଧର୍ମର ଲକ୍ଷ୍ୟ ନିମିତ୍ତ ଯଥେଷ୍ଟ ନୁହେଁ । ଭବିଷ୍ୟତରେ ଭାରତକୁ ଯେଉଁ ବିରାଟ ପଦକ୍ଷେପ ଗ୍ରହଣ କରିବାକୁ ହେବ ସେଥିନିମିତ୍ତ ସେହି ସଂକୀର୍ଣ୍ଣ ପଥଦେଇ ଭାରତ ଆଉ ତାହାର ଲକ୍ଷ୍ୟ ସାଧନ କରିପାରିବ ନାହିଁ । ଆମ୍ଭମାନଙ୍କର ଆଧ୍ୟାତ୍ମିକତା ମଧ୍ୟ ସେହି ପୁରାତନ, ଜୀର୍ଣ୍ଣ, ସଂସାର ବିମୁଖ ଆଧ୍ୟାତ୍ମିକ ଜୀବନ ନୁହେଁ, ଏବଂ ଈଶ୍ୱରଙ୍କର ବିରାଟ ସୃଷ୍ଟିର ଶୋଚନୀୟ ନିରର୍ଥକତା ଓ ମାୟାବାଦ ଦ୍ୱାରା ଭାରାକ୍ରାନ୍ତ ନୁହେଁ । ଆମ୍ଭମାନଙ୍କର ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇ ନିଏ, ବରଂ ଆମ୍ଭମାନଙ୍କର ଆଦର୍ଶ ଅଧ୍ୟାତ୍ମଶକ୍ତି ଦ୍ୱାରା ଜୀବନରେ ବିଜୟ ପ୍ରାପ୍ତ ହେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣ କରେ ନାହିଁ, ବରଂ ଭାଗବତ ଅଭିବ୍ୟକ୍ତିର ଏକ ବୃହତ୍ତର ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବ ସମାଜର ରୂପାନ୍ତର ଚାହେଁ ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂର ହେବ, ଆମ୍ଭମାନଙ୍କ ମଧ୍ୟରେ ଥିବା ସେହି ଦିବ୍ୟମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତିଃ ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ । ଏହାହିଁ ହେଲା ପ୍ରଭୁଙ୍କ ନିକଟରେ ଆମ୍ଭମାନଙ୍କର ସକଳ କର୍ମକୁ ଯଜ୍ଞ ରୂପେ ନିବେଦନ କରିବା ଏବଂ ମନୁଷ୍ୟ ଅନ୍ତରସ୍ଥ ବୃହତ୍ତର ସତ୍ତାର ଅଭିବ୍ୟକ୍ତି କରିବା ଏବଂ ସମଗ୍ର ଜୀବନକୁ ଯୋଗ ବୋଲି ଗ୍ରହଣ କରିବା ।

ପାଶ୍ଚାତ୍ୟ ଜଗତ୍ ମନୁଷ୍ୟର ବୁଦ୍ଧିଗତ, ଭାବମୟ, ପ୍ରାଣଗତ ଏବଂ ଭୌତିକ ଜୀବନର ବିକାଶକୁ ତାହାର ଆଦର୍ଶ ବୋଲି ଗ୍ରହଣ କରିଛି, ମାତ୍ର ତାହାର ଆଧ୍ୟାତ୍ମିକ ସ୍ଥିତିର ବୃହତ୍ତର ସମ୍ଭାବନାକୁ ଛାଡ଼ି ଦେଇଛି । ପାଶ୍ଚାତ୍ୟ ଆଦର୍ଶର ସର୍ବୋଚ୍ଚ ମାନଦଣ୍ଡ ହେଲା ମାନବଜାତିର ପ୍ରଗତି, ଐକ୍ୟ, ସ୍ୱାଧୀନତା, ସାମ୍ୟ, ଭ୍ରାତୃତ୍ୱ, ଯୁକ୍ତି ଓ ବିଜ୍ଞାନ, ସକଳ ପ୍ରକାର ଦକ୍ଷତା, ଉତ୍କୃଷ୍ଟତର ରାଜନୈତିକ, ସାମାଜିକ, ଆର୍ଥନୀତିକ ବ୍ୟବସ୍ଥା ଏବଂ ପାର୍ଥିବ ସୁଖ । ଏହିସବୁ ହେଲା ମହତ୍ ଉଦ୍ୟମ, ମାତ୍ର ପରୀକ୍ଷା ପରେ ପରୀକ୍ଷା ଦେଖାଇ ଦେଇଛି ଯେ କେବଳ ମନର ଭାବ, ଚିନ୍ତା, ଧାରଣା ଓ ଶକ୍ତି ଦ୍ୱାରା ସେଗୁଡ଼ିକ କାର୍ଯ୍ୟରେ ସାଧିତ ହୋଇ ପାରିବ ନାହିଁ । ସେସବୁର ଯଥାର୍ଥ ସତ୍ୟ ଓ କାର୍ଯ୍ୟକାରିତା କେବଳ ଆଧ୍ୟାତ୍ମିକ ଭିତ୍ତି ଉପରେହିଁ ପ୍ରତିଷ୍ଠିତ ହୋଇ ପାରିବ । ପାଶ୍ଚାତ୍ୟ ଜଗତ୍ ବିଶ୍ୱାସ ସ୍ଥାପନ କରିଛି ତାହାର ବିଜ୍ଞାନ ଓ ଯନ୍ତ୍ର-କଳକବ୍‌ଜା ଉପରେ, କିନ୍ତୁ ଧ୍ୱଂସ ଓ ପିଷ୍ଟ ହେଉଛି ସେହି ବିଜ୍ଞାନ ଏବଂ ଯାନ୍ତ୍ରିକତାର ଗୁରୁ ଭାରରେ । କିନ୍ତୁ ସେ ଉପଲବ୍ଧି କରୁ ନାହିଁ ଯେ ଏହି ଆଦର୍ଶ ସାଧନ ନିମିତ୍ତ ଆଧ୍ୟାତ୍ମିକ ପରିବର୍ତ୍ତନହିଁ ଆବଶ୍ୟକ । ପ୍ରାଚ୍ୟ ଜଗତ୍ ସେହି ଆଧ୍ୟାତ୍ମିକ ପରିବର୍ତ୍ତନର ଅଧିକାରୀ ଏବଂ ଦୀର୍ଘକାଳ ଧରି ଏହା ପାର୍ଥିବ ଜୀବନରୁ ଦୃଷ୍ଟି ଫେରାଇ ନେଇଅଛି । ବର୍ତ୍ତମାନ ସେହି ସମୟ ଆସିଛି ଯେତେବେଳେ ଏହି ବିଭେଦ ଦୂର ହେବ ଏବଂ ଜୀବନ ଓ ଆଧ୍ୟାତ୍ମିକତା ମଧ୍ୟରେ ଐକ୍ୟ ସ୍ଥାପିତ ହେବ ।

ଭାରତ ଏହି ରହସ୍ୟର ଅଧିକାରୀ ସତ୍ୟ, କିନ୍ତୁ ତାହାର ଯଥାର୍ଥ ବ୍ୟବହାର କରି ନାହିଁ । ଗୀତାର ମହାବାକ୍ୟରେ ''ଯୋଗସ୍ଥଃ କୁରୁ କର୍ମାଣି''— ଏହି ସତ୍ୟ ଅତି ସଂକ୍ଷେପରେ କୁହାଯାଇଛି । ଏହାର ନୀତି ହେଲା ସକଳ କର୍ମ କରିବ ଯୋଗର ଭିତ୍ତିରେ, ଭଗବାନଙ୍କ ସଙ୍ଗେ ସଂଯୁକ୍ତ ହୋଇ, ସତ୍ତାର ଉଚ୍ଚତମ ଭିତ୍ତିରେ ପ୍ରତିଷ୍ଠିତ ହୋଇ ଏବଂ ଆମ୍ଭମାନଙ୍କ ସତ୍ତାର ସକଳ ଅଂଶରେ ଆତ୍ମା ଦ୍ୱାରା ପରିଚାଳିତ ହୋଇ । ଆମ୍ଭେମାନେ ବିଶ୍ୱାସ କରୁ ଯେ ଏହା କେବଳ ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ ବରଂ ଏହା ତାହାର ସକଳ ବାଧାବିଘ୍ନ ଓ ସମସ୍ୟାର ଯଥାର୍ଥ ସମାଧାନ । ତେବେ ଏହାହିଁ ହେଉଛି ସେହି ବାଣୀ ଯାହା ଆମ୍ଭେମାନେ ସର୍ବଦା ଉଚ୍ଚାରଣ କରିବା ଏବଂ ଏହାହିଁ ହେଲା ସେହି ଆଦର୍ଶ ଯାହା ଆମ୍ଭେମାନେ ତରୁଣ ଓ ଉଦୀୟମାନ ଭାରତବର୍ଷ ସମ୍ମୁଖରେ ଉପସ୍ଥାପିତ କରିବା : ଏକ ଅଧ୍ୟାତ୍ମ-ଜୀବନ ଯାହା ମାନବ ଜୀବନର ସକଳ କର୍ମକୁ ଗ୍ରହଣ କରିବ ଏବଂ ଯେଉଁ ମହାନ୍ ଯୁଗ ଆସନ୍ନ ସେଥିନିମିତ୍ତ ଜଗତକୁ ରୂପାନ୍ତରିତ ହେବାରେ ସାହାଯ୍ୟ କରିବ । ଭାରତ ଅତି ପ୍ରାଚୀନ କାଳରୁ ସେହି ରହସ୍ୟକୁ ବହନ କରି ଆସିଛି । ଏହି ବିରାଟ ରୂପାନ୍ତର କାର୍ଯ୍ୟରେ ସେ (ଭାରତ)ହିଁ କେବଳ ପଥ ପ୍ରଦର୍ଶକ ହେବ ଆଉ ବର୍ତ୍ତମାନ ପ୍ରାଚୀନ ଯୁଗର ସନ୍ଧ୍ୟା ଏହି ରୂପାନ୍ତରର ଅଗ୍ରଦୂତ । ଯେହେତୁ ଭାରତ ବ୍ୟକ୍ତିର ଆନ୍ତରାତ୍ମିକ ଜୀବନ ଆବିଷ୍କାର କରିଅଛି, ବର୍ତ୍ତମାନ ମାନବଜାତି ନିମିତ୍ତ ତାହାର ପୂର୍ଣ୍ଣାଙ୍ଗ ସାମୂହିକ ଅଭିବ୍ୟକ୍ତି ପ୍ରତିଷ୍ଠା କରିବା ଏବଂ ଏକ ନୂତନ ଆଧ୍ୟାତ୍ମିକ ଓ ସାମାଜିକ ସଂସ୍ଥାର ଭିତ୍ତି ଆବିଷ୍କାର କରିବା ଭାରତର ଲକ୍ଷ୍ୟ ଓ କାର୍ଯ୍ୟ ହେବା ଉଚିତ ।

ଆମ୍ଭମାନଙ୍କର ପ୍ରଥମ ଉଦ୍ଦେଶ୍ୟ ହେବ ଏହି ଆଦର୍ଶକୁ ଘୋଷଣା କରିବା — ଆଧ୍ୟାତ୍ମିକ ପରିବର୍ତ୍ତନ ଯେ ସର୍ବପ୍ରଥମ ଆବଶ୍ୟକ ଏହା ଉପରେ ଜୋର୍ ଦେବା ଏବଂ ସେହି ସମସ୍ତଙ୍କୁ ଏକତ୍ର କରିବା ଯେଉଁମାନେ ଏହାକୁ ଗ୍ରହଣ କରିବେ ଏବଂ ସିଦ୍ଧ କରିବା ନିମିତ୍ତ ଐକାନ୍ତିକ ଭାବେ ପ୍ରଯତ୍ନ କରିବେ । ଆମ୍ଭମାନଙ୍କର ଦ୍ୱିତୀୟ ଉଦ୍ଦେଶ୍ୟ — ଏହି ଆଦର୍ଶ ଉପରେ କେବଳ ବ୍ୟକ୍ତି-ଜୀବନ ପ୍ରତିଷ୍ଠିତ ହେବ ନାହିଁ ବରଂ ଏକ ଗୋଷ୍ଠୀବଦ୍ଧ ଜୀବନ ମଧ୍ୟ ଏହା ଉପରେ ପ୍ରତିଷ୍ଠିତ ହେବ । ବାହ୍ୟ କର୍ମର ସଙ୍ଗେ ଏକ ଆନ୍ତର ପରିବର୍ତ୍ତନ ଆବଶ୍ୟକ ଏବଂ ଏହା ଏକାଧାରରେ ଅବଶ୍ୟ ଆମ୍ଭମାନଙ୍କର ଆଧ୍ୟାତ୍ମିକ, ସାଂସ୍କୃତିକ, ଶିକ୍ଷା ବିଷୟକ, ସାମାଜିକ ଓ ଆର୍ଥନୀତିକ ଜୀବନରେ ପ୍ରତିଫଳିତ ହେବ । ଯୁଗପତ୍ ଏହାର କାର୍ଯ୍ୟକ୍ଷେତ୍ର ହେବ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ, ଆଞ୍ଚଳିକ ଓ ଜାତୀୟ ଏବଂ ଅବଶେଷରେ କେବଳ ଦେଶ ନିମିତ୍ତ ନ ହୋଇ ସମଗ୍ର ମାନବସମାଜ ନିମିତ୍ତ ଉଦ୍ଦିଷ୍ଟ ହେବ । ଏହି କର୍ମର ପ୍ରତ୍ୟକ୍ଷ ଫଳ ହେବ ଏକ ନବୀନ ସୃଷ୍ଟି, ଏକ ଆଧ୍ୟାତ୍ମିକ ଶିକ୍ଷା ଓ ସଂସ୍କୃତି, ଏକ ବ୍ୟାପକ ସାମାଜିକ ପ୍ରେରଣା ଯାହା ବିଭେଦ ଉପରେ ପ୍ରତିଷ୍ଠିତ ନ ହୋଇ ପ୍ରତିଷ୍ଠିତ ହେବ ବ୍ୟକ୍ତିର ପୂର୍ଣ୍ଣ ବିକାଶ ଓ ସ୍ୱାଧୀନତା ଉପରେ, ଅନ୍ୟ ବ୍ୟକ୍ତି ସହ ଏକତ୍ୱ ଏବଂ ଦେଶ ଓ ମାନବସମାଜର ବୃହତ୍ତର ସତ୍ତାରେ ଆତ୍ମୋତ୍ସର୍ଗ ଉପରେ; ଏବଂ ଭାରତର ଆର୍ଥନୀତିକ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ ଆରମ୍ଭ ହେବ ପାଶ୍ଚାତ୍ୟ ଆଦର୍ଶକୁ ଅନୁସରଣ କରି ନୁହେଁ ବରଂ ଭାରତର ନିଜସ୍ୱ ଗୋଷ୍ଠୀଗତ ଜୀବନର ନୀତି ଅନୁସାରେ ।

ତରୁଣ ଭାରତକୁ ଆମ୍ଭେମାନେ ଆହ୍ୱାନ କରୁ ଅଛୁ । ତରୁଣମାନେହିଁ ଏହି ନୂତନ ଜଗତର ନିର୍ମାତା ହେବେ, କିନ୍ତୁ ସେମାନେ ନୁହନ୍ତି ଯେଉଁମାନେ ପାଶ୍ଚାତ୍ୟ ଜଗତର ପ୍ରତିଯୋଗିତାମୂଳକ ବ୍ୟକ୍ତିତନ୍ତ୍ର, ପୁଞ୍ଜିବାଦ ବା ବସ୍ତୁତାନ୍ତ୍ରିକ ସାମ୍ୟବାଦକୁ ଭାରତର ଭବିଷ୍ୟତ୍ ଆଦର୍ଶ ରୂପେ ଗ୍ରହଣ କରନ୍ତି ବା ଯେଉଁମାନେ ହୋଇଛନ୍ତି ପୁରାତନ ଧର୍ମନୀତିର କ୍ରୀତଦାସ ଅଥବା ଯେଉଁମାନେ ଆଧ୍ୟାତ୍ମିକତା ଦ୍ୱାରା ଜୀବନର ରୂପାନ୍ତରରେ ବିଶ୍ୱାସ କରନ୍ତି ନାହିଁ କିଂବା ସମ୍ମତି ପ୍ରଦାନ କରନ୍ତି ନାହିଁ । ବରଂ ଯେଉଁମାନେ ଏକ ପୂର୍ଣ୍ଣତର ସତ୍ୟଗ୍ରହଣ କରିବାକୁ ସମର୍ଥ ହେବେ ଓ ଏକ ମହତ୍ତର ଆଦର୍ଶ ନିମିତ୍ତ ଅଧ୍ୟବସାୟ କରିବାକୁ ଯେଉଁମାନଙ୍କର ମନ ଓ ହୃଦୟ ଉନ୍ମୁକ୍ତ — ସେହିମାନେହିଁ ଏହି ଜଗତର ନିର୍ମାତା ହେବେ । ସେମାନେ ଏପରି ବ୍ୟକ୍ତି ହେବେ ଯେଉଁମାନେ ଅତୀତ ଓ ବର୍ତ୍ତମାନ ପ୍ରତି ନିଜକୁ ଉତ୍ସର୍ଗ ନ କରି ନିଜକୁ ଉତ୍ସର୍ଗ କରିବେ ଭବିଷ୍ୟତ୍ ପ୍ରତି । ସେମାନେ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିବେ ନିଜର ନିମ୍ନ ପ୍ରକୃତିକୁ ଅତିକ୍ରମ କରିଯିବା ନିମିତ୍ତ, ନିଜ ମଧ୍ୟରେ ତଥା ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଅନୁଭବ କରିବା ଉଦ୍ଦେଶ୍ୟରେ, ଦେଶ ଓ ମାନବ-ସମାଜ ନିମିତ୍ତ ଅକ୍ଳାନ୍ତ ଅଧ୍ୟବସାୟ କରିବା ପାଇଁ । ଏପର୍ଯ୍ୟନ୍ତ ଏହି ଆଦର୍ଶ ରହିଅଛି ଏକ କ୍ଷୁଦ୍ର ବୀଜ ତୁଲ୍ୟ ଏବଂ ଯେଉଁ ଜୀବନରେ ଏହା ମୂର୍ତ୍ତ ତାହା ଏକ ସୂକ୍ଷ୍ମକେନ୍ଦ୍ର । କିନ୍ତୁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଏହି ଯେ ଏହି କ୍ଷୁଦ୍ର ବୀଜ ଏକ ବୃହତ୍ ବୃକ୍ଷରେ ଦିନେ ନା ଦିନେ ପରିଣତ ହେବ ଏବଂ ସେହି ସୂକ୍ଷ୍ମକେନ୍ଦ୍ର ଏକ ଚିର ବ୍ୟାପକ ସଂଗଠନର ପ୍ରାଣ ହେବ ।

ଆଧ୍ୟାତ୍ମିକତାରେ ଅବିଚଳିତ ଶ୍ରଦ୍ଧା ଦ୍ୱାରା ଅନୁପ୍ରାଣିତ ହୋଇ ଆମ୍ଭେମାନେ ଧ୍ୱଂସୋନ୍ମୁଖ ଜଗତର ବିଶୃଙ୍ଖଳା ମଧ୍ୟରେ ଯେଉଁ ନୂତନ ମାନବଗୋଷ୍ଠୀ ଜନ୍ମ ଲାଭ କରିବା ପାଇଁ ଚେଷ୍ଟା କରୁଅଛୁ ତାହାର ଓ ଭବିଷ୍ୟତ୍ ଭାରତର ତଥା ଆଦ୍ୟା ଜନନୀଙ୍କର ବିରାଟ ଅବସନ୍ନ ଶରୀରରେ ପୁନଃ ଯୌବନ ପ୍ରଦାନ କରିବା ପାଇଁ ଯେଉଁ ବିଶାଳ ଭାରତ ପୁନର୍ଜନ୍ମ ଲାଭ କରିବ ତାହାର ପତାକାଧାରୀମାନଙ୍କ ମଧ୍ୟରେ ଆମ୍ଭେମାନେ ସ୍ଥାନ ଗ୍ରହଣ କରୁ ଅଛୁ ।

(୧୯୨୦ ସାଲ ଅଗଷ୍ଟ ୧୫ ତାରିଖରେ ଲିଖିତ ''Ourselves'' ନାମକ ପ୍ରବନ୍ଧର ଅନୁବାଦ ।) ✥

## ଭିତରକୁ ଦୃଷ୍ଟି ଫେରାଅ

ବ୍ୟକ୍ତି ସତ୍ତାକୁ ନିଜକୁ, ନିଜର ଯଥାର୍ଥ ଅସ୍ତିତ୍ୱକୁ ଆବିଷ୍କାର କରିବାକୁ ହେବ । ଏହା ସେ କରିପାରେ କେବଳ ନିଜ ଭିତରକୁ ପ୍ରବେଶ କରି, ନିଜ ଭିତରେ ଏବଂ ନିଜ ଭିତରୁ ବାସ କରିବା ଦ୍ୱାରା । କାରଣ ଆନ୍ତର ସତ୍ୟଠାରୁ ବିଚ୍ଛିନ୍ନ ବାହ୍ୟ ବା ବହିର୍ମୁଖ ଚେତନା ଓ ଜୀବନ ହେଉଛି ଅଜ୍ଞାନର ଏକ କ୍ଷେତ୍ର । ଏହା ନିଜକୁ ଓ ଅଜ୍ଞାନତାକୁ ଅତିକ୍ରମ କରିପାରେ ଏବଂ ଅନ୍ତରାତ୍ମା ଓ ଆନ୍ତର ଜୀବନର ବୃହତ୍ ବ୍ୟାପକତା ଭିତରକୁ ନିଜକୁ ଖୋଲିଦେବା ଦ୍ୱାରା । ଆମ ଭିତରେ ଯଦି ସବୁକିଛିକୁ ଅତିକ୍ରମ କରୁଥିବା ଏକ ସତ୍ତା ରହିଥାଏ, ତେବେ ତାହା ଆମର ଗୋପନ ସତ୍ତା ଭିତରେହିଁ ବିଦ୍ୟମାନ । ବାହ୍ୟ ସମ୍ମୁଖ ଭାଗରେ କେବଳ ପ୍ରକୃତିର ଏକ କ୍ଷଣସ୍ଥାୟୀ ସତ୍ତା ରହିଛି ଯାହାକି ସୀମା ଓ ପରିସ୍ଥିତି ଦ୍ୱାରାହିଁ ଗଠିତ । ଯଦି ଆମ ଭିତରେ, ବିଶ୍ୱଜାଗତିକ ଚେତନା ଭିତରେ ପ୍ରବେଶ କରିବା ପାଇଁ ସମର୍ଥ ଏକ ଆତ୍ମା ରହିଥାଏ ତେବେ ତାହା ଆମ ଆନ୍ତର ସତ୍ତାରେହିଁ ରହିବାକୁ ବାଧ୍ୟ । ବାହ୍ୟଚେତନା ହେଉଛି ଏକ ସ୍ଥୂଳ ଚେତନା ଯାହାକି ମନ, ପ୍ରାଣ ଓ ଦେହର ତ୍ରିସୀମା ଭିତରେ ଆବଦ୍ଧ ଓ ସୀମିତ ରହିବା ପାଇଁ ବାଧ୍ୟ, ବିଶ୍ୱାତ୍ମକତା ପାଇଁ କୌଣସି ବାହ୍ୟ ପ୍ରଚେଷ୍ଟା ହୁଏତ ଅହଂର ଏକ ବିପୁଳ ସ୍ଫୀତି, ନଚେତ୍ ଗଣ ଭିତରେ ତାହାର ବ୍ୟକ୍ତିତ୍ୱର ନିଶ୍ଚିହ୍ନତା ବା ଅଧୀନତାରେ ତାହାର ପରିସମାପ୍ତି ଘଟିପାରେ । କେବଳ ଏକ ଆନ୍ତର ବିକାଶ ଓ ବୃଦ୍ଧି, କ୍ରିୟାକର୍ମ ଓ ଗତି ଭିତରେହିଁ ବ୍ୟକ୍ତି ସ୍ୱାଧୀନ ଓ ଫଳପ୍ରଦ ଭାବରେ ତା'ର ସତ୍ତାକୁ ବିଶ୍ୱଜନୀନ ଓ ସର୍ବୋତ୍ତରଣ ସମର୍ଥ କରି ଗଢ଼ିପାରେ । ଦିବ୍ୟ ଜୀବନଯାପନ କରିବାକୁ ହେଲେ ସତ୍ତାର କେନ୍ଦ୍ରକୁ, ସତ୍ତାର ଆଶୁ ଗତିଶୀଳତାକୁ ବାହାରୁ ଭିତରକୁ ପରିବର୍ତ୍ତିତ କରିବାକୁ ହେବ, କାରଣ ସେହିଠାରେହିଁ ଆତ୍ମା ବିଦ୍ୟମାନ, କିନ୍ତୁ ତାହା ଆବୃତ ଓ ଅର୍ଦ୍ଧାବୃତ ହୋଇ ରହିଛି ଏବଂ ଆମର ଆଶୁ ସତ୍ତା ଓ କର୍ମର ଉତ୍ସ ବର୍ତ୍ତମାନ ପାଇଁ କେବଳ ବାହ୍ୟ ସମ୍ମୁଖ ଭାଗରେହିଁ ରହିଛି । ଉପନିଷଦ୍ କହେ ଯେ ମନୁଷ୍ୟମାନଙ୍କ ଭିତରେ ଆତ୍ମପ୍ରତିଷ୍ଠ ସତ୍ତା ଚେତନାର ଦ୍ୱାରକୁ ବାହାରକୁ ରଖିଛି, ମାତ୍ର ଅଳ୍ପ କେଇଜଣ ଭିତରକୁ ଦୃଷ୍ଟି ରଖନ୍ତି ଓ କେବଳ ସେହିମାନେହିଁ ଆତ୍ମାକୁ ଜାଣନ୍ତି ଏବଂ ନିଜ ଆଧ୍ୟାତ୍ମିକ ସତ୍ତାର ବିକାଶ ସାଧନ କରନ୍ତି । ତେଣୁ ପ୍ରକୃତିର ରୂପାନ୍ତର ପାଇଁ ଓ ଦିବ୍ୟ ଜୀବନ ପାଇଁ ନିଜ ଭିତରକୁ ଦୃଷ୍ଟି ଫେରାଇବା ଓ ନିଜ ଭିତରକୁ ଦେଖିବା, ପ୍ରବେଶ କରିବା ଓ ବାସ କରିବା ହେଉଛି ପ୍ରଥମ ପ୍ରୟୋଜନୀୟତା ।

**— ଶ୍ରୀଅରବିନ୍ଦ** ✥

# ପୃଥିବୀ ଉପରେ ଏକ ନୂତନ ଦିବ୍ୟ ଶକ୍ତି କ୍ରିୟା କରୁଛି

## ଶ୍ରୀମା

ପ୍ରତ୍ୟେକ ଥର ଯେବେ ମୁଁ ସେହି ଦିବ୍ୟ ଶକ୍ତି ସମ୍ପର୍କରେ ସଚେତ ହୋଇଛି ସବୁଥର ମୋର ଅନୁଭୂତି ହୋଇଛି ସମାନ ଧରଣର । ଊର୍ଦ୍ଧ୍ୱରୁ ସେହି ଦିବ୍ୟ ସଂକଳ୍ପ ଏକ ସ୍ପନ୍ଦନର ରୂପ ନିଏ ଯାହା ନିଶ୍ଚିତ ରୂପେ କେତେକ ପ୍ରାଣ ଶକ୍ତିକୁ ଗ୍ରହଣ କରେ କିନ୍ତୁ ତା'ର କ୍ରିୟା ଚାଲେ ଏକ ସୂକ୍ଷ୍ମ ଦୈହିକ ସ୍ତରରେ । ଏହି ସ୍ପନ୍ଦନର ଏପରି ଏକ ବୈଶିଷ୍ଟ୍ୟ ପ୍ରତ୍ୟକ୍ଷ କରି ହୁଏ ଯାହାର ବର୍ଣ୍ଣନା ଦେବା କଷ୍ଟସାଧ୍ୟ । କିନ୍ତୁ ଯେପରି ଲାଗେ, ଏହା ଏକ ପ୍ରକାର ଅଖଣ୍ଡ ଘନୀଭୂତ କିଛି, ଖଣ୍ଡ ବିଖଣ୍ଡିତ ନୁହେଁ, ବାୟୁଠାରୁ ଆହୁରି ଘନ, ସମ୍ପୂର୍ଣ୍ଣ ସମ-ଉପାଦାନରେ ଗଠିତ; ଏହାର ଏକ ସ୍ୱର୍ଣ୍ଣାଭ ଦୀପ୍ତି ରହିଥାଏ ଏବଂ ରହିଥାଏ ଆଗକୁ ମଡ଼େଇ ନେବାର ଏକ ବିପୁଳ ପ୍ରେରଣା ଏବଂ ଚାଳନା ଶକ୍ତି । ଏହା ଏକ ପ୍ରକାର ସଂକଳ୍ପକୁ ଅଭିବ୍ୟକ୍ତ କରେ କିନ୍ତୁ ମାନୁଷୀ ସଂକଳ୍ପର ଧରଣ ସଙ୍ଗେ ତାହାର କିଛି ସାଦୃଶ୍ୟ ନାହିଁ; ଏହି ସଂକଳ୍ପ ଚିନ୍ତାର ଆକାର ନେଇ ଆସେ ନାହିଁ ବରଂ ଆସେ ଦୃଷ୍ଟିର ଆକାର ନେଇ, ଏଥିରେ ଥାଏ ଏପରି ଏକ ଦୃଷ୍ଟି ଯାହା ନିଜକୁ ଜାହିର ଓ ସାବ୍ୟସ୍ତ କରେ ବାସ୍ତବତାରେ ରୂପାୟିତ ହେବା ପାଇଁ – ଏପରି ଏକ ଜଗତରେ ଯାହା ଜଡ଼ବସ୍ତୁ ଜଗତର ଅତ୍ୟନ୍ତ ନିକଟବର୍ତ୍ତୀ, କିନ୍ତୁ ଅଦୃଶ୍ୟ, କେବଳ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି ପାଇଁ ଦୃଶ୍ୟମାନ । ଏହି ସ୍ପନ୍ଦନ ଲୋକମାନଙ୍କ ଉପରେ, ବସ୍ତୁସବୁ ଉପରେ, ପରିସ୍ଥିତି ଉପରେ ଏକ ଚାପ ପ୍ରୟୋଗ କରୁଛି, ନିଜର ଦୃଷ୍ଟି ଅନୁସାରେ ସେସବୁକୁ ରୂପ ଦେବା ପାଇଁ କ୍ରିୟା କରୁଛି । ଏବଂ ଏହା ଅପ୍ରତିହତ । ଏପରିକି ଯେଉଁ ଲୋକମାନେ ଏହାର ବିପରୀତ ଚିନ୍ତା କରନ୍ତି, ଏହାର ବିପରୀତ କାମନା କରନ୍ତି, ସେମାନେ ନିଜେ ଇଚ୍ଛା ନକଲେ ମଧ୍ୟ ସେମାନଙ୍କ ଇଚ୍ଛା ବ୍ୟତିରେକେ, ଏହାର ଇଚ୍ଛା ଅନୁସାରେହିଁ କାର୍ଯ୍ୟ କରନ୍ତି; ଏପରିକି ସେହିସବୁ ବସ୍ତୁ ଯେଉଁଗୁଡ଼ିକ ନିଜ ସ୍ୱଭାବ ଧର୍ମରେ ଏହାର ବିରୋଧୀ, ସେଗୁଡ଼ିକୁ ମଧ୍ୟ ମୋଡ଼ି ଘୂରାଇ ଏହାର ଇଚ୍ଛାର ବଶବର୍ତ୍ତୀ କରାଯାଏ ।

ବିଭିନ୍ନ ଦେଶର ଘଟଣାବଳୀ, ଦେଶ ଓ ଜାତି ଭିତରେ ସମ୍ପର୍କ ଏବଂ ବିଶ୍ୱ ପରିସ୍ଥିତିର କ୍ଷେତ୍ରରେ ଏହା ସେହି ଭାବରେ ଏକ ବିପୁଳ ଓ ମହାନ୍ ଦିବ୍ୟ ଶକ୍ତି ରୂପେ ନିରନ୍ତର କ୍ରିୟା କରି ଚାଲିଛି । ଏବଂ ଯଦି କେହି ଚିନ୍ତାର କୌଣସି ହସ୍ତକ୍ଷେପ ବିନା, କୌଣସି ବିଚାର ବା ଧାରଣାକୁ ପ୍ରଶ୍ରୟ ନଦେଇ ଏହି ଦିବ୍ୟ ସଂକଳ୍ପ ସହ ଯୁକ୍ତ ହୋଇ ରୁହେ ତେବେ ସେ ଏହାର ଅନୁସରଣ କରିପାରିବ, ଏହାକୁ ପ୍ରତ୍ୟକ୍ଷ କରି ପାରିବ ଏବଂ ଏହା ସମ୍ପର୍କରେ ଜାଣି ପାରିବ ।

ପ୍ରତ୍ୟେକ ଚେତନା ଓ ଜଡ଼ବସ୍ତୁ ଭିତରେ ତାମସିକ ଗତାନୁଗତିକତାର ଯେଉଁ ପ୍ରତିରୋଧ ରହିଛି ତା' ଫଳରେ ଏହି ଦିବ୍ୟ ଶକ୍ତିର କ୍ରିୟା ସିଧାସଳଖ, ପ୍ରତ୍ୟକ୍ଷ ଓ ସମ୍ପୂର୍ଣ୍ଣ ସମନ୍ୱୟମୂଳକ ଓ ସୁଷମ ହେବା ପରବର୍ତ୍ତେ ଗୋଳମାଳିଆ ହୋଇ ଯାଉଛି ଏବଂ ନାନା ଦ୍ୱନ୍ଦ୍ୱ, ବିରୋଧ ଓ ସଂଘର୍ଷରେ ପୂରି ଯାଉଛି । ସମସ୍ତ ବିଷୟର ସମାଧାନ ଯେପରି ସ୍ୱାଭାବିକ ଭାବରେ, ସହଜ ଓ ସ୍ୱଚ୍ଛନ୍ଦ ଭାବରେ ହୋଇ ପାରନ୍ତା – ଯାହା ହେବା ଉଚିତ, ତା' ନହୋଇ ଏହି ତାମସିକ ଗତାନୁଗତିକ ପ୍ରତିରୋଧ ଓ ବିରୋଧ ଫଳରେ ଏହାର କ୍ରିୟା ଏକ ଅଡୁଆ, ଅଛିଣ୍ଡା, ଜଟିଳ ଗତିବୃତ୍ତିର ରୂପ ନେଉଛି ଯେଉଁଠି ବସ୍ତୁସବୁ ପରସ୍ପର ସହିତ ଧକ୍କା ଖାଉଛନ୍ତି ଏବଂ ପରିଣାମ ହେଉଛି ବିଶୃଙ୍ଖଳା, ବିଭ୍ରାଟ ଓ ଧ୍ୱଂସ । ଏହି ଧରଣର ପରିଣାମ ଆବଶ୍ୟକ ହୋଇ ପଡ଼ୁଛି କେବଳ ଏହି ପ୍ରତିରୋଧ ଯୋଗୁଁ, ତା' ନହେଲେ ଏଗୁଡ଼ିକ ଆଦୌ ଅପରିହାର୍ଯ୍ୟ ନୁହନ୍ତି, ସତ କହିବାକୁ ଗଲେ ଏଗୁଡ଼ିକର ଆଦୌ କୌଣସି ଯଥାର୍ଥତା ନାହିଁ; ଏଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ମଧ୍ୟ ନ'ଥାନ୍ତା – କାରଣ ଏହି ଦିବ୍ୟ ସଂକଳ୍ପ, ଏହି ଦିବ୍ୟ ଶକ୍ତି ଏକ ପୂର୍ଣ୍ଣ ସୌଷମ୍ୟ, ସୁସଙ୍ଗତି ଓ ସମନ୍ୱୟର ଶକ୍ତି, ଯେଉଁଠି ପ୍ରତ୍ୟେକଟି ବସ୍ତୁ ସେମାନଙ୍କ ନିଜ ନିଜର ଯଥୋଚିତ ସ୍ଥାନରେହିଁ ରହି ଥାଆନ୍ତି ଏବଂ ଏହା ସବୁଗୁଡ଼ିକୁ ବିସ୍ମୟକର ଭାବରେ ସଙ୍ଗଠିତ ଓ ବ୍ୟବସ୍ଥିତ କରିଥାଏ । ଏହା ଆସିଥାଏ ଏକ ପୂର୍ଣ୍ଣ ଦୀପ୍ତିମୟ ଓ ତ୍ରୁଟିହୀନ ସଙ୍ଗଠନର ରୂପ ନେଇ, ଯଥାର୍ଥ ଦୃଷ୍ଟି ଥିଲେ ତୁମେ ଏହା ଦେଖି ପାରିବ । କିନ୍ତୁ ଯେତେବେଳେ ଏହା ତଳକୁ ଓହ୍ଲାଇ ଆସି ଜଡ଼ ଉପରେ ଚାପ ଦିଏ ସେତେବେଳେ ସବୁକିଛି ଆନ୍ଦୋଳିତ ହୋଇ ଉଠେ ଓ ଏହାର ପ୍ରତିରୋଧ କରେ । ତେଣୁ ଏହିସବୁ ବିଭ୍ରାନ୍ତି ଓ ଧ୍ୱଂସ ଆଦି ପାଇଁ ଭଗବାନଙ୍କ ଦିବ୍ୟକ୍ରିୟା

ଓ ଦିବ୍ୟଶକ୍ତି ଉପରେ ଦୋଷାରୋପ କରିବା ଆଉ ଏକ ମାନୁଷୀ ନିର୍ବୋଧତା । ଏଥିପାଇଁ ଦାୟୀ ହେଉଛି ତାମସିକ ଜଡ଼ତା – ଅସଦିଚ୍ଛା ବିଷୟ ଉଲ୍ଲେଖ ନକଲେ ମଧ୍ୟ – ଏହାହିଁ ଏହିସବୁ ଧ୍ୱଂସ ଓ ବିପର୍ଯ୍ୟୟର କାରଣ । ଏହି ବିପର୍ଯ୍ୟୟ କେବେହେଲେ ଆଗରୁ ଉଦ୍ଦିଷ୍ଟ ନଥାଏ, ଏପରିକି କୌଣସି ଭବିଷ୍ୟତ୍ ଦୃଷ୍ଟିରେ ଏସବୁ ପରିଲକ୍ଷିତ ହୋଇ ନଥାଏ; କେବଳ ପ୍ରତିରୋଧ ଯୋଗୁହିଁ ସଂଘଟିତ ହୁଏ ଏହିସବୁ ଧ୍ୱଂସ ଓ ବିପର୍ଯ୍ୟୟ । ଏବଂ ଏହା ସଙ୍ଗରେ ଯୁକ୍ତ ହୁଏ ଭଗବତ୍ କୃପାର କ୍ରିୟା ସମ୍ପର୍କରେ ସୂକ୍ଷ୍ମଦର୍ଶନ; ଏହି କୃପା ଆସିଥାଏ ଯେଉଁଠି ଏହା ସମ୍ଭବ – ଅର୍ଥାତ୍, ଯେଉଁଠି ଏଥିପ୍ରତି ଗ୍ରହଣଶୀଳତା ଥାଏ, ସେଠାରେ ଏହିସବୁ ବିପର୍ଯ୍ୟୟର ଫଳାଫଳକୁ ହ୍ରାସ ଓ ଲାଘବ କରିବା ପାଇଁ । ଏଇଥିରୁହିଁ ଆମେ ବୁଝିପାରିବୁ କାହିଁକି ପାର୍ଥିବ ମାନୁଷୀ ଉପାଦାନ ତରଫରୁ ଅଭୀପ୍ସା, ବିଶ୍ୱାସ ଓ ପୂର୍ଣ୍ଣ ଭରସା ରହିଥିଲେ, ତାହାର ଏକ ସୌଷମ୍ୟର ଶକ୍ତି ରହିଥାଏ, କାରଣ ଏହିଗୁଡ଼ିକହିଁ ଦିବ୍ୟକୃପା ଆସିବାକୁ ଓ ଏହି ଅନ୍ଧ ପ୍ରତିରୋଧର ପରିଣତିସବୁକୁ ସଜାଡ଼ି ସଂଶୋଧିତ କରିଦେବା ଦିଗରେ ସହାୟକ ହୁଏ ।

ଏହା ମୋ ପାଇଁ ଅତି ସ୍ପଷ୍ଟ ସୂକ୍ଷ୍ମଦର୍ଶନ, ଏପରିକି ଟିକିନିଖିରେ ମଧ୍ୟ ଏହା ଅତି ସ୍ପଷ୍ଟ ।

ଯଦି ଜଣେ ଚାହେଁ, ତେବେ ଏହି ସୂକ୍ଷ୍ମ ଦର୍ଶନରେ ଯାହାସବୁ ଦେଖାଯାଏ, ସେସବୁକୁ ପ୍ରକାଶ କରି ଦେଇ ଭବିଷ୍ୟତ୍ ବାଣୀ କରିପାରେ; କିନ୍ତୁ ଏକ ମହତ୍-କରୁଣା (super-compassion) ରହିଛି ଯାହା ଏପ୍ରକାର ଭବିଷ୍ୟତ୍ ବାଣୀ କରିବାରେ ବାଧା ଦିଏ – କାରଣ ସତ୍ୟ ବାକ୍ୟର ଏକ ଅଭିବ୍ୟକ୍ତିର ଶକ୍ତି ରହିଛି ଏବଂ ଏହିସବୁ ପ୍ରତିରୋଧର ଫଳାଫଳ ସମ୍ପର୍କରେ କିଛି ପ୍ରକାଶ କରିବା ଅର୍ଥ ସେହି ପ୍ରତିରୋଧର ଅବସ୍ଥାକୁ ଆହୁରି ସୁନିର୍ଦ୍ଦିଷ୍ଟ କରିଦେବା ଏବଂ ଦିବ୍ୟ କୃପାର କ୍ରିୟାକୁ ହ୍ରାସ କରାଇ ଦେବା । ସେଇଥିପାଇଁ ଯେତେବେଳେ ଜଣେ ସୂକ୍ଷ୍ମ ଦର୍ଶନରେ କିଛି ଦେଖିଥାଏ ତାହା ପ୍ରକାଶ କରିବା ଠିକ୍ ନୁହେଁ, ସେ ସମ୍ପର୍କରେ ଆଦୌ କିଛି କହିବା ଉଚିତ ନୁହେଁ ।

କିନ୍ତୁ ଶ୍ରୀଅରବିନ୍ଦ ନିଶ୍ଚିତ ଭାବରେ ଏହାରି କଥାହିଁ କହିଥିଲେ ଯେ ଏହି ଦିବ୍ୟ ଶକ୍ତି, ଏହି ଦିବ୍ୟ ସାମର୍ଥ୍ୟହିଁ ସବୁକିଛି କରୁଛି; ସବୁକିଛିହିଁ ଏହାରି ଦ୍ୱାରା ସମ୍ପନ୍ନ ହେଉଛି । ଯେତେବେଳେ ଏହାକୁ ପ୍ରତ୍ୟକ୍ଷ କରାଯାଏ ବା ଏହା ସଙ୍ଗେ ଏକ ହୋଇ ରହିବା ସମ୍ଭବ ହୁଏ ସେତେବେଳେ ସେହି ସଙ୍ଗେ ସଙ୍ଗେ ମଧ୍ୟ ଏହା ଜାଣି ହୁଏ ଯେ ସେହି 'ତତ୍'ହିଁ ଏକମାତ୍ର ସଦ୍‌ବସ୍ତୁ ଯାହା କ୍ରିୟା କରେ ଏବଂ ସୃଷ୍ଟି କରେ; ବାକି ସବୁକିଛି ହେଉଛି ସେ ଯେଉଁ ରାଜ୍ୟ ବା ଯେଉଁ ଜଗତ୍ ବା ଯେଉଁ ବସ୍ତୁ ଓ ଉପାଦାନ ନେଇ କ୍ରିୟା କରୁଛି ତାହାରହିଁ ପରିଣତି ବା ଫଳାଫଳ – ଏହି ଫଳାଫଳ ହେଉଛି ପ୍ରତିରୋଧର, ସେହି ଦିବ୍ୟକ୍ରିୟାର ନୁହେଁ । ସେହି 'ତତ୍' ସହିତ ମିଳିତ ଓ ଯୁକ୍ତ ହେବାର ଅର୍ଥ ହେଉଛି ସେହି ଦିବ୍ୟକ୍ରିୟା ସଙ୍ଗେ ମିଳିତ ହେବା ଏବଂ ତଳେ ରହିଥିବା ଜିନିଷଗୁଡ଼ିକ ସହ ମିଳିତ ହେବା ଅର୍ଥ ପ୍ରତିରୋଧ ସଙ୍ଗେ ମିଳିତ ହେବା ।

କାରଣ କିଛି କରିବାକୁ ଯାଇ ଏହା ଅଙ୍କାବଙ୍କା ରାସ୍ତା ଧରେ, ଛଟପଟ ଓ ଅସ୍ଥିର ହୁଏ, ଇତସ୍ତତଃ ଘୂରି ବୁଲେ, ନାନା କାମନା କରେ, ଭାବନା ଓ ଚିନ୍ତା କରେ, ନାନା ଯୋଜନା କରେ ଏବଂ ମନେ କରେ କିଛି କରୁଛି ବୋଲି, କିନ୍ତୁ ପ୍ରକୃତରେ ଏହା କେବଳ ପ୍ରତିରୋଧ କରୁଥାଏ ।

ପରେ, ଟିକେ ପରେ ଖୁବ୍ ଛୋଟ ଛୋଟ ଜିନିଷ ସମ୍ପର୍କରେ ମଧ୍ୟ ନାନା ଦୃଷ୍ଟାନ୍ତ ଦେଇ ପାରିବି, ଦେଖାଇବାକୁ ସକ୍ଷମ ହୋଇ ପାରିବି ଯେ କିପରି ଦିବ୍ୟଶକ୍ତି କ୍ରିୟା କରୁଛି ଏବଂ କେଉଁ କାର୍ଯ୍ୟରେ କ'ଣ ସବୁ ହସ୍ତକ୍ଷେପ କରୁଛି ଓ ନାନା ଅପମିଶ୍ରଣ ଆଣି ମିଶାଉଛି କିଂବା ହୁଏତ ଏହି ଦିବ୍ୟଶକ୍ତି ଦ୍ୱାରା ଚାଳିତ ହେଉଛି କିନ୍ତୁ ଏହାର ଗତିବୃତ୍ତିକୁ ବିକୃତ କରୁଛି ଏବଂ ତା'ର ପରିଣତିସ୍ୱରୂପ ଆମେ ସ୍ଥୂଳ ଜଗତର ଏହିସବୁ ବିଡ଼ମ୍ବନା ଦେଖୁଛୁ । ପୃଥିବୀ ପାଇଁ କୌଣସି ଗୁରୁତ୍ୱ ନଥିବା ଅତି ଛୋଟ ଜିନିଷଟିଏର ଦୃଷ୍ଟାନ୍ତ ଦେଲେ ମଧ୍ୟ ତାହା ସ୍ପଷ୍ଟ ଦେଖାଇ ଦେଇ ପାରିବି ସବୁକିଛି କେଉଁ ଭାବରେ ଘଟୁଛି ଏବଂ ଏଠାରେ ତାହା କିପରି ବିକୃତ ରୂପ ନେଉଛି ।

ଏବଂ ଏହା ସର୍ବଦା, ସବୁ ସମୟରେ ପ୍ରତ୍ୟେକଟି କ୍ଷେତ୍ରରେ ପ୍ରଯୁଜ୍ୟ । ଏବଂ ଯେତେବେଳେ କେହି ଦେହ କୋଷର ଯୋଗ ନେଇ ରହିଛି, ସେ ମଧ୍ୟ ଠିକ୍ ସେଇ ବିଷୟହିଁ ଲକ୍ଷ୍ୟ କରିବ : ସେହି ଦିବ୍ୟଶକ୍ତି କ୍ରିୟା କରୁଛି ଏବଂ (ମା ହସିଲେ) ସେହି କ୍ରିୟାକୁ ନେଇ ଶରୀର କ'ଣ କରୁଛି ।

(ନୀରବତା)

ସଙ୍ଗେ ସଙ୍ଗେ ଆସୁଛି କିପରି ଓ କାହିଁକିର ପ୍ରଶ୍ନ । କିନ୍ତୁ ତାହା କେବଳ ମାନସିକ କୌତୂହଳର ଅନ୍ତର୍ଗତ; ପ୍ରଧାନ

ବିଷୟ ହେଲା ସେହି ପ୍ରତିରୋଧକୁ ବନ୍ଦ କରିବା । ତାହାହିଁ ଗୁରୁତ୍ୱପୂର୍ଣ୍ଣ, ସେହି ପ୍ରତିରୋଧକୁ ବନ୍ଦ କରିବା : ଯେପରିକି ଏହି ବିଶ୍ୱଟି ଯାହା ହେବା ଉଚିତ ସେହିପରି ହୋଇ ଉଠିବ, ଯେପରି ଏହା ହୋଇ ଉଠିବ ଏକ ସୌଷମ୍ୟପୂର୍ଣ୍ଣ, ଦୀପ୍ତିମୟ ବିସ୍ମୟକର ଶକ୍ତିର ଅଭିବ୍ୟକ୍ତି, ଏପରି ଏକ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ଯାହାର କୌଣସି ପଟାନ୍ତର ନାହିଁ । ପରେ ଯେତେବେଳେ ପ୍ରତିରୋଧ ଶେଷ ହୋଇ ଯାଇଥିବ, ଯଦି କୌତୂହଳବଶତଃ ଆମେ ଜାଣିବାକୁ ଚାହିଁବା ଏହା କାହିଁକି ଏପରି ହୋଇଥିଲା, ... ସେତେବେଳେ ତହିଁରେ କୌଣସି ଯାଏ ଆସେ ନଥିବ । କିନ୍ତୁ ବର୍ତ୍ତମାନ 'କାହିଁକି'ର କାରଣ ଅନ୍ୱେଷଣ କରି କୌଣସି ଆରୋଗ୍ୟ ବା ସମାଧାନ ମିଳିବ ନାହିଁ, ଯଥାର୍ଥ ମନୋଭାବ ଗ୍ରହଣ କରିବାହିଁ ପ୍ରଧାନ କଥା । ଏକମାତ୍ର ତାହାହିଁ ଗୁରୁତ୍ୱପୂର୍ଣ୍ଣ ।

ଏକ ପୂର୍ଣ୍ଣ ସାମଗ୍ରିକ ସମର୍ପଣ ଦ୍ୱାରା ଏହି ପ୍ରତିରୋଧର ଅବସାନ ଘଟାଇବାକୁ ହେବ, ଯଦି ଜଣେ ତାହା କରିପାରେ ତା'ହେଲେ ପ୍ରତିଟି ଦେହ କୋଷରେ ଏକ ସାମଗ୍ରିକ ଆତ୍ମନିବେଦନ କରିବାକୁ ହେବ ।

ସେମାନେ ଯେପରି ଅନୁଭବ କରିବାକୁ ଆରମ୍ଭ କରିବେ ସେହି ନିବିଡ଼ ଆନନ୍ଦ ଯେ ସେମାନେ କେବଳ ପରମଙ୍କ ଦ୍ୱାରା, ପରମଙ୍କ ପାଇଁ ଓ ପରମଙ୍କ ଭିତରେ ଅବସ୍ଥାନ କରୁଛନ୍ତି ।

ଯେତେବେଳେ ସର୍ବତ୍ର ଏହା ପ୍ରତିଷ୍ଠିତ ହେବ ସେତେବେଳେ ସବୁକିଛି ହେବ ଶୁଭ, ମଙ୍ଗଳମୟ ।

(Collected works of the Mother, Vol. 10, P. 230 - 33) ✣

ଯେତେବେଳେ ଜଣକୁ ସାଧାରଣ କ୍ରିୟାକଳାପ ଓ ପରିବେଶରେ ବାସ କରିବାକୁ ପଡ଼େ ସେତେବେଳେ ଆଧ୍ୟାତ୍ମିକ ଜୀବନ ପାଇଁ ନିଜକୁ ପ୍ରସ୍ତୁତ କରିବାର ସର୍ବୋତ୍ତମ ପଥ ହେଲା ଏକ ପୂର୍ଣ୍ଣ ସମତାର ବିକାଶ ସାଧନ, ନିରାସକ୍ତି ଏବଂ ଗୀତାର ସେହି ସମତାର ସାଧନା, ଏହି ବିଶ୍ୱାସ ନେଇ ଯେ ଭଗବାନ୍ ଅଛନ୍ତି ଓ ସବୁକିଛିରେ ଭଗବତ୍ ସଂକଳ୍ପହିଁ କାର୍ଯ୍ୟକାରୀ ହେଉଛି, ଯଦିଓ ବର୍ତ୍ତମାନ ପାଇଁ ତାହା ଏକ ଅଜ୍ଞାନମୟ ସଂସାରର ଅବସ୍ଥା ଭିତରେ । ଏହାର ଊର୍ଦ୍ଧ୍ୱରେ ରହିଛି ଦିବ୍ୟ-ଆନନ୍ଦ ଓ ଆଲୋକ ଯେଉଁ ଦିଗରେ ଜୀବନର କ୍ରିୟା ଚାଲିଛି । କିନ୍ତୁ ବ୍ୟକ୍ତିର ସତ୍ତା ଓ ପ୍ରକୃତି ଭିତରେ ସେହି ଦିବ୍ୟ-ଆନନ୍ଦ ଓ ଆଲୋକର ଆଗମନୀ ଓ ପ୍ରତିଷ୍ଠା ପାଇଁ ଆବଶ୍ୟକ ଏହି ଆଧ୍ୟାତ୍ମିକ ସମତା ଭିତରେ ନିଜର ଅଭିବୃଦ୍ଧି ସାଧନ । ଅପ୍ରୀତିକର ଓ ବାଧାବିଘ୍ନପୂର୍ଣ୍ଣ ଜିନିଷଗୁଡ଼ିକ ସମ୍ପର୍କରେ ତୁମ ଅସୁବିଧା ପାଇଁ ଏହାହିଁ ସମାଧାନର ବାଟ । ଏହି ସମତାର ଭାବ ନେଇ ସମସ୍ତ ଅପ୍ରୀତିକର ଜିନିଷର ସମ୍ମୁଖୀନ ହେବା ଉଚିତ ।

*

ଯେତେବେଳେ ଜଣେ ସଂସାରରେ ବାସ କରୁଥାଏ, ସେ ଆଶ୍ରମରେ ରହିବା ଭଳି ଆଚରଣ କରିପାରିବ ନାହିଁ — ତାହାକୁ ଅନ୍ୟମାନଙ୍କ ସଙ୍ଗେ ମିଳାମିଶା କରିବାକୁ ପଡ଼ିବ ଏବଂ ବାହ୍ୟଭାବରେ ଅନ୍ତତଃ ଅନ୍ୟମାନଙ୍କ ସଙ୍ଗେ ସାଧାରଣ ସମ୍ପର୍କ ରଖିବାକୁ ପଡ଼ିବ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ଆନ୍ତର ଚେତନାକୁ ଭଗବାନଙ୍କ ପ୍ରତି ଉନ୍ମୋଚିତ ରଖିବା ଓ ତହିଁରେ ନିଜର ଅଭିବୃଦ୍ଧି ସାଧନ କରିବା । ଯେତେବେଳେ ଜଣେ ଏହା କରିଥାଏ, ସାଧନାର ଆନ୍ତର ତୀବ୍ରତା ଅନୁଯାୟୀ ଅନ୍ୟସବୁ ଜିନିଷ ପ୍ରତି ନିଜର ମନୋଭାବ ବଦଳିବାକୁ ଲାଗେ । ସବୁକିଛିହିଁ ଭଗବାନଙ୍କ ଭିତରେ ଦେଖାଯାଏ, ଅଧିକରୁ ଅଧିକ । ଏବଂ ଅନୁଭବ, କର୍ମ ଆଦି ଅଧିକରୁ ଅଧିକ ନିର୍ଦ୍ଧାରିତ ହୁଏ ପୁରୁଣା ବାହ୍ୟ ପ୍ରତିକ୍ରିୟା ଦ୍ୱାରା ନୁହେଁ, କିନ୍ତୁ ତୁମ ଭିତରେ ବଢ଼ି ଉଠୁଥିବା ଚେତନା ଦ୍ୱାରା ।

— ଶ୍ରୀଅରବିନ୍ଦ ✣

# ସାର୍ବଜନୀନ ସମନ୍ୱୟ

## ଶ୍ରୀମା

ଆମ୍ଭମାନଙ୍କୁ ଯେଉଁ ସାଧାରଣ ଲକ୍ଷ୍ୟ ପ୍ରାପ୍ତି କରିବାକୁ ହେବ, ତାହା ହେଲା ଏକ ପ୍ରଗତିଶୀଳ ସାର୍ବଜନୀନ ସମନ୍ୱୟର ଆବିର୍ଭାବ ।

ପୃଥିବୀପୃଷ୍ଠରେ ଏହି ଲକ୍ଷ୍ୟକୁ ହାସଲ କରିବାର ଉପାୟ ହେଲା ସକଳଙ୍କ ମଧ୍ୟସ୍ଥ ଆନ୍ତର ଭଗବାନଙ୍କୁ ଜାଗ୍ରତ୍ ଓ ଅଭିବ୍ୟକ୍ତ କରି ମାନବିକ ଐକ୍ୟ ପ୍ରାପ୍ତି କରିବା – କାରଣ ସେହି ସଦ୍‌ବସ୍ତୁହିଁ ସକଳଙ୍କ ମଧ୍ୟରେ ଏକ ।

ଅନ୍ୟ କଥାରେ – ଆମ୍ଭମାନଙ୍କ ମଧ୍ୟରେ ଭାଗବତ ରାଜ୍ୟର ପ୍ରତିଷ୍ଠା ଦ୍ୱାରା ମାନବିକ ଐକ୍ୟ ପ୍ରତିଷ୍ଠା କରିବାକୁ ହେବ ।

ସୁତରାଂ ଆମ୍ଭମାନଙ୍କୁ ଯେଉଁ ଅତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବାକୁ ହେବ ତାହା ହେଲା ଏହି :

(୧) ପ୍ରତ୍ୟେକକୁ ବ୍ୟକ୍ତିଗତ ଭାବେ ନିଜ ମଧ୍ୟରେ ଭାଗବତ ସାନ୍ନିଧ୍ୟ ସମ୍ବନ୍ଧରେ ସଚେତନ ହେବାକୁ ହେବ ଏବଂ ତାହା ସହିତ ଏକତ୍ୱ ପ୍ରାପ୍ତ କରିବାକୁ ହେବ ।

(୨) ଆଧାରର ସେହି ସକଳ ଅବସ୍ଥାକୁ ଯଥାର୍ଥ ବ୍ୟଷ୍ଟିରୂପ ଦେବାକୁ ହେବ ଯାହା ଏପର୍ଯ୍ୟନ୍ତ ତାହା ମଧ୍ୟରେ ସଚେତନ ହୋଇ ନାହିଁ ଏବଂ ଏହା ଦ୍ୱାରା ଏହି ପୃଥିବୀକୁ ସଂଯୁକ୍ତ କରିବାକୁ ହେବ ଏକ ବା ତତୋଽଧିକ ବିଶ୍ୱଗତ ଶକ୍ତିର ଉତ୍ସ ସଙ୍ଗେ ଯାହା ଏପର୍ଯ୍ୟନ୍ତ ପୃଥିବୀରେ ପ୍ରକାଶିତ ହୋଇ ନାହିଁ ।

(୩) ପୁନର୍ବାର ଏହି ପୃଥିବୀରେ ଏକ ନୂତନ ରୂପରେ ଆଧୁନିକ ଯୁଗର ଅନୁକୂଳ ସେହି ଶାଶ୍ୱତ ବାଣୀ ପ୍ରଚାର କରିବାକୁ ହେବ । ଏହାହିଁ ହେବ ସକଳ ମାନବିକ ଜ୍ଞାନର ସମନ୍ୱୟ ।

(୪) ଗୋଟିଏ ପବିତ୍ର କ୍ଷେତ୍ରରେ ସମଷ୍ଟିଗତ ଭାବେ ନବ ମାନବଜାତିର – ଯେଉଁ ମାନବଜାତି ଭଗବାନଙ୍କ ସନ୍ତାନ – ପ୍ରସ୍ଫୁରଣ ନିମିତ୍ତ ଏକ ଆଦର୍ଶ ସମାଜ ସ୍ଥାପନ କରିବାକୁ ହେବ ।

*

ଏହି ପାର୍ଥିବ ରୂପାନ୍ତର ଓ ସମନ୍ୱୟ-ସାଧନ ଦ୍ୱିବିଧ ଉପାୟ ଦ୍ୱାରା ସାଧିତ ହୋଇପାରେ – ଯଦିଓ ଏହି ଦୁଇଟି ଉପାୟ ଦୃଶ୍ୟତଃ ପରସ୍ପର ବିରୋଧୀ ତଥାପି ଉଭୟକୁ ମିଳେଇ ଦେବାକୁ ହେବ । ଉଭୟେ ପରସ୍ପର ଉପରେ କ୍ରିୟାଶୀଳ ହେବେ ଏବଂ ପରସ୍ପରକୁ ପୂର୍ଣ୍ଣତା ପ୍ରଦାନ କରିବେ :

(୧) ବ୍ୟକ୍ତିଗତ ରୂପାନ୍ତର : ଏକ ଆନ୍ତର ବିକାଶ ଯାହା ଦିବ୍ୟ-ସାନ୍ନିଧ୍ୟ ସଙ୍ଗେ ଏକତ୍ୱ ଆଣି ଦେବ ।

(୨) ସମଷ୍ଟିଗତ ରୂପାନ୍ତର : ଏପରି ଏକ ଆବେଷ୍ଟନୀ ସୃଷ୍ଟି କରିବାକୁ ହେବ ଯାହା ବ୍ୟକ୍ତିର ଅଭିବୃଦ୍ଧି ଓ ବିକାଶ ନିମିତ୍ତ ଅନୁକୂଳ ହେବ ।

ଯେହେତୁ ବାହ୍ୟ ଆବେଷ୍ଟନୀ ବ୍ୟକ୍ତିକୁ ପ୍ରଭାବିତ କରେ ଏବଂ ଅନ୍ୟ ପକ୍ଷରେ ବାହ୍ୟ ଆବେଷ୍ଟନୀର ମୂଲ୍ୟ ବ୍ୟକ୍ତି ଉପରେ ନିର୍ଭର କରେ – ଉଭୟ କାର୍ଯ୍ୟ ସେଥିପାଇଁ ଏକହିଁ ସଙ୍ଗରେ ଚାଲିବା ଉଚିତ । କିନ୍ତୁ ଏହା କେବଳ ଉଭୟଙ୍କ କର୍ତ୍ତବ୍ୟପାଳନ ଦ୍ୱାରା ସାଧିତ ହୋଇ ପାରିବ ଏବଂ ଏଥିପାଇଁ ଆବଶ୍ୟକ ଏକ ସମଷ୍ଟି ବା କେନ୍ଦ୍ର ପ୍ରତିଷ୍ଠା – ଯଦି ସମ୍ଭବ ହୁଏ କ୍ରମାନ୍ୱୟରେ ଗଠିତ ଏକ କେନ୍ଦ୍ର ।

ଏହି ସମଷ୍ଟିର କର୍ମୀମାନଙ୍କ କାର୍ଯ୍ୟ ତ୍ରିବିଧ ହେବା ଉଚିତ :

(୧) ଯେଉଁ ଲକ୍ଷ୍ୟରେ ଆମ୍ଭମାନଙ୍କୁ ପହଞ୍ଚିବାକୁ ହେବ ପ୍ରଥମେ ତାକୁ ନିଜ ମଧ୍ୟରେ ସିଦ୍ଧ କରିବାକୁ ହେବ – ସେହି ଅବାଙ୍‌ମାନସଗୋଚରଙ୍କ ପ୍ରଥମ ଅଭିବ୍ୟକ୍ତିର ସକଳ ଗୁଣ, ସକଳ ଉନ୍ମେଷର ଏକ ପରିପୂର୍ଣ୍ଣ ପାର୍ଥିବ ପ୍ରତିନିଧି ହେବାକୁ ହେବ ।

(୨) ଏହି ଆଦର୍ଶକୁହିଁ ବାଣୀ ଦ୍ୱାରା ପ୍ରଚାର କରିବାକୁ ହେବ, କିନ୍ତୁ ମୁଖ୍ୟତଃ ଉଦାହରଣ ଦ୍ୱାରା । ଏହା ଦ୍ୱାରା ଆମ୍ଭେମାନେ ଆବିଷ୍କାର କରିପାରିବା କେଉଁମାନେ ଏହାକୁ ସିଦ୍ଧ କରିବାକୁ ପ୍ରସ୍ତୁତ ଏବଂ କେଉଁମାନେ ଏହି ମୁକ୍ତି ବାଣୀର ପ୍ରଚାରକ ହୋଇ ପାରିବେ ।

(୩) ଗୋଟାଏ ଆଦର୍ଶ ସମାଜ ପ୍ରତିଷ୍ଠା କରିବାକୁ ହେବ ଅଥବା ଯେଉଁ ସମାଜ ରହିଅଛି ତାହାର ପୁନର୍ଗଠନ କରିବାକୁ ହେବ ।

*

ପ୍ରତ୍ୟେକ ବ୍ୟକ୍ତିକୁ ମଧ୍ୟ ଏକହିଁ ସଙ୍ଗେ ପରସ୍ପର ପରିପୂରକ ଦୁଇଟି କାର୍ଯ୍ୟ କରିବାକୁ ହେବ ।

(୧) ଆନ୍ତରୋନ୍ନତି : ଭାଗବତ ଜ୍ୟୋତିଃ ସଙ୍ଗେ ଏକ କ୍ରମବର୍ଦ୍ଧିଷ୍ଣୁ ଏକତ୍ୱ-ପ୍ରାପ୍ତି ଯାହା ବିଶ୍ୱଗତ ଜୀବନଧାରା ସଙ୍ଗେ ମନୁଷ୍ୟର ସମନ୍ୱୟ ସାଧନର ଏକମାତ୍ର ସର୍ତ୍ତ ।

(୨) ପ୍ରତ୍ୟେକ ବ୍ୟକ୍ତିକୁ ତା'ର ସାମର୍ଥ୍ୟ ଓ ଅଭିରୁଚି ଅନୁସାରେ କିଛି ବାହ୍ୟ କର୍ମ କରିବାକୁ ହେବ । ସମଷ୍ଟିଗତ ଜୀବନ ଧାରା ମଧ୍ୟରେ ତାକୁ ନିଜର ଯଥାର୍ଥ ସ୍ଥାନ ବାଛି ନେବାକୁ ହେବ, — ଯେଉଁ ସ୍ଥାନ ସେହି ସମଷ୍ଟିଗତ ଜୀବନଧାରା ମଧ୍ୟରେ କେବଳ ସେ ନିଜେହିଁ ପୂରଣ କରିପାରେ ଆଉ ଏହି କାର୍ଯ୍ୟରେ ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିବ । ଏକଥା ମଧ୍ୟ ସେ ଭୁଲି ଯିବ ନାହିଁ ଯେ ସେ ଏହି ସମବେତ ସଙ୍ଗୀତ ଗାନ ମଧ୍ୟରେ କେବଳ ଗୋଟିଏ ମାତ୍ର ସୁରକୁ ଗାନ କରୁଅଛି, କିନ୍ତୁ ତା'ର ଏହି ସୁରଟି ପୂର୍ଣ୍ଣାଙ୍ଗ ସଙ୍ଗୀତ ନିମିତ୍ତ ଏକାନ୍ତ ଅପରିହାର୍ଯ୍ୟ; ପୁନଶ୍ଚ ଏହି ସୁରର ମୂଲ୍ୟ ଠିକ୍ ତାହାର ଯଥାର୍ଥତା ଉପରେ ନିର୍ଭର କରିବ ।

(CWM, Vol. 2, pp. 49-50
May 7, 1912ରେ ପ୍ରସ୍ତୁତ ପ୍ରବନ୍ଧ)

**ଜଣେ ସାଧକଙ୍କୁ ଶ୍ରୀଅରବିନ୍ଦଙ୍କ ଏକ ପତ୍ର :**

ମୁଁ ତୁମକୁ କହିଥିଲି ଯେ ତୁମେ ଆଉ ମନ ଦ୍ୱାରା କୌଣସି ନିଷ୍ପତ୍ତି ନେବାକୁ ଚେଷ୍ଟା କରିବ ନାହିଁ । ତୁମେ ବାରଂବାର ପୁନରାବୃତ୍ତି କରିଚାଲିଛ, ''ମୁଁ ନିଷ୍ପତ୍ତି ନେବି, ମୁଁ ନିଷ୍ପତ୍ତି ନେବି । ମୋତେ ଏକ ନିଷ୍ପତ୍ତି ନେବାକୁ ହେବ । ମୋତେ ଏକ ସଂକଳ୍ପ ଗ୍ରହଣ କରିବାକୁ ହେବ ।'' ତୁମେ ବରାବର ଏହି 'ମୁଁ', 'ମୁଁ', 'ମୁଁ' ନିଷ୍ପତ୍ତି ନେବି କଥାଟିକୁ ପୁନରାବୃତ୍ତି କରୁଛ, ସତେ ଯେପରି ମୋଠାରୁ ଓ ମା'ଙ୍କଠାରୁ ତୁମେ ଅଧିକ ଜାଣିଛ । ''ମୋତେ ବୁଝିବାକୁ ହେବ, ମୋତେ ନିଷ୍ପତ୍ତି ନେବାକୁ ହେବ ।'' ଏବଂ ବରାବର ତୁମେ ଦେଖୁଛ ଯେ ତୁମର ମନ କୌଣସି କିଛି ବିଷୟରେ ନିଷ୍ପତ୍ତି ନେଇ ପାରିବ ନାହିଁ ଏବଂ କିଛି ବି ବୁଝିପାରିବ ନାହିଁ । ତଥାପି ତୁମେ ସେହି ସମାନ ମିଥ୍ୟାଚାରକୁ ପୁନରାବୃତ୍ତି କରି ଚାଲିଛ ।

ମୁଁ ତୁମକୁ ପୁଣି ଥରେ ସିଧା କହୁଛି ଯେ ତୁମର ତଥାକଥିତ ଅନୁଭୂତିଗୁଡ଼ିକର କିଛି ବି ମୂଲ୍ୟ ନାହିଁ, ସେଗୁଡ଼ିକ କେବଳ ପ୍ରାଣର ଅଜ୍ଞାନତା ଓ ବିଭ୍ରାନ୍ତି । ତୁମର ଏକମାତ୍ର ଯେଉଁ ଅନୁଭୂତି ଆବଶ୍ୟକ ତାହା ହେଉଛି ମା'ଙ୍କ ଉପସ୍ଥିତି, ମା'ଙ୍କ ଆଲୋକ, ମା'ଙ୍କ ଶକ୍ତି ଏବଂ ତାହା ତୁମ ଭିତରେ ଆଣୁଥିବା ପରିବର୍ତ୍ତନସବୁ ।

ତୁମକୁ ଅନ୍ୟାନ୍ୟ ସମସ୍ତ ପ୍ରଭାବକୁ ଫିଙ୍ଗି ଦୂର କରି ଦେବାକୁ ହେବ ଏବଂ କେବଳ ମା'ଙ୍କ ପ୍ରଭାବ ପ୍ରତି ନିଜକୁ ଖୋଲି ଧରିବାକୁ ହେବ ।

ତୁମକୁ ଏଣିକି ଆଉ ଶକ୍ତି କିପରି ପ୍ରବାହିତ ହେଉଛି ଏବଂ ତୁମର ଶକ୍ତି ଓ ଅନ୍ୟମାନଙ୍କ ଶକ୍ତିର ପ୍ରବାହ ବିଷୟରେ କିଛି ଭାବିବାକୁ ହେବ ନାହିଁ ବା କହିବାକୁ ହେବ ନାହିଁ । ଏକମାତ୍ର ଯେଉଁ ଶକ୍ତିକୁ ତୁମେ ଅନୁଭବ କରିବା ଆବଶ୍ୟକ, ତାହା ହେଉଛି ମା'ଙ୍କ ଶକ୍ତିର ଅବତରଣ, ପ୍ରବାହ ଓ କ୍ରିୟା ।

ଏହିଗୁଡ଼ିକ ଥିଲା ମୋର ଉପଦେଶ ଏବଂ ଯେପର୍ଯ୍ୟନ୍ତ ତୁମେ ସେଗୁଡ଼ିକୁ ମାନି ଚଳୁଥିଲ, ତୁମର ଅଗ୍ରଗତି ବେଶ୍ ଦ୍ରୁତ ହେଉଥିଲା ।

ବର୍ତ୍ତମାନର ଏହି ସମସ୍ତ ଅସଂଲଗ୍ନ ମିଥ୍ୟାନୁଭୂତିକୁ କାଢ଼ି ଦୂରକୁ ଫିଙ୍ଗିଦିଅ । ତୁମକୁ ଯେଉଁ ଏକମାତ୍ର ନିୟମଟି ଦେଇଛି ତାହା ମାନି ଚଳିବାର ଅବସ୍ଥାକୁ ଫେରିଯାଅ । ମା'ଙ୍କ ଉପସ୍ଥିତି ପ୍ରତି, ତାଙ୍କର ପ୍ରଭାବ, ଆଲୋକ ଓ ଶକ୍ତି ପ୍ରତି ନିଜକୁ ଖୋଲିଦିଅ । କେବଳ ଏହି ଭାବରେହିଁ ତୁମେ ସାଧନାରେ ନିଜର ସ୍ୱଚ୍ଛ, ପରିଷ୍କାର ଭାବ (ବିଭ୍ରାନ୍ତି ପରିବର୍ତ୍ତେ), ଚୈତ୍ୟାନୁଭବ ଏବଂ ଅଗ୍ରଗତି ଫେରିପାଇବ ।

(ବୁଲେଟିନ୍, ଅଗଷ୍ଟ ୧୯୬୯, ପୃଷ୍ଠା - ୨୮)

# ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର

*ମାଆ, ଜାନୁଆରୀ ଛଅ ତାରିଖ ଦିନ ଆପଣ କହିଥିଲେ, ''ତୁମେ କହିଲେ ଯାହାକିଛି ବୁଝାଏ, ତୁମ ପାଖରେ ଯାହାକିଛି ଅଛି, ତୁମେ ସବୁକିଛି ଅର୍ପଣ କରିଦିଅ । ତୁମକୁ ଏତିକିଠାରୁ କେହି କୌଣସି ଅଧିକ କଥା ମାଗୁ ନାହିଁ, ଏତିକିରୁ କମ୍ ମଧ୍ୟ ମାଗୁ ନାହିଁ ।''*

ହଁ, କହିଥିଲି ।

*''ତୁମ ପାଖରେ ଯାହାକିଛି ଅଛି'' ଓ ''ତୁମେ କହିଲେ ଯାହାକିଛି ବୁଝାଏ''ର ଅର୍ଥ କ'ଣ ?*

କେଉଁ ପରିପ୍ରେକ୍ଷୀରେ ମୁଁ ଏହି କଥାଟିକୁ କହିଥିଲି, ଆଗ ସେହି କଥାଟିକୁ ତୁମକୁ ବୁଝାଇ ଦେଉଛି; ତା'ହେଲେ ତୁମେ କଥାଟିକୁ ବୁଝି ପାରିବ ।

ଜଣେ ମୋ ପାଖକୁ ଲେଖି ପଠାଇଥିଲେ ଯେ ତାଙ୍କ ମନରେ ଆଦୌ କୌଣସି ସୁଖ ନଥିଲା, କାରଣ ପରମ ଦିବ୍ୟସତ୍ତାଙ୍କ ପାଖରେ ନିବେଦନ କରି ପାରିବା ଲାଗି, ତାଙ୍କୁ ଉପଲବ୍ଧି କରିବା ଲାଗି ଓ ତାଙ୍କର କାର୍ଯ୍ୟ କରି ପାରିବା ଲାଗି ତାଙ୍କର ଅଲୌକିକ ସାମର୍ଥ୍ୟମାନ ଆସୁ ବୋଲି ସିଏ ଭାରି ଇଚ୍ଛା କରୁଥିଲେ । ଏବଂ ଦାନ କରି ପାରିବା ଲାଗି, ପରମେଶ୍ୱରଙ୍କର କାର୍ଯ୍ୟ ଲାଗି ତାଙ୍କରି ଚରଣରେ ନେଇ ଥୋଇ ଦେଇ ପାରିବା ଲାଗି ସିଏ ବିପୁଳ ଧନସମ୍ପତ୍ତି ମଧ୍ୟ ଲୋଡ଼ୁଥିଲେ ଓ ସେଥିଲାଗି ବ୍ୟାକୁଳତା ପ୍ରକାଶ କରୁଥିଲେ । ତେଣୁ ତାଙ୍କ ପାଖକୁ ମୁଁ ଉତ୍ତର ଲେଖି ପଠାଇଲି ଯେ ତାଙ୍କର ଏପରି ଅସୁଖୀ ହୋଇ ପଡ଼ିବାର ଆଦୌ କୌଣସି କାରଣ ନାହିଁ; କାରଣ ଯାହା ପାଖରେ ଯେତିକି ଅଛି, ତା' ପାଖରୁ କେବଳ ସେତିକିହିଁ ମଗାଯାଏ; ଅର୍ଥାତ୍, ତା' ପାଖରେ ଯାହାକିଛି ଥାଏ, ସେସବୁ ଯାହାକିଛି ହୋଇଥାଉନା ପଛକେ ଏବଂ ସିଏ କହିଲେ ଯାହାକିଛି ବୁଝାଏ, ଅର୍ଥାତ୍, ତା' ମଧ୍ୟରେ ଯେତେ ଯାହା ସମ୍ଭାବନା ଓ ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ରହିଥାଏ, ତାକୁ କେବଳ ସେତିକି ଅର୍ପଣ କରି ଦେବା ଲାଗି କୁହାଯାଏ । ଅର୍ଥାତ୍, ତା'ର ଜୀବନଟିକୁ ଉତ୍ସର୍ଗ କରି ଦେବା ଲାଗି କୁହାଯାଏ ଏବଂ ତା' ପାଖରେ ରହିଥିବା ଯାବତୀୟ ସାମଗ୍ରୀକୁ ଦେଇ ଦେବାକୁ କୁହାଯାଏ । ଏହାଠାରୁ ଅଧିକ କିଛି ହେଲେ କେବେ ମଗା ଯାଏ ନାହିଁ । ତୁମେ କହିଲେ ଯାହାକିଛିକୁ ବୁଝାଉଛି, ତୁମେ ତାହାକୁ ଅର୍ପଣ କରିଦିଅ; ତୁମ ପାଖରେ ଯାହାକିଛି ରହିଛି, ତୁମେ ତାହାକୁ ଦେଇଦିଅ । ଏବଂ ସେହି କ୍ଷେତ୍ରରେ ତୁମର ଦାନକୁ ଅବଶ୍ୟ ଏକ ସମ୍ପୂର୍ଣ୍ଣ ଦାନ ବୋଲି କୁହାଯିବ । ତୁମ ପାଖରେ କେତେ ପରିମାଣର କ'ଣ ଧନ ରହିଛି ବା ନ ରହିଛି ବା ତୁମର ପ୍ରକୃତି ମଧ୍ୟରେ କେତେ ସାମର୍ଥ୍ୟ ରହିଛି ବା ନରହିଛି, ଏକଥାଗୁଡ଼ାକ ଉପରେ ତାହା ମୋଟେ ନିର୍ଭର କରେ ନାହିଁ । ଏହା ତୁମ ଦାନର ପରିପୂର୍ଣ୍ଣତା ଉପରେହିଁ ନିର୍ଭର କରେ, ଅର୍ଥାତ୍, ତୁମ ଦାନର ସମଗ୍ରତା ଉପରେ ନିର୍ଭର କରେ । ଭାରତୀୟ ଆଖ୍ୟାନମାଳାର ଗୋଟିଏ ବହିରେ ମୁଁ କେବେ ଏହିପରି ଗୋଟିଏ ଗପ ପଢ଼ିଥିବାର ମନେ ପଡ଼ୁଛି । ଗୋଟିଏ ବୁଢ଼ୀ ଥିଲା, ସେ ଭାରି ଦରିଦ୍ର, ତା' ପାଖରେ କିଛି ନଥିଲା, ସିଏ ଏକାବେଳକେ ନିଃସ୍ୱ ପରି ହୋଇ ରହିଥିଲା, ସେ ଗୋଟିଏ ଭଙ୍ଗାରୁଜା ସାନ କୁଡ଼ିଆ ଘରେ ବାସ କରୁଥିଲା । ଥରେ ତାକୁ କିଏ ଜଣେ ଆମ୍ବଟିଏ ଆଣି ଦେଇଗଲା । ସିଏ ଆମ୍ବଟିରୁ ଅଧେ ଖାଇଲା ଓ ବାକୀ ଅଧିକ ତହିଁ ଆର ଦିନ ପାଇଁ ରଖି ଦେଇଥିଲା । କାରଣ ଆମ୍ବଟି ଭାରି ସୁଆଦିଆ ଲାଗୁଥିଲା ଓ ଏପରି ଗୋଟିଏ ଫଳ ପାଇବାର ସୌଭାଗ୍ୟ ମଧ୍ୟ ତା' ଜୀବନରେ ସବୁ ଦିନେ ଜୁଟୁ ନଥିଲା । ଏବଂ ତା'ପରେ ଯେତେବେଳେ ରାତି ହେଲା, ଜଣେ ଲୋକ ଆସି କୁଡ଼ିଆ ଘରର ତାଟି କବାଟ ଉପରେ ହାତ ବାଡ଼େଇ ତାକୁ ଡାକିଲା; ରାତିକ ଲାଗି ସେ ତା' ଘରେ ରହିବ ବୋଲି ଇଚ୍ଛା କରୁଥିଲା । ତା'ପରେ ସେ ବୁଢ଼ୀର କୁଡ଼ିଆ ଭିତରକୁ ଲୋକଟି ଆସିଲା ଏବଂ ରାତିକ ସିଏ ତା'ରି ଘରେ ରହିବ ଓ ତାକୁ ଭାରି ଭୋକ କଲାଣି ବୋଲି କହିଲା । ବୁଢ଼ୀ ତା' କଥା ଶୁଣି ଉତ୍ତର ଦେଲା, ''ଏହି ଥଣ୍ଡା ରାତିରେ ତୋତେ ଉତ୍ତାପ ଦେବା ଲାଗି ମୋ' ପାଖରେ ନିଆଁର କୌଣସି ବନ୍ଦୋବସ୍ତ ନାହିଁ, ତୋ'ର ଘୋଡ଼ାଇ ହେବା ଲାଗି ମୋ ପାଖରେ କମ୍ବଳ ନାହିଁ; ଏବଂ କେବଳ ଫାଳେ ଆମ୍ବ ରହିଛି । ଏତିକି ଛଡ଼ା ଆଉ କିଛି ନାହିଁ । ଯଦି ତୁ ଚାହିଁବୁ, ସେହି ଫାଳଟିକୁ ଖାଇ ପାରିବୁ । ଆଉ ଅନ୍ୟ ଫାଳଟିକୁ ମୁଁ ଆଗରୁ ଖାଇ ଦେଇଛି ।'' ଏବଂ ଘଟଣା କ୍ରମେ ଏପରି ଜଣାଗଲା ଯେ ସ୍ୱୟଂ ଶିବ ଏପରି ଜଣେ ମନୁଷ୍ୟର ରୂପ ଧରି

ସେଠାକୁ ଆସିଥିଲେ; ଏବଂ ବୁଢ଼ୀ ସତେ ଯେପରି ଏକ ଆନ୍ତର ଔଜ୍ଜ୍ୱଲ୍ୟରେ ପରିପୂର୍ଣ୍ଣ ହୋଇ ଉଠିଲା, କାରଣ ନିଜକୁ ତଥା ନିଜ ପାଖରେ ରହିଥିବା ସବୁକିଛିକୁ ସେ ପରିପୂର୍ଣ୍ଣ ଭାବରେ ଦାନ କରି ଦେଇଥିଲା ।

ମୁଁ ସେହି କାହାଣୀଟିକୁ ପଢ଼ିଥିଲି, କାହାଣୀଟି ମୋତେ ଅଦ୍ଭୁତ ଭାବରେ ଭଲ ଲାଗିଲା । ହଁ, ଏହି କାହାଣୀଟିରୁହିଁ ଅସଲ ବିଷୟଟି ସ୍ପଷ୍ଟ ହୋଇ ଯାଉଛି । ହଁ, ଏକଥା ଠିକ୍ ସେହିପରି ।

ଜଣେ ଧନୀ ବ୍ୟକ୍ତି ବା ଏପରିକି ଏପରି ଅନେକ ବ୍ୟକ୍ତି ଯେଉଁମାନଙ୍କର ଅବସ୍ଥା ଭାରି ଭଲ ଓ ଜୀବନରେ ଯେଉଁମାନେ ଯାବତୀୟ ପ୍ରକାରର ବସ୍ତୁ ଭୋଗ କରି ପାରୁଛନ୍ତି, ସେମାନଙ୍କ ପାଖରେ ଯାହା ବଳକା ରହୁଛି ବୋଲି ସେମାନେ ଭାବୁଛନ୍ତି, ସେମାନେ ତାକୁ ଭଗବାନଙ୍କୁ ଦାନ କରି ଦେଉଛନ୍ତି । ହଁ, ସାଧାରଣତଃ ଆମେ ଏହିପରି ଏକ ପ୍ରବୃତ୍ତି ଦେଖିବାକୁ ପାଉ; ଜଣକର ଯେତେ ଅର୍ଥ ଦରକାର, ତା' ପାଖରେ ତା'ଠାରୁ କିଛି ଅଧିକ ଅର୍ଥ ରହିଛି, ତା'ର ଯେତିକି ସାମଗ୍ରୀ ଦରକାର, ତା'ଠାରୁ କିଛି ଅଧିକ ସାମଗ୍ରୀ ତା' ପାଖରେ ଅଛି ଏବଂ ତେଣୁ ଭାରି ଉଦାର ଭାବରେ ସିଏ ତାହାକୁ ଭଗବାନଙ୍କ ଲାଗି ଦେଇ ଦେଉଛି । ହଁ, ମୋଟେ କିଛି ନଦେବାଠାରୁ ଏହା ନିଶ୍ଚୟ ଏକ ଅଧିକ ଭଲ କଥା । ମାତ୍ର, ସେମାନଙ୍କର ଯାହା ଦରକାର, ତା'ଠାରୁ ଏହି ''କିଞ୍ଚିତ୍ ଅଧିକ'' ଯଦି ହୁଏତ କେତେ ଲକ୍ଷ ଟଙ୍କା ହୋଇଥାଏ, ତେବେ ଫାଳେ ଆମ୍ବର ଦାନଠାରୁ ଏହି ଦାନକୁ ତଥାପି କମ୍ ପରିପୂର୍ଣ୍ଣ ବୋଲି କୁହାଯିବ । କାରଣ ପରିମାଣ ଅଥବା ପ୍ରକାର ଦ୍ୱାରା କଦାପି ଏହି ଦାନର ବିଚାର କରା ଯିବ ନାହିଁ; ଯେତିକି ନିଷ୍ଠାର ସହିତ, ଯେତିକି ଆନ୍ତରିକ ଭାବରେ ଦାନଟିକୁ ଦିଆ ଯାଇଥିବ ଓ ଯିଏ ଯେତିକି ଗୋଟାସୁଦ୍ଧା ଦାନ କରି ପାରୁଥିବ, ତାହାରି ଦ୍ୱାରାହିଁ ଦାନଟିର ବିଚାର କରାଯିବ ।

*ମାତ୍ର, ସାଧାରଣ ଜୀବନକ୍ଷେତ୍ରରେ ଯେତେବେଳେ ଧନୀମାନେ ସେମାନଙ୍କର ଧନକୁ ଭଗବାନଙ୍କ ଲାଗି ଦେବାକୁ ଇଚ୍ଛା କରୁଥା'ନ୍ତି ଓ ଭଗବାନ୍ ସେମାନଙ୍କର ସମ୍ମୁଖରେ ଉପସ୍ଥିତ ନଥା'ନ୍ତି, ତେବେ ସେମାନେ ସେହି ଧନକୁ ପୁଣି କାହାକୁ ନେଇ ଦେବେ ? ଆପଣାର ଧନରାଶିକୁ କେଉଁଠି ଯେ ଦେବାକୁ ହେବ ସେ ବିଷୟରେ ସେମାନଙ୍କୁ କିଛି ଜଣା ନଥାଏ !*

ହଁ, ସତ କଥା, ମାତ୍ର ସେହି କ୍ଷେତ୍ରରେ ଦେବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ନିଜ ଭିତରେ ଅଥବା ନିଜ ବାହାରେ ସେମାନେ ଯଦି ପରମେଶ୍ୱରଙ୍କୁ କେବେ ହେଲେ ଭେଟି ନାହାନ୍ତି, ତେବେ ତାଙ୍କୁ କିଛି ଦେବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ଯାହାଙ୍କୁ ସେମାନେ ଜାଣି ନାହାନ୍ତି, ତାଙ୍କୁ କିଛି ଦାନ କରିବା ଲାଗି ସେମାନଙ୍କୁ କେହି କଦାପି କହିବାକୁ ଯିବ ନାହିଁ ।

ଯଦି ସେମାନେ ଆପଣା ଭିତରେ ଭଗବାନଙ୍କର ସନ୍ଧାନ ପାଇଥା'ନ୍ତି, ତେବେ ସେମାନଙ୍କୁ ଆପଣାର ଧନକୁ କିପରି ବ୍ୟବହାର କରିବାକୁ ହେବ, ସେ ବିଷୟରେ କେବଳ ସେହି ଭଗବାନଙ୍କଠାରୁ ମିଳୁଥିବା ନିର୍ଦ୍ଦେଶ ବା ଇଙ୍ଗିତଟିକୁହିଁ ମାନିବାକୁ ପଡ଼ିବ । ଏବଂ ଏହିପରି ମିଳୁଥିବା ଇଙ୍ଗିତଗୁଡ଼ିକୁ ଯଦି ସେମାନେ ବେଶ୍ ନିଷ୍ଠା ସହକାରେ ଓ ନିର୍ଭୁଲ ଭାବରେ ପାଳନ କରି ପାରିବେ, ତେବେ ସେମାନଙ୍କଠାରୁ କଦାପି ଆଉ କିଛି ହେଲେ ଦେବାକୁ ଦାବି କରାଯିବ ନାହିଁ । ମାତ୍ର, ସେପର୍ଯ୍ୟନ୍ତ କାହାକୁ ଆଦୌ କଦାପି କିଛି ହେଲେ ମଗା ଯିବ ନାହିଁ ।

''ମୁଁ ଏଇଠି ଆସି ପହଞ୍ଚିଲି, ବର୍ତ୍ତମାନ ମୁଁ ଭଗବାନଙ୍କ ପାଖରେ ନିଜକୁ ଉତ୍ସର୍ଗ କରି ଦେବାକୁ ଚାହେଁ,'' — କେହି କେବଳ ଏହିପରି କହି ପାରିଲେ ଯାଇ ତାକୁ ଯଥାର୍ଥରେ କିଛି ମଗାଯାଏ । ତା'ପରେ ଆଉ କିଛି ହେଲେ ବାଧା ନଥାଏ, ସେହି ମୁହୂର୍ତ୍ତରୁହିଁ ତାକୁ ଯାହାକିଛି ମଗାଯାଏ; ମାତ୍ର ତା'ପୂର୍ବରୁ କଦାପି ନୁହେଁ । ତା' ପୂର୍ବରୁ ତୁମେ ଯଦି କସ୍ମିନ୍‌କାଳେ ନିଜର ପକେଟ୍ ଭିତରୁ ଟଙ୍କାଟିଏ ବାହାର କରି ଦେବା ଲାଗି ମନ କରୁଥାଅ ଓ ଉଦ୍ୟତ ହେଉଥାଅ, ସେଇଟିକୁ ନେଇ ଦାନାର୍ଥେ ଉଦ୍ଦିଷ୍ଟ କରି ଦେଉଥାଏ, ତେବେ ତାହାକୁ ନିଶ୍ଚୟ ଏକ ଭଲ କଥା ବୋଲି କୁହାଯିବ; ତୁମେ ଯାହା କରିବା ଉଚିତ ବୋଲି ଭାବୁଥିଲ, ତାହାହିଁ କଲ; — ଏବଂ ଏଥିରୁ କେବଳ ଏତିକି ମାତ୍ର ବୁଝିବାକୁ ହେବ । ମାତ୍ର ତୁମକୁ କଦାପି କିଛି ମଗା ହେବ ନାହିଁ । ଭଗବାନ୍ ତୁମକୁ ସ୍ୱୀକାର କରି ନିଅନ୍ତୁ ବୋଲି ତାଙ୍କୁ ନିବେଦନ କରିବା ଏବଂ ସଦିଚ୍ଛାସୂଚକ କୌଣସି ଏକ କାର୍ଯ୍ୟ କରିବାର ଇଙ୍ଗିତ ଦେଖାଇବା, — ଏହି ଦୁଇଟି ମଧ୍ୟରେ ପ୍ରକୃତରେ ଅନେକ ପ୍ରଭେଦ ରହିଛି । ଏପରି ଅନେକ ଇଙ୍ଗିତ ତୁମେ ଦେଖାଇପାର, ମାତ୍ର ନିଜ ଜୀବନରେ ଆଦୌ କୌଣସି ପରିବର୍ତ୍ତନ ଘଟାଇବା ଲାଗି କୌଣସି ଅଭିପ୍ରାୟ ନଥାଇ ଏହି ଇଙ୍ଗିତମାନ ଦେଖାଉ ଥିଲେ ତାହାକୁ ଉକ୍ତ ନିବେଦନ ସହିତ କଦାପି ସମତୁଲ କରାଯାଇ ପାରିବ ନାହିଁ ।

ହଁ, ଯେଉଁମାନେ ସାଧାରଣ ଭାବରେ ଜୀବନ ଅତିବାହିତ କରୁଥା'ନ୍ତି, ଯଦି ସେମାନେ ସଦିଚ୍ଛାର କୌଣସି ଏକ ସଙ୍କେତ ଦେଖାଇବାକୁ ଯାଆନ୍ତି, ତେବେ ସେମାନଙ୍କର ତଦ୍ଦ୍ୱାରା ନିଶ୍ଚୟ ଏକ ହିତ ସାଧିତ ହୁଏ ସତ, କାରଣ ଏହା ଦ୍ୱାରା ଭବିଷ୍ୟତର ଜୀବନମାର୍ଗଗୁଡ଼ିକ ଲାଗି ସେମାନଙ୍କ ସକାଶେ ଏକ ପୂର୍ବ ଭୂମିର ସୃଷ୍ଟି ହୋଇଯାଏ । ମାତ୍ର, କେବଳ ଯେଉଁ ମୁହୂର୍ତ୍ତରୁ ତୁମେ, ''ହଁ, ବର୍ତ୍ତମାନ ମୁଁ ଭଲ କରି ଜାଣି ପାରୁଛି ଯେ ମୋ ଜୀବନରେ କେବଳ ଗୋଟିଏ କଥାରହିଁ ଆଦୌ କୌଣସି ମୂଲ୍ୟ ରହିଛି; ସେହି କଥାଟି ହେଉଛି ଏକ ଦିବ୍ୟ ଜୀବନଯାପନ, ଏବଂ ମୁଁ ସେହି ଦିବ୍ୟ ଜୀବନଟିକୁହିଁ ବଞ୍ଚିବାକୁ ଚାହେଁ'' ବୋଲି କହି ପାରିବ, କେବଳ ସେହି ମୁହୂର୍ତ୍ତରୁହିଁ ତୁମକୁ କିଛି ନା କିଛି ମଗାଯିବ, ତା' ପୂର୍ବରୁ କଦାପି ନୁହେଁ ।

*ମାଆ, ଏପରି ଅନେକ ଲୋକ ଏଠାକୁ ଆସନ୍ତି, ଯେଉଁମାନଙ୍କ ପାଖରେ ଅର୍ଥ ରହିଥାଏ, ଭିତରେ ଅନେକ ଭକ୍ତି ରହିଥାଏ ଓ ସେମାନେ ସେହି ଭକ୍ତିର ପ୍ରଦର୍ଶନ କରନ୍ତି । ମାତ୍ର ଅର୍ଥର ପ୍ରଶ୍ନଟି ଉତ୍ଥାପିତ ହେବା ମାତ୍ରକେ ସେମାନେ ମୂଳଚାଳ କରିବା ଭଳି କେତେ ପ୍ରକାର କୈଫିୟତ୍ ବାହାର କରନ୍ତି ... ତେବେ ଏପରି ଲୋକଙ୍କ ପ୍ରତି ଆମର ସୁହୃଦ୍‌ଭାବ ରହିପାରିବ କିପରି ?*

କ'ଣ ହେଲା ?

*ସେମାନଙ୍କର ନିଷ୍ଠା ରହିଥାଏ, ସେମାନେ ନିଷ୍ଠା ପ୍ରଦର୍ଶନ କରୁଥା'ନ୍ତି । ...*

କିପରି ପ୍ରଦର୍ଶନ କରନ୍ତି ? ଭଗବାନଙ୍କଠାରୁ ପାରୁ ପର୍ଯ୍ୟନ୍ତ ସବୁକିଛି ଆଦାୟ କରି ନେବାରେ ?

*... ମାତ୍ର, ଯେତେବେଳେ ପଇସା କଥା ପଡ଼େ, ସେମାନେ ଦରଦାମ୍ କରନ୍ତି, ଗଣି ବସନ୍ତି ।*

ଏହାର ଉତ୍ତର ମୁଁ ଦେଇ ସାରିଛି । ଏସବୁ ଏହିପରି କଥା ବୋଲି ପୁଣି ଥରେ ବି କହୁଛି । ପାରୁ ପର୍ଯ୍ୟନ୍ତ ଭଗବାନଙ୍କଠାରୁ ସବୁକିଛି ଆଦାୟ କରି ନେବା ଲାଗି ସେମାନେ ଏଠାକୁ ଆସନ୍ତି । ସବୁକିଛି ଗୁଣ, ସବୁଯାକ ସାମର୍ଥ୍ୟ, ସବୁଯାକ ସୁବିଧା, ସବୁଯାକ ଆରାମ, — ହଁ, ସବୁକିଛି ବୋହି ନେଇ ଯିବାକୁ ଇଚ୍ଛା କରୁଥା'ନ୍ତି । ଏପରିକି ଅନେକ ସମୟରେ ତାଙ୍କର ନାନା ଶକ୍ତିକୁ ନେଇ ଯିବାର ଅଭିପ୍ରାୟ ରଖିଥା'ନ୍ତି, ସବୁକିଛି ନେଇ ଯିବା ପାଇଁ ମନ ରଖିଥା'ନ୍ତି । ସେମାନେ ନେବା ପାଇଁ ଆସିଥା'ନ୍ତି, ଦେବା ପାଇଁ ଆସି ନଥା'ନ୍ତି । ଏବଂ କେବଳ ଏକ ପୋଷାକ ବା ଅଙ୍ଗାବରଣ ହିସାବରେହିଁ ବାହାରକୁ ଯାବତୀୟ ନିଷ୍ଠା ଓ ଭକ୍ତି ଦେଖାଇବାରେ ଲାଗିଥା'ନ୍ତି । ନେବାର ଓ ପାଇବାର ସକଳ ଇଚ୍ଛାକୁ ଘୋଡ଼ାଇ ରଖିବା ଲାଗି ସେମାନେ ଏହି ଆବରଣଟିକୁ ବ୍ୟବହାର କରୁଥା'ନ୍ତି । ସେମାନେ ବିସ୍ତାରିତ କେତେ କ'ଣ ନେବାକୁ ଓ ପାଇବାକୁ ଇଚ୍ଛା ରଖିଥା'ନ୍ତି : ନିଜର ଆତ୍ମାଟିର ପରିତ୍ରାଣ ଚାହୁଁଥା'ନ୍ତି, ଆଧ୍ୟାତ୍ମିକ ଅନୁଭୂତିର ଅଧିକାରୀ ହେବାକୁ ଚାହୁଁଥା'ନ୍ତି, ଆହୁରି କ'ଣ ସବୁ ସାମର୍ଥ୍ୟ ଓ ପରାକ୍ରମ ହାସଲ କରିବାକୁ ମନ ରଖିଥା'ନ୍ତି, ଏକ କ୍ଷୁଦ୍ର ଶାନ୍ତିପୂର୍ଣ୍ଣ ସୁଖଭୋଗ୍ୟ ଜୀବନଯାପନ କରିବାର ସୁଯୋଗ ମଧ୍ୟ ଇଚ୍ଛା କରୁଥା'ନ୍ତି, — ଯେଉଁ ଜୀବନ ଅଳ୍ପାଧିକ ପରିମାଣରେ ନିରାପଦ ଓ ସୁଖମୟ ହୋଇଥିବ, ଅନ୍ତତଃ ସର୍ବନିମ୍ନ ସୁଖସୁବିଧାମାନ ସେଥିରେ ଉପଲବ୍ଧ ହୋଇ ରହିଥିବ, — କୌଣସି ଚିନ୍ତା ନଥିବ, କୌଣସି ଉଦ୍‌ବେଗ ବା ଆଶଙ୍କା ନଥିବ, ଜୀବନର ଯାବତୀୟ ସନ୍ତାପରୁ ମୁକ୍ତ ଏବଂ ବହୁଦୂର ହୋଇ ରହିଥିବ । ହଁ, ଏକଥା ଏହିପରି ଘଟିଥାଏ । ଏହା କେତେ କେତେ କ୍ଷେତ୍ରକୁ ବିସ୍ତାରିତ ହୋଇ ରହିଥାଏ । ମାତ୍ର ଯେତେବେଳେ ଦେବାର ଅବସରଟି ଆସି ପହଞ୍ଚେ, ସେତେବେଳେ ସେମାନେ ବେଶ୍ ଦରଦାମ୍ କରିବାକୁ ଆରମ୍ଭ କରି ଦିଅନ୍ତି । ସେମାନେ ଜାଣିଥା'ନ୍ତି ଯେ ଏହିସବୁ ଅନେକ ଅନେକ ଦ୍ରବ୍ୟକୁ ଲାଭ କରିବାକୁ ହେଲେ ଅଳ୍ପସ୍ୱଳ୍ପ କିଛି ନା କିଛି ଦେଇ ପାରିଲେ ତାହା ନିଶ୍ଚୟ ଲାଭଦାୟକ ଭାବରେ କାର୍ଯ୍ୟ କରିବ; ଅଳ୍ପ କିଛି ନଦେଲେ ହୁଏତ ସେମାନଙ୍କୁ ଆଦୌ କିଛି ହେଲେ ମିଳିବ ନାହିଁ । ତେଣୁ ସେମାନେ ସତେ ଅବା ଭାରି ନିଷ୍ଠାବାନ୍ ପରି କେତେ କ'ଣ ପ୍ରଦର୍ଶନ କରୁଥା'ନ୍ତି । ମାତ୍ର ଏହାକୁ କେବଳ ଏକ ଛଳନା ବୋଲିହିଁ କୁହାଯିବ, କାରଣ ଏହା ପଛରେ ଆଦୌ କୌଣସି ଆନ୍ତରିକତା ନଥାଏ ।

ସେମାନଙ୍କର ଭାରି ଦୁର୍ଭାଗ୍ୟ ଯେ ଏପରି କରିବା ଦ୍ୱାରା କେହି କୌଣସି ଠକାମିରେ ପଡ଼େ ନାହିଁ । ଏହି ଆଚରଣଟିକୁ

ହୁଏତ ବେଶ୍ ସହି ନେଇ ହୁଏ; ମାତ୍ର ତାହାର ଅର୍ଥ ନୁହେଁ ଯେ ତଦ୍ଦ୍ୱାରା କେହି କୌଣସି ଠକାମିରେ ପଡ଼ିଯାଏ ।

ଦରଦାମ୍ କରିବା ତ ସର୍ବତ୍ର ଲାଗି ରହିଥାଏ, ସତ୍ତାର ସକଳ ଅଂଶରେ ଦରଦାମ୍ ଚାଲିଥାଏ । ସର୍ବଦା କିଛି ଦେଇ ତା' ବଦଳରେ କିଛି ପାଇବାର ବେଭାର ଲାଗି ରହିଥାଏ, ସର୍ବୋଚ୍ଚ ଆଧ୍ୟାତ୍ମିକ ଅନୁଭୂତିର କ୍ଷେତ୍ରଠାରୁ ଆରମ୍ଭ କରି କ୍ଷୁଦ୍ରତମ ସାଧାରଣ ଭୌତିକ ଆବଶ୍ୟକତାଗୁଡ଼ିକର କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ସେହି ରୀତି ବଳବତ୍ତର ରହିଥାଏ । ହଜାରକରେ ଏପରି ଜଣେ ବି ବ୍ୟକ୍ତି ନଥା'ନ୍ତି, ଯିଏକି ପ୍ରତିଦାନରେ ଅଧିକରୁ ଅଧିକ ଆଶା ନକରି କେବଳ ଦେବାରହିଁ ଆଚରଣ କରୁଥା'ନ୍ତି ।

ଏବଂ, ଯେଉଁ କାହାଣୀଟିକୁ ମୁଁ ତୁମମାନଙ୍କୁ କହୁଥିଲି, — ହଁ, ଏହି କ୍ଷେତ୍ରରେ ଏହିଭଳି ଅନେକ ଅନ୍ୟ କାହାଣୀ ମଧ୍ୟ ରହିଛି, — ସେହି କାହାଣୀଟି ମଧ୍ୟରେ ସବୁଠାରୁ ଅଧିକ ଚମତ୍କାର କଥାଟି ହେଉଛି ଯେ ଯେତେବେଳେ ସେହି ବୁଢ଼ୀଟି କିଛି ଦାନ କଲା, ତା'ର ଦାନ ଗ୍ରହଣ କରୁଥିବା ବ୍ୟକ୍ତି ଶିବ ହୋଇଥିବେ ବୋଲି ସେ ମୋଟେ ଜାଣି ନଥିଲା । ସିଏ ତ ଯାହା ଦେଲା, ଜଣେ ପଥଚାରୀ ଭିକାରିକୁହିଁ ଦେଉଥିଲା, ଭଲ କାମଟିଏ କରି ପାରିବାର ଆନନ୍ଦ ହେତୁ, କେବଳ ଦେବାରହିଁ ଆନନ୍ଦ ହେତୁ ସିଏ ଯାହା କିଛି ଦେଉଥିଲା । ସିଏ ହେଉଛନ୍ତି ଜଣେ ଦେବତା, ମଣିଷ ବେଶ ଧରି ଆସିଛନ୍ତି ଏବଂ ନିଜ ଦେବାଟିର ପ୍ରତିବଦଳରେ ମୁକ୍ତି ବା କୌଣସି ନା କୌଣସି ଜ୍ଞାନ ହାସଲ କରିବାର ଆଶାରେ ଯେ ସିଏ କିଛି ଦେଉଥିଲା, ସେକଥା ମୋଟେ ନୁହେଁ ।

(୧୧ ଜାନୁଆରୀ, ୧୯୫୬ରେ ଶ୍ରୀମାଙ୍କ ସହ ହୋଇଥିବା କଥୋପକଥନର କିୟଦ୍ ଅଂଶ)
(ମାତୃରଚନାବଳି, ଭାଗ - ୮, ପୃଷ୍ଠା. ୨୨-୨୮)

*ପ୍ରଶ୍ନ : କର୍ମର ପ୍ରେରଣାରେ ସତ୍ୟ ଓ ମିଥ୍ୟା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବୁ କିପରି ?*

**ଶ୍ରୀମା** : ଯେଉଁମାନେ ଅନ୍ଧକାର ଓ ମିଥ୍ୟାର ଶକ୍ତି ଉପରେ ଦିବ୍ୟ ସତ୍ୟର ଆଲୋକକୁ ବିଜୟଲାଭ କରିବା ପାଇଁ ସାହାଯ୍ୟ କରିବାକୁ ଚାହାନ୍ତି, ସେମାନେ ତାଙ୍କର ଗତିବୃତ୍ତି ଓ କର୍ମର ପ୍ରାରମ୍ଭିକ ପ୍ରେରଣାଗୁଡ଼ିକୁ ଯତ୍ନର ସହ ପର୍ଯ୍ୟବେକ୍ଷଣ କରିବା ଉଚିତ ଏବଂ ସତ୍ୟର ପ୍ରେରଣାଗୁଡ଼ିକୁ ଗ୍ରହଣ କରି ଅନ୍ୟଗୁଡ଼ିକୁ ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିବା ପାଇଁ କେଉଁ ପ୍ରେରଣାଗୁଡ଼ିକ ଦିବ୍ୟସତ୍ୟରୁ ଆସୁଛି ଓ କେଉଁଗୁଡ଼ିକ ମିଥ୍ୟାରୁ ଆସୁଛି ତାହାର ପ୍ରଭେଦ ନିର୍ଣ୍ଣୟ କରିବା ଉଚିତ ।

ପୃଥିବୀର ବାତାବରଣରେ ଦିବ୍ୟ ସତ୍ୟର ଯେଉଁ ଆଲୋକର ଆଗମନ ହୋଇଛି ତାହାର ପ୍ରଥମ ପରିଣାମଗୁଡ଼ିକ ଭିତରୁ ଅନ୍ୟତମ ହେଉଛି ପ୍ରଭେଦ-ନିର୍ଣ୍ଣୟର ଏହି କ୍ଷମତା ।

ଅବଶ୍ୟ ଦିବ୍ୟ ସତ୍ୟର ଆଲୋକ ନିଜ ସଙ୍ଗରେ ଏହି ପ୍ରଭେଦ-ନିର୍ଣ୍ଣୟର ଯେଉଁ କ୍ଷମତା ଆଣି ଦେଇଛି ତାହା ଗ୍ରହଣ ନ କରିଥିବା ଯାଏ ମିଥ୍ୟାଶକ୍ତିର ଓ ସତ୍ୟଶକ୍ତିର ପ୍ରେରଣା ଭିତରେ ପ୍ରଭେଦ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ।

ତଥାପି ପ୍ରାରମ୍ଭିକ ଅବସ୍ଥାରେ ଏ ଦିଗରେ ସହାୟତା ପାଇବା ପାଇଁ ଜଣେ ପଥପ୍ରଦର୍ଶନସୂଚକ ଏହି ନିୟମକୁ ଗ୍ରହଣ କରିପାରେ ଯେ ଯାହାକିଛି ନିଜ ସଙ୍ଗରେ ଶାନ୍ତି, ବିଶ୍ୱାସ, ଆନନ୍ଦ, ସୁସମଞ୍ଜସତା, ପ୍ରସାର, ଐକ୍ୟ ଓ ଉତ୍ତରଣମୁଖୀ ଅଭିବୃଦ୍ଧିର ସ୍ପନ୍ଦନ ନେଇ ଆସେ ବା ଆମ ଭିତରେ ସେହି ସ୍ପନ୍ଦନସବୁ ସୃଷ୍ଟି କରେ ତାହା ଆସିଥାଏ ଦିବ୍ୟ ସତ୍ୟ ଭିତରୁ ଏବଂ ଯାହାକିଛି ନିଜ ସଙ୍ଗରେ ଅସ୍ଥିରତା, ସନ୍ଦେହ, ଅବିଶ୍ୱାସ, ବିଷାଦ, ବିବାଦ, ସ୍ୱାର୍ଥପର ସଂକୀର୍ଣ୍ଣତା, ଜଡ଼ତା, ହତୋତ୍ସାହ ଓ ହତାଶା ବହନ କରିଥାଏ, ସେଗୁଡ଼ିକ ସିଧା ଆସିଥାଏ ମିଥ୍ୟା ଭିତରୁ ।

୨୨ ଜାନୁଆରୀ, ୧୯୬୫

(*ଶ୍ରୀମା'ଙ୍କର 'ନିଉ ଏଜ୍ ଆସୋସିଏସନ୍'କୁ ପ୍ରଦତ୍ତ ଏକ ପ୍ରଶ୍ନୋତ୍ତର*)

# ଆତ୍ମକର୍ତ୍ତୃତ୍ୱ

## ଶ୍ରୀମା

*ଶିଷ୍ୟ : ''ନିଜକୁ ଜାଣିବାର ଅର୍ଥ ହେଉଛି ନିଜକୁ ଆୟତ୍ତ କରିବା''– ଏହାର ଅର୍ଥ କ'ଣ ?*

**ଶ୍ରୀମା :** ଏହାର ଅର୍ଥ ହେଉଛି ନିଜ ଅନ୍ତରର ସତ୍ୟ ସମ୍ପର୍କରେ ସଚେତ ହେବା, ନିଜ ସତ୍ତାର ବିଭିନ୍ନ ଅଂଶ ତଥା ସେମାନଙ୍କର କାର୍ଯ୍ୟାବଳୀ ସମ୍ପର୍କରେ ସଚେତ ହେବା । ଜଣେ ଏହି କାମଟିକୁ ବା ସେହି କାମଟିକୁ କାହିଁକି କଲା ସେ ତାହା ଜାଣିବା ଉଚିତ; ନିଜର ଚିନ୍ତା, ନିଜର ଅନୁଭୂତି, ନିଜର ସମସ୍ତ କାର୍ଯ୍ୟାବଳୀ, ସମସ୍ତ ଗତିବୃତ୍ତି ତଥା ନିଜେ କ'ଣ କରିବା ପାଇଁ ସକ୍ଷମ ଏସବୁ ବିଷୟ ଠିକ୍ ରୂପେ ଜାଣିରଖିବା ଉଚିତ । ନିଜକୁ କେବଳ ଜାଣିଲେ ତାହା ଯଥେଷ୍ଟ ନୁହେଁ, ନିଜ ଉପରେ ସଚେତ ଆୟତ୍ତ ହାସଲ ପାଇଁ ଏହି ଜ୍ଞାନକୁ ନିୟୋଜିତ କରିବାକୁ ହେବ, ପୂର୍ଣ୍ଣ ଭାବରେ ନିଜକୁ ଜାଣିପାରିବାର ଅର୍ଥ ପୂର୍ଣ୍ଣ ଭାବରେ ନିଜକୁ ଆୟତ୍ତ କରିପାରିବା ।

କିନ୍ତୁ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ମଣିଷର ଏ ଦିଗରେ ଯଥାର୍ଥ ଅଭୀପ୍ସା ରହିବା ଉଚିତ ।

ଏହା ଆରମ୍ଭ କରିବା ପାଇଁ ବୟସ ହୋଇ ନାହିଁ ବା ଏ ଦିଗରେ ଉଦ୍ୟମ କରିବା ପାଇଁ ଅଧିକ ବୟସ ହୋଇଯାଇଛି, ଏପରି ଭାବିବା ନିତାନ୍ତ ଭୁଲ୍ । ଅର୍ଥାତ୍, ତୁମେ ଯେତେବେଳେ ଖୁବ୍ କମ୍ ବୟସର ହୋଇଛ ସେତେବେଳେ ମଧ୍ୟ ତୁମେ ନିଜର ଗତିବୃତ୍ତିକୁ ଅଧ୍ୟୟନ କରିବା ପାଇଁ, ନିଜକୁ ଜାଣିବା ପାଇଁ ଏବଂ ଧୀରେ ଧୀରେ ନିଜକୁ ଆୟତ୍ତ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିପାର । ଯେତେବେଳେ ଲୋକେ କହନ୍ତି ଯେ ତୁମେ ବୃଦ୍ଧ ହୋଇଯାଇଛ, ବହୁତ ବେଶୀ ବୃଦ୍ଧ ହୋଇଯାଇଛ, ସେହି କ୍ଷେତ୍ରରେ ମଧ୍ୟ ନିଜକୁ ଆହୁରି ଭଲ ଭାବରେ ଜାଣିବା ଓ ନିଜକୁ ଆହୁରି ଭଲ ଭାବରେ ଆୟତ୍ତ କରିବା ନିମିତ୍ତ ଉଦ୍ୟମ କରିବାକୁ ସମୟ ବିଳମ୍ବ ହୋଇଯାଇଛି ବୋଲି କହିବା ଉଚିତ ନୁହେଁ । ତାହାହିଁ ଜୀବନଧାରଣର ବିଜ୍ଞାନ ।

ନିଜକୁ ପୂର୍ଣ୍ଣାଙ୍ଗ କରିବାକୁ ହେଲେ ପ୍ରଥମେ ନିଜ ସମ୍ବନ୍ଧରେ ସଚେତନ ହେବା ଉଚିତ । ମୁଁ ନିଶ୍ଚିତ ଯେ ନିମ୍ନୋକ୍ତ ଘଟଣା ତୁମ ଜୀବନରେ ଅନେକଥର ଘଟିଥିବ । ହଠାତ୍ ଅପ୍ରତ୍ୟାଶିତ ଭାବରେ ତୁମକୁ କେହି ପଚାରିଲେ, ''ତୁମେ ଏହି କାମ କାହିଁକି କଲ ?'' ଛାଏଁ ଛାଏଁ ତୁମଠାରୁ ଉତ୍ତର ଆସିବ, ''ମୁଁ ଜାଣେ ନାହିଁ'', କେହି ଯଦି ହଠାତ୍ ତୁମକୁ ପଚାରିଲା, ''ତୁମେ କ'ଣ ଭାବୁଛ ?'' ତୁମର ଉତ୍ତର ହେବ, ''ମୁଁ ଜାଣେ ନାହିଁ'', ''ତୁମେ କାହିଁକି କ୍ଳାନ୍ତ ?''– ''ମୁଁ ଜାଣେନା'', ''ତୁମେ କାହିଁକି ଆନନ୍ଦିତ ?''– ''ମୁଁ ଜାଣେନା'', ଏହିପରି ବରାବର ହୁଏ । ପଚାଶ ଜଣ ଲୋକଙ୍କୁ ଯଦି ଏହିପରି ଆଗରୁ ପ୍ରସ୍ତୁତ ହେବାକୁ ସମୟ ନଦେଇ ହଠାତ୍ ପଚରା ଯାଏ, ''ତୁମେ ଏହା କାହିଁକି କଲ ?'' ତେବେ ସେମାନେ ଯଦି ନିଜ ଭିତରେ ଜାଗ୍ରତ୍ ନଥିବେ ସମସ୍ତେ ଉତ୍ତର ଦେବେ, ''ମୁଁ ଜାଣେନା ।'' (ମୁଁ ସେମାନଙ୍କ ବିଷୟରେ କହୁ ନାହିଁ ଯେଉଁମାନେ ନିଜକୁ ଜାଣିବା ପାଇଁ ସେମାନଙ୍କ ଗତିବୃତ୍ତିକୁ ଚୂଡ଼ାନ୍ତ ସୀମା ପର୍ଯ୍ୟନ୍ତ ଅନୁସରଣ କରିବା ପାଇଁ ରୀତିମତ ସାଧନା କରିଛନ୍ତି । ସେମାନେ ଅବଶ୍ୟ ନିଜକୁ ସଂଗୃହୀତ କରିନେଇ ଏକାଗ୍ର ହୋଇ ଠିକ୍ ଉତ୍ତର ଦେଇ ପାରିବେ – କିନ୍ତୁ କିଛି ସମୟ ପରେ ।) ତୁମେ ଯଦି ତୁମର ସମଗ୍ର ଦିବସଟିକୁ ପର୍ଯ୍ୟବେକ୍ଷଣ କର ତେବେ ଦେଖିବ ସବୁ ଏହିପରି ଚାଲେ । ତୁମେ କିଛି କଥା କହିଲ ଅଥଚ ତୁମେ ଜାଣ ନାହିଁ ଯେ ତୁମେ ତାହା କାହିଁକି କହିଲ । କେବଳ କଥାଟକ ମୁଖରୁ ବାହାରି ଯିବା ପରେ ତୁମେ ଦେଖିଲ ଯେ ଠିକ୍ ତୁମେ ଯାହା କହିବାକୁ ଚାହୁଁଥିଲ ତାହା କହି ନାହଁ । ଉଦାହରଣସ୍ୱରୂପ ତୁମେ କାହା ସହିତ ସାକ୍ଷାତ୍ କରିବାକୁ ଯାଇଛ, ତାଙ୍କୁ ତୁମେ କ'ଣ କହିବ ତାହା ଆଗରୁ ସ୍ଥିର କରି ଯାଇଛ, କିନ୍ତୁ ଉକ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଉପସ୍ଥିତ ହେବା ମାତ୍ରକେ ତୁମେ ସେ ବିଷୟରେ କିଛି କହୁ ନାହଁ କିଂବା ତୁମ ମୁଖରୁ ଅନ୍ୟ କଥାସବୁ ବାହାରୁଛି । ତୁମେ କ'ଣ କହିପାରିବ ଯେ ଉକ୍ତ ବ୍ୟକ୍ତିଙ୍କର ପରିବେଶ ତୁମକୁ କେତେ ପରିମାଣରେ ପ୍ରଭାବିତ କଲା ଏବଂ ତୁମେ ଯାହା କହିବା ପାଇଁ ପ୍ରସ୍ତୁତ ହୋଇ ଯାଇଥିଲ ତାହା ପ୍ରକାଶ କରିବାରେ ବାଧା ଦେଲା ? କେତେ ଲୋକ ଏ ବିଷୟରେ କହିବାକୁ ସକ୍ଷମ ? ସେମାନେ ଏତିକି ମଧ୍ୟ ବୁଝିପାରନ୍ତି ନାହିଁ ଯେ ଉକ୍ତ ବ୍ୟକ୍ତିଜଣକ କେଉଁ ପ୍ରକାର ଅବସ୍ଥାରେ ଥିବା ଫଳରେ ସେମାନେ ପୂର୍ବରୁ ପ୍ରସ୍ତୁତ କରିଥିବା

ସେମାନଙ୍କ କଥା କହିପାରିଲେ ନାହିଁ । ଅବଶ୍ୟ ଏପରି ଅନେକ କ୍ଷେତ୍ରରେ ତୁମେ ସ୍ପଷ୍ଟ ଭାବରେ ଦେଖ ଯେ ଲୋକମାନେ ଏପରି ବଦମିଜାଜରେ ଥାଆନ୍ତି ଯେ ତୁମେ ସେମାନଙ୍କୁ କୌଣସି ବିଷୟ କହିପାର ନାହିଁ । ମୁଁ ଏଠାରେ ସେ ବିଷୟରେ କହୁ ନାହିଁ । ମୁଁ କହୁଛି ଯେ ଯେଉଁ ପାରସ୍ପରିକ ପ୍ରଭାବ ତୁମ ପ୍ରକୃତି ଉପରେ ନାନା କ୍ରିୟା ଓ ପ୍ରତିକ୍ରିୟା ସଂଘଟିତ କରେ, ତାହାକୁ ସ୍ପଷ୍ଟ ଭାବେ ବୁଝି ପାରିବାର ଶକ୍ତି ଅନେକଙ୍କର ନଥାଏ; ଉଦାହରଣସ୍ୱରୂପ ହଠାତ୍ ତୁମକୁ ଖରାପ ଲାଗିଲା ବା ଆନନ୍ଦ ଲାଗିଲା, କିନ୍ତୁ ଏହା କାହିଁକି ହେଲା ବୋଲି କେତେଜଣ କହିପାରିବେ ? ଏହା ଠିକ୍ ରୂପେ ଜାଣିପାରିବା ନିଶ୍ଚୟ କଷ୍ଟକର, ଆଦୌ ସହଜ ନୁହେଁ । ତୁମକୁ ଏଥିପାଇଁ ଯଥେଷ୍ଟ ଜାଗ୍ରତ୍ ରହିବାକୁ ହେବ, ଗଭୀର ମନୋଯୋଗ ସହ ପର୍ଯ୍ୟବେକ୍ଷଣର ଏକ ଧାରାବାହିକ ଅବସ୍ଥା ଭିତରେ ତୁମକୁ ବରାବର ରହିବାକୁ ହେବ । ଲୋକ ଅଛନ୍ତି ଦିନକୁ ବାର ଘଣ୍ଟା ଶୋଇ ବାକୀ ସମୟତକ ଜାଗ୍ରତ୍ ଅଛନ୍ତି ବୋଲି କହନ୍ତି ! ଲୋକ ଅଛନ୍ତି ଯେଉଁମାନେ ଦିନରେ କୋଡ଼ିଏ ଘଣ୍ଟା ନିଦ୍ରାରେ ଓ ବାକୀ ସମୟତକ ଅର୍ଦ୍ଧଜାଗ୍ରତ୍ ଅବସ୍ଥାରେ କଟାଇଥା'ନ୍ତି !

ଯେଉଁ ଅବସ୍ଥାରେ ସବୁକିଛିକୁ ଗଭୀର ଅନୁଧ୍ୟାନର ସହ ପର୍ଯ୍ୟବେକ୍ଷଣ କରାଯାଏ, ସେହି ଅବସ୍ଥାରେ ରହିବାକୁ ହେଲେ ତୁମର ଅନୁଭୂତିସବୁକୁ ବାର୍ତ୍ତାବହ ଯନ୍ତ୍ର ପରି ହେବାକୁ ହେବ, ଯାହାକି ଚାରିଆଡ଼େ ରହି ତୁମର ସତ୍ୟ-ଚେତନାର କେନ୍ଦ୍ରସହ ବରାବର ସମ୍ପର୍କ ରଖିଥିବ । ତାହାହେଲେ ତୁମେ ସବୁକିଛିର ଖବର ରଖିପାରିବ, ସବୁକିଛିକୁ ସଙ୍ଗଠିତ କରିପାରିବ । ଏହିପରି ଭାବରେ ଆଉ ଅସତର୍କତା ଯୋଗୁଁ ତୁମକୁ ଅସୁବିଧାରେ ପଡ଼ିବାକୁ ହେବ ନାହିଁ, ଆଉ ଭୁଲ୍‌ଭ୍ରାନ୍ତି ବା ପ୍ରତାରଣାରେ ପଡ଼ିବାକୁ ହେବ ନାହିଁ, ତୁମେ ଯାହା କହିବାକୁ ଚାହଁ ତା' ବ୍ୟତୀତ ଅନ୍ୟ କଥା କହିପାରିବ ନାହିଁ । କିନ୍ତୁ ଏହି ପ୍ରକାର ଏକ ଅବସ୍ଥାରେ ସ୍ୱାଭାବିକ ଭାବରେ କେତେ ଲୋକ ବା ରହିପାରନ୍ତି ? ମୁଁ ଯେତେବେଳେ ସଚେତ ହେବା କଥା କହିଥିଲି ସେତେବେଳେ ଠିକ୍ ଏହି କଥାହିଁ କହିଥିଲି । ଯେଉଁ ଅବସ୍ଥା ଓ ପରିସ୍ଥିତି ଭିତର ଦେଇ ତୁମକୁ ଗତି କରିବାକୁ ପଡ଼େ ତହିଁରୁ ଯଦି ସର୍ବାଧିକ ଲାଭ ଆହରଣ କରିବାକୁ ଚାହଁ ତେବେ ତୁମକୁ ପୂରା ଜାଗ୍ରତ୍ ରହିବାକୁ ହେବ । ହଠାତ୍ ଅସତର୍କ ଭାବରେ କୌଣସି କିଛି ଯେପରି ତୁମକୁ ଅସୁବିଧାରେ ନପକାଏ । କାହିଁକି କରୁଛ ବୋଲି ନଜାଣି କୌଣସି କାମ କେବେ ବି କରିବ ନାହିଁ, କାହିଁକି କହୁଛ ବୋଲି ନଜାଣି କୌଣସି କଥା କେବେ ବି କହିବ ନାହିଁ । ନିରନ୍ତର ତୁମେ ଜାଗ୍ରତ୍ ରହିବା ଉଚିତ ।

ତୁମର ଏହା ମଧ୍ୟ ବୁଝିରଖିବା ଉଚିତ ଯେ ତୁମେ ପୂରାପୂରି ସ୍ୱତନ୍ତ୍ର ବ୍ୟକ୍ତିବିଶେଷ ସବୁ ନୁହଁ ଏବଂ ଜୀବନ ହେଉଛି ବିଭିନ୍ନ ଶକ୍ତି, ବିଭିନ୍ନ ଚେତନା ଓ ନାନା ପ୍ରକାର ତରଙ୍ଗ ଓ ଗତିବୃତ୍ତି ଭିତରେ ପାରସ୍ପରିକ ବିନିମୟ ଓ ଆଦାନପ୍ରଦାନର ଏକ ଧାରାବାହିକ ପ୍ରବାହ । ଏହା ଠିକ୍ ଏକ ଜନସମାଗମର ଭିଡ଼ ଭିତରେ ଯେପରି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଠେଲିନେଇ ଚାଲନ୍ତି ଓ ପ୍ରତ୍ୟେକ ଆଗକୁ ଚାଲିଥା'ନ୍ତି ଏବଂ ପୁଣି ସମସ୍ତେ ଯଦି ପଛକୁ ହଟିଆସନ୍ତି ତେବେ ପ୍ରତ୍ୟେକଙ୍କୁ ମଧ୍ୟ ପଛକୁ ହଟିଆସିବାକୁ ପଡ଼େ । ତୁମର ଚେତନାର ଜଗତରେ, ଆନ୍ତର ଜଗତରେ ମଧ୍ୟ ଠିକ୍ ସେହି ପ୍ରକାର କଥା ଘଟୁଥାଏ । ବିଭିନ୍ନ ଶକ୍ତି ଓ ପ୍ରବାହସବୁ ବରାବର ତୁମ ଉପରେ ସେମାନଙ୍କର କ୍ରିୟା ଓ ପ୍ରତିକ୍ରିୟା ସଂଘଟିତ କରି ଚାଲିଥା'ନ୍ତି । ଏହା ଠିକ୍ ଯେପରି ବାୟୁମଣ୍ଡଳରେ ଭାସି ବୁଲୁଥିବା ବାଷ୍ପ ପରି । ତୁମେ ଯଦି ପୂରା ଜାଗ୍ରତ୍ ନଥାଅ ତେବେ ଏଗୁଡ଼ିକ ତୁମ ଭିତରେ ପ୍ରବେଶ କରନ୍ତି ଏବଂ ଯେତେବେଳେ ଏଗୁଡ଼ିକ ବେଶ୍ ଭଲ ଭାବରେ ପ୍ରବେଶ କରିସାରି ତୁମ ନିଜ ଭିତରୁ ବାହାରୁଥିଲା ପରି ବାହାରେ ପ୍ରକାଶ ପାଆନ୍ତି, ସେତେବେଳେ ଯାଇ ତୁମେ ଏଗୁଡ଼ିକ ସମ୍ପର୍କରେ ସଚେତ ହୁଅ । ଅନେକ ସମୟରେ ଏପରି ଘଟିଥାଏ ଯେ ତୁମେ ହୁଏତ ରାଗୀ, ବଦମିଜାଜୀ, ସ୍ନାୟବିକ ଦୁର୍ବଳତାଗ୍ରସ୍ତ କୌଣସି ବ୍ୟକ୍ତିର ସମ୍ପର୍କରେ ଆସିଲ ଏବଂ ବିନା କାରଣରେ ତୁମ ଭିତରେ ଅନୁରୂପ ରାଗ, ବଦମିଜାଜ, ସ୍ନାୟବିକ ଦୁର୍ବଳତା ପ୍ରକାଶ ପାଇବ । ଏପରି କାହିଁକି ଘଟେ ଯେ କେତେକ ବ୍ୟକ୍ତିଙ୍କ ସଙ୍ଗରେ ଖେଳୁଥିବା ସମୟରେ ତୁମେ ଖୁବ୍ ଭଲ ଖେଳ ଏବଂ ଆଉ କେତେକଙ୍କ ସଙ୍ଗରେ ଖେଳିଲା ବେଳେ ଆଦୌ ଖେଳି ପାର ନାହିଁ ? ଖୁବ୍ ଶାନ୍ତଶିଷ୍ଟ ଲୋକମାନେ ମଧ୍ୟ କାହିଁକି ଏକ ଉତ୍ତେଜିତ ଜନତାର ମେଳରେ ଥିଲାବେଳେ ହଠାତ୍ ଉତ୍ତେଜିତ ହୋଇପଡ଼ନ୍ତି ? ଏହା କିଏ ଆରମ୍ଭ କରେ ତା' କେହି ଜାଣିପାରନ୍ତି ନାହିଁ, କିନ୍ତୁ ଏହିସବୁ ତରଙ୍ଗ ଚାଲିଗଲା ବେଳେ ଏହା ଚେତନାକୁ ମଧ୍ୟ ନିଜ ସଙ୍ଗରେ ଭସାଇ ନିଏ । ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ଏହି ପ୍ରକାର ତରଙ୍ଗ ସୃଷ୍ଟି କରିବାର କ୍ଷମତା ଥାଏ ଓ ଅନ୍ୟମାନେ ନିଜେ ନଜାଣି ସେସବୁକୁ ଗ୍ରହଣ କରନ୍ତି ଓ ସମର୍ଥନ ଦିଅନ୍ତି । ଛୋଟଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଏହାହିଁ ଘଟୁଥାଏ ।

ସମଷ୍ଟି ଭିତରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବାକୁ ହେଲେ ତୁମକୁ ପୂର୍ଣ୍ଣ ଭାବରେ ଆତ୍ମସଚେତ ହେବାକୁ ହେବ । ଏଠାରେ ସେହି ଆତ୍ମାର ବିଷୟ କୁହାଯାଉଛି ଯାହାକି ସବୁ ମିଶ୍ରଣର ଊର୍ଦ୍ଧ୍ୱରେ ବିରାଜମାନ, ଅର୍ଥାତ୍ ଯାହାକୁ ମୁଁ କହେ ତୁମ ସତ୍ତାର ଯଥାର୍ଥ ସତ୍ୟ । ଯେପର୍ଯ୍ୟନ୍ତ ତୁମେ ତୁମ ସତ୍ତାର ସତ୍ୟ ସମ୍ପର୍କରେ ସଚେତ ନହୋଇଛ ସେପର୍ଯ୍ୟନ୍ତ ତୁମେ ନାନା ଧରଣର ବିଷୟ ଦ୍ୱାରା ବରାବର ପରିଚାଳିତ ହୋଇଉଠିବ ଯାହା ସମ୍ପର୍କରେ ତୁମେ ନିଜେ କିଛି ବି ଜାଣ ନାହିଁ । ସମଷ୍ଟିଗତ ଚିନ୍ତା, ସମଷ୍ଟିଗତ ଇଙ୍ଗିତ ବା ଅନୁପ୍ରେରଣାର ଏକ ଅପ୍ରତିହତ ପ୍ରଭାବ ରହିଛି ଏବଂ ଏହା ବ୍ୟକ୍ତି-ଚିନ୍ତା ଉପରେ ବରାବର କ୍ରିୟା କରୁଥାଏ । ଆଶ୍ଚର୍ଯ୍ୟର କଥା ହେଉଛି ଯେ ବ୍ୟକ୍ତି ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥାଏ । ତୁମେ ଭାବ ଯେ ତୁମେ ଏହି ପ୍ରକାର ଭାବୁଛ କିନ୍ତୁ ପ୍ରକୃତରେ ତାହା ହେଉଛି ସମଷ୍ଟିର ଭାବନା । ଏହି ସମଷ୍ଟି ସବୁବେଳେ ବ୍ୟକ୍ତିଠାରୁ ନିମ୍ନସ୍ତରରେ ଥାଏ । ସମାନ ଧରଣର କେତେକ ବ୍ୟକ୍ତିଙ୍କୁ ନେଇ ପରୀକ୍ଷା କର, ଦେଖିବ ଯେତେବେଳେ ସେମାନେ ଏକାକୀ ଥିବେ ସେତେବେଳେ ସେମାନଙ୍କର ଅବସ୍ଥା ଜନତା ବା ସମଷ୍ଟିରେ ଥିବା ସମାନ ଧରଣର ବ୍ୟକ୍ତିଙ୍କ ଅବସ୍ଥା ଅପେକ୍ଷା ନିଶ୍ଚୟ ଦୁଇ ଡିଗ୍ରୀ ଉନ୍ନତ ଥିବ । ସମଷ୍ଟିର କ୍ଷେତ୍ରରେ ବରାବର ଅଜ୍ଞାନତା ଓ ଅଚେତନାର ଏକ ମିଶ୍ରଣ ଚାଲିଥାଏ ଏବଂ ଅନିବାର୍ଯ୍ୟ ଭାବରେ ତୁମେ ଅଚେତନା ଆଡ଼କୁ ଖସିଚାଲ । ଏଥିରୁ ରକ୍ଷା ପାଇବା ପାଇଁ କେବଳ ଗୋଟିଏ ମାତ୍ର ଉପାୟ ଅଛି ଏବଂ ତା' ହେଉଛି ନିଜ ସମ୍ପର୍କରେ ସଚେତ ହେବା, ଅଧିକରୁ ଅଧିକ ଚେତନଶୀଳ ଓ ମନୋଯୋଗୀ ହେବା ।

ଏହି ଛୋଟ ସାଧନାଟିକୁ ଅଭ୍ୟାସ କର; ଦିନର ଆରମ୍ଭରେ କୁହ, ''ମୁଁ ଯାହା କହିବି ତାହା ଚିନ୍ତା ନକରି କହିବି ନାହିଁ ।'' ତୁମେ ହୁଏତ ବିଶ୍ୱାସ କର ଯେ ତୁମେ ଯାହା କୁହ ତାହା ବରାବର ଚିନ୍ତା କରି କୁହ । କିନ୍ତୁ ପ୍ରକୃତରେ ଘଟଣାଟି ଆଦୌ ତାହା ନୁହେଁ । ତୁମେ ଦେଖିବ ଯେ ଅନେକ ସମୟରେ ତୁମେ ଯାହା କହିବାକୁ ଚାହଁ ନାହିଁ ତାହା ତୁମ ପାଟିରୁ ବାହାରି ଆସୁଛି ଏବଂ ତାହା ନକହିବା ପାଇଁ ତୁମକୁ ରୀତିମତ ଏକ ସଚେତ ଉଦ୍ୟମ କରିବାକୁ ପଡୁଛି ।

ମୁଁ ଏପରି ଅନେକ ଲୋକଙ୍କୁ ଜାଣେ ଯେଉଁମାନେ ମିଛ ନକହିବା ବିଷୟରେ ଖୁବ୍ ନିଷ୍ଠାପର ଥା'ନ୍ତି । କିନ୍ତୁ ସେମାନେ ଯଦି କୌଣସି ଦଳ ବା ସମଷ୍ଟି ଭିତରେ ପଡ଼ିଯା'ନ୍ତି, ତେବେ ସତ ପରିବର୍ତ୍ତେ ମିଛ କହିପକାନ୍ତି । ସେମାନେ ଇଚ୍ଛା କରି ଏପରି କହନ୍ତି ନାହିଁ କିନ୍ତୁ ମିଛ ଆପେ ଆପେ ବାହାରି ଆସେ । ଏପରି ହୁଏ କାହିଁକି ? କାରଣ ସେମାନେ ମିଥ୍ୟାବାଦୀମାନଙ୍କର ଏକ ଦଳ ଭିତରେ ରହିଥିଲେ ଓ ସେଠାରେ ମିଥ୍ୟାଚାରର ଏକ ପରିବେଶ ରହିଥିବାରୁ ତାଙ୍କୁ ମଧ୍ୟ ଏହା ସହଜ ଭାବରେ ଗ୍ରାସ କଲା ।

ଧୀରେ ଧୀରେ ଅଳ୍ପ ଅଳ୍ପ କରି ଏହିପରି ଭାବେ ପ୍ରଥମତଃ ଖୁବ୍ ଯତ୍ନ ଓ ମନୋଯୋଗ ସହ ନିରନ୍ତର ଉଦ୍ୟମ କରିବା ଦ୍ୱାରା ଜଣେ ସଚେତ ହେବାକୁ ଆରମ୍ଭ କରେ, ନିଜ ସମ୍ପର୍କରେ ଜାଣିବାକୁ ଶିଖେ ଏବଂ ପରେ ନିଜ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଆଣି ନିଜର ପ୍ରଭୁ ହୋଇପାରେ ।

(CWM, Vol. 4, pp. 33 - 37) ❖

... ... ତୁମେ କେବଳ ସେହିମାନଙ୍କ ସହିତ ଘନିଷ୍ଠତା ରଖିବାକୁ ସ୍ଥିର କରିବ ଯେଉଁମାନଙ୍କ ସହିତ ସମ୍ପର୍କ ମୋର **ଉପସ୍ଥିତିକୁ ଆବୃତ କରି ନ ଦିଏ ।** ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା ଯାହାକୁ କେବେହେଲେ ଭୁଲିଯିବା ଉଚିତ ନୁହେଁ । ଚିନ୍ତାରେ ଏବଂ ଅନୁଭବରେ ଯାହାସବୁ ତୁମକୁ ମୋ'ଠାରୁ ଦୂରକୁ ନେଇଯାଏ ସେସବୁ ଖରାପ । ଯାହାସବୁ ତୁମକୁ ମୋର ଉପସ୍ଥିତିର ଅନୁଭବ ଓ ଆନନ୍ଦ ଦିଏ ଏବଂ ମୋର ନିକଟବର୍ତ୍ତୀ କରାଏ ସେସବୁହିଁ ଭଲ । ଏହି ନିୟମର ଧାରା ଅନୁସାରେ ତୁମେ ସକଳ ବସ୍ତୁକୁ ବିଚାର କରିବ । ତୁମେ ଦେଖିବ ଯେ ଏହା ତୁମକୁ ଅନେକ ଭୁଲ୍‌ଭ୍ରାନ୍ତିରୁ ରକ୍ଷା ପାଇବା ନିମନ୍ତେ ସାହାଯ୍ୟ କରିବ ।

**— ଶ୍ରୀମା**

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ନୀରବ ନେତୃମଣ୍ଡଳୀ

ଜାତୀୟତାବାଦୀ ଆନ୍ଦୋଳନ ଉପରେ ଶାସନତନ୍ତ୍ର ଯେଭଳି ସାମନାସାମନି ଆକ୍ରମଣ ଚଳେଇଛି ତା'ର ମୁକାବିଲା କିପରି ସର୍ବୋତ୍ତମ ଭାବେ କରାଯାଇପାରିବ ସେଥିପାଇଁ ନିଜକୁ ଜନନାୟକ ବୋଲି ମୁକ୍ତ କଣ୍ଠରେ ଘୋଷଣା କରି ଚାଲିଥିବା ମଣିଷମାନେ ଯେ କଦାପି ଦେଶକୁ କୌଣସି ଅନିଶ୍ଚିତ ଉପଦେଶ ଦେବେନି ଏହି ପ୍ରତ୍ୟାଶାରେ ଆମେ ଦିନ ପରେ ଦିନ ଅପେକ୍ଷା କରି ବସିଛୁ । ଆମେମାନେ ନିହାତି ହୃଦୟଙ୍ଗମ କରିପାରିବା ଯେ ତରତରିଆ ଭାବେ କିଂବା ଅଧୀର ହୋଇ ସେମିତି କିଛି କରିଯିବା ସମୀଚୀନ ହେବନି ଆଉ ଗୋଟିଏ ଅଜବ ଧରଣର ସଙ୍କଟ ମୁହୂର୍ତ୍ତରେ ରାଷ୍ଟ୍ରକୁ ନେତୃତ୍ୱ ଦେବା ପୂର୍ବରୁ ଖୁବ୍ ସତର୍କତାର ସହ ବିଚାର କରିବା ସକାଶେ କିଛିଦିନ ସମୟ ଗଡ଼େଇ ନେବାଟା ଉଚିତ ହୋଇ ଥାଆନ୍ତା । କିନ୍ତୁ ଜଣାପଡୁଛି ଆମ ନେତୃମଣ୍ଡଳୀ ଯାହାସବୁ କରିବା ପାଇଁ ଚିନ୍ତା କରୁଛନ୍ତି ତାହା କିଛି ନୁହେଁ । ଯେଉଁ ସଂଘର୍ଷରେ ଆମେ ଲିପ୍ତ ରହିଛୁ ତାହା ରୀତିମତ ଏକ ଲଢ଼େଇର ରୂପ ନେଇଛି ଆଉ ଏଇ ଲଢ଼େଇରେ ସର୍ବପ୍ରଥମ ଗୁରୁତ୍ୱ ହେଲା ଗୋଟିଏ ତୀକ୍ଷ୍ଣଦୃଷ୍ଟି ଓ ଗୋଟିଏ ଆଶୁ ସିଦ୍ଧାନ୍ତ । ଏହା କୌଣସି ଗୋଟିଏ ବଡ଼ ଧରଣର ବିଚାର ବିଭାଗର ମାମଲା କିଂବା ବିଧାନ ପରିଷଦରେ ଆଗତ ଏକ ବିଲ୍ ନୁହେଁ ଯେ ଯାହା ପାଇଁ ଧୀରେ ସୁସ୍ଥେ ଏକ ସିଦ୍ଧାନ୍ତ ଗ୍ରହଣ କରାଯାଇ ପାରିବ ଅଥବା କୌଣସି ସିଦ୍ଧାନ୍ତର ଆବଶ୍ୟକତା ପଡ଼ିବ ନାହିଁ । ଆମର ଆଶଙ୍କା ହେଉଛି ନେତୃବର୍ଗ ନୀତିଭ୍ରଷ୍ଟ ହୋଇ ଗଲେଣି ଆଉ ସେମାନେ ଆକସ୍ମିକଭାବେ ଯେଉଁ ଭୟାବହ ବାସ୍ତବତାର ସମ୍ମୁଖୀନ ହୋଇଛନ୍ତି ତାହା ସେମାନଙ୍କ ଭିତରେ ସକଳ କର୍ମ ପ୍ରବଣତା ଓ ଇଚ୍ଛାଶକ୍ତିକୁ ବିପଦାପନ୍ନ କରି ଦେଇଛି । ଯଦି ଏମିତି ହୋଇଥାଏ, ସେମାନେ ଆମମାନଙ୍କର ନେତା ପଦବାଚ୍ୟ ହୋଇ ପାରିବେନି । ସାହସଶୂନ୍ୟ ମଣିଷ, ସମ୍ମୁଖରେ ବିପଦକୁ ଦେଖି ତା' ଉପରକୁ କୁଦା ମାରିପାରୁ ନଥିବା ମଣିଷ, ଯେଉଁମାନେ ଦେଖନ୍ତି ସଫଳତାର ଶୀର୍ଷଦେଶକୁ ସେମାନଙ୍କର ଅପହଞ୍ଚ ମୂଳକରେ ଅଥବା ସେଇସବୁ ମଣିଷ ଯେଉଁମାନେ ଦୃଷ୍ଟିଶକ୍ତିକୁ ହରାଇ ବସନ୍ତି ଶୀର୍ଷକୁ ଅବଲୋକନ କରି, ସ୍ୱାର୍ଥର ବଶବର୍ତ୍ତୀ ସନ୍ତ୍ରାସ ଦ୍ୱାରା, ଏମାନେ ଯେ ମଣିଷ ପଦବାଚ୍ୟ ନୁହନ୍ତି ବର୍ତ୍ତମାନ ପରି ବିପ୍ଲବର ମୁହୂର୍ତ୍ତ ସାଥିରେ ମୁକାବିଲା କରିବା ପାଇଁ । ନେତୃତ୍ୱ ପାଇଁ ଆମକୁ ଆଉ ସେମାନଙ୍କ ଆଡ଼କୁ ଚାହିଁବାକୁ ପଡ଼ିବ ନାହିଁ, ନିଜର ମାର୍ଗକୁ ଆମେ ନିଜେହିଁ ବାଛିନେବା । ଆସନ୍ତୁ ଯେଉଁମାନଙ୍କର ସାହସ ଅଛି ଆମ ସହିତ ଆଗକୁ ମାଡ଼ି ଚାଲିବା ପାଇଁ, ସାହସ ନାହିଁ ତ ସେମାନେ ଚାଲି ଯାଆନ୍ତୁ ଲଜ୍ଜାଜନକ କାପୁରୁଷପଣରେ ଆଚ୍ଛନ୍ନ ହୋଇ ବିଦେଶରୁ ଆମଦାନୀ ହୋଇଥିବା ସାମୟିକ ନିରାପତ୍ତା ଭିତରେ ବସି ନାକ ରଗଡ଼ିବାକୁ, ଯେପର୍ଯ୍ୟନ୍ତ ଝଡ଼ ଆସି ଯୋଦ୍ଧା ଆଉ ଭୟରେ ଥରହର ମଣିଷ ଉଭୟଙ୍କୁ ଅନୁରୂପ ଭାବେ ଧକ୍କା ନ ଦେଇଛି ଏବଂ ଯେଉଁମାନେ ନିଜକୁ ଏଇ ଦୁର୍ବାର ଝଟିକାରୁ ପ୍ରଥମେ ବଞ୍ଚେଇ ରଖିବା ପାଇଁ ଶୋଚନା କରୁଥିଲେ ସେମାନଙ୍କୁ ନିଶ୍ଚିହ୍ନ କରି ଦେବାକୁ । ଆଉ ଥରକ ପାଇଁ ଏବଂ ଶେଷଥର ଆମେ ଆମର ଏହି ନେତବର୍ଗଙ୍କୁ ଡାକରା ଦେଉଛୁ ଲଢ଼େଇ ପାଇଁ ଆମ ନିକଟକୁ ଆସି ଶପଥ କରିବାକୁ, କାହାନ୍ତି ସେମାନେ, ଏଇସବୁ ମଣିଷ ଯେଉଁମାନେ ନିଜକୁ ଜାହିର କରି ଚାଲିଥିଲେ ଆମମାନଙ୍କର ମହାମାନବ ହେବାକୁ, ଆମର ଅଧିନାୟକ ଭୂମିକାରେ ଅବତୀର୍ଣ୍ଣ ହେବାକୁ ? ବିପଦ ମୁହୂର୍ତ୍ତରେ କାହିଁକି ସେମାନେ ସେମାନଙ୍କ ମଥାକୁ ଲୁଚେଇ ରଖିଛନ୍ତି ? ସାଧାରଣବର୍ଗଙ୍କ ଭିତରେ ଯେ ଗୁଞ୍ଜରଣ ଖେଳି ଗଲାଣି ଆଉ ଯେଉଁମାନଙ୍କ ସମ୍ପର୍କରେ ମର୍ଯ୍ୟାଦାସୂଚକ ଶବ୍ଦମାନ ଆପେ ଆପେ ପାଟିରୁ ବାହାରି ଆସୁଥିଲା ସେମାନେ ବର୍ତ୍ତମାନ ଘୃଣା ଓ ଲଜ୍ଜାଜନକ ଉପାଧିରେ ସମ୍ବୋଧିତ ହେଉଛନ୍ତି । ଯଦି ସେମାନେ ନିଜର ପ୍ରତିଷ୍ଠା ଓ ପ୍ରତିଭାକୁ ସୁରକ୍ଷିତ ରଖିବା ପାଇଁ ଚାହାନ୍ତି ତା'ହେଲେ ଅନତିବିଳମ୍ବେ ଆସି ଯେମିତି ହେଲେ ସେମାନଙ୍କ ମୁହଁ ଖୋଲନ୍ତୁ ।

[ବନ୍ଦେ ମାତରମ୍, ମେ ୨୧, ୧୯୦୭]

### ଅଭିଯାନ ପାଇଁ ସରକାରୀ ଯୋଜନା

ସ୍ୱଦେଶୀବାଦ ବିରୋଧରେ ପ୍ରଶାସନ ତା' ଅଭିଯାନର ବିକାଶ ସାଧନ କରିଚାଲିଛି ମହାନ୍ ଏକ ଚଳ ଚଞ୍ଚଳତା ନେଇ

ଆଉ ଯଥାର୍ଥ ରୂପେ ଏକ ପ୍ରଶଂସନୀୟ ସ୍ଫୂର୍ତ୍ତି ଓ କଠୋର ସିଦ୍ଧାନ୍ତ ସହିତ । ଅବଶ୍ୟ ବରିସାଲକୁ ପ୍ରଥମ ଜିଲ୍ଲା ଭାବେ ଘୋଷିତ କରାଗଲା, ବର୍ତ୍ତମାନ ଆମେ ଜାଣିବାକୁ ପାଇଲୁ ଢାକ୍କା ମଇମନ୍‌ସିଂ, ଫରିଦ୍‌ପୁର, ପାବ୍‌ନା, ରଙ୍ଗ୍‌ପୁର୍ ଏବଂ ଟିପ୍ପେରା, ସିଲହଟ୍ ଜିଲ୍ଲାର ହବିଗଞ୍ଜ ସବ୍‌ଡିଭିଜନ୍ ଓ ନୂଆଖାଲି ଜିଲ୍ଲାର ସୁଧରମ୍ ଥାନା, ଏସବୁ ମଧ ଜିଲ୍ଲା ଭାବେ ଘୋଷିତ ହୋଇଗଲା । ଆଉ ତା' ପଛକୁ ଆସିବ ଅନ୍ୟ ଜିଲ୍ଲାଗୁଡ଼ିକ । ସ୍ୱଦେଶୀ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଯୋଗୁଁ ଏସବୁ ଜିଲ୍ଲାଗୁଡ଼ିକୁ ବଛାଯାଇଛି । ଏକଥା ମଧ ଗୁରୁତ୍ୱପୂର୍ଣ୍ଣ ଯେ ବେକରଗଞ୍ଜରେ ମାଜିଷ୍ଟ୍ରେଟ୍‌ଙ୍କ ଦପ୍ତରରୁ ମିଳିଥିବା ଏକ ଆଦେଶ ମୁତାବକ ଘୋଷଣା କରାଯାଇଛି ଯହିଁରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସମୟ ଭିତରେ ଲାଠି ଓ ଗୁପ୍ତି (Sword-sticks) ଧରି ଯିବା ଆସିବା କରିବା ପାଇଁ ଆଉ ବେଳ ବୁଡ଼ିଗଲା ପରେ ଲୋକେ ବହୁ ସଂଖ୍ୟାରେ ଏକତ୍ର ଠୁଳ ହେବା ପାଇଁ ନିଷେଧ କରାଯାଇଛି । ଢାକ୍କାରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ବଳରେ ଯଦି ରାତିରେ ଆକ୍ରମଣ ସଙ୍ଗଠିତ ହୁଏ, ତା'ହେଲେ ସ୍ୱଦେଶୀ ଆନ୍ଦୋଳନକାରୀମାନଙ୍କର ପ୍ରଭାବଶାଳୀ ପ୍ରତିରୋଧକୁ ବାଧା ଦେବା ବ୍ୟତୀତ ଏହାର ଆଉ ସେମିତି କିଛି ସୁଫଳ ନାହିଁ; କାରଣ ଅନିଷ୍ଟ ଘଟେଇବା ଝୁଙ୍କରେ ଗୋଟିଏ ଉଚ୍ଛୃଙ୍ଖଳ ଜନତା ଯେ ମାଜିଷ୍ଟ୍ରେଟ୍‌ଙ୍କ ଦପ୍ତରରୁ ଆସିଥିବା ହୁକୁମନାମା ପ୍ରତି ଗୁରୁତ୍ୱ ଦେବ ଏକଥା ଆଦୌ ସମ୍ଭବ ନୁହେଁ । ଇତ୍ୟବସରରେ ରିସ୍‌ଲେଙ୍କର ଆଦେଶନାମାକୁ ଆଳ କରି ଟାଙ୍ଗାଇଲ୍ ଠାରେ ଛାତ୍ରମାନଙ୍କ ଉପରେ ପ୍ରଥମ ଧାଡ଼ି ଆକ୍ରମଣର ଘନଘଟାକୁ ଆମେମାନେ ତ ଦେଖିସାରିଛୁ । ଶାସକବୃନ୍ଦଙ୍କର ଅସଲ ଉଦ୍ଦେଶ୍ୟ ଏଥିରୁ ବେଶ୍ ସ୍ପଷ୍ଟ ହୋଇଯାଇଛି । ପଞ୍ଜାବ ଓ ବଙ୍ଗଳାରେ ସ୍ୱଦେଶୀ ସଙ୍ଗଠନ ଏବଂ ସ୍ୱରାଜ ଭାବପ୍ରବଣତାର ପ୍ରଚାରକୁ ପ୍ରତିହତ କରିବା ଏହାର ଉଦ୍ଦେଶ୍ୟ । ସ୍ୱଦେଶୀବାଦର ପ୍ରଚାର କରିବାକୁ ଯାଇ ଆମେମାନେ ତିନୋଟି ଆୟୁଧକୁ ବିନିଯୋଗ କରିଛୁ : ଯଥା ପ୍ରେସ, ସଭାମଣ୍ଡପ ଏବଂ ଛାତ୍ରସମାଜ । ପ୍ରେସ ତା' ନିଜ ବଳରେ ସ୍ୱଦେଶୀ ଚିନ୍ତାଧାରାଗୁଡ଼ିକୁ ଲୋକପ୍ରିୟ କରିପାରିବ, କିନ୍ତୁ ଏହା ଗଭୀର ଆବେଗ ଏବଂ ଉତ୍ସାହର ଉଦ୍ଦେଶ୍ୟ ପ୍ରଣୋଦିତ ଉଦ୍ଦୀପନାକୁ ସଞ୍ଚାର କରିପାରିବନି ଯାହା ଜଣେ ସ୍ୱଭାବସିଦ୍ଧ ବକ୍ତା ତା'ର ସିଧାସଳଖ ଆବେଦନ ମାଧ୍ୟମରେ, ବ୍ୟକ୍ତିତ୍ୱର ଚୁମ୍ବକୀୟ ସାମର୍ଥ୍ୟ ବଳରେ ଶ୍ରୋତାମାନଙ୍କ ଭିତରେ ସଞ୍ଚାର କରିଥାଏ । କିନ୍ତୁ ସଭାମଞ୍ଚ ଉପରେ ଯେଉଁ କାର୍ଯ୍ୟଟି ହୁଏ ତାହା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ । ବକ୍ତାର ବାଗ୍ମିତାରୁ ଉତ୍ପନ୍ନ ଉଦ୍ଦେଶ୍ୟ ପ୍ରଣୋଦିତ ଉଦ୍ଦୀପନା ସମୟକ୍ରମେ ବିଲୁପ୍ତ ହୋଇଯିବାକୁ ବାଧ୍ୟ ହୁଏ ଯଦି ଧ୍ୱନିତ ବକ୍ତବ୍ୟ ଉପରେ ଅହରହ ଅଟଳ ରହି ତାକୁ ପ୍ରତିପାଦିତ କରା ନଯାଏ, ଆଉ ମତାଦର୍ଶର ନିଷ୍ଠାପର ଓ ଉତ୍ସାହୀ ପ୍ରଚାରକମାନଙ୍କ ଦ୍ୱାରା ସେଇ ଭାବଧାରାର ପ୍ରେରଣାଦାୟକ ପର୍ଯ୍ୟବେକ୍ଷଣକୁ ବାସ୍ତବ କ୍ଷେତ୍ରରେ ଆଚରଣସିଦ୍ଧ କରା ନଯାଏ । ସ୍ୱଦେଶୀ ଆନ୍ଦୋଳନର ଏହି ତିନିଗୋଟି ଆୟୁଧ ଭିତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ ଭୂମିକାଟି ଛାତ୍ରମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ସେଇମାନେହିଁ ସ୍ୱଦେଶୀବାଦର ସକ୍ରିୟ ପ୍ରଚାରକଗଣ, ଯୁବସୁଲଭ ଦିବ୍ୟ ଆକୁଳତା ଓ ଉତ୍କଣ୍ଠାରେ ସେମାନେ ଏହାର ବାସ୍ତବ ରୂପାୟନ କରିଛନ୍ତି, କୌଣସି ପ୍ରକାର ସତର୍କତାଜନିତ କୁଣ୍ଠାବୋଧରେ ଜର୍ଜରିତ ନହୋଇ, ଅବସ୍ଥାଚକ୍ରର ଦାସତ୍ୱ ଭିତରେ ନରହି, କୌଣସି ସଂଶୟ, ଅର୍ଦ୍ଧ-ବିଖଣ୍ଡିତ ବିଶ୍ୱାସକୁ ପ୍ରଶ୍ରୟ ନଦେଇ, ଯାହାର ପ୍ରଭାବରେ ହୁଏତ ଶିଥିଳ ପ୍ରାଣ ବୟସ୍କମାନେ ଏହି ସ୍ୱଦେଶୀବାଦଟିକୁ ତା'ର ଉଦ୍ଭବ ସମୟରୁ ଖତମ କରିଦେଇଥା'ନ୍ତେ; ଯେଉଁ ଯେଉଁ ସ୍ଥାନକୁ ସେମାନେ ଯାଇଛନ୍ତି ସେଠାରେ ଏକ ସ୍ଥାୟୀ ସ୍ୱଦେଶୀ ବାତାବରଣ ସୃଷ୍ଟି କରିଛନ୍ତି ଯାହା ଭିତରେ ଜାତୀୟତାବାଦ ରୂପକ ନରମ ଚାରାଟିର ଅଭିବୃଦ୍ଧି ସମ୍ଭବ ହୋଇପାରିଲା, ତାହା ପଲ୍ଲବିତ ହୋଇଉଠିଲା ଆଉ କଢ଼ି ଧରିଲା, ଶେଷରେ ପରିଣତ ହେଲା ଦେଶାତ୍ମବୋଧର ଧର୍ମରୂପକ ପୁଷ୍ପାୟନରେ ।

ରାଜନୈତିକ ଆନ୍ଦୋଳନରୂପୀ କଳାରେ ଇଂରେଜମାନଙ୍କର ସୁଦୀର୍ଘ ଅଭିଜ୍ଞତା ରହିଛି ଏବଂ ଆନ୍ଦୋଳନର ଶକ୍ତି ଯେ କେଉଁଠାରେ ବିଦ୍ୟମାନ ରହିଛି ଏକଥା ଖୋଜି ବାହାର କରିବାକୁ ତାଙ୍କୁ ବେଶୀ ସମୟ ଲାଗି ନଥିଲା । ଏକ ଶକ୍ତିଶାଳୀ ଏବଂ ଉଦାର ସରକାର ଭାବେ ସେମାନଙ୍କ ଯଶ ଓ ସମ୍ମାନକୁ ନ ହରାଇ ସେମାନେ ଯେ କିପରି ଏହି ଶକ୍ତିର ମୁକାବିଲା କରିପାରିବେ ସେଥିପାଇଁ ଦୀର୍ଘ ସମୟ ଧରି ସେମାନଙ୍କର ବୁଦ୍ଧି ହଜି ଯାଇଥିଲା । ସେମାନେ ଅନେକ ପରୀକ୍ଷଣ କଲେ କିନ୍ତୁ ସେଗୁଡ଼ିକୁ ଶେଷ ପର୍ଯ୍ୟନ୍ତ ଅନୁସରଣ କରିପାରିଲେ ନାହିଁ । ଏକ ସୀମିତ ଅଞ୍ଚଳ ଦେଖି ସେମାନେ ସିଧାସଳଖ ଓ ପ୍ରଚଣ୍ଡ ଦମନ ନୀତି ଅବଲମ୍ବନ କଲେ ଏବଂ ତତ୍ପରେ ଯେଉଁ ଗୋଳମାଳ ଓ ବିରୋଧର ସୃଷ୍ଟି ହେଲା ସେଥିରେ ଆତଙ୍କିତ ହୋଇ ପଡ଼ିଲେ, ଏକ ଜ୍ୱଳନ୍ତ କୋଇଲା ଭଳି ସେଇ ନୀତିଟିକୁ

ପରିହାର କଲେ । ତା'ପରେ ସେମାନେ ଚେଷ୍ଟା କଲେ 'ସହାନୁଭୂତି' ଓ ଶାନ୍ତ ସହନଶୀଳତାର ଆଭିମୁଖ୍ୟକୁ ନେଇ, ଏହାର ପ୍ରଭାବକୁ ପରଖିବା ପାଇଁ, ତା'ର ଛଳନାତ୍ମକ ଆଉ ବୃହଦାକାର ଆବରଣ ତଳେ ଛୋଟ ଛୋଟ ସ୍ଥାନୀୟ ଇଲାକାଗୁଡ଼ିକରେ ଏକ ବିରାଟ ଧରଣର ଉତ୍ପୀଡ଼ନ ଚାଲୁ ରଖି ଏବଂ ଗୋପନ ଚକ୍ରାନ୍ତ ଦ୍ୱାରା ସ୍ୱଦେଶୀବାଦକୁ ଦୁର୍ବଳ କରି । ଇତି ମଧ୍ୟରେ ମୁସଲମାନମାନଙ୍କୁ ଆୟୁଧ ରୂପେ ବ୍ୟବହାର କରି ହିନ୍ଦୁବିରୋଧୀ ଅଭିଯାନ ପାଇଁ ସେମାନେ ଏକ ଭିତ୍ତି ପ୍ରସ୍ତୁତ କରୁଥିଲେ ଯାହାର ଉଦ୍ଦେଶ୍ୟ ହେଲା ଯଦି 'ସହାନୁଭୂତି'ର ନୀତି ବ୍ୟର୍ଥ ହୋଇଯାଏ ତା'ହେଲେ ଏଇ ପନ୍ଥାରହିଁ ଶେଷକୁ ବିନିଯୋଗ ହେବ । ସହାନୁଭୂତିର ନୀତି ବିଫଳ ହୋଇ ଯାଇଥିଲା ଆଉ ସ୍ଥାନୀୟ ଅଞ୍ଚଳର ପ୍ରଶାସକମାନେ ହିନ୍ଦୁମାନଙ୍କ ବିରୋଧରେ ଯିବା ପାଇଁ କେତେକ ମୁସଲମାନମାନଙ୍କୁ ଢିଲା ଛାଡ଼ି ଦେଲେ । ଏଠାରେ ମଧ୍ୟ ନୀତିଟା ବ୍ୟର୍ଥ ହୋଇଗଲା ନତୁବା ଆଂଶିକ ଭାବେ ସଫଳ ହୋଇଥିଲା । କୋମିଲା ସ୍ୱଦେଶୀବାଦର ସମୁନ୍ନତ ଚେତନା ଆଉ ଉତ୍ତମ ସଂଗଠନ ଯୋଗୁହିଁ କୋମିଲାଠାରେ ସରକାରଙ୍କର ପ୍ରଥମ ପ୍ରଚେଷ୍ଟା ବେକାର ହୋଇଗଲା । ଦ୍ୱିତୀୟ ଥରର ଆଘାତଟା ଜମାଲପୁରଠାରେ ମଧ୍ୟ ସାଂଘାତିକ ପରିଣାମ ସୃଷ୍ଟି କରିଥିଲା, କିନ୍ତୁ ୨୭ ତାରିଖରେ ଅଧିକ ଗଣ୍ଡଗୋଳ ଫଳରେ ସରକାରଙ୍କର ଯୋଜନାସବୁ ଫସର ଫାଟିଗଲା । ଏହା ଆହୁରି ବ୍ୟାପକ ଆକାର ଧାରଣ କଲା, ସମ୍ଭବତଃ ପ୍ରଥମରୁ ଯାହା କାମ୍ୟ ଥିଲା ତା'ଠାରୁ ଢେର ଅଧିକ; କାରଣ, ମୂଳ ଅଭିପ୍ରାୟ ସମ୍ଭବତଃ ଥିଲା ସ୍ୱଦେଶୀ ଆନ୍ଦୋଳନର ହିନ୍ଦୁମାନଙ୍କୁ କେବଳ ଉଚିତ ଶିକ୍ଷା ଦେବା ଆଉ ଅସାଧାରଣ ପଦକ୍ଷେପଗୁଡ଼ିକ ଗ୍ରହଣ କରିବା ପାଇଁ ବୋଧେ ତାହାହିଁ ଥିଲା ଏକ ବାହାନା । କିନ୍ତୁ ଦ୍ୱିତୀୟ ଥର ଯେଉଁ ଗଣ୍ଡଗୋଳଟି ହେଲା ତାହା ଥିଲା ସୁଦୂରପ୍ରସାରୀ । ଏହି ଘଟଣା ଜମାଲପୁରରୁ ହିନ୍ଦୁମାନଙ୍କୁ ଆହୁରି ଆଗେଇ ନେଇଗଲା, ସର୍ବସାଧାରଣରେ ଏବଂ ନିର୍ଭୁଲ ଭାବରେ ସରକାରୀ କର୍ମଚାରୀମାନଙ୍କୁ ଚିହ୍ନଟ କରାଗଲା ଯେଉଁମାନେ କି ଗୁଣ୍ଡାମାନଙ୍କ ସହିତ ଯୋଗ ଦେଇଥିଲେ, ଏହା ଅଗ୍ନି ସଂଯୋଗ କଲା ଯାହାକି ବ୍ୟାପିଗଲା ସମସ୍ତ ବଙ୍ଗଳାକୁ ଆଉ ସାରା ଭାରତବର୍ଷ ହୁଲସ୍ଥୁଲ ହୋଇଉଠିଲା; ସମଗ୍ର ପ୍ରଦେଶରେ ଏହା ସୃଷ୍ଟିକଲା ଏକ ପ୍ରଚଣ୍ଡ ଆବେଗ ଆତ୍ମରକ୍ଷାର ଆନ୍ଦୋଳନ ପ୍ରତି । ଏହା ଫଳରେ ଦେଖିବାକୁ ମିଳିଥିଲା ହିନ୍ଦୁମାନଙ୍କର ଥିବା କେତୋଟି ଏଣେ ତେଣେ ବିକ୍ଷିପ୍ତ ଆଖଡ଼ା ଆଉ ସମସ୍ତ ହିନ୍ଦୁ ଜନତା ଭୀଷଣ ଉତ୍ତେଜନାର ବଶବର୍ତ୍ତୀ ହୋଇ ସାମରିକ ଶିକ୍ଷା ନେବାକୁ ଲାଗିଲା ପରିସ୍ଥିତି ପ୍ରତି ସଜାଗ ଦୃଷ୍ଟି ରଖି । ଶେଷରେ ଏହା ଆଙ୍ଗ୍ଲୋ ଭାରତୀୟର ବାଣିଜ୍ୟକୁ ସଂକଟରେ ପକେଇବା ପାଇଁ ଭୟ ସଞ୍ଚାର କରି ଚାଲିଲା ଝୋଟ ଅମଳ ସମୟର ଠିକ୍ ଘଡ଼ିସନ୍ଧି ମୂହୂର୍ତ୍ତରେ, ଗଣ୍ଡଗୋଳଗୁଡ଼ିକର ସ୍ଥାୟିତ୍ୱକୁ ବୃଦ୍ଧି କରି । ଅଧିକନ୍ତୁ, ପୂର୍ବବଙ୍ଗଳାରେ ସ୍ୱଦେଶୀବାଦକୁ ଏକଘରକିଆ କରିବା ପାଇଁ ଏହା ସରକାରୀ କର୍ମଚାରୀଙ୍କ ଉଦ୍ୟମକୁ ପଣ୍ଡ କରି ଦେଇଥିଲା । ସ୍ୱଦେଶୀବାଦ ପଞ୍ଜାବରେ ବିପ୍ଳବର ବହ୍ନି ତେଜି ଦେଲା, ଏହି ବିଦ୍ରୋହାଗ୍ନିର ସଞ୍ଚାର ଆରମ୍ଭ ହୋଇଗଲା ଯୁକ୍ତ ପ୍ରଦେଶରେ, କ୍ରମେ ମାଡ୍ରାସକୁ ଏହା ବ୍ୟାପିବାରେ ଲାଗିଲା ଅତ୍ୟନ୍ତ କ୍ଷିପ୍ରତାର ସହିତ । ଆଉ ଗୋଟିଏ ସମ୍ବତ୍ସର ଏବଂ ସମୁଦାୟ ଭାରତବର୍ଷ ଏମିତି ପ୍ଲାବିତ ହୋଇ ରହିଥିବ ।

ଆପାତତଃ, ଇଏ ଥିଲା ଠିକ୍ ସେହିଭଳି ପରିସ୍ଥିତି ଯାହା ଦିନେ ସରକାରଙ୍କୁ ବାଧ୍ୟ କରିଥିଲା ଏକ ପ୍ରସ୍ତାବ ଗ୍ରହଣ କରିବାକୁ, ଫ୍ରାଙ୍କେନ୍‌ଷ୍ଟେନ୍ ଉପନ୍ୟାସରେ ବର୍ଣ୍ଣିତ ଦାନବ ପରି ଲର୍ଡ଼ କର୍ଜନ୍‌ଙ୍କ ଦ୍ୱାରା ସୃଷ୍ଟ ଏକ ଭସ୍ମାସୁର ସହିତ ହାତାହାତି ହେବା ପାଇଁ ଆଉ ନିରଙ୍କୁଶ ଶାସନର ସକଳ କ୍ଷମତା ଓ ଆୟୁଧମାନ ଆଣି ବିନିଯୋଗ କରିବା ପାଇଁ, ଏସବୁ ସ୍ଥିତିକୁ ଦମନ କରିବା ଉଦ୍ଦେଶ୍ୟରେ । ରାଓଲପିଣ୍ଡି ଗଣ୍ଡଗୋଳରେ ଖେଳିଯାଇଥିବା ଆତଙ୍କ ଏଇ ସରକାରକୁ ବାଧ୍ୟ କରିଛି ତା'ର କମାଣଗୁଡ଼ିକର ମୁହଁକୁ ଅତି ଶୀଘ୍ର ଖୋଲି ଦେବା ପାଇଁ ଏବଂ ତା'ର ସକଳ ଆଗ୍ନେୟାସ୍ତ୍ରକୁ ଆହୁରି ଅଧିକ ସ୍ଫୂର୍ତ୍ତି ଓ କ୍ଷିପ୍ରତାର ସହିତ ସ୍ୱଦେଶୀ ବିରୋଧରେ ଆଣି ଠୁଳ କରିବା ପାଇଁ, ତା' ନହୋଇ ଥିଲେ ଘଟଣା ଭିନ୍ନ ରକମର ମୋଡ଼ ନେଇ ଥାଆନ୍ତା । ପ୍ରେସର ମୁହଁ ବନ୍ଦ କରିଦେବା ଲାଗି ସେମିତି କିଛି ସିଧାସଳଖ ଉଦ୍ୟମ ଏପର୍ଯ୍ୟନ୍ତ କରାଯାଇ ନାହିଁ, କିନ୍ତୁ ଏହି ଉଦ୍ୟମ ଯେ ହେବ ଏଥିରେ ସନ୍ଦେହ ନାହିଁ, ଯଦି ସରକାର ଦେଖିବାକୁ ପାଆନ୍ତି ଯେ ଲାଲା ଲଜପତ୍‌ରାୟଙ୍କର ଦେଶାନ୍ତର ପ୍ରେସର ସ୍ୱରରେ କୌଣସି ସ୍ଥାୟୀ ପରିବର୍ତ୍ତନ ସୃଷ୍ଟି କରୁନି । ଅନ୍ୟ ପକ୍ଷରେ ସଭାମଞ୍ଚ ବିରୋଧରେ ସଫଳ ପଦକ୍ଷେପଗୁଡ଼ିଏ ନିଆ ହୋଇଛି । ରାଓଲପିଣ୍ଡିରେ ସମୂହ ଗିରଫଦାରୀ, ଲାଲା ହଂସରାଜ ଓ ଅନ୍ୟମାନଙ୍କ ବିରୋଧରେ ଗୁରୁତର ଦୋଷାରୋପମାନ ଯାହା ଆଗତ କରାଯାଇଥିଲା କୌଣସି ଶୋଚନୀୟ ଅପରାଧ ପାଇଁ ନୁହେଁ କିନ୍ତୁ ଠିକ୍ ଦଙ୍ଗା ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତିକୁ

ନେଇ ଆହୂତ ଏକ ସାଧାରଣ ସଭାରେ ସେମାନେ ଉପସ୍ଥିତ ରହିବା ଯୋଗୁଁ, ଲାଲା ଲଜପତ୍ ରାୟଙ୍କ ଦେଶାନ୍ତର ଇତ୍ୟାଦି ହେଉଛି ଦଳର ଘୋଷିତ ନୀତି ବିରୋଧରେ ପଦକ୍ଷେପଗୁଡ଼ିକ କେବଳ ଭୟ ସଞ୍ଚାର କରିବା ପାଇଁ । ଏଇ ସମସ୍ତ ପ୍ରତିକାର ଯଥେଷ୍ଟ ହେବ ନାହିଁ ବୋଲି ପ୍ରଶାସନ ନିଜକୁ ଏମିତି କ୍ଷମତାରେ ସୁସଜ୍ଜିତ କରି ରଖିଛି ଯେ ଯଦି ସାବଧାନତା ସହକାରେ ସେଗୁଡ଼ିକର ପ୍ରୟୋଗ କରାଯାଏ ତା'ହେଲେ ରାଜନୀତିର ମଞ୍ଚ ଉପରୁ ସ୍ୱଦେଶୀ ପ୍ରଚାରକୁ ତାହା ସମାପ୍ତ କରି ଦେଇପାରିବ ଏବଂ କ୍ରମାଗତ ଭାବେ ପ୍ରଚଣ୍ଡ ଦମନଲୀଳା ସାହାଯ୍ୟରେ ତାକୁ ନଷ୍ଟଭ୍ରଷ୍ଟ କରିପାରିବ । ଏହାର ପ୍ରୟୋଗ ହେଉଛି କେବଳ ପୂର୍ବବଙ୍ଗ ଓ ପଞ୍ଜାବରେ, ସ୍ଥାନୀୟ ଅଞ୍ଚଳରେ ବିରୋଧକୁ ସୀମାବଦ୍ଧ କରି ରଖିବାର ନୀତି, କିନ୍ତୁ ସେଭଳି ପରିସ୍ଥିତି ଉପୁଜିଲେ ଏହାକୁ ମଧ୍ୟ ଆହୁରି ବ୍ୟାପକ କରାଯାଇ ପାରିବ । ପରିଶେଷରେ ରିସ୍‌ଲେଙ୍କ ବିଜ୍ଞପ୍ତି ବଳରେ ଜାତୀୟତାବାଦର କବଳରୁ ପ୍ରମୁଖ ଉଦୀୟମାନ ସେଇ ଉତ୍ତରପୁରୁଷରୂପୀ ଯୁବଶକ୍ତିଟିକୁ କାଢ଼ି ନେଇ ଫିଙ୍ଗି ଦେବାକୁ ସରକାର ମହୋଦୟ ଚାହୁଁଛନ୍ତି, ଯେଉଁମାନଙ୍କର ଛାତ୍ର ଜୀବନ କାଳ ଭିତରେ ରାଜନୈତିକ କାର୍ଯ୍ୟକଳାପର ଅର୍ଥ ହେଉଛି ମଣିଷମାନଙ୍କ ଭିତରୁ ଏକ ନୂତନ ଜାତିର ଉଦ୍‌ଭବ ଯାହାଙ୍କୁ ସ୍ୱେଚ୍ଛାଚାରୀ ଉପାୟ ବଳରେ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡ଼ିବ । ଏହି କାରଣରୁ ଆମେମାନେ ଯଦି ଏସବୁ ପ୍ରଶାସନିକ ପଦକ୍ଷେପ ପାଖରେ ହାରମାନିଯାଉ ତା'ହେଲେ ଧରି ନେବାକୁ ହେବ ଯେ ଆନ୍ଦୋଳନର ତିନିଗୋଟି ଶକ୍ତିଶାଳୀ ଆୟୁଧ ଆମ ଉଦ୍ଦେଶ୍ୟ ସାଧନ ପାଇଁ ଅଯଥା ହୋଇଯିବ ଆଉ ସ୍ୱଦେଶୀବାଦର ଅନ୍ତିମ ସମୟ ଆସି ଉପଗତ ହେଲାଣି । ଆବଶ୍ୟକତା ଦୃଷ୍ଟିରୁ ପ୍ରଶାସନ ଅପେକ୍ଷା କରି ବସି ରହିବ ଦେଖିବା ପାଇଁ ଯେ ଆମେମାନେ କିପରି ତା'ର ଆକ୍ରମଣକୁ ଗ୍ରହଣ କରିବାକୁ ଯାଉଛୁ । ଆମେ ଯଦି ହାର ମାନିଯାଉ ତେବେ ଆମ ବିରୋଧରେ ପଦକ୍ଷେପଗୁଡ଼ିକ ଅଧିକ ମାତ୍ରାରେ କଠୋର କରି ସେମାନେ ଆମର ଅଯଥା ବିରାଗ ଭାଜନ ହେବେନି ସତ କିନ୍ତୁ ଆମ ମୁଣ୍ଡ ଉପରେ ସେଗୁଡ଼ିକ ସେମିତି ଝୁଲେଇ ରଖିବେ ଭୟଭୀତ କରିବା ପାଇଁ ଆଉ ଆବଶ୍ୟକ ସ୍ଥଳେ ପ୍ରୟୋଗ କରୁଥିବେ ହାଲୁକା ଭାବରେ । ଆମେ ଯଦି ଆନ୍ଦୋଳନକୁ ଜାରି ରଖିବା ପାଇଁ ଚେଷ୍ଟା କରିବା, ତା'ହେଲେ ସେମାନେ ରକ୍ଷୀୟ ଢାଞ୍ଚାରେ ଅଭିଯାନକୁ ଜାରି କରି ଚାଲିଥିବେ ଯନ୍ତ୍ରଣାଦାୟକ ପରିଣତି ପର୍ଯ୍ୟନ୍ତ, ନେପଥ୍ୟରେ ପରିଣାମଗୁଡ଼ିକ କେଉଁ ଭଳି ରୂପ ନେଉଛି ସେଥିପ୍ରତି ଭ୍ରୂକ୍ଷେପ ନକରି, ଯେପର୍ଯ୍ୟନ୍ତ ଅବସ୍ଥାକ୍ରମେ ଏଭଳି ବ୍ୟାପକତା ଦେଖି ସେମାନଙ୍କର ହୃଦ୍‌ବୋଧ ନହୋଇଛି ଯେ ରକ୍ଷୀୟବାଦର ଢାଞ୍ଚା ହେଉଛି ବୃଥା କିଂବା କଦର୍ଯ୍ୟ । ଇତ୍ୟବସରରେ, ଯାହା ଦେଖାଯାଇଛି ମି. ବିଟ୍‌ସନ୍ ବେଲ୍ (Mr. Beatson Bell)ଙ୍କୁ ମଇମନ୍‌ସିଂକୁ ପଠାଯିବା ଦ୍ୱାରା ମୁସଲମାନମାନଙ୍କର ପୁନର୍ବାର ହିଂସାତ୍ମକ ଆଚରଣର ନିୟନ୍ତ୍ରଣ ପାଇଁ ଚେଷ୍ଟା କରାଯିବ, ଆଉ କିଛି କାରଣ ନଥିଲେ ବି ଝୋଟ କାରବାରର ସ୍ୱାର୍ଥ ଦୃଷ୍ଟିରୁ । ଆଙ୍ଗ୍ଲୋ ଭାରତୀୟମାନଙ୍କର ''ଝୋଟ ପ୍ରତି ବିପଦ'' କାନ୍ଦଣା ହେଉଛି ଏମିତି ଗୋଟିଏ କଥା ଯାହାକୁ କୌଣସି ମତେ ଉପେକ୍ଷା କରାଯାଇ ପାରିବ ନାହିଁ, ଝୋଟ ଆସି ଠୁଳ ନ ହେଲା ପର୍ଯ୍ୟନ୍ତ । ଯାହା ମନେ ହେଉଛି ଏଣିକି ମୁସଲମାନମାନଙ୍କ ତରଫରୁ ହଙ୍ଗାମା ଆଉ ହେବ ନାହିଁ, କେବଳ କାଁ ଭାଁ କେତୋଟି ଦୃଷ୍ଟାନ୍ତକୁ ବାଦ୍ ଦେଇ । ପରେ କ'ଣ ଘଟିବ ତାହା ସମୟକ୍ରମେ ଘଟଣାଗୁଡ଼ିକର ସ୍ରୋତ କେଉଁ ଆଡ଼କୁ ମୁହାଁଉଛି ତା'ଉପରେ ନିର୍ଭର କରେ । ସ୍ୱେଚ୍ଛାକୃତ ଆନ୍ଦୋଳନରୁ ଅଙ୍କୁଶ ହଟେଇବା ପାଇଁ ରିସ୍‌ଲେଙ୍କ ବିଜ୍ଞାପନ ବ୍ୟତୀତ ଆଉ କିଛି ଉଦ୍ୟମ ହେବ ବୋଲି ଆମେ ଆଶା କରିପାରୁ ।

ଆମ ଆଖି ଆଗରେ ଏଇ ଗୋଟିକହିଁ ସମ୍ଭାବ୍ୟ ଚିତ୍ର । ଆମେ କିଭଳି ଏହାର ସମ୍ମୁଖୀନ ହେବା ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ପାଇଁ ଏଇ ଗୋଟିକହିଁ ପ୍ରକୃଷ୍ଟ ସମୟ । ଆମ ନେତୃମଣ୍ଡଳୀ ନେତୃତ୍ୱର ମଙ୍ଗ ପ୍ରକାଶ୍ୟତଃ ଛାଡ଼ି ସାରିଛନ୍ତି ଆଉ ଚୁପ୍‌ଚାପ୍ ବସି ଖାଲି ନିରୀକ୍ଷଣ କରୁଛନ୍ତି ବାତ୍ୟାବିକ୍ଷୁବ୍ଧ ଜଳରାଶିର ଘୂର୍ଣ୍ଣନକୁ । ଆମ ସଙ୍ଗଠନଟି ଏମିତି ଅସହାୟ ହୋଇପଡ଼ିଛି ଯେ ମଫସଲ ଓ କଲିକତାସ୍ଥ ପ୍ରତିନିଧିମାନଙ୍କୁ ଆଣି ଏହି ସଙ୍କଟ ସମ୍ପର୍କରେ ବିଚାର ବିମର୍ଷ ପାଇଁ ଏକ ସମ୍ମିଳନୀର ଆୟୋଜନ ଏପର୍ଯ୍ୟନ୍ତ କରାଯାଇ ପାରିଲାନି । ଆମ ଭାରତବନ୍ଧୁଙ୍କ ଠାରୁ ଶୁଣିବାକୁ ମିଳୁଛି ଯେ ଅସାଧାରଣ ସ୍ତରୀୟ ସର୍ବଭାରତୀୟ କଂଗ୍ରେସ ସମ୍ମିଳନୀ ବମ୍ବେରେ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ମି. ଗୋଖଲେ ଓ ଅନ୍ୟ କେତେକ ପ୍ରତିନିଧି ଏକାଠି ହେବେ ଫିରୋଜଶାହ ମେହେଟ୍ଟା ମହାଶୟଙ୍କ ପୌରୋହିତ୍ୟ ଏଇ ସ୍ଥିରୀକୃତ ନୂତନ ବିଷୟଗୁଡ଼ିକ ବିରୋଧରେ ପ୍ରତିବାଦ କରିବା ପାଇଁ । ଏସବୁ ଆମକୁ କିଛି ହେଲେ ବି ସାହାଯ୍ୟ କରିବ ନାହିଁ ଆଉ ଆମକୁ ନିଜ ମୁକ୍ତିର ସନ୍ଧାନ ନିଜେହିଁ

ନେବାକୁ ପଡ଼ିବ । ଆମ ଆଖି ଆଗରେ ଜଳ ଜଳ କରି ଦେଖାଯାଉଥିବା ସମ୍ଭାବନାଗୁଡ଼ିକ ସମ୍ପର୍କରେ ମତାମତ ବ୍ୟକ୍ତ କରିବା ପାଇଁ ଆମକୁ ପରବର୍ତ୍ତୀ ଏଇ କେତୋଟି ଦିନ ନିଷ୍ଠାର ସହିତ ଲାଗିଯିବାକୁ ହେବ ଏବଂ ପରମ ଆଗ୍ରହାତିଶଯ୍ୟରେ ଆମେ ଆମ ନେତାମାନଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ସେଇସବୁ ସମ୍ଭାବନାଗୁଡ଼ିକ ପ୍ରତି – ଯଦି ଏଇ କଥାରେ ସେମାନେ ଆମ ସହିତ ରାଜି ହୋଇ ଯାଆନ୍ତି ଯେ ଏବେ ବି ଖୋଲାଖୋଲି ଆନ୍ଦୋଳନ କରିବା ପାଇଁ ଆମର ସୁଯୋଗ ରହିଛି ଯେଉଁଥି ପାଇଁ ଆଜି ଆମେ ବଦ୍ଧପରିକର ହୋଇଛୁ ଆଉ ଯାହାକୁ ଆମେ ଏପର୍ଯ୍ୟନ୍ତ ବି ସମର୍ଥନ କରି ଚାଲିଛୁ ।

[ବନ୍ଦେ ମାତରମ୍, ମେ ୨୨, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

You must keep your aspiration steady and be patient in your endeavour — and you are sure of success.

(CWM Vol. 14, p. 160) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

# ଆଧୁନିକର ଗତି-ବୈପରୀତ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆମେ କ'ଣ ପୁଣି ଥରେ ଧର୍ମର ଅନ୍ଧ କୁସଂସ୍କାରର ଯୁଗକୁ ଫେରିଆସିଛୁ, ଫେରି ଆସିବାକୁ ଚେଷ୍ଟା କରୁଅଛୁ ? ନ ହେଲେ ଅବା ଆମେ ସ୍ୱୀକାର କରୁଛେ ଯେ ତୁର୍କୀ ବା ରୁଷୀୟମାନେ ଧର୍ମର ଶିକଡ଼-ଚେରକୁ ପୂରାପୂରି ଖୋଳି ଫୋପାଡ଼ି ଦେବାକୁ ଚେଷ୍ଟା କରୁଛନ୍ତି, ତା' ବୋଲି ସବୁ ଦେଶ ଓ ସବୁ ଜାତି ଯେ ଏ କାମରେ ସମର୍ଥନ ଦେଉଛନ୍ତି, ଏପରିକି ତୁର୍କୀସ୍ଥାନ ବା ରୁଷ ଦେଶର ସବୁ ଅଧିବାସୀ ଯେ ଏପ୍ରକାର ମତ ପୋଷଣ କରନ୍ତି, ତାହା ପ୍ରମାଣ କରିବା ସମ୍ଭବ ନୁହେଁ । ହିନ୍ଦୁ-ମୁସଲମାନମାନଙ୍କର ଦ୍ୱନ୍ଦ୍ୱ ଦେଖି ଅନେକେ କହିବାକୁ ପଶ୍ଚାତ୍ପଦ ହୁଅନ୍ତି ନାହିଁ ଯେ ଭାରତରେ ସେ ଧରଣର ମତାନୈକ୍ୟ ରହିବା ଖୁବ୍ ସ୍ୱାଭାବିକ, ଏପରିକି ପ୍ରତ୍ୟାଶିତ ମଧ; କାରଣ ମନରେ, ପ୍ରାଣରେ ଭାରତବାସୀ ଏବେ ବି ମଧ୍ୟଯୁଗରେ ପଡ଼ି ରହିଛନ୍ତି । କିନ୍ତୁ ଯଥାର୍ଥରେ କ'ଣ ତାହା ଠିକ୍ ? ଆଧୁନିକତମ ସଭ୍ୟତମ ମାର୍କିନ୍ (ଆମେରିକା ଆଦି ପାଶ୍ଚାତ୍ୟ ଦେଶ) ରାଷ୍ଟ୍ରରେ ଫଣ୍ଡାମେଣ୍ଟାଲିଷ୍ଟ୍ (Fundamentalist) ଗଣ ଏବେ କ'ଣ କରୁଛନ୍ତି ? ସେମାନେ ତ କହୁଛନ୍ତି : ବୈଜ୍ଞାନିକ ବିବର୍ତ୍ତନବାଦରେ ଯେଉଁମାନେ ବିଶ୍ୱାସ କରନ୍ତି, ପ୍ରଚାର କରନ୍ତି, ସେମାନଙ୍କୁ ଧରି ମାଡ଼ ଦିଅ; ଏପରିକି ଏହି ଉଦ୍ଦେଶ୍ୟରେ ଆଇନ ପର୍ଯ୍ୟନ୍ତ ବି ପାସ୍ କରାଇ ନେଇଛନ୍ତି । ଇଂଲଣ୍ଡରେ ବି, — ଦୋକାନୀ ବ୍ୟବସାୟଦାର ଇଂଲଣ୍ଡ ଦେଶରେ ମଧ Prayer-Book କୁ କେନ୍ଦ୍ର କରି ବାକ୍-ବିତଣ୍ଡା ଭୟଙ୍କର ଗରମା ଗରମ ଦେଖା ଦେଇଛି, ଶେଷକୁ ହାତାହାତି ବି ଘଟିଯାଇଛି । ସେଠାରେ ବର୍ଟ୍ରାଣ୍ଡ ରସେଲ୍‌ଙ୍କର ବିପରୀତ ଦିଗରେ ଠିଆ ହୋଇଛନ୍ତି ବେଲକ୍, ଚେଷ୍ଟରଟନ୍ — ଓଜନ ପଲାର ଦୁଇପଟେ ବଟକରା ଭଳି । ପୁନରାୟ ନାସ୍ତିକ୍ୟ ବୁଦ୍ଧିର — ''ମୁକ୍ତ ଚିନ୍ତାର'' (Free thought)ର ଉତ୍ସ ଯେ ଫରାସୀ ଦେଶ, ସେଠାରେ ବି ଦେଖିବାକୁ ମିଳେ ''ପାଦ୍ରି ତନ୍ତ୍ର''ର (Clericalism) ବେଶ୍ ଜୋର୍‌ଦାର ଚାପ — ଆନାତୋଲ ଫ୍ରାନ୍‌ସ୍ ଖ୍ରୀଷ୍ଟୀୟ ତନ୍ତ୍ରକୁ ଯେତେ କଠୋର ଥଟ୍ଟା-ତମାସା କରନ୍ତୁ ନା କାହିଁକି, ସେଥିରେ ବୁର୍ଜୁଆର ପ୍ରଭାବ ଟିକିଏ ବି କ୍ଷୁଣ୍ଣ ହୋଇ ନାହିଁ ।

ଫଳରେ ଆମେ ଦେଖିବାକୁ ପାଉଛେ ଯେପରି ପୃଥିବୀର ସର୍ବ ଦେଶର ସକଳ ଧର୍ମରେ, ଯାବତୀୟ ଧର୍ମ-ସମ୍ପ୍ରଦାୟ ମଧରେ ଏକ ସ୍ପନ୍ଦନ ଖେଳି ଯାଇଛି — ଖାଲି ଯେ ମୁସଲମାନ ତବଲିଗ୍ ବା ହିନ୍ଦୁ ସଂଗଠନ ମଧ୍ୟରେ ଏପରି ଘଟି ଯାଉଛି, ସେ କଥା ନୁହେଁ — ହିନ୍ଦୁର ନାନା ଶ୍ରେଣୀ ବା ବର୍ଣ୍ଣ ଭିତରେ, ମୁସଲମାନଙ୍କର କେତେ କ୍ଷୁଦ୍ର ଗୋଷ୍ଠୀ ଭିତରେ (ଯଥା : ସିୟା, ସୁନି, ଓୟାହାବୀ), ତଥା ଖ୍ରୀଷ୍ଟୀୟ, ବୌଦ୍ଧ, ପାରସିକ ସମ୍ପ୍ରଦାୟ ଓ ଉପ ସମ୍ପ୍ରଦାୟ — ସମସ୍ତଙ୍କ ମଧ୍ୟରେ ନିଜ ନିଜର ଦୀକ୍ଷା-ଘରଟିକୁ ପୁଣି ଥରେ ତା'ର ପ୍ରାଚୀନ ଭିଟାଟି ଉପରେ ଗଢ଼ି ଠିଆ କରାଇବାକୁ ପ୍ରଯତ୍ନ ଦେଖାଦେଇଛି । ଆଧୁନିକ ବୈଜ୍ଞାନିକ ଯାନ୍ତ୍ରିକ ସଭ୍ୟତାର ପ୍ରଚଣ୍ଡ ପ୍ଳାବନରେ ପୁରାତନ ଯେତେ ସଂସ୍କୃତି ବୁଡ଼ି ତଳେଇ ଯିବାକୁ ବସିଥିଲା, ସେସବୁ ଯେପରି ପୁଣିଥରେ ଗୋଟି ଗୋଟି କରି ମୁଣ୍ଡ ଟେକିବାକୁ ଆରମ୍ଭ କରିଦେଲେଣି । ଏ ସମସ୍ତ ଶୁଣି ବା ଦେଖି ଆମର ମନେ ହେଉଛି ଯେ ଭବିଷ୍ୟତ୍ ଦିଗରେ ଆମେ ଯେତେ ବେଗରେ ଝୁଙ୍କି ପଡୁଥାଏ, ପ୍ରାଚୀନ ଉପରେ ଆମର ଆକର୍ଷଣ ସେତେ ଅଧିକ ହୋଇ ଉଠୁଥାଏ — ବୃହତ୍ ମଧକୁ ଝାମ୍ପି ପଡ଼ିବାକୁ ଯେତିକି ଆମେ ତ୍ୱରାନ୍ୱିତ, କ୍ଷୁଦ୍ର ମଧରେ, ଛୋଟ ଭିତରେ ବି ସେତିକି ପରିମାଣରେ ଆମ ପାଦ ଛନ୍ଦି ହୋଇ ଆମେ ଅଟକି ଯାଉ ।

ଆଧୁନିକ ସମାଜର ଏଇ ଦ୍ୱିଧା-ବ୍ୟାପାରଟିକୁ ଲକ୍ଷ୍ୟ କରି ଜର୍ମାନ ମନୀଷୀ କେଇସେରଲିଙ୍ଗ୍ କହିଛନ୍ତି ଯେ ପ୍ରକୃତିର ରହିଛି ଏକ ବ୍ୟତିରେକୀ ଗତି, ବୈଜ୍ଞାନିକର ଭାଷାରେ ଯାହାକୁ କୁହାଯାଏ Polarisation — ଅର୍ଥାତ୍ ଏକ ବିଶେଷ ଶକ୍ତିକୁ ଆଶ୍ରୟ କରି ପ୍ରକୃତି ଗୋଟାଏ ଦିଗରେ ଯେତେ ଆଗକୁ ଚାଲିଯାଇ ପାରେ; ଠିକ୍ ତା'ସାଙ୍ଗେ ସାଙ୍ଗେ ତାହାର ବିପରୀତ ସତ୍ୟ ଓ ଶକ୍ତିକୁ ଧରି ଅନ୍ୟ ଦିଗରେ ଓଲଟି ସେତିକି ପଛକୁ ବି ସେ ଚାଲିବାକୁ ଲାଗେ । ସୁତରାଂ ବିଷୟଟି ଯେ ଖାଲି ଧର୍ମ-ଜଗତରେ ଦେଖାଯାଉଛି ତାହା ନୁହେଁ, ମଣିଷର ସମୁଦାୟ ଜୀବନ ଏବଂ ଜୀବନର ସକଳ ସୃଷ୍ଟି-ଧାରାର କ୍ଷେତ୍ରଗୁଡ଼ିକରେ ଏଇ ସତ୍ୟଟି ପ୍ରଯୋଜ୍ୟ ।

ଏଇ ଯେପରି ଆମେ ମନେ କରୁଥିଲୁ ଯେ ଏବେ ଗୋଷ୍ଠୀ ବା କୁଳର, ଶ୍ରେଣୀ ବା ଗ୍ରାମର କ୍ଷୁଦ୍ରତର ଜଞ୍ଜାଳ ଭାଙ୍ଗିଦେଇ, ଦେଶର ନେସନ୍‌ର ବୃହତ୍ତର ଜୀବନ ମଧ୍ୟରେ ଆମର ସବୁକିଛି ଏକାକାର ହୋଇଯାଇଛି; ବର୍ତ୍ତମାନ ଚେଷ୍ଟା ଚାଲିଛି ପୁନରାୟ କେମିତି ଦେଶର ଗଣ୍ଡିକୁ ବି ଭାଙ୍ଗିଦେଇ ସମସ୍ତ ମାନବଜାତିକୁ ବିଶାଳ ସାମ୍ୟରେ, ଐକ୍ୟରେ ମିଳାଇ ମିଶାଇ ଧରାଯାଇ ପାରିବ । ବଲ୍‌ସେଭିଜମ୍, କମ୍ୟୁନିଜମ୍ କିଂବା ଆନାର୍କିଜମ୍ ନାମରେ ଯେଉଁସବୁ ସାମାଜିକ ଓ ରାଷ୍ଟ୍ରୀୟ ବ୍ୟବସ୍ଥା ଦିନକୁ ଦିନ ବଳୀୟାନ୍ ହୋଇ ଉଠୁଛି, ସେଗୁଡ଼ିକର କେହି ଦେଶଗତ, ଜାତିଗତ ବୈଶିଷ୍ଟ୍ୟ ସ୍ୱୀକାର କରନ୍ତି ନାହିଁ, ଏପରିକି ନେସନ୍‌ର ଚିହ୍ନ ବି ଉଠାଇଦେଇ ସେମାନେ ଇଚ୍ଛା କରନ୍ତି ସର୍ବତ୍ର ମନୁଷ୍ୟ ଭାବରେ ମଣିଷକୁ ପ୍ରତିଷ୍ଠା କରିବା । ଖାଲି ଯେ କେବଳ ମାନସ ଜଗତରେ ଏହା ଘଟୁଛି ତା' ନୁହେଁ, ସ୍ଥୂଳ ଜଗତରେ ମଧ୍ୟ ଆଜି କାଲି ଆଦାନ-ପ୍ରଦାନ ଏତେ ସହଜ ସୁଲଭ ଆବଶ୍ୟକ ହୋଇପଡ଼ିଛି; ବିଦ୍ୟୁତ୍‌ର, ବାଷ୍ପର ସୁବିଧା-ସୁଯୋଗ ହେତୁ ଭୂମଣ୍ଡଳର ପୂର୍ବ-ପଶ୍ଚିମ, ଉତ୍ତର-ଦକ୍ଷିଣ ଏତେ ପାଖକୁ ପାଖ ଲାଗି ଆସିଲାଣି ଯେ ସ୍ୱଦେଶ-ପରଦେଶ, ସ୍ୱଧର୍ମ-ପରଧର୍ମ ବୋଲି ଏତେ ଦିନର ପରିଚିତ ପାର୍ଥକ୍ୟଟି ଗୋଳିଆମିଶା ହୋଇଯିବା ଉପରେ । ଅଧୁନା ବହୁ ଦେଶର ବହୁ ମନୀଷୀ ସେଥିପାଇଁ କୌଣସି ବିଶେଷ ଦେଶର ଅଧିବାସୀ ବୋଲି ପରିଚିତ ନ ହୋଇ ବରଂ ସମଗ୍ର ଜଗତର ଅଧିବାସୀ ବୋଲି ନିଜର ପରିଚୟ ଦେବାକୁ ବେଶୀ ପସନ୍ଦ କରୁଛନ୍ତି ।

କିନ୍ତୁ ଏଇ ଯେଉଁ ପ୍ରସାର ଦିଗରେ ଗତି — ଏଇ ଯେଉଁ 'କେନ୍ଦ୍ରବିମୁଖୀ' ଗତି, ଯେତେ ବି ତାହା ବେଗବାନ୍ ହୋଇ ଉଠୁଥାଉ ନା କାହିଁକି, ଆମେ ତତ୍ ସହିତ ଦେଖୁଅଛୁ ଯେ ବିପରୀତ ଦିଗରେ ସଂକୋଚନ ବି ଚାଲିଅଛି — ଏକ 'କେନ୍ଦ୍ରାଭିମୁଖୀ' ଗତି ମଧ୍ୟ ଚାଲିଅଛି, ବିଶ୍ୱ-ମାନବତାର ଆଦର୍ଶ ସ୍ପଷ୍ଟ, ସ୍ଫୁଟ, ଜାଗ୍ରତ୍ ହେବାର କ୍ରିୟାଟି ଆରମ୍ଭ ହୋଇଛି, ଏହା ଘଟିବା ସହିତ ଆମେ ପୁଣି ପଛକୁ ଫେରି ଏକ ସ୍ଥାନରେ ଠିଆହୋଇ ଘୋଷଣା କରୁଅଛୁ — କ୍ଷୁଦ୍ର ହେଉ, କ୍ଷୁଦ୍ରତର ହେଉ, କ୍ଷୁଦ୍ରତମ ହେଉ ପ୍ରତ୍ୟେକ ଦେଶର, ପ୍ରତ୍ୟେକ ଜାତିର ଦରକାର ସ୍ୱାଧୀନ, ସ୍ୱତନ୍ତ୍ର ଆତ୍ମ-ପ୍ରତିଷ୍ଠା । ସାମ୍ୟବାଦୀଗଣ, ଏକାକାର-ତନ୍ତ୍ରୀଗଣ ଯେଉଁ ସମୟରେ ଇଚ୍ଛା କରିଛନ୍ତି ସମସ୍ତ ମାନବସମାଜ କ୍ଷେତ୍ରରେ ଗୋଟିଏ ଲମ୍ବା-ଚଉଡ଼ା ଗାଲିଚା ବିଛାଇ ଦେବାକୁ, ସେତିକିବେଳେ ଦେଖିବାକୁ ମିଳୁଛି ଧର୍ମ ତରଫରୁ, କର୍ମ ତରଫରୁ, ସ୍ଥାନ ହିସାବରୁ, ପ୍ରତିଷ୍ଠାନ ହିସାବରୁ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀସବୁ ଛୋଟିଆ ଛୋଟିଆ ପୃଥକ୍ ପୃଥକ୍ ପଙ୍‌କ୍ତି ବାନ୍ଧି ବସି ପଡ଼ିଛନ୍ତି — ପରସ୍ପରଠାରୁ ବିଚ୍ଛିନ୍ନ ସ୍ୱତନ୍ତ୍ର ସତ୍ତା ସ୍ଥାପନ କରିବା ଲାଗି ସେମାନେ ବ୍ୟସ୍ତ ହୋଇ ପଡ଼ିଲେଣି ।

କସ୍‌ମୋପଲିଟାନିଜମ୍ (Cosmopolitanism) ର, ନେଶନାଲିଜମ୍ (Nationalism)ର ଯୁଗରେ ରିଜଓନାଲିଜିମ୍ (Regionalism)ର କଣ୍ଠସ୍ୱର ପ୍ରତିଦିନ ବଢ଼ି ବଢ଼ି ସ୍ପଷ୍ଟ ବାରି ହୋଇ ପଡୁଛି । ସାର୍ବଭୌମିକ ଏକାକାର ମଧ୍ୟରେ ଦେଶଗତ ବୈଚିତ୍ର୍ୟ ଯେମିତି ଫୁଟି ଉଠୁଛି, ଠିକ୍ ସେଇପରି ଦେଶଗତ ଐକ୍ୟ ମଧ୍ୟରେ ପ୍ରଦେଶଗତ ବୈଶିଷ୍ଟ୍ୟର କଥା ବି ସ୍ପଷ୍ଟ ହୋଇ ଉଠୁଅଛି । ଊନବିଂଶ ଶତାବ୍ଦୀର ଦାନ ହେଉଛି ଦେଶର ଆତ୍ମୋପଲବ୍ଧି — ଦେଶ ବା ନେଶନ ଏଇ ଯୁଗରେ ଏକ ସ୍ୱତନ୍ତ୍ର ଅଖଣ୍ଡ ଜୀବନ୍ତ ସତ୍ତାର ଭାବ ନେଇ ଜାଗି ଉଠିଛି, ଗଢ଼ି ଉଠିଛି । ବିଂଶ ଶତାବ୍ଦୀର ସାଧନା ଏବେ ଚାଲିଅଛି ଦୁଇ ଦିଗରେ — ଗୋଟିଏ ହେଉଛି ଏଇ ଦେଶଗତ ବା ନେଶନଗତ ଚେତନାକୁ ପ୍ରସାରିତ କରି ବିଶ୍ୱ ଚେତନାକୁ ଉଦ୍‌ବୁଦ୍ଧ କରିବା, ପୁଣି ଅନ୍ୟଟି ହେଉଛି ଏଇ ଦେଶକୁ ଅତିକ୍ରମ କରିଯିବାର ପ୍ରୟାସ ହେତୁ, ପୁଣି ପଛେଇ ଯାଇ ଦେଶ ଭିତରେ ତାହାର ପ୍ରତି ଅଂଶରେ, ପ୍ରତି ଅଙ୍ଗରେ ସ୍ୱାଧୀନତା, ସ୍ୱାତନ୍ତ୍ର୍ୟକୁ ନେଇଆସି ଥୋଇବା ଦ୍ୱାରା ପୃଥକ୍ ପୃଥକ୍ ବ୍ୟକ୍ତିତ୍ୱ ରୂପେ ସ୍ଥାପନ କରିବାକୁ ସଚେଷ୍ଟ ହେବା ।

ତେଣୁ ରାଷ୍ଟ୍ରୀୟ ସଂସ୍କାରର କ୍ଷେତ୍ରରେ ଆମର ପ୍ରଥମେ ଏକାନ୍ତ ଗାଁ-ଗହଳି ମଧ୍ୟକୁହିଁ ଦୃଷ୍ଟି ପଡ଼ିଛି । କାରଣ କୁହାଯାଇଛି ଦେଶର ପ୍ରାଣ ଗ୍ରାମରେହିଁ ନିହିତ ଅଥବା ଗ୍ରାମର ସମଷ୍ଟିକୁ ନେଇହିଁ ଦେଶ । ପ୍ରତ୍ୟେକଟି ଗ୍ରାମ ସ୍ୱାସ୍ଥ୍ୟରେ, ସମ୍ପଦରେ, ଶିକ୍ଷାରେ ସମୃଦ୍ଧ ହୋଇ ଉଠିବ; ଅନେକେ ଆଗକୁ ଏତେଦୂର ପର୍ଯ୍ୟନ୍ତ ଯାଇ ବି କହିଥା'ନ୍ତି ଯେ ପ୍ରତ୍ୟେକଟି ଗ୍ରାମ ସକଳ ବିଷୟରେ ହେବ ସ୍ୱୟଂସମ୍ପୂର୍ଣ୍ଣ — ହେବ ସ୍ୱାଧୀନ ସ୍ୱତନ୍ତ୍ର । ଗ୍ରାମଟିମାନ ହୋଇ ଉଠିବେ ଏକ ଏକ ପରିପୂର୍ଣ୍ଣ ରାଷ୍ଟ୍ରର ବିଜେ-ପ୍ରତିମା ।

ଅର୍ଥନୀତିର କ୍ଷେତ୍ରରେ ବି ଦେଖିବାକୁ ପାଉ ସାରା ପୃଥିବୀ ଭରି ଯେଉଁ ମହାଜନୀ କାରବାର, ତା' ବିରୋଧରେ ତା' ସାଙ୍ଗେ ସାଙ୍ଗେ ମୁଣ୍ଡ ଟେକୁଛନ୍ତି ନାନା ଦେଶର ଖଣ୍ଡ ଖଣ୍ଡ ଅଂଶର କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀର ଆପଣା ଆପଣା ବିଶେଷ ଅର୍ଥ-ସିଦ୍ଧି । ଏଇ ଅର୍ଥ ନୀତିର ବିଶ୍ୱ-ଜନୀନ କର୍ମସୂତ୍ର ଓ ପଦ୍ଧତିକୁ ବାଦ୍ ଦେଇ କ୍ରମଶଃ ଜୋର୍ ଦିଆ ଚାଲିଛି ପ୍ରଦେଶଗତ ପାର୍ଥକ୍ୟ

ଓ ବୈଶିଷ୍ଟ୍ୟର ଉପରେ, କ୍ଷୁଦ୍ରତର ସଂହତିର ଗୁଣ-କର୍ମ ଉପରେ । କେବଳ ସାଧାରଣ ତତ୍ତ୍ୱ ବା ମନଗଢ଼ା ସୂତ୍ର ସାଙ୍ଗରେ ଅର୍ଥନୀତିକୁ ଯୋଡ଼ି ଗୁଡ଼ାଇ ତୁଡ଼ାଇ ଥୋଇଲେ ଚଳିବ ନାହିଁ – ବଲ୍‌ସେଭିକ୍‌ମାନେ ପ୍ରଥମେ ପ୍ରଥମେ ଯେପରି କରିଥିଲେ, ଅର୍ଥନୀତିକୁ ଯଦି ବାସ୍ତବତା ଉପରେ ଠିଆ କରାଇବାକୁ ପଡ଼େ, ଯଦି ତାହାକୁ ଜୀବନ୍ତ କରି ଗଢ଼ିବାକୁ ପଡ଼େ, ତେବେ ଅର୍ଥର ଉତ୍ପାଦାନରେ ତଥା ଅର୍ଥର ବ୍ୟବହାରରେ ଯେଉଁ ବିଭିନ୍ନତା, ଯେଉଁ ବୈଚିତ୍ର୍ୟ ସ୍ୱାଭାବିକ, ତାହାର ବନ୍ଦୋବସ୍ତ କରିଦେବାକୁ ହେବ । ମାଟିର ଗୁଣରୁ ଆମେ ଯେତେ ବିଭିନ୍ନତା ଓ ଯେତେ ବୈଚିତ୍ର୍ୟ ଦେଖିଥାଉ, ସେଇ ମାଟି-ମଣିଷର ଶକ୍ତି ସାମର୍ଥ୍ୟରେ ଯାବତୀୟ ବୈଚିତ୍ର୍ୟ ଓ ବିଭିନ୍ନତା – ସେଗୁଡ଼ିକ ପ୍ରତି ଦୃଷ୍ଟିରଖି୍ ପାରିଲେ ତେବେ ଯାଇଁ ଅର୍ଥର ସାଧନା ସମ୍ପୂର୍ଣ୍ଣ ହେବ । ସେଇ କାରଣରୁ ଆମେ ଲକ୍ଷ୍ୟ କରୁ ଯେ ଅତିକାୟ କଳକାରଖାନାରେ ଯନ୍ତ୍ରପାତି ସମୂହର ଏକତ୍ର ସମାହାରରୁ ଯାହା ସୃଷ୍ଟି ହୁଏ, ତା' ପରିବର୍ତ୍ତେ ଗୃହ-ତିଆରି, ହସ୍ତନିର୍ମିତ କୁଟୀର ଜାତ ଶିଳ୍ପର ଆଦର ଓ ମର୍ଯ୍ୟାଦା ଦିନକୁ ଦିନ ବଢ଼ି ଚାଲିଛି ।

କିନ୍ତୁ ସର୍ବାପେକ୍ଷା ଆଶ୍ଚର୍ଯ୍ୟର ବିଷୟ ହେଉଛି ସାହିତ୍ୟ-କ୍ଷେତ୍ରରେ ଆଧୁନିକ କାଳରେ ପ୍ରାଦେଶିକତାର ବାଣୀ ଆଗଠାରୁ ବେଶୀ ଦୃଷ୍ଟିଗୋଚର ହେବା । ସର୍ବଦେଶରେ ସାହିତ୍ୟ ଗଢ଼ି ଉଠିଛି ଅର୍ଥାତ୍ ସାବାଳକ ହୋଇ ଠିଆ ହୋଇଛି ସେଇଦିନଠାରୁ, ଯେଉଁଦିନ ପ୍ରାଦେଶିକତାର ଖଣ୍ଡିତ ସଂକୀର୍ଣ୍ଣ ଗ୍ରାମ୍ୟ ଭାବଧାରା ଭିନ୍ନ ଭିନ୍ନ ଧାରାକୁ ଅତିକ୍ରମ କରି ଅଥବା ସେଥିରେ ନାନା କଥା ମିଳାଇ ମିଶାଇ, ପରିଶୁଦ୍ଧ କରି ଉପରକୁ ଉଠାଇବା ଫଳରେ ସାହିତ୍ୟ ପାଇଛି ଏକ ଦେଶଗତ ସାଧାରଣ ସତ୍ତା ଓ ଜୀବନ । ଇଦାନୀନ୍ତନ କାଳରେ ଏଇ ଦେଶଗତ ସାହିତ୍ୟ ବି ରୂପାନ୍ତରିତ ହୋଇ ସାର୍ବଭୌମିକ ବା ବିଶ୍ୱ-ସାହିତ୍ୟର ପର୍ଯ୍ୟାୟରେ ପହଞ୍ଚିବାକୁ ତିଆରି ହେଲାଣି – ଏମିତିକି କେବଳ ଭାବ-ଭଙ୍ଗିମାର ଦିଗରୁ ବା ହିସାବରୁ ନୁହେଁ, କେହି କେହି ଏଇ ବିଶ୍ୱସାହିତ୍ୟକୁ ଏକ ବିଶ୍ୱଭାଷାର (ଯଥା : ଏସ୍‌ପେରାଣ୍ଟୋ Esperanto) ରୂପ ଦେଇ ଗଢ଼ି ତୋଳିବାକୁ ସ୍ୱପ୍ନ ବି ଦେଖିଲେଣି । ତଥାପି ବିପରୀତରେ ଆଜି ବି ବିଶ୍ୱ ଦିଗରୁ ମୁହଁ ଫେରାଇ ସାହିତ୍ୟ ପୁଣି ଚାଲିବାକୁ ଇଚ୍ଛା କରିଛି ପ୍ରାଦେଶିକ ମୂର୍ତ୍ତି ଧରି । ଦେଖାଗଲା ପ୍ରୋଭେନ୍‌ସାଲ (Provençal) ପ୍ରାଦେଶିକ ଭାଷାରେ ରଚନା କରି ଫରାସୀ କବି ମିସ୍ତ୍ରାଲ୍ ତ ନୋବେଲ ପୁରସ୍କାର ପାଇଲେ । ଫଳରେ ଫରାସୀ ଦେଶରେ ଏଇ ପ୍ରାଦେଶିକତା ଯେପରି ତାହାର ଆଧୁନିକ ସାହିତ୍ୟର ଗୋଟିଏ ବିଶେଷତ୍ୱ ହୋଇ ଉଠିଅଛି । ସେଠାରେ ଦଳେ ସାହିତ୍ୟିକ (ଯେଉଁମାନଙ୍କୁ Poètes de terroir ବୋଲି କୁହାଯାଏ) ଫରାସୀ ଦେଶର ଭିନ୍ନ ଭିନ୍ନ ପ୍ରାନ୍ତର ବିଭିନ୍ନ ବୈଶିଷ୍ଟ୍ୟକୁ ଭାଷାରେ ଓ ଭାବରେ, ଚଳନରେ, କଥା କହିବାରେ ଫୁଟାଇ ଦେଖାଇବାର ବ୍ରତ ଗ୍ରହଣ କରିଛନ୍ତି ବୋଲି କହିବାକୁ ହେବ ।*

ସମ୍ମୁଖକୁ ଚାଲୁ ଚାଲୁ ଏଇ ଯେଉଁ ପଛଆଡ଼କୁ ମୁହଁ କରି ଚାଲିବାର ପ୍ରୟାସ, ଭୂମାର ସାଧନା କରୁ କରୁ ଏଇ ଯେ ପୁନରାୟ ଅଳ୍ପର ପୂଜା ଆରାଧନା କରିବା – ଏହାର ଅର୍ଥ କ'ଣ ? ଅର୍ଥ ହୋଇପାରେ – ଅଖଣ୍ଡ ସତ୍ୟଟି ହେଉଛି : ତାହାର ଦୁଇ ଦିଗର ଦୁଇ ବିପରୀତ ସତ୍ୟର ସାମଞ୍ଜସ୍ୟ ସାଧନ – ଅତୀତ ସହିତ ଭବିଷ୍ୟତର, ପୂର୍ବ ସହିତ ପଶ୍ଚିମର, ବିଦ୍ୟା ସହିତ ଅବିଦ୍ୟାର, ଅଣୁର ସହିତ ମହତ୍‌ର ସାମଞ୍ଜସ୍ୟ ଆନୟନ; ଉପନିଷଦ୍ ଯେପରି ବ୍ରହ୍ମଙ୍କ ସମ୍ବନ୍ଧରେ କହିଛନ୍ତି :

* ଏଇ ସ୍ଥାନରେ ଆଧୁନିକର ଗତି-ବୈପରୀତ୍ୟ କିପରି ଭାବରେ ସାହିତ୍ୟ କ୍ଷେତ୍ରରେ ଆଉ ଗୋଟିଏ ଦିଗରେ ଦେଖା ଦେଇଛି, ତାହାରି ଉପରେ ମୁଁ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ଅନ୍ୟତ୍ର କହିବାକୁ ମୁଁ ବସିଛି ଯେ ଅତି ଆଧୁନିକ ଦୃଷ୍ଟିର ଗତି ହେଉଛି ପାତାଳ ଦିଗରେ – ରସାତଳ-ଅନ୍ଧକାର ମଧ୍ୟକୁ, ଅବଚେତନାର ଚୋରା-କୋଠରି ମଧ୍ୟକୁ ତା' ପ୍ରଲମ୍ବିତ; ଦୁଃଖ, ଦୈନ୍ୟ, କ୍ଳେଦ-ବିଷ – ଏଇସବୁକୁ ନେଇ ତା'ର କାରବାର । ତେବେ ଏଇଟା ବି ଗୋଟାଏ ଦିଗ; ଏଇ ଆଧୁନିକତାର ଭିତରେ ପୁନଶ୍ଚ ନିମ୍ନାଭିମୁଖୀ ଗତିଟି ଘୂରିଯାଇ ଊର୍ଦ୍ଧ୍ୱମୁଖୀ ହୋଇ ଉଠିଛି; ତାହାର ଗୋଟାଏ ଧାରା ଉପର ଦିଗରେ – ଅଭିନବ ଆଲୋକ ଦିଗରେ – ଯାହାର ବିଷୟରେ ତଥା ଭଙ୍ଗିମାରେ ଅତିଲୌକିକର ଏକ ପ୍ରଭା ଆସି ପ୍ରବେଶ କରିଛି । ସାଧୁ ସଜ୍ଞାନରେ ଯେଉଁ ସାହିତ୍ୟ ରଚନା କରନ୍ତି ସେ ସାହିତ୍ୟର କଥା ଏଠାରେ ଉଲ୍ଲେଖ କରାଯାଉ ନାହିଁ, ଶିଳ୍ପୀମାନେ ଯେଉଁ ସୌନ୍ଦର୍ଯ୍ୟ ଦେଖୁଛନ୍ତି, ଗଢୁଛନ୍ତି ଦିବ୍ୟଧାମରେ – ଦିବି ରୂପମାସଜତ୍, ତାହାରି କଥା ମୁଁ କହିବାକୁ ଯାଉଛି । ମୋର ମନକୁ ଆସୁଛି – A. E. ଏଡ୍‌ଓ୍ୱାର୍ଡ କାର୍‌ପେଣ୍ଟର୍ କିଂବା ଆମର ରବୀନ୍ଦ୍ରନାଥଙ୍କ କଥା ।

''ତଦେଜତି ତନ୍ନୈଜତି ତଦ୍‌ଦୂରେ ତଦନ୍ତିକେ ।
ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ ॥''

ଅର୍ଥାତ୍ – ''ସେଇଟି (ବ୍ରହ୍ମ) ଚାଲୁଅଛି, ପୁଣି ତାହା ଚାଲୁ ନାହିଁ; ତାହା ଦୂରସ୍ଥ, ପୁଣି ତାହା ଅତି ନିକଟରେ; ତାହା ଏଇ ସମସ୍ତର ଭିତରେ ଅବସ୍ଥିତ, ପୁଣି ତାହା ଏ ସମସ୍ତର ବାହାରେ, ସବୁକୁ ଛାଡ଼ି ଅବସ୍ଥାନ କରୁଛି ।''

ପ୍ରକୃତିର ସାଧାରଣ ଗତିଟି ଏଇ ପ୍ରକାର – ଗୋଟାଏ ଦିଗରେ ଅତିଶୟ ଝୁଙ୍କରେ ଅଗ୍ରସର ହେବା, ଏଇପରି କରୁ କରୁ ତା'ର ଅପର ଦିଗରେ ବି ଅତିମାତ୍ରାରେ ଧାଇଁବା । ବାହାରୁ ଏଇ ଦୁଇଟି ବିପରୀତ ଗତିମୁଖକୁ ଚାହିଁଲେ ମନେ ହୁଏ ଯେପରି ଗୋଟାଏ ସତ୍ୟ ଓ ଶକ୍ତି ଅନ୍ୟ ଗୋଟିଏ ସତ୍ୟ ଓ ଶକ୍ତିକୁ ବାଦ୍ ଦେଇ ନିଜକୁ ପ୍ରତିଷ୍ଠା କରିବାକୁ ଚାହିଁ ବସିଛି । ମାତ୍ର ଏଇ ଦ୍ୱନ୍ଦ୍ୱର ଭିତର କଥା ହେଉଛି ଦୁଇଟି ବିରୋଧୀ ସତ୍ୟ ଓ ଶକ୍ତିକୁ ମନ୍ଥନ କରି କିପରି ଭାବରେ ଏକ ବୃହତ୍ତର ସତ୍ୟ ଓ ଶକ୍ତି ସୃଷ୍ଟି କରାଯାଇ ପାରିବ – ପ୍ରକୃତିର ବିବର୍ତ୍ତନ ବା କ୍ରମବିକାଶର ରହସ୍ୟଟି ଏଇଠାରେ, ଏକ Golden mean ବା 'ଏକ ମଧ୍ୟବର୍ତ୍ତୀ ଉତ୍କୃଷ୍ଟ ପନ୍ଥା'ଟିଏ ଆବିଷ୍କାର କରିବା ।

ଏଇ ଆଲୋଚନାଟି ଧର୍ମର ଉଦାହରଣ ଦେଇ ଆରମ୍ଭ କରା ହୋଇଥିଲା, ଉପସଂହାର କରିବୁ ବି ଧର୍ମର ଉଦାହରଣ ଦେଇ, ଶେଷ କଥାଟି ବ୍ୟାଖ୍ୟା କରି । ପ୍ରଥମତଃ : ଧର୍ମର ଏଇ ଯେଉଁ ଗତି-ବୈପରୀତ୍ୟ, ଯାହାଫଳରେ ଗୋଟାଏ ଦିଗରେ ଧାର୍ମିକତା ଚାଲିଲେ, ଅନ୍ୟ ଏକ ଦିଗରେ ନାସ୍ତିକତା ମୁଣ୍ଡ ଟେକୁଛି । ଧର୍ମର ପ୍ରେରଣା ଯେତେ ତାମସିକ ହୋଇପଡ଼େ, ନାସ୍ତିକତା ବି ସେତେ ଅଧିକ ରାଜସିକ ହୋଇଉଠେ, ଅଥବା ନାସ୍ତିକ୍ୟ ବୃତ୍ତି ଯେତେ ରୁକ୍ଷ ରୂଢ଼ ପ୍ରଳୟଙ୍କରୀ ହୋଇ ଜାହିର କରେ ନିଜକୁ, ଧାର୍ମିକତା ବି ସେତିକି ପ୍ରମତ୍ତ ଅନ୍ଧ ହୋଇଯାଏ । ସେଇ ହେତୁରୁ ଧର୍ମକୁ ବାଦ୍ ଦେବାକୁ ପଡ଼ିବ ନାହିଁ ବା ବିଜ୍ଞାନର ଦାନକୁ ତୁଚ୍ଛ କରାଯାଇ ପାରିବ ନାହିଁ । ବ୍ରାହ୍ମଣସଭା ଅବା 'ଆଞ୍ଜୁମାନ ଇସଲାମିଆ'ର ଆଦର୍ଶକୁ ଆଣି ଥୋଇବା ବି ସମାଜ ପକ୍ଷରେ ହିତକର ନୁହେଁ – ଏହା ସ୍ୱୀକାର କରୁଛୁ ଅଥଚ ପୁନରାୟ ମୁସ୍ତାଫା କମଲପାଶା ବା ଲେନିନ ଯେମିତି ଧର୍ମର Gordian Knot କୁ କାଟି ଫୋପାଡ଼ି ଦେବାର ବ୍ୟବସ୍ଥା କରିଥିଲେ, ସେଥିରୁ ମନେହେଉଛି ସେମାନେ ଯେପରି ସମସ୍ୟାଟିକୁ ଏଡ଼ାଇ ଦେବାକୁ ଚେଷ୍ଟା କରିଛନ୍ତି, ସମସ୍ୟାଟିର ମୁହାଁମୁହିଁ ହୋଇ ନାହାନ୍ତି, ପୂରଣ କରିବାକୁ ପ୍ରଯତ୍ନ କରି ନାହାନ୍ତି । ତେବେ ସମ୍ମୁଖ ଯୁଗରେ ଏଇ ବ୍ରତଟି ଆମ ଆଗରେ ରହିବ – ଧର୍ମ ସାଙ୍ଗରେ ବିଜ୍ଞାନର ମିଳନ, କେବଳ ମିଳନ ନୁହେଁ ସାମଞ୍ଜସ୍ୟ, ଐକ୍ୟ ସ୍ଥାପନ; ଧର୍ମ ଅର୍ଥ ଆତ୍ମାର ସତ୍ୟ ଆଉ ବିଜ୍ଞାନ ଅର୍ଥ ଦେହର ସତ୍ୟ । ଗୋଟାଏ ଦିଗରେ ଆତ୍ମା-ସର୍ବସ୍ୱ ହେବା ନାହିଁ ମାୟାବାଦୀମାନଙ୍କ ଭଳି, ଅନ୍ୟଦିଗରେ ଦେହ-ସର୍ବସ୍ୱ ବି ହେବା ନାହିଁ – 'ଋଣଂ କୃତ୍ୱା ଘୃତପାୟୀ'ମାନଙ୍କ ଭଳି । ଆତ୍ମାକୁ ଶରୀରୀ କରି ଧରିବାକୁ ହେବ ଜୀବନରେ – ଏହାହିଁ କ'ଣ ହେବ ନବଯୁଗର ସାଧନା ?

ତା'ପରେ ଧର୍ମର ସାଧନା ଯେଉଁଠି ସ୍ଥାନ ପାଇଛି, ସେଠାରେ ଦେଖିବାକୁ ପାଉ ଆଉ ଏକ ଧରଣର ବୈପରୀତ୍ୟ ଗଜେଇ ଉଠିବା । ଧର୍ମର ଯାବତୀୟ ଖଣ୍ଡତା, ସଂକୀର୍ଣ୍ଣତା କୁସଂସ୍କାରକୁ ସଫା କରି କରି ଆମେ ଆଗେଇ ଚାଲିଥିଲୁ କେବଳ ସାର୍ବଭୌମିକ ଧର୍ମର ଖୋଜରେ – ଏକ Universal Religion ର ସନ୍ଧାନରେ । ବ୍ୟକ୍ତିର, ବ୍ୟଷ୍ଟିର ବା ଗୋଷ୍ଠୀର ବୈଶିଷ୍ଟ୍ୟକୁ ଆମେ ପାଖ ପଶିବାକୁ ଦେବାକୁ ଇଚ୍ଛା କରି ନାହୁଁ, ଆମେ ଚାହିଁଛୁ – ସମଷ୍ଟି ପାଇଁ ସାଧାରଣ ସତ୍ୟ, ସାଧାରଣ ବିଧାନ । ମାତ୍ର ସତ୍ୟଟି ଯେତେ ସର୍ବ-ସାଧାରଣ ହେଲେ ବି ପ୍ରୟୋଗ କ୍ଷେତ୍ରରେ, ଜୀବନର ପ୍ରୟୋଜନରେ; ବ୍ୟଷ୍ଟି-ବ୍ୟଷ୍ଟିରେ, ଗୋଷ୍ଠୀ-ଗୋଷ୍ଠୀରେ ତାହା ନିଶ୍ଚୟ ବିଚିତ୍ର ବିଭିନ୍ନ ହୋଇ ଉଠିବ । ଆଜିକାଲି ପାଶ୍ଚାତ୍ୟର ଗଣତାନ୍ତ୍ରିକ ଶିକ୍ଷାଦୀକ୍ଷାର ପ୍ରଖର ଆଲୋକରେ ଉଦ୍ଭାସିତ ମାନବସମାଜରେ ଧର୍ମକୁ କେନ୍ଦ୍ର କରି ଯେଉଁ ସାମ୍ପ୍ରଦାୟିକ ରକ୍ଷଣଶୀଳତା ବାହାରକୁ ଫୁଟି ଉଠିଅଛି, ସେସବୁର ମୂଳ ବି ଏଇ ଜାଗାରେ । ଭଗବାନ୍, ଖୋଦା, ଗଡ୍ କିଂବା ବିଷ୍ଣୁ, ଶିବ, କାଳୀ, କୃଷ୍ଣ ସମସ୍ତେ ଏକ ହୋଇଲେ କ'ଣ ହେବ ? ମନୁଷ୍ୟର ବିଭିନ୍ନ ପ୍ରୟୋଜନ ଲାଗି ତ ଏଇ ନାମ ଓ ରୂପର ବିଭିନ୍ନତା ଦେଖାଦେଇଛି । ଐକ୍ୟର ଦିଗଟିକୁ ଯେପରି ବିସ୍ମୃତ କରାଯାଇ ପାରିବ ନାହିଁ, ସେଇପରି ବିଭିନ୍ନତାର ଦିଗଟିକୁ ମଧ୍ୟ ସର୍ବଦା ଅବହେଳା ନ କରି ଗଣନାର ଭିତରେ ରଖିବା ଏକାନ୍ତ କର୍ତ୍ତବ୍ୟ । ସାର୍ବଭୌମିକତା ଅକ୍ଷୁଣ୍ଣ ରଖି ବି ତାହାରି ଭିତରେ ପୁଣି ବ୍ୟଷ୍ଟିଗତ, ଗୋଷ୍ଠୀଗତ ସ୍ୱାତନ୍ତ୍ର୍ୟ, ବୈଚିତ୍ର୍ୟ କିଭଳି ଭାବରେ ପ୍ରକାଶ କରି ଧରିବାକୁ ପଡ଼ିବ – ଏଇ ସମସ୍ୟାର ସମାଧାନ ଭାବୀ କାଳହିଁ କରିବ ।

ଅନୁବାଦ : କୃଷ୍ଣା ଦେବୀ

# ପରିବର୍ତ୍ତିତ ମୂଲ୍ୟବୋଧ ପରିପ୍ରେକ୍ଷୀରେ
# ବିଶ୍ୱାସ ଓ ବନ୍ଧୁତା

**ଶ୍ରୀ ମନୋଜ ଦାସ**

*''ବାଣିଜ୍ୟ, ରାଜନୀତି, ଚାକିରି – ଜୀବନ ସଂଗ୍ରାମର କୌଣସି ଗୋଟାଏ ବି ଧାରାରେ ଆପଣ ଆଜି କାହାକୁ ବିଶ୍ୱାସ କରିପାରିବେ ନାହିଁ । ଏଥିରେ ନିଜର ଆତ୍ମ-ବିଶ୍ୱାସ ବଜାୟ ରହିପାରିବ କିପରି ?''*

ବଡ଼ ବିଷାଦଭରା କଣ୍ଠରେ ଜଣେ ପ୍ରବୁଦ୍ଧ ମିତ୍ର କିଛି ଦିନ ତଳେ ଏ ହତାଶା ପ୍ରକଟ କରିଥିଲେ । କହିବା ବାହୁଲ୍ୟ ବେଦନା ଓ ମୋହମୁକ୍ତିର ଏମନ୍ତ ଅଭିବ୍ୟକ୍ତି ଦେବାରେ ସେ ଏକାକୀ ନୁହନ୍ତି । ବିଭିନ୍ନ ଶୈଳୀରେ ଆଜିକାଲି ଏହା ପ୍ରାୟତଃ ସହସ୍ର କଣ୍ଠରେ ଉଚ୍ଚାରିତ ହୋଇଥାଏ ।

ସାମ୍ପ୍ରତିକ କାଳରେ ସଂକଟ, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ବିରୋଧାଭାଷର ତାଲିକା ସୁଦୀର୍ଘ । ଅତ୍ୟାଧୁନିକ ଯାନବାହନ ଯୋଗେ ଗତିରେ ଆମେ ହାସଲ କରିଛୁ ତୀବ୍ର କ୍ଷିପ୍ରତା, କିନ୍ତୁ ତଥାପି ନିଜ ପାଇଁ ସମୟ ନାହିଁ; ଭାଷା ଓ ଭାବର ଆଦାନପ୍ରଦାନ ଧାରାକୁ ଫ୍ୟାକସ୍, ଇମେଲ୍, ମୋବାଇଲ ଭଳି ନିତ୍ୟନୂତନ ମାଧ୍ୟମ ଆଣିଦେଇଛି ସାବଲୀଳତା ଓ ତତ୍‌କ୍ଷଣିକତା, କିନ୍ତୁ ପରସ୍ପର ବୁଝାମଣାର ଦୟନୀୟ ଅଭାବ; ବିନା ଆୟାସ-ପ୍ରୟାସ ପରସ୍ପର ଧାଁଧପଡ଼ରେ ବହୁ କର୍ମ ସମ୍ପାଦନା କରିପାରିବା ନିମନ୍ତେ ପ୍ରଯୁକ୍ତିବିଜ୍ଞାନ (Technology) ଆଣିଦେଇଛି ଅକଳ୍ପନୀୟ ସୁବିଧା ସୁଯୋଗ, କିନ୍ତୁ ଆମ ଉତ୍କଣ୍ଠା ଓ ଉଦ୍‌ବିଗ୍ନତା ହ୍ରାସ ହେବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି । ବହୁ ବାସଗୃହ ଚହଟ ଚିକ୍କଣ; କିନ୍ତୁ ଭିତରର ସଂସାରଟିମାନ ଫଟା ।

ଆଜି ପୁଣି ପୂର୍ବବର୍ତ୍ତୀ ପିଢ଼ିସବୁ ତୁଳନାରେ ପ୍ରତ୍ୟେକ ମଣିଷର ସମ୍ପର୍କ ଓ ସାକ୍ଷାତ୍ ବହୁ ଅଧିକ ସଂଖ୍ୟକ ଲୋକଙ୍କ ସହ ହୋଇଥାଏ; କିନ୍ତୁ ପ୍ରତ୍ୟେକ ମଣିଷର ପ୍ରକୃତ ବନ୍ଧୁ ସଂଖ୍ୟା ପୂର୍ବ ତୁଳନାରେ ବହୁତ କମ୍ । ସର୍ବୋପରି ଆଜି ପୃଥିବୀ ବ୍ୟାପୀ ଦେଶ ଦେଶ ଭିତରେ ସମ୍ପର୍କ, ପ୍ରତିଷ୍ଠାନ ପ୍ରତିଷ୍ଠାନ ଭିତରେ ସମ୍ପର୍କ ପୂର୍ବବର୍ତ୍ତୀ ଯେକୌଣସି ଶତାବ୍ଦୀ ତୁଳନାରେ ଅଧିକ, କିନ୍ତୁ ସେ ସମ୍ପର୍କର ଭିତ୍ତି ବିଶ୍ୱାସ-ବିରହିତ ।

ବିଶ୍ୱାସହିଁ ବନ୍ଧୁତାର ଭିତ୍ତି । ବିଶ୍ୱାସରେ ସଙ୍କଟ ଯୋଗୁଁ ଆଜି ଯେଉଁ ସର୍ବପୁରାତନ ମାନବିକ ସମ୍ପର୍କ ଦୁର୍ବଳ ହୋଇପଡ଼ିଛି ତାହା ହେଲା ବନ୍ଧୁତା ।

ପରିବାରହିଁ ବିଶ୍ୱାସର ଭିତ୍ତି । ପୂର୍ବରୁ ଥରେ ଲେଖିଥିଲି, ନବଜାତ ଶିଶୁର ପ୍ରଥମ କ୍ରନ୍ଦନହିଁ ତା'ର ସହଜାତ ବିଶ୍ୱାସର ଘୋଷଣା । ତା'ର ଅନ୍ତଃସତ୍ତା ଜାଣେ ତା'ର ସେ ଘୋଷଣା ପ୍ରତି ଧ୍ୟାନ ଦେବା ପାଇଁ, ତାକୁ ଉଠାଇନେବା ପାଇଁ, ସହାୟତା ଦେବା ନିମନ୍ତେ ପ୍ରକୃତି ବା ବିଧାତା ଅନ୍ୟମାନଙ୍କ ହୃଦୟରେ ସ୍ନେହଶ୍ରଦ୍ଧାର ସଞ୍ଚାର କରିରଖିଛି ।

ବିଶ୍ୱାସକୁ ଅବଲମ୍ବନ କରିହିଁ ଶିଶୁର ଅଭିବୃଦ୍ଧି ହୁଏ । ପରିବାର, ପରିବେଶ ଦ୍ୱାରା ପରିପୋଷିତ ଏହି ବିଶ୍ୱାସ କ୍ରମେ ପରିବାରର ସୀମା ଅତିକ୍ରମ କରାଇ ତାକୁ ଅନ୍ୟମାନଙ୍କ ସହ ସମ୍ପର୍କିତ କରାଏ । ସୃଷ୍ଟି ହୁଏ ତା'ର ବନ୍ଧୁ-ବଳୟ ।

ପରିବାର ପରେ ସର୍ବପୁରାତନ ମାନବିକ ସମ୍ପର୍କ ବନ୍ଧୁତା ବୋଲି କହିଲି ଠିକ୍, କିନ୍ତୁ ଏ ସମ୍ପର୍କର ପବିତ୍ରତା ପାରିବାରିକ ସମ୍ପର୍କର ପବିତ୍ରତାକୁ ଅତିକ୍ରମ କରିଯିବାର ଦୃଷ୍ଟାନ୍ତ କମ୍ ନାହିଁ । ସେ ବିଷୟରେ ପ୍ରାଚୀନ ଭାରତର ସବୁଠାରୁ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ ନିଶ୍ଚୟ କର୍ଣ୍ଣ । ପାଣ୍ଡବମାନଙ୍କ ସହ ତାଙ୍କର ପ୍ରତ୍ୟକ୍ଷ ଭ୍ରାତୃସମ୍ପର୍କ ଉଦ୍‌ଘାଟିତ ହେବା ପରେ ମଧ୍ୟ ସେ ବନ୍ଧୁ ଦୁର୍ଯ୍ୟୋଧନଙ୍କୁ ତ୍ୟାଗ କରିପାରିଲେ ନାହିଁ ।

ଭାରତର ପରମ୍ପରାରେ ବନ୍ଧୁତାର ମହନୀୟତାକୁ ପବିତ୍ର ସ୍ୱୀକୃତି ଦିଆଯାଇଛି । କୃଷ୍ଣ-ସୁଦାମା ସମ୍ପର୍କ ତା'ର ଏକ ଦୃଷ୍ଟାନ୍ତ । ଚାଣକ୍ୟ ପୁଣି ବନ୍ଧୁତାର ସଂଜ୍ଞା ବି ନିରୂପଣ କରିଛନ୍ତି :

''ଆତୁରେ ବ୍ୟସନେ ପ୍ରାପ୍ତେ ଦୁର୍ଭିକ୍ଷେ ଶତ୍ରୁ ସଂକଟେ
ରାଜଦ୍ୱାରେ ଶ୍ମଶାନେ ଚ ଯସ୍ତିଷ୍ଠତି ସ ବାନ୍ଧବଃ ।''

ଗ୍ରୀକ୍ କିଂବଦନ୍ତି-ସାହିତ୍ୟରେ ଆମେ ପାଉଁ ଡାମୋନ୍ ଏବଂ ପିଥିଆସ୍‌ଙ୍କ ଅବିସ୍ମରଣୀୟ ଚରିତ । ସୁପ୍ରାଚୀନ ସାଇରାକ୍ୟୁସ୍‌ରେ ଡାଇଓନିସିଆସ୍ ଏକଛତ୍ର ଶାସକ । ଏହି ଦୁର୍ଦାନ୍ତ ଶାସକର କୋପ ଦୃଷ୍ଟିରେ ପଡ଼ିଲେ ପିଥିଅସ୍ । ତାଙ୍କୁ ପ୍ରାଣଦଣ୍ଡର ଆଦେଶ ହେଲା । ପିଥିଅସ୍ ନିଜ ଶେଷ ଅଭିଳାଷ

ରୂପେ ସପ୍ତାହକ ସକାଶେ ବିରତି ମାଗିଲେ – ନିଜର ଦୂରବର୍ତ୍ତୀ ଗ୍ରାମକୁ ଯାଇ ପରିବାରଠାରୁ ବିଦାୟ ନେଇଆସିବା ନିମନ୍ତେ ।

''ଠିକ୍ ଅଛି !'' କହିଲେ ଡାଇଓନିସିଆସ୍, ''କିନ୍ତୁ ତୁମ ପାଇଁ ତୁମର କୌଣସି ବନ୍ଧୁ ଯଦି ମୁଣ୍ଡଜାମିନ ରହେ । ତୁମେ ଯଦି ନିର୍ଦ୍ଦିଷ୍ଟ ଦିନ ସୂର୍ଯ୍ୟୋଦୟ ସୁଦ୍ଧା ଲେଉଟି ନ ଆସିବ ତେବେ ସେ ଜାମିନଦାର ମୃତ୍ୟୁଦଣ୍ଡ ଭୋଗିବାକୁ ପ୍ରସ୍ତୁତ ରହିବା ଚାହି ।''

ଆଗଭର ହେଲେ ବନ୍ଧୁ ଡାମୋନ୍ । ତାଙ୍କୁ କାରାରୁଦ୍ଧ କରାଗଲା ।

ଷଷ୍ଠ ଦିନ ରାତି ସୁଦ୍ଧା ପିଥିଅସ୍ ପ୍ରତ୍ୟାବର୍ତ୍ତନ ନ କରନ୍ତେ ସପ୍ତମ ଦିନ ପ୍ରଭାତରେ ଡାମୋନ୍‌ଙ୍କୁ ଫାଶୀ ମଞ୍ଚକୁ ନିଆଗଲା । ତହିଁ ଉପସ୍ଥିତ ଥିଲେ ଡାଇଓନିସିଆସ୍ । ଡାମୋନ୍‌ଙ୍କ ଆଖିରେ ଅଶ୍ରୁ ଦେଖି ସେ ଅଟ୍ଟହାସ୍ୟ କଲେ ଏବଂ କହିଲେ, ''ମୁଁ ଠିକ୍ ଜାଣିଥିଲି ଯେ ତୁମ ବନ୍ଧୁ ତୁମକୁ ଦଗା ଦେବ । ଏବେ ଅଶ୍ରୁପାତ କଲେ ଲାଭ କ'ଣ ?''

''ମହାମାନ୍ୟ ଶାସକ ! ଏ ଅଶ୍ରୁ ଦୁଃଖଜନିତ ନୁହେଁ । ଏହା କୃତଜ୍ଞତାର ଅଶ୍ରୁ । ମୋ ବନ୍ଧୁ ନିଶ୍ଚୟ କୌଣସି ଦୁର୍ଲଙ୍ଘ୍ୟ ଅସୁବିଧା ଯୋଗୁଁ ଅଟକି ଯାଇଛନ୍ତି । ଭଗବାନ୍ ଯେ ମୋତେ ମୋ ବନ୍ଧୁ ପାଇଁ ପ୍ରାଣ ଦେବାର ସୁଯୋଗ ପ୍ରସ୍ତୁତ କରିଦେଲେ ସେଥିପାଇଁ ମୁଁ ପୁଲକିତ ।'' ଉତ୍ତର ଦେଲେ ଡାମୋନ୍ ।

ସେତିକି ବେଳେ ଶୁଣାଗଲା ଅଦୂରରୁ ଏକ ବିକଳ ଚିତ୍କାର : ''ଥୟ ଧର ! ମୁଁ ଆସିଗଲିଣି !'' ଚାହୁଁ ଚାହୁଁ ଗଳଦ୍‌ଘର୍ମ ପିଥିଅସ ଆସି ତହିଁ ଉପନୀତ ହେଲେ । ତାଙ୍କ ଆଖିରେ ବି ଅଶ୍ରୁ । ''ମୋର କେଡ଼େ ସୌଭାଗ୍ୟ – ଭଗବାନଙ୍କୁ ଅଶେଷ ଧନ୍ୟବାଦ ଯେ ମୁଁ ଠିକ୍ ସମୟରେ ପହଞ୍ଚି ପାରିଲି । ନଦୀରେ ପ୍ରବଳ ବନ୍ୟା ଯୋଗୁଁ ବିଳମ୍ବ ହେଲା ! ସେ ଡାମୋନ୍‌ଙ୍କୁ କୁଣ୍ଢାଇ ପକାଇଲେ ।

ସେ ସ୍ତବ୍ଧ ପରିବେଶରେ ନିଜ ବୟସ୍କ ଜୀବନରେ ଦୁର୍ବିନୀତ ଡାଇଓନିସିଆସ୍ ବୋଧହୁଏ ପ୍ରଥମ ଥର ପାଇଁ ଆପଣାର ଆଖି ସଜଳ ହେବାର ଅନୁଭବ କଲେ । ''ମୋତେ ଆଜିଠାରୁ ତୁମର ତୃତୀୟ ବନ୍ଧୁ ରୂପେ ଗ୍ରହଣ କର !'' ସେ କହିଲେ ଏବଂ ଦୁଇବନ୍ଧୁଙ୍କୁ ସାଦର ସମ୍ଭାଷଣ ଜଣାଇ ନିଜ ଦରବାରକୁ ନେଇ ଆସିଲେ ।

ରୋମ ସାମ୍ରାଜ୍ୟର ଏକନାୟକ ଜୁଲିଅସ୍ ସିଜର୍ ବ୍ରୁଟାସ୍‌ଙ୍କୁ ତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁ ବୋଲି ଭାବିଥିଲେ । ସିନେଟ୍ ହଲ୍ ଭିତରେ ଯେତେବେଳେ ଷଡ଼୍‌ଯନ୍ତ୍ରକାରୀ ମାନ୍ୟବର ପ୍ରତିନିଧିବର୍ଗ ତାଙ୍କୁ ହତ୍ୟା କରିବା ନିମନ୍ତେ ଜଣକ ପରେ ଜଣେ ଛୁରୀକାଘାତ କରିଚାଲିଲେ, ସେତେବେଳେ ହତଭମ୍ବ ସିଜର୍ ବ୍ରୁଟାସ୍‌ଙ୍କୁ ଖୋଜିଲେ ଏବଂ ଦେଖିରେ ବନ୍ଧୁଙ୍କ ହାତରେ ମଧ୍ୟ ଉଦ୍ୟତ ଛୁରୀକା । ''ତୁମେ ବି ବ୍ରୁଟାସ୍ !'' ଥିଲା ତାଙ୍କର ଶେଷ ଉକ୍ତି ।

ବ୍ରୁଟାସ୍ ଥିଲେ ଆଦର୍ଶବାଦୀ; ଗଣତନ୍ତ୍ରର ପୂଜକ । ସିଜର୍ ଗଣତନ୍ତ୍ର ଉପରେ ତାଲା ପକାଇ ଦେଇ ନିଜେ ଏକଛତ୍ର ଶାସକ ବନିଯାଇଥିବା ଯୋଗୁଁ ବ୍ରୁଟାସ୍ ତାଙ୍କ ନିଧନ ଯୋଜନାକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ନିଜେ ସେଥିରେ ସାମିଲ ହେଲେ ।

ଏହା ଆଦର୍ଶ ପ୍ରତି ବିଶ୍ୱସ୍ତତା; କିନ୍ତୁ ବନ୍ଧୁତା ପ୍ରତି ବିଶ୍ୱାସଘାତକତା । ସେ ଠିକ୍ କଲେ ନା ଭୁଲ୍ କଲେ, ଏ ପ୍ରଶ୍ନ ଅଦ୍ୟାବଧି ଅସମାହିତ । ଦାନ୍ତେ ତାଙ୍କ 'Inferno'ରେ ନର୍କର ନିକୃଷ୍ଟତମ ସ୍ତରରେ ଜୁଡ଼ାସ୍ ସହ ତାଙ୍କୁ ରଖାଇଛନ୍ତି । ଆମ ସମସାମୟିକ ବିଖ୍ୟାତ ଲେଖକ ଇ. ଏମ୍. ଫୋର୍ଷ୍ଟର କହିଥିଲେ ଯେ ସେ ବ୍ରୁଟାସ୍ ସ୍ଥାନରେ ଥିଲେ ସିଜର୍‌ଙ୍କୁ ରକ୍ଷା କରିଥା'ନ୍ତେ – ହତ୍ୟା କରିବା ତ ଦୂରର କଥା ।

ଗଣତନ୍ତ୍ର ଭଳି ବିଭିନ୍ନ ରାଜନୈତିକ ବିଭିନ୍ନ ଆଦର୍ଶ ରୂପରେଖ ନେବାର ବହୁ ପୂର୍ବରୁ ରହିଛି ବନ୍ଧୁତା ଭଳି ମାନବିକ ପ୍ରବେଗ । ରାଜନୈତିକ ବା ସାମାଜିକ ଆଦର୍ଶ ଯୁଗଚକ୍ରର ଗତିରେ ପରିବର୍ତ୍ତିତ ହୋଇଛି । ଯଥା, ଗଣତନ୍ତ୍ର ପ୍ରତି ଆନୁଗତ୍ୟ ଆଦର୍ଶ ରୂପେ ଗୃହୀତ ହେବାର ବହୁ ପୂର୍ବରୁ ରାଜାଙ୍କ ପ୍ରତି ଆନୁଗତ୍ୟ ଥିଲା ଏକ ମହନୀୟ ଆଦର୍ଶ । କିନ୍ତୁ ବନ୍ଧୁତା ଏକ କାଳଜୟୀ ଚିରନ୍ତନ ଅନୁଷ୍ଠାନ ।

ଆଜି ସମାଜରେ ନାନାଦି ସଂଘ ସମିତି ରହିଛନ୍ତି – ବ୍ୟାବସାୟିକ ଅଂଶୀଦାରି, ଟ୍ରେଡ୍ ୟୁନିୟନ୍‌ଗତ ଭ୍ରାତୃତ୍ୱ, ସମବାୟୀ ସମ୍ପର୍କ ଇତ୍ୟାଦି ଇତ୍ୟାଦି; କିନ୍ତୁ ବନ୍ଧୁତା ବିରଳ । ଏହାର ମୂଳ କାରଣ ଚେତନାଗତ । ବିବର୍ତ୍ତନର ଅଲଂଘ୍ୟ ଦାବି ଅନୁସାରେ ଆମେ ଆମର ଚଳିତ ଚେତନା ଅତିକ୍ରମ କରି ଏକ ଊର୍ଦ୍ଧ୍ୱବର୍ତ୍ତୀ ଚେତନାକୁ ଆଦରି ନେବା ଦିଗରେ ଆସ୍ପୃହା କରିବା କଥା । କିନ୍ତୁ ଆମେ ଆମ ଗତାନୁଗତିକ ପଙ୍କିଳତା ଭିତରେ ଛଟପଟ ହେବାକୁ ବିଜ୍ଞତା ବୋଲି ମନେ କରୁଛୁ ।

ଆମକୁ ସେହି ଅବସ୍ଥାରେ ଛାଡ଼ି ଦେଇ ମହାକାଳନିହିତ ବିବର୍ତ୍ତନୀ ଶକ୍ତି ତା'ର ନିଜସ୍ୱ ନିୟମ ଅନୁସାରେ ବିଜ୍ଞାନ ଓ ବୈଷୟିକ ବିଦ୍ୟାରେ ଯୁଗାନ୍ତକାରୀ ଅଗ୍ରଗତି ସାଧନ କରି

ଚାଲିଛି । ସେସବୁକୁ ପ୍ରକୃତରେ ନିଜ ନିୟନ୍ତ୍ରଣରେ ରଖିପାରିବା ଭଳି ଚେତନା-ଶକ୍ତି ମଣିଷର ନାହିଁ । ଫଳରେ ସେସବୁର ହିତକର ପ୍ରୟୋଗ ଯେତିକି ହେଉଛି, ଅହିତକର ପ୍ରୟୋଗ ସେତିକି ମାତ୍ରାରେ ହେଉଛି । ଯାହା ଆତଙ୍କଜନକ, ତାହାହେଲା ଏହି ଅହିତକର ପ୍ରୟୋଗ ଯେକୌଣସି ମୁହୂର୍ତ୍ତରେ ଅଦ୍ୟାବଧି ସମ୍ଭବ ହୋଇଥିବା ହିତକୁ ଅର୍ଥହୀନ ପ୍ରହସନରେ ପରିଣତ କରିପାରେ । (କଳ୍ପନା କରନ୍ତୁ ହଠାତ୍ ପରମାଣୁ ବିଶ୍ୱଯୁଦ୍ଧ ଲାଗିଯିବାର ପରିଣତି ।)

ଏହି ଅନିଶ୍ଚିତ ଅବସ୍ଥା ଅବଚେତନ ସ୍ତରରେ ଆମ ନିଜ ନିଜର ଆତ୍ମବିଶ୍ୱାସରେ ଆଘାତ ଦେଇଛି । ମୁଷ୍ଟିମେୟ ବ୍ୟକ୍ତି ସେମାନେ ସନ୍ତ୍ରାସବାଦୀ ହୁଅନ୍ତୁ, ମୌଳବାଦୀ ହୁଅନ୍ତୁ ବା ସେମାନଙ୍କୁ ଦମନ କରିବାକୁ ଚେଷ୍ଟିତ ଗୋଷ୍ଠୀ ହୁଅନ୍ତୁ, ଯେଉଁ ପ୍ରକାରର ଅମାନୁଷିକ କାର୍ଯ୍ୟକଳାପରେ ଲିପ୍ତ ହେବାର ସଂବାଦ ଆମେ ପାଇଥାଉଁ, ସ୍ୱତଃସ୍ଫୂର୍ତ୍ତ ଭାବେ ଆମ ଅଜାଣତରେ ତାହା ଦ୍ୱାରା ଆମ ନିଜ ପ୍ରତି ଆମର ଅବିଶ୍ୱାସ ଆସିଯାଏ – କାରଣ ଆମେ ବି ସେହିମାନଙ୍କ ଭଳି ମଣିଷ । କିଏ କହିବ ଆମ ଭିତରେ ସେଭଳି ଦୁର୍ବୃତ୍ତ ଲୁଚି ରହି ନାହିଁ ?

ଏହିଠାରେ ଆମର କିଞ୍ଚିତ୍ ଅତିଭୌତିକ ଜ୍ଞାନର ପ୍ରୟୋଜନ । କ୍ୱଚିତ୍ କେହି ଅଛନ୍ତି ଯେଉଁମାନେ ନିଜ ନିଜ ଆତ୍ମ-ସତ୍ତାରେ ସୁପ୍ରତିଷ୍ଠିତ । ଆମେ ଅଧିକାଂଶ ମଣିଷ ଆମ ଚେତନାର ଚଳଚଞ୍ଚଳ ଉପୁରିଆ ସ୍ତରରେ ରହିଥାଉ ଏବଂ ତାକୁହିଁ ନିଜର ସମଗ୍ର ଚେତନା ବୋଲି ଧରି ନେଇଥାଉ । କିନ୍ତୁ ତାହା ଠିକ୍ ନୁହେଁ । ଆମ ଚେତନାର ଗହନରେ ନିହିତ ଆମର ପ୍ରକୃତ ପରିଚୟ । ସେ ଯାହାହେଉ, ଆମ ଉପୁରିଆ ବା ସ୍ଥୂଳ ଚେତନା ସମ୍ପର୍କରେ ମଧ୍ୟ ଆମର ଏତିକି ଜ୍ଞାନ ରହିବା ଆବଶ୍ୟକ ଯେ ତାହାର ନିଜସ୍ୱ ସ୍ଥାୟୀ ଚରିତ୍ର ନାହିଁ । କେତେବେଳେ ଧ୍ୱଂସାତ୍ମକ, ଆସୁରିକ ଅଦୃଶ୍ୟ ଶକ୍ତି ତରଙ୍ଗ ଦ୍ୱାରା ପ୍ରଭାବିତ ହୋଇ ସେ ନିନ୍ଦନୀୟ ଆଚରଣରେ ଆମକୁ ପ୍ରବୃତ୍ତ କରାଏ ତ କେତେବେଳେ ସ୍ୱାଭାବିକ ଓ ନିରପେକ୍ଷ ରହେ । କିନ୍ତୁ ଆମେ ସଜାଗ ରହିଲେ ବାତାବରଣରେ ଥିବା ମନ୍ଦଶକ୍ତିର ପ୍ରଭାବକୁ ପ୍ରତ୍ୟାଖ୍ୟାନ କରିପାରିବା । ଆମେ ପୁଣି ସଜାଗ ରହିଲେ ଯେଉଁ ବିବର୍ତ୍ତନୀ ଶକ୍ତି ଏକଦା ନିଶ୍ଚେତନ ଅବସ୍ଥାରୁ ଆମକୁ ଜ୍ଞାନ, ବୁଦ୍ଧି, ବିବେକ ଇତ୍ୟାଦି ଦେଇ ଏତେ ଦୂର ନେଇଆସିଛି, ସେ ଶକ୍ତିର ସହାୟତାରେ ଆମ ଭାବନା ଏବଂ ଆଚରଣରେ ଯୁଗାନ୍ତର ସାଧନ କରିପାରୁ ।

ଏତକ ପ୍ରୟାସ କଲେ କ୍ରମେ ଆମର ହୃଦ୍‌ବୋଧ ହେବ ଯେ ବିଶ୍ୱାସ ନିୟତ ଆମ ସହିତ ରହିଛି । କ୍ରମେ ଆମେ ଏହା ମଧ୍ୟ ଉପଲବ୍ଧି କରିବୁ ଯେ ବିଶ୍ୱାସ ଏକ ବ୍ୟକ୍ତି-ନିରପେକ୍ଷ, ପ୍ରମାଣ-ନିରପେକ୍ଷ, ସ୍ଥାନ-କାଳ-ପାତ୍ର-ନିରପେକ୍ଷ ଆଧାର ଯାହା ବିନା ଆମେ ମୁହୂର୍ତ୍ତେ ମଧ୍ୟ ତିଷ୍ଠି ପାରିବୁ ନାହିଁ । ପ୍ରତି ପଦକ୍ଷେପ ନେବା ବେଳେ ଆମର ବିଶ୍ୱାସ ଥାଏ ଯେ ସମ୍ମୁଖବର୍ତ୍ତୀ ମାଟି ଆମକୁ ଦଗା ଦେବ ନାହିଁ । ଆପଣ କଥାଟିଏ କହିବେ ଏଇ ବିଶ୍ୱାସରେ ଯେ ମୁଁ ତାକୁ ଶୁଣୁଛି । ଆପଣ ଆହାର କରୁଛନ୍ତି ଏହି ବିଶ୍ୱାସରେ ଯେ ସେଥିରେ ବିପଜ୍ଜନକ କିଛି ନାହିଁ । ଆମ ଜୀବନଧାରଣ ପ୍ରକ୍ରିୟାର ଶହେରୁ ଅନେଶତ କର୍ମ ବିଶ୍ୱାସକୁ ଅବଲମ୍ବନ କରି ସମାଧା ହୋଇଥାଏ ।

ଯଦି ଜଣେ ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ ନାହିଁ, ତେବେ ସେ ବସ୍ତୁବାଦରେ, ନିରୀଶ୍ୱରବାଦରେ ବା ଚାର୍ବାକଙ୍କ ଭଳି 'ଋଣଂ କୃତ୍ୱା ଘୃତମ୍ ପିବେତ୍' ଦର୍ଶନରେ ବିଶ୍ୱାସ କରେ । ଆମ ଲୋକକଥା ଅନୁସାରେ ଏକପ୍ରକାର ଟିକି ଚଢ଼େଇ ଅଛନ୍ତି ଯେଉଁମାନେ ରାତିରେ ନିଜ ନିଜ ନୀଡ଼ରେ ଶୋଇବା ବେଳେ ନିଜର କୁନି କୁନି ଗୋଡ଼ଟିମାନ ଉପରକୁ ସିଧା ଟେକି ରଖି ଶୁଅନ୍ତି । କାରଣ ହେଲା, ଦୈବାତ୍ ରାତିରେ ଯଦି ଆକାଶ ଛିଡ଼ି ପଡ଼ିବ ତେବେ ଗୋଡ଼ଟିମାନ ତାକୁ ଅଟକାଇ ରଖିବେ; ସେମାନେ ପେଷି ହୋଇ ଯିବେ ନାହିଁ । ସେମାନଙ୍କର ଆକାଶ ଉପରେ ସିନା ବିଶ୍ୱାସ ନାହିଁ, ନିଜ ଗୋଡ଼ଟିମାନ ଉପରେ ରହିଛି !

ଆଜି ଯେହେତୁ ଆମେ ଏକ ବିବର୍ତ୍ତନଗତ ସଙ୍କଟ ମଧ୍ୟଦେଇ ଗତିକରୁଛୁ, ଏକ ନୂତନ ଚେତନା ଆମ ଭିତରେ ପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ ଆମେ ଏକ ପ୍ରକାର ଅନିଶ୍ଚିତ ଜୀବନଯାପନ କରିବା ସ୍ୱାଭାବିକ । ପ୍ରାଚୀନ ମୂଲ୍ୟବୋଧସବୁ ଉପରେ ଆମର ଆସ୍ଥା ତୁଟିଯାଇଛି । ସେମାନେ ନିଷ୍ଫଳ ବୋଧ ହେଉଛନ୍ତି । ଫଳରେ ଯେଉଁ ସାଧାରଣ, ମିଶ୍ରିତ ଚେତନାରେ ଥାଇ ଆମେ ମଣିଷକୁ ଅଥବା ଆଦର୍ଶକୁ ବିଶ୍ୱାସ କରୁଥିଲୁ ସେ ଚେତନାରେ ଭୂମିକମ୍ପ ହୋଇଯାଇଛି । ଅତଏବ ଆମକୁ ବିଶ୍ୱାସର ଉତ୍ସକୁହିଁ ଯିବାକୁ ପଡ଼ିବ । ପୂର୍ବରୁ ଦେଖିଛୁ ବିଶ୍ୱାସ ଏକ ସ୍ୱୟଂସିଦ୍ଧ, ସ୍ୱୟଂପ୍ରତିଷ୍ଠ ସତ୍ୟ । ତେଣୁ ଆଜି କୌଣସି ମଣିଷ ବା କୌଣସି ଗୋଷ୍ଠୀ ବିଶ୍ୱାସଘାତକତା କଲେ ବିଶ୍ୱାସର ଅସ୍ତିତ୍ୱ ଉପରେ ମୋର ଅବିଶ୍ୱାସ ଆସିବ ନାହିଁ – ଯଦି ମୁଁ ବିଶ୍ୱାସର ଉତ୍ସପ୍ରତି ବିଶ୍ୱସ୍ତ ରହିପାରିବି ।

ଏହା ସମ୍ଭବ । ଯେହେତୁ ବିଶ୍ୱାସହିଁ ଆମ ଅସ୍ତିତ୍ୱର ଭିତ୍ତି । ଆମେ ଯେତିକି ଯେତିକି ଆମ ଚେତନାର ଗହନକୁ ଯିବୁ, ବିଶ୍ୱାସର ସତ୍ୟ ସେତିକି ସେତିକି ଅଧିକ ମାତ୍ରାରେ ନିଜର ଅସ୍ତିତ୍ୱ ସାବ୍ୟସ୍ତ କରିବ । ଏପରିକି ଆମର ଆଶା ବା ଯୋଜନା, ଉଚ୍ଚାକାଂକ୍ଷା ବା ଅଭିଳାଷ ବ୍ୟର୍ଥ ହେଲେ ମଧ୍ୟ ବିଶ୍ୱାସରେ ଆଘାତ ଲାଗିବ ନାହିଁ । ମନେ ରଖିବାକୁ ହେବ ଯେ ଅବିଶ୍ୱାସର ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ବିଶ୍ୱାସ ଥାଏ ବୋଲି ଅବିଶ୍ୱାସ ସମ୍ଭବ ହୁଏ । ସୂର୍ଯ୍ୟ ଅନ୍ତରାଳକୁ ଗଲେ ଅନ୍ଧକାର ସମ୍ଭବ ହୁଏ । ଅନ୍ଧକାର ଅନ୍ତରାଳକୁ ଗଲେ ସୂର୍ଯ୍ୟ ସମ୍ଭବ ହୁଏ – ଏକଥା ପ୍ରଖରତମ ଯୁକ୍ତିବାଦୀ ମଧ୍ୟ କହିପାରିବ ନାହିଁ ।

ଯେତେବେଳେ ବିଶ୍ୱାସର ଉତ୍ସ ସହ ଆମର ଅନ୍ତରଙ୍ଗତା ପ୍ରତିଷ୍ଠିତ ହୋଇଯିବ ସେତେବେଳେ ଆମର ଏଭଳି ଏକ ଅମୂଲ୍ୟ ଉପଲବ୍ଧି ହେବ – ଯାହାଫଳରେ ହତାଶା ଆମଠୁ ସର୍ବଦା ଦୂରେଇ ରହିବ । ଆମେ ହୃଦୟଙ୍ଗମ କରିବା ଯେ ଜୟ ପରାଜୟ, ସଫଳତା ବିଫଳତା, ସୁଖ, ଦୁଃଖ – ସବୁ ଅଭିଜ୍ଞତାର ଅବଦାନ ରହିଛି ଆମର ବ୍ୟକ୍ତିଗତ କ୍ରମବିକାଶ ନିମନ୍ତେ – ଯେଉଁ କ୍ରମବିକାଶ ପ୍ରକ୍ରିୟା ଜନ୍ମଜନ୍ମାନ୍ତର ଧରି ଚାଲିଛି । ଯେତେ ଜନ୍ମ ପରେ ହେଉ ନା କାହିଁକି, ଅବଶେଷରେ ପ୍ରତ୍ୟେକଙ୍କୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଉପନୀତ ହେବାକୁ ପଡ଼ିବ । ସେ ଅନିବାର୍ଯ୍ୟ ଯାତ୍ରା ପଥରେ ସମସ୍ତ ପ୍ରକାର ଅଭିଜ୍ଞତା ଏକ ଏକ ମାତ୍ରାର ପାଥେୟ ।

ଶ୍ରୀଅରବିନ୍ଦଙ୍କର ଏକ ବାଣୀ :

"Do not allow any outward circumstance to shake the faith in you; for nothing gives greater strength than this faith to go through and arrive at the goal. Knowledge and Tapasya, whatever their force, have a less sustaining power – faith is the strongest staff for the journey."

ଅର୍ଥାତ୍, ''ବାହାରର କୌଣସି ପରିସ୍ଥିତି ଯେପରି ତୁମ ଭିତରର ବିଶ୍ୱାସକୁ ଦୋହଲାଇ ଦେଇ ନ ପାରେ । କାରଣ ଲକ୍ଷ୍ୟରେ ଉପନୀତ ହେବା ନିମନ୍ତେ ବିଶ୍ୱାସଠୁଁ ଅଧିକ ବଳ ଆଉ କିଛି ହିଁ ଦେଇପାରିବ ନାହିଁ । ଜ୍ଞାନ ଓ ତପସ୍ୟାର ଶକ୍ତି ଯେତେ ଯାହା ହେଉନା କାହିଁକି – ଯାତ୍ରାପଥରେ ବିଶ୍ୱାସହିଁ ସବୁଠୁଁ ବଳବାନ୍ ଯଷ୍ଟି ।''

ବିଶ୍ୱାସର ଏହି ପରିପକ୍ୱତାର ଲକ୍ଷଣ ଏହିପରି : ଥରେ ଛୋଟ ଝିଅଟିଏ ରାତିରେ ଶୋଇବାକୁ ଯିବା ପୂର୍ବରୁ ପ୍ରାର୍ଥନା କରୁଥାଏ, ''ଭଗବାନ୍ ! ମୋ କଣ୍ଢେଇଟି ଭାଙ୍ଗିଗଲା; ତୁମେ ତାକୁ ସଜାଡ଼ି ଦିଅ । ଦେବଟି ?''

ତା'ଠୁଁ ଟିକିଏ ବଡ଼ ତା'ର ଭାଇ ଏ ପ୍ରାର୍ଥନା ଶୁଣି ହସିପକାଇ କହିଲା, ''ବୋକୀ ! ଭଗବାନ୍ ତୋର ଏମିତି ପ୍ରାର୍ଥନା ଶୁଣିବେ ଆଉ ଉତ୍ତର ଦେବେ ?''

''ଜରୁର୍ ଉତ୍ତର ଦେବେ !'' ଜବାବ ଦେଲା ଟିକି ଝିଅ ।

ସକାଳେ ପ୍ରଥମେ ଭାଇଟି ନିଦରୁ ଉଠି ଦେଖିଲା – କଣ୍ଢେଇ ଯେମିତି ଥିଲା ସେମିତି ଭଙ୍ଗା ଅବସ୍ଥାରେ ରହିଛି । ସେ ଟିକି ଭଉଣୀକୁ ନିଦରୁ ଉଠାଇ ଚିଡ଼ାଇ କହିଲା, ''ବୋକୀ ! ଭଗବାନ୍ ତୋ ପ୍ରାର୍ଥନା ଶୁଣିଲେ ? ଉତ୍ତର ଦେଲେ ?''

''ଅବଶ୍ୟ ଦେଲେ । ଭଗବାନ୍ କହୁଛନ୍ତି ଯେ କଣ୍ଢେଇ ଖେଳିବାର ବୟସରୁ ମୁଁ ଉତ୍ତୀର୍ଣ୍ଣ ହୋଇଗଲିଣି । ମୋର ଆଉ କଣ୍ଢେଇ ଦରକାର ନାହିଁ ।'' ✤

ତୁମ ସମସ୍ତଙ୍କ ଭିତରେ ଦ୍ୱାରଟିକୁ ଖୋଲିଦେବା ପାଇଁ ମୁଁ ସର୍ବାଧିକ ଯତ୍ନ ନିଏ । ତୁମ ଭିତରେ ଯଦି ସାମାନ୍ୟ ଟିକେ ଏକାଗ୍ରତା ଆସିବ ତା'ହେଲେ ତୁମକୁ ଆଉ ଏପରି ଏକ ନିବୁଜ ଦ୍ୱାର ଆଗରେ ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ, ଯାହା ଆଦୌ ଖୋଲୁ ନାହିଁ ବା ଯାହାର ଚାବିକାଠି ତୁମ ପାଖରେ ନାହିଁ ଓ ତାହା କିପରି ଖୋଲିବାକୁ ହୁଏ ତାହା ତୁମେ ଜାଣ ନାହିଁ ।

ସେହି ଦ୍ୱାର ଖୋଲା ହୋଇଛି, ତୁମକୁ କେବଳ ସେହି ଦିଗରେ ଦୃଷ୍ଟି ନିବଦ୍ଧ କରି ରହିବାକୁ ହେବ, ତୁମେ ଯେପରି ତାହା ଆଡ଼କୁ ପିଠି ବୁଲାଇ ନ ଦିଅ ।

– ଶ୍ରୀମା

# ଶୈଳ-ଚୂଳ-ଦେବାଳୟ

## ଶ୍ରୀଅରବିନ୍ଦ

ପାର୍ବତୀୟ ନିଃଶ୍ରେଣୀରେ ପାରି ହୋଇ ଅସଂଖ୍ୟ ସୋପାନ
ସନ୍ଦର୍ଶନ କଲି ମୁହିଁ ସୌରକର-ରସାଣିତ ଧରଣୀର ଶିରେ
ବିରାଜିତା ଅଚଳା ଈଶ୍ୱରୀ ଆପଣାର ପାଷାଣ-ମନ୍ଦିରେ
ଧନ୍ୟ କରି ଧ୍ୟାନମଗ୍ନ ସ୍ତବ୍ଧ ନିକାଞ୍ଚନ ।
ପ୍ରାଜ୍ଞ ସେହି ଶିଳ୍ପୀ ଯେଉଁମାନେ ଥାପିଛନ୍ତି ସେହି ଥାନେ ତାଙ୍କର ଆସନ
ଜଗତର ଊର୍ଦ୍ଧ୍ୱଦେଶେ ଅତିକ୍ରମି କାଳର ମୁଲକ;
ସଜୀବ ସକଳଙ୍କର ଅନ୍ତରାତ୍ମା ଶାନ୍ତ, ପୂତ ଏବଂ ଏକାଏକ,
କରିଛନ୍ତି ଆପଣାର ଅତୀନ୍ଦ୍ରିୟ ଅନାବୃତ ସୀମାତୀତ ସତ୍ତା ଉଦ୍‌ଘାଟନ ।

ବୃହତ୍ କାହାରି ଏକ ସଂକ୍ଷିପ୍ତ ପ୍ରତୀକ ଏହି ଆମର ଶରୀର
ଆମ ମନୁଷ୍ୟତ୍ୱ ଦେଇ ତାଙ୍କରି ସାନ୍ନିଧ ତାହା କରେ ଆବରିତ ।
ସେ ନିଗୂଢ଼ ସତ୍ତା ଆମ ଅନ୍ତରରେ ଅଭ୍ରାନ୍ତ ଅକ୍ଷରେ
ପାରନ୍ତି ପୃଷ୍ଠାଏ ଲେଖି ଅନନ୍ତଙ୍କ ପରିଚୟ ବର୍ଣ୍ଣି ସଂକ୍ଷେପରେ,
ପ୍ରତିଭାତ ହୋଇଯାଏ ବ୍ୟାସକୂଟ ଚିରନ୍ତନତାର
ଏ ପ୍ରତିମା ଆଉ ତା'ର ଭାସ୍କର୍ଯ୍ୟମଣ୍ଡିତ ମୁଖେ ହୋଇ ପ୍ରାଣବନ୍ତ ।

[ଶ୍ରୀଅରବିନ୍ଦଙ୍କ ରଚିତ '**The Hill-top Temple**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤

... ମା ହେଲେ ପରମେଶ୍ୱରଙ୍କର ଚେତନା ଓ ଶକ୍ତି, ନିଜର ଯାବତୀୟ ସୃଷ୍ଟିର ବହୁ ଊର୍ଦ୍ଧ୍ୱରେ ସେ । ବିଶେଷ ବିଗ୍ରହସବୁର ମଧ୍ୟଦେଇ ଏବଂ ସେ ଯେଉଁ ନାନା ଦେବୀ-ମୂର୍ତ୍ତି ଧରି ସୃଷ୍ଟ ଜୀବର କଲ୍ୟାଣ ନିମିତ୍ତ କୃପା କରି ନିଜକୁ ସେମାନଙ୍କ ପାଖରେ ପ୍ରକାଶ କରିଛନ୍ତି, ସେହି ସକଳ ମଧ୍ୟ ଦେଇ ତାଙ୍କର ଗତିବିଧି ଆମ୍ଭେମାନେ କିଛି ଦେଖିପାରୁ ଓ ଅନୁଭବ କରିପାରୁ, କାରଣ ଏହିସବୁ ଅପେକ୍ଷାକୃତ ସହଜଗ୍ରାହ୍ୟ – ଏହିସବୁର ଗୁଣ ଓ କ୍ରିୟା ଅଧିକତର ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ ।
('ମା' ପୁସ୍ତକ, ପୃଷ୍ଠା : ୨୮ ) — ଶ୍ରୀଅରବିନ୍ଦ

# ଅସତ୍‌ର ଆରୋଗ୍ୟ

## ମମତା ଦାଶ

ଅସତ୍, କୁତ୍ସିତତା, ପାପବୋଧର ଦୂରୀକରଣ ସମ୍ବନ୍ଧରେ ଶ୍ରୀଅରବିନ୍ଦ କେତୋଟି କାରିକା (Aphorism) ଲେଖିଥିଲେ । ଶ୍ରୀମା ଏହି କାରିକାଗୁଡ଼ିକୁ ବିସ୍ତୃତ କରି ସତ୍‌ପ୍ରେମଙ୍କୁ ବୁଝାଇଥିଲେ । (Agenda - II, January 10, 1961)

ମୁଁ ଏଠାରେ ଶ୍ରୀଅରବିନ୍ଦଙ୍କର ଅଣଚାଶ ନମ୍ବର ସୂତ୍ରଟିକୁ ଉଲ୍ଲେଖ କରୁଛି ।

୪୯ – ''କୁତ୍ସିତତା ମଧ୍ୟରେ, ଅସତ୍ ମଧ୍ୟରେ, ସୌନ୍ଦର୍ଯ୍ୟ ଓ ସତ୍‌ର ଈଶ୍ୱରଙ୍କୁ ଅନୁଭବ କରିବା, ପ୍ରେମ କରିବା ଏବଂ ତାହାକୁ ସେହି କୁତ୍ସିତତା ଓ ଅସତ୍‌ରୁ ଆରୋଗ୍ୟ କରିବା – ଏହାହିଁ ହେଉଛି ପ୍ରକୃତ ସଦ୍‌ଗୁଣ ଓ ନୈତିକତା ।''

ଏହି କାରିକାଟିକୁ ନେଇ ସତ୍‌ପ୍ରେମ ଶ୍ରୀମା'ଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲେ ।

''ଚାରିଆଡ଼େ ବ୍ୟାପୀ ରହିଥିବା ଅସତ୍ ଓ କୁତ୍ସିତତାକୁ ଦୂର କରିବା ପାଇଁ ଜଣେ କିପରି ସହଯୋଗ କରି ପାରିବ ? ପ୍ରେମ ଦ୍ୱାରା ? ପ୍ରେମର ଶକ୍ତି କିପରି ? ଗୋଟିଏ ବ୍ୟକ୍ତିଗତ ଚେତନା ଯଦି ଏକାକୀ ଏହାକୁ କ୍ରିୟାଶୀଳ କରେ, ତେବେ ମାନବଜାତି ଉପରେ ଏହାର ପ୍ରଭାବ ପଡ଼ିବ କି ?''

ଶ୍ରୀମା ଏହି ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଅସତ୍‌କୁ ଦୂର କରିବା ନିମିତ୍ତ ସହଯୋଗିତା ଓ କର୍ମ ପ୍ରଣାଳୀର ଅନେକ ଶ୍ରେଣୀ ବିଭାଗ ରହିଛି । ବିଶେଷ ଭାବରେ ଦୁଇଟି ପନ୍ଥା ରହିଛି, ଗୋଟିଏ ନାସ୍ତିବାଚକ ସହଯୋଗ ଓ ଅନ୍ୟଟି ଅସ୍ତିବାଚକ ସହଯୋଗ ।

ନାସ୍ତିବାଚକ ସହଯୋଗ ରହିଛି ବୌଦ୍ଧଧର୍ମ ଓ ସେହିଭଳି କେତେକ ଧର୍ମରେ; ଯେଉଁ ଧର୍ମରେ ଅସତ୍‌କୁ, କୁତ୍ସିତତାକୁ ଦେଖିବାକୁ ଅସ୍ୱୀକାର କରାଯାଏ । ଅର୍ଥାତ୍ ଆମେମାନେ ଏପରି ଏକ ସୌନ୍ଦର୍ଯ୍ୟ ମଧ୍ୟରେ ବାସ କରିବାକୁ ଶିଖିବା, ଯେଉଁ ସ୍ତରରେ ମନ୍ଦ ଓ କୁତ୍ସିତତାକୁ ଦେଖି ହୁଏ ନାହିଁ । ଏପରି କିଛି ଅଛି ଯାହା ତୁମକୁ ସ୍ପର୍ଶ ମଧ୍ୟ କରିପାରିବ ନାହିଁ, କାରଣ ତୁମେ ତାହା ଭିତରେ ଅନୁପସ୍ଥିତ । ଏହି କଥାଟି ନାସ୍ତିବାଚକ ପ୍ରକ୍ରିୟାର ଚରମ ଉତ୍କର୍ଷ । ଗାନ୍ଧିଜୀ ଯେଉଁ ତିନି ମାଙ୍କଡ଼ଙ୍କ କଥା ସଦାବେଳେ ଉଦାହରଣ ଦେଉଥିଲେ, ବୋଧହୁଏ ଏହା ସେହିପରି କିଛି, ମନ୍ଦ ପ୍ରତି ଆଖି, କାନ ଓ ପାଟିକୁ ବନ୍ଦ କରି ରଖିବ, ଯେପରି ଏହା ତୁମକୁ ସ୍ପର୍ଶ କରିବ ନାହିଁ ଓ ଏହାକୁ ଚତୁର୍ଦ୍ଦିଗରେ ବ୍ୟାପିବାକୁ ଦେବ ନାହିଁ । ବୁଦ୍ଧ ଏହାହିଁ କହିଥିଲେ । ଅନ୍ୟମାନଙ୍କ ଭିତରେ ରହିଥିବା ଖରାପ କଥା ସମ୍ବନ୍ଧରେ କିଛି କୁହ ନାହିଁ, ମନ୍ଦ କର୍ମକୁ ଅଯଥା ମୂଲ୍ୟ ଦେଇ ବା ସମାଲୋଚନା କରି, ନିରୀକ୍ଷଣ କରି ଅସତ୍‌ର ସ୍ପନ୍ଦନକୁ ବିସ୍ତାରିତ କର ନାହିଁ । ବୁଦ୍ଧ କହିଥିଲେ, ''ଯେତେଥର ତୁମେ ଅସତ୍ ସମ୍ବନ୍ଧରେ ଉଲ୍ଲେଖ କର, ତୁମେ ତାହାକୁ ବ୍ୟାପିବାରେ ସାହାଯ୍ୟ କରିଥାଅ ।''

ଶ୍ରୀମା କହିଛନ୍ତି ଯେ ବୁଦ୍ଧଙ୍କର ଏହି ଶିକ୍ଷା ସମଗ୍ର ପ୍ରଶ୍ନଟିକୁ ଏଡ଼ାଇ ଦିଏ । କେତେଜଣ ଏହାର ଏପରି ସମାଲୋଚନା କରନ୍ତି ଯେ, ମନ୍ଦକୁ ନଦେଖିଲେ ଏହାକୁ ଦୂର କରି ହେବ ନାହିଁ । କିନ୍ତୁ ଏହା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଠିକ୍ ନୁହେଁ । ଶ୍ରୀଅରବିନ୍ଦ ଏହି ସୂତ୍ରଟିରେ କଥାଟିକୁ ଭିନ୍ନ ଭାବରେ ବୁଝାଇ ଦେଇଛନ୍ତି । ତୁମେ ଅଚେତନ ହୋଇ ବା ଉଦାସୀନ ହୋଇ ଅସତ୍‌କୁ ନଦେଖିବା ଠିକ୍ କଥା ନୁହେଁ । ତୁମେ ଅସତ୍‌କୁ ଓ ମନ୍ଦକୁ ଦେଖିବ, ଏପରିକି ଏହାକୁ ଅନୁଭବ ମଧ୍ୟ କରିବ । କିନ୍ତୁ ତୁମର ଚେତନା ଯେପରି ଏହାକୁ ସମର୍ଥନ ନକରେ ଏବଂ ତୁମେ ଏହା ଉପରେ ମନୋଯୋଗ କରି ବା ଏକାଗ୍ର ହୋଇ ଏହାକୁ ବ୍ୟାପିବାକୁ ସାହାଯ୍ୟ କରିବ ନାହିଁ । ତୁମକୁ ଏହାର ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ । ଅସତ୍‌କୁ ଦେଖି ତୁମେ କଷ୍ଟ ଭୋଗ କରିବ ନାହିଁ, ବିଚଳିତ ହେବ ନାହିଁ, ଆହତ ହେବ ନାହିଁ । ତୁମକୁ ଏପରି ଏକ ଉଚ୍ଚତାକୁ ଯିବାକୁ ହେବ, ଯେଉଁଠାରେ ଏପରି କଥାର କିଛି ଅସ୍ତିତ୍ୱ ନଥାଏ, ଅଥଚ ତୁମେ ଏହାର ସଚେତନ ଉପଲବ୍ଧି କରି ସାରିଥାଅ । ସେସବୁ ତୁମକୁ ଆଉ ପ୍ରଭାବିତ କରନ୍ତି ନାହିଁ । ତୁମେ ମୁକ୍ତ ହୋଇ ରହିପାର । ଏହା ହେଲା ପ୍ରଥମ ପଦକ୍ଷେପ ।

ଶ୍ରୀମା ତା'ପରେ ଏହି ପ୍ରକ୍ରିୟାର ଦ୍ୱିତୀୟ ପଦକ୍ଷେପଟି ବିଷୟରେ କହିଛନ୍ତି । ଏହା ପ୍ରକୃତରେ ଖୁବ୍ କଷ୍ଟକର । ସେ କହିଛନ୍ତି ଯେ ଅସତ୍ ବସ୍ତୁ ପଛ ପାଖରେ – ସେସବୁକୁ ଅନୁମୋଦନ କରୁଥିବା ସଦ୍‌ବସ୍ତୁ ଓ ସୌନ୍ଦର୍ଯ୍ୟ ରହିଛି । କାରଣ ଏ ସୃଷ୍ଟିରେ ଏପରି କିଛି ନାହିଁ ଯାହା ଈଶ୍ୱର ନୁହନ୍ତି, ସତ୍ ନୁହନ୍ତି । ତେଣୁ ଆମେ ଏହିସବୁ ମନ୍ଦ ଓ କୁତ୍ସିତତା, ଅସତ୍‌ର ପଛ ପାଖରେ ରହି ଏସବୁକୁ ଧାରଣ କରିଥିବା ସତ୍ୟର ଚେତନାକୁ ଅସ୍ତିବାଚକ ଭାବରେ ଉପଲବ୍ଧି କରିବାକୁ ହେବ ।

ଶ୍ରୀମା ଆହୁରି ମଧ୍ୟ କହିଛନ୍ତି, ‘‘ତୁମେ ଯଦି ଥରଟିଏ ବି ଈଶ୍ୱରଙ୍କୁ ଦେଖିଥାଅ, ତେବେ ତୁମେ ସମସ୍ତ ଆବରଣ ଓ ବିକୃତିର ଅନ୍ତରାଳରେ ତାଙ୍କୁ ଦେଖି ପାରିବ । ଏପରିକି କୁତ୍ସିତତା, ନିଷ୍ଠୁରତା, ଅସତ୍ ମଧ୍ୟ ତାଙ୍କରି ଛଦ୍ମବେଶ ମାତ୍ର, ଯାହାକି ମୂଳତଃ ସତ୍, ସୁନ୍ଦର, ଆଲୋକିତ ଓ ପବିତ୍ର ।’’

(ଜାନୁଆରୀ ୧୦, ୧୯୬୧)

ଏହା ଦ୍ୱାରାହିଁ ପ୍ରକୃତ ସହଯୋଗିତା ଆସିବ । ଈଶ୍ୱର ସର୍ବତ୍ର ରହିଛନ୍ତି, ସବୁକିଛି ‘‘ସେହିଁ’’, ସେହିଁ ନିଜର ଏହି ସୃଷ୍ଟିରେ ପରିଣତ ହୋଇଛନ୍ତି । ଯେତେବେଳେ ଆମେ ଏହି ଚେତନା ଓ ଆନ୍ତର ଦୃଷ୍ଟି ଲାଭ କରିପାରିବା, ଆମେ ଯଦି ସାଧନା ଦ୍ୱାରା ଏପରି ଏକ ଚେତନା ବା ସଚେତନତାରେ ବାସ କରିପାରିବା, ସେତେବେଳେ ପୃଥିବୀର ସମସ୍ତ ଅଭିବ୍ୟକ୍ତି ଭିତରକୁ ‘‘**ତାଙ୍କୁ**’’ ବା ପରମ ଚେତନାକୁ ଟାଣି ଆଣିବାର ଶକ୍ତି ଲାଭ କରିପାରିବା । ପ୍ରଥମେ ଆମେ ସେହି ଉଚ୍ଚତାକୁ ଯାଇ ଏହି ଚେତନାକୁ ଲାଭ କରିବା ଏବଂ ସମସ୍ତ ଅସତ୍‌ର ପଛ ପାଖରେ ରହିଥିବା ସଦ୍‌ବସ୍ତୁକୁ ଉପଲବ୍ଧି କରିବା, ତା’ପରେ ସେହି ଉପଲବ୍ଧିକୁ ପ୍ରତ୍ୟେକ ବିକୃତି, କୁତ୍ସିତତା ସହିତ ସଂଯୁକ୍ତ କରିବା । ଏପରି କରିବାର ସାମର୍ଥ୍ୟ ଲାଭ କଲେ ଆମେ ସମସ୍ତ ବିକୃତି ଓ ଛଦ୍ମବେଶକୁ ରୂପାନ୍ତରିତ କରିଦେଇ ପାରିବା, ସେହି ସତ୍ୟ ଦ୍ୱାରା ଯାହା ଏସବୁର ଅନ୍ତରାଳରେ ରହିଥାଏ । ଏହା ଦ୍ୱାରା ଆମେ ସହଯୋଗିତାର ଉଚ୍ଚତମ ସ୍ତରରେ ପହଞ୍ଚିଯାଉ ।

ଶ୍ରୀମା କହିଛନ୍ତି, ‘‘ଯେଉଁ ଶକ୍ତି ଏହି ରୂପାନ୍ତରକୁ ଅନୁମତି ଦେଇଥାଏ ଓ କ୍ରିୟାଶୀଳ କରିଥାଏ, ଯଦି ଆମେ ସେହି ଶକ୍ତି ବା କ୍ଷମତାର ପ୍ରକୃତିକୁ ଜାଣିବାକୁ, ବୁଝିବାକୁ ଇଚ୍ଛା କରୁ (ବିଶେଷତଃ ଅସତ୍ ଓ କୁତ୍ସିତତା ମଧ୍ୟରେ) ତେବେ ଆମେ ଦେଖୁ ଯେ ସମସ୍ତ ଶକ୍ତି ମଧ୍ୟରେ ପ୍ରେମହିଁ ସବୁଠାରୁ ବେଶୀ ସମର୍ଥ ଓ ପୂର୍ଣ୍ଣାଙ୍ଗ ।’’ (ଜାନୁଆରୀ ୧୦, ୧୯୬୧)

ପବିତ୍ରତାର ଶକ୍ତିଠାରୁ ମଧ୍ୟ ପ୍ରେମର ଶକ୍ତି ଅଧିକ । ପବିତ୍ରତାର ଶକ୍ତି ଅସତ୍ ଇଚ୍ଛାକୁ ଦୂର କରି ଦିଏ ଏବଂ ବିରୋଧୀ ଶକ୍ତି ଉପରେ ନିୟନ୍ତ୍ରଣ ଆଣିପାରେ, କିନ୍ତୁ ଏହା ପ୍ରତ୍ୟକ୍ଷ ଭାବରେ ରୂପାନ୍ତର କରିପାରେ ନାହିଁ । ପବିତ୍ରତାର ଶକ୍ତି ପ୍ରଥମେ ସବୁକିଛିକୁ ସମ୍ପୂର୍ଣ୍ଣ ପୋଛି ପକାଏ ଓ ପୁନର୍ବାର ତିଆରି କରେ । କିନ୍ତୁ ପ୍ରେମ କୌଣସି କଥାକୁ ନଷ୍ଟ କରି ଦିଏ ନାହିଁ । ଏହା ରୂପାନ୍ତରିତ କରିପାରେ । ଏହାର ପ୍ରତ୍ୟକ୍ଷ ରୂପାନ୍ତରକାରୀ ଶକ୍ତି ରହିଛି । ପ୍ରେମ ଗୋଟିଏ ଅଗ୍ନି ଶିଖା ଭଳି କଠିନ ବସ୍ତୁକୁ ମଧ୍ୟ ନମନୀୟ କରିପାରେ, ସେହି ନମନୀୟତାକୁ ପବିତ୍ର ବାଷ୍ପରେ ପରିଣତ କରେ, କୌଣସି କଥାକୁ ଧ୍ୱଂସ ନକରି ଏହା ରୂପାନ୍ତର କରେ । ପ୍ରେମ ଶୁଭ୍ର ଅଗ୍ନିଶିଖା ପରି ସବୁ ବାଧାବିଘ୍ନକୁ ଦୂର କରିପାରେ । ନିଜ ଭିତରେ ଯେତେ ଅଜ୍ଞତା, ଅକ୍ଷମତା, ମନ୍ଦ ଇଚ୍ଛା ଥିଲେ ମଧ୍ୟ ଏହି ପରମପ୍ରେମର ଅନୁଭବ ଗୋଟିଏ ମୁହୂର୍ତ୍ତ ପାଇଁ ଆସିଲେ ହିଁ ସାରା ଅତୀତକାଳ ନିର୍ଶ୍ଚିହ୍ନ ହୋଇଯାଏ । ଏପରି ଅଭିଜ୍ଞତା ପାଇଲେ କିପରି ଭାବରେ ଏହାକୁ ବିଚ୍ଛୁରିତ କରି ହୁଏ ? ଏହି ଅଭିଜ୍ଞତା ପାଇବା ପାଇଁ ମୂଳଉତ୍ସ, ସାରତତ୍ତ୍ୱକୁ ସ୍ପର୍ଶ କରିବାକୁ ହୁଏ ଓ ତଦ୍ୱାରା ଆମେ ଏକ ‘‘ଏକତ୍ୱ’’ର ଜଗତରେ ପ୍ରବେଶ କରିପାରିବା; ଯେଉଁଠାରେ କିଛି ବିଭେଦ ନାହିଁ, ଏକହିଁ ମାତ୍ର ସ୍ପନ୍ଦନ ଅସଂଖ୍ୟ ବାହ୍ୟ ଆକୃତି ମଧ୍ୟ ଦେଇ ନିଜକୁ ଅନ୍ତହୀନ ଭାବରେ ପୁନରାବୃତ୍ତି କରିପାରେ, କରି ଚାଲୁଥାଏ ମଧ୍ୟ ।

ଏହାହିଁ ମହାନ୍ ରହସ୍ୟ । ବ୍ୟକ୍ତିଗତ ଆକୃତି ମଧ୍ୟରେ ଅବତାରଙ୍କର ଗୋପନ ରହସ୍ୟ । ଯଦି ଈଶ୍ୱରଙ୍କର ସଂକଳ୍ପ ଜଣେ ବ୍ୟକ୍ତି ବା ଅବତାରଙ୍କ ଭିତରେ ଅଭିବ୍ୟକ୍ତ ହୋଇଥାଏ, ତେବେ ସେହି ସଂକଳ୍ପ ଅନ୍ୟମାନଙ୍କ ଉପରେ କ୍ରିୟା କରେ – ଯଦି ଏହି ଅବତାର ବା ପ୍ରତିନିଧି ବ୍ୟକ୍ତିଙ୍କ ସହିତ ଆମେ ସମ୍ପର୍କ ରଖିପାରୁ । ଏହି ସମ୍ପର୍କ ଅବତାରଙ୍କର ଶକ୍ତିକୁ ମଧ୍ୟ ବଢ଼ାଇ ଦିଏ ଏବଂ ସମଗ୍ର ମାନବଜାତି ପ୍ରଭାବିତ ହୁଏ ।

ପରମ ପ୍ରେମଙ୍କର ଅଭିବ୍ୟକ୍ତିର ସମୟ ଆସିଲେ ରୂପାନ୍ତରର ମୁହୂର୍ତ୍ତ ଆସିବ, ତାହାକୁ ଆଉ କେହି ବି ପ୍ରତିରୋଧ କରିପାରିବ ନାହିଁ । କିନ୍ତୁ ଶ୍ରୀଅରବିନ୍ଦ କହିଥିଲେ, ଦିବ୍ୟ ପ୍ରେମ ଅବତରଣ କରିବା ନିମିତ୍ତ ପୃଥିବୀକୁ ନମନୀୟ ଓ ଗ୍ରହଣଶୀଳ ହେବାକୁ ପଡ଼ିବ । ନହେଲେ ଏହା ବିସ୍ଫୋରିତ ହୋଇଯିବ ।

ପୃଥିବୀ, ବିଶେଷତଃ ଜଡ଼ ପଦାର୍ଥ ଏବେ ବି କଠିନ ହୋଇ ରହିଛି । ତେଣୁ ଅସତ୍‌କୁ, ମନ୍ଦକୁ ରୂପାନ୍ତର କରିବା ପାଇଁ ସମ୍ପୂର୍ଣ୍ଣ ପ୍ରେମର ଶକ୍ତି ପ୍ରାପ୍ତ ହୋଇ ନାହିଁ । ତଥାପି ମଧ୍ୟ ଅସତ୍‌କୁ, ମନ୍ଦକୁ, କୁତ୍ସିତତାକୁ ଦୂର କରିବାରେ ଆମେମାନେ ଏହି ଭଳି ଭାବରେ କିଛିଟା ସହଯୋଗ କରିପାରିବା, ତଦ୍ୱାରା ରୂପାନ୍ତରକାରୀ ଶକ୍ତିର ଅବତରଣ ତ୍ୱରାନ୍ୱିତ ହେବ । ଶ୍ରୀଅରବିନ୍ଦ ଓ ଶ୍ରୀମା’ଙ୍କର ଯୋଗ ପନ୍ଥା ଅନୁସାରେ ଏହାହିଁ ହେଉଛି ସର୍ବୋତ୍ତମ ସଦ୍‌ଗୁଣ ଓ ନୈତିକତା । ❖

# କର୍ମ ମଧ୍ୟରେ ବିଶ୍ରାମ

ନିଜ କର୍ମରେ ଅଫୁରନ୍ତ ଉତ୍ସାହ, ନିଷ୍ଠା ଓ ପ୍ରଫୁଲ୍ଲତା ନେଇ ଜଣେ ସଫଳ କର୍ମୀ ହେବାକୁ ହେଲେ ଜାଣିବାକୁ ହେବ କାମ କଲାବେଳେ କିପରି ବିଶ୍ରାମ ନେବାକୁ ହୁଏ । ତା'ର ଅର୍ଥ କାମରେ କୌଣସି ଫାଙ୍କି ଦେବା ନୁହେଁ, କର୍ମରତ ଅବସ୍ଥାରେହିଁ ଶରୀରକୁ ଶିଥିଳ ବିଶ୍ରାମ ମଧ୍ୟରେ ରଖିବାର କୌଶଳ ଆୟତ୍ତ କରିବା ।

ଅକ୍ଳାନ୍ତ କର୍ମୀ ହେନ୍‌ରୀ ଫୋର୍ଡ଼ ସାରା ଜୀବନ ପରିଶ୍ରମ ଓ ଅଧ୍ୟବସାୟରେ ପୃଥିବୀର ଜଣେ ଶ୍ରେଷ୍ଠ ଧନୀ ହୋଇ ପାରିଥିଲେ । ତାଙ୍କର ଅଶୀବର୍ଷ ବୟସରେ ତାଙ୍କୁ ପଚରା ଯାଇଥିଲା, ''ଏତେ ପରିଶ୍ରମ କରି ମଧ୍ୟ ଏହି ବୟସରେ ଆପଣ ଏମିତି ସଜୀବ ଓ ସତେଜ ଅଛନ୍ତି କିପରି ?'' ସେ କହିଥିଲେ ''ମୁଁ କାମ କରିଯାଏ ସତ; କିନ୍ତୁ ମୋର ସବୁ ସମୟରେ ଚେଷ୍ଟା ଥାଏ କିପରି କାମ କରୁ କରୁ ବିଶ୍ରାମ ନେଇ ପାରିବି ।''

କଠୋର ଶ୍ରମ ମଧ୍ୟରେ ବି ସର୍ବଦା ସଜୀବ ଓ ସତେଜ ରହିବାର ଗୂଢ଼ ରହସ୍ୟ ହେଲା, ଯେତେବେଳେ ଆମେ କାମ କରୁ ସେତେବେଳେ ତା'ରି ସଙ୍ଗେ ସଙ୍ଗେ ବିଶ୍ରାମ ନେବାର କୌଶଳଟି ଆୟତ୍ତ କରିବା । ଏକ ସମୟରେ ତ ଆମେ ସବୁ ଅଙ୍ଗ ଦେଇ କାମ କରୁ ନାହିଁ । ଦେହର ଯେଉଁ ଅଙ୍ଗ ଯେଉଁ କାମ କରୁଛନ୍ତି, ତା' ବ୍ୟତୀତ ଅନ୍ୟ ସମସ୍ତ ଅଙ୍ଗକୁ ଶିଥିଳ-ବିଶ୍ରାମ ମଧ୍ୟରେ ରଖିବା ଦରକାର । ଏ ବିଶ୍ରାମ ଏକ ତାମସ ନିଷ୍କ୍ରିୟତା ନୁହେଁ; ପେଶୀ ସମୂହ, ଅଙ୍ଗ ସମୂହ ରହିବ Relaxed, ଶିଥିଳ ଅଥଚ ସଜାଗ ।

ଆମେ ଏକ ସଙ୍ଗରେ ବହୁ ସମୟ ଧରି ପରିଶ୍ରମ କରୁ; ପରିଶ୍ରମ ସମୟରେ ଯେତିକି ଶାରୀରିକ ଶକ୍ତି ପ୍ରୟୋଜନ, ତା' ଅପେକ୍ଷା ଅଧିକ ଶକ୍ତି ନିୟୋଗ କରୁ; ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକୁ ଅତ୍ୟଧିକ ସକ୍ରିୟ କରି ରଖୁ । ତା'ଛଡ଼ା ନିରର୍ଥକ କଥାଭାଷା ଓ ଅଙ୍ଗ ସଞ୍ଚାଳନର ବିଶୃଙ୍ଖଳ ଅଭ୍ୟାସ ଫଳରେ ମଧ୍ୟ ଆମର ଅନେକାଂଶ ଜୀବନୀ ଶକ୍ତି ଅଯଥା ବ୍ୟୟିତ ହୋଇଥାଏ । ଶକ୍ତିର ଏହି ଅପଚୟ ଆମେ ଅବହେଳା ସହକାରେ କରିଚାଲୁ । ଥରକ ପାଇଁ ମନରେ ଭାବୁ ନାହିଁ ଯେ ଆମେ ତଦ୍ଦ୍ୱାରା ଅବସାଦକୁହିଁ ଡାକି ଆଣୁ ।

ଜଣେ ସାର୍ଥକ ବ୍ୟବସାୟୀ କହିଥିଲେ, ''ଯେଉଁ ଲୋକ ବିନା ଆବଶ୍ୟକତାରେ କଥା କହେ, ଅଯଥାରେ ହାତ ଗୋଡ଼ ହଲାଏ, କାମ କରିବାର ଟେବୁଲଟି ଯାହାର ବିଶୃଙ୍ଖଳ, ତାହାକୁ ମୁଁ କୌଣସି ଦାୟିତ୍ୱପୂର୍ଣ୍ଣ କାମରେ ଲଗାଏ ନାହିଁ । କାରଣ ରାସ୍ତାର ଜଣେ ମାତାଲ ଯେଉଁ ଭଳି ତା'ର ଜୀବନକୁ ଅପଚୟ କରେ, ଜଣେ ବିଶୃଙ୍ଖଳ ଲୋକ ମଧ୍ୟ ଠିକ୍ ସେହିଭଳି ତା'ର ଜୀବନୀ ଶକ୍ତିର ଅପଚୟ କରିଚାଲେ । ମାତାଲକୁ ଆମେ ନିନ୍ଦା କରୁ, କିନ୍ତୁ ସେହି ବିଶୃଙ୍ଖଳ ଲୋକଟିର ଶାରୀରିକ ଶକ୍ତିର ଅପଚୟ ଆମର ଆଖି ଏଡ଼ାଇ ଯାଏ ।''

ଆମର ଶରୀର ଯେ ଅବସାଦଗ୍ରସ୍ତ, କ୍ଳାନ୍ତ ହୋଇପଡ଼େ, ତା'ର କାରଣ ଅତ୍ୟଧିକ ପରିଶ୍ରମ ନୁହେଁ । ପରିଶ୍ରମରେ ଶରୀର କେବେହେଲେ କ୍ଳାନ୍ତ ହୁଏ ନାହିଁ – ଏକଥାଟି ଅବିଶ୍ୱାସ୍ୟ ମନେ ହେଲେ ମଧ୍ୟ ସତ୍ୟ – ଆମେ କୌଣସି କାର୍ଯ୍ୟ କରିବା ବେଳେ କିଛି ସମୟ ପରେ ଯେଉଁ ଅବସାଦ ବୋଧ କରୁ, କ୍ଳାନ୍ତ ହୋଇ ପଡୁ, ତା'ର କାରଣ କାର୍ଯ୍ୟଟି ପାଇଁ ପରିଶ୍ରମ ନୁହେଁ । କାର୍ଯ୍ୟଟି ପ୍ରତି ମନୋଭାବହିଁ ତା'ର କାରଣ । କେଉଁ ମନୋଭାବ ନେଇ ଆମେ କାର୍ଯ୍ୟ କରୁ, ସବୁ ନିର୍ଭର କରେ ତାହାରି ଉପରେ । କାମଟି ଯଦି ଆମର ମନୋମୁତାବକ ନ ହୁଏ, ଯଦି ଆମେ କାମଟିକୁ ଅପସନ୍ଦ କରୁ, ତା'ହେଲେ ସେ କାମଟି କରିବା ସମୟରେ ମନ ମଧ୍ୟରେ ଏକ ପ୍ରକାର ବିରକ୍ତି ଜାତ ହୁଏ, ତା'ଫଳରେ ସ୍ନାୟୁ ମଧ୍ୟରେ ଏକରକମ ଉତ୍ତେଜନା ସଞ୍ଚାରିତ ହୁଏ । ମନସ୍ତାତ୍ତ୍ୱିକମାନେ ତାହାକୁ କହନ୍ତି "Fatigue Toxin" । ରକ୍ତରେ ବିଷକ୍ରିୟା ପରି ଏହା ଯେତେସବୁ ସ୍ନାୟବିକ ଓ ମାନସିକ ଅବସାଦ ଆମ ଶରୀର ଭିତରକୁ ନେଇ ଆସେ । ଇଂଲଣ୍ଡର ବିଖ୍ୟାତ ମନସ୍ତାତ୍ତ୍ୱିକ I. A. Hadfield ତାଙ୍କର 'The psychology of power' ବହିଟିରେ ଲେଖିଛନ୍ତି, "The greater part of the fatigue, from which we suffer is of mental origin; in fact exhaustion of purely physical origin is rare."

ଅର୍ଥାତ୍, ''ଆମେ ଭୋଗୁଥିବା କ୍ଳାନ୍ତିର ବଡ଼ ଭାଗଟି ଆସେ ମନରୁ, ବାସ୍ତବରେ ପୂରା ଦୈହିକ ଉତ୍ସରୁ ଆସୁଥିବା କ୍ଳାନ୍ତି ଅତ୍ୟନ୍ତ କ୍ୱଚିତ୍ ।'' ଏହି ବିଷ କ୍ରିୟାରୁ ଦେହକୁ ବଞ୍ଚାଇବାକୁ ହେଲେ ସର୍ବପ୍ରଥମ ଆବଶ୍ୟକ – ଶରୀରର ପେଶୀ ଓ ସ୍ନାୟୁଗୁଡ଼ିକୁ ଏକ ସୁଖଦ ବିଶ୍ରାମ ମଧ୍ୟରେ ରଖିବାକୁ ଶିଖିବା,

ଯାହା ଫଳରେ କୌଣସି ପ୍ରକାର ବିରକ୍ତି ଓ ଉତ୍ତେଜନା ଆସି ଶରୀରର ବିଶ୍ରାମରେ ବିଘ୍ନ ନ ଘଟାଏ ।

ଯେଉଁ ଜିନିଷଟି ଆମେ ପସନ୍ଦ କରୁନା, ଚାହୁଁନା ତାହାକୁ ଏଡ଼ାଇବା ପାଇଁ ମନ ମଧ୍ୟରେ ଗୋଟାଏ repulsion ବା ବିରୂପ ତରଙ୍ଗ ଉଠେ, ତାହାହିଁ ସ୍ନାୟୁ ମଧ୍ୟରେ ବିରକ୍ତି ବା ଉତ୍ତେଜନା ରୂପେ ଚରିଯାଏ । ମନ ମଧ୍ୟରେ ଯେପରି କେବେହେଲେ ବିକ୍ଷୋଭ ନ ଉଠେ; ସେଥିପାଇଁ ଆମ ମନକୁ ଶିଖାଇବାକୁ ପଡ଼ିବ ଯେପରିକି ଯାହା ଭଲ ଲାଗୁ ନାହିଁ, ପସନ୍ଦ ହେଉ ନାହିଁ, ତା' ପ୍ରତି ଅସନ୍ତୁଷ୍ଟ ନ ହୋଇ ଏକ କୌତୂହଳ ଓ ହସଖୁସିର ଭାବ ରଖିବା । ତା'ହେଲେ ମନରେ ଆଉ କୌଣସି ବିରୂପ ଚାଞ୍ଚଲ୍ୟ ଆସିବ ନାହିଁ । ଆଉ ମଧ୍ୟ ମନର ଅହରହ ଖିଟିଖିଟିଆ ମିଜାଜ ଓ ବିରକ୍ତି ହାତରୁ ରକ୍ଷା ମିଳିବ ।

ସବୁ ବିଷୟ ପ୍ରତି କିପରି ଏକ କୌତୂହଳୀ ଆନନ୍ଦର ଦୃଷ୍ଟି ରଖିବାକୁ ହୁଏ, ତାହା ଆମେ ଯେକୌଣସି ପିଲା ପାଖରୁ ଶିଖିପାରୁ । ଦେଖ, ସେ କିପରି ମଗ୍ନ ହୋଇ ଖେଳୁଛି ମାଟିର ତୁଚ୍ଛ ଗୋଟାଏ ଭଙ୍ଗା କଣ୍ଢେଇ ନେଇ ବା ଗୋଟାଏ ପୁରୁଣା ଖବର କାଗଜର ଛିଣ୍ଡା ଛବିଟିଏ ନେଇ । ଘଟଣାଟି ଆମ ପାଖରେ କେଡ଼େ ଅକିଞ୍ଚିତ୍‌କର । କିନ୍ତୁ ପିଲାଟି ମନରେ ଅଛି ଯେଉଁ ଖେଳର ଆନନ୍ଦ, ତାହାରି ଫଳରେ ସେହି ଅତି ତୁଚ୍ଛ ଖେଳ ମଧ୍ୟ ତା' ପାଇଁ ହୋଇ ଉଠୁଛି ମହନୀୟ । ସବୁଥିରେ ରହିଛି ଏକ ଚମତ୍କାରିତା, ସବୁ କାର୍ଯ୍ୟ ମଧ୍ୟରେହିଁ ରହିଛି ଗୋଟାଏ ସ୍ଫୂର୍ତ୍ତି । ତାହା ଦେଖି ପାରିବା ଓ ବୁଝି ପାରିବା ଭଳି ନବୀନତ୍ୱ ଯଦି ଆମ ମନରେ ଥାଏ, ତା'ହେଲେ କୌଣସି କାର୍ଯ୍ୟ ଆଉ କ୍ଳାନ୍ତିକର ହେବ ନାହିଁ, କୌଣସିଟି ବି ବିରକ୍ତିକର ମନେ ହେବ ନାହିଁ ।

ଜଣେ କର୍ମବ୍ୟସ୍ତ ପ୍ରୌଢ଼ ଭଦ୍ରଲୋକ କହିଥିଲେ, ସେ ଏହି ଶିକ୍ଷା ତାଙ୍କର ସାତ ବର୍ଷର ବାଳକ ପୁତ୍ରଠାରୁ ପାଇଥିଲେ; ଗୋଟିଏ ଜରୁରୀ କାମରେ ତାଙ୍କ ଗାଡ଼ିରେ ଗଲାବେଳେ ଆଗରେ ଗୋଟିଏ ବଡ଼ ଲରି ବାଟ ଅଟକାଇ ଛିଡ଼ା ହୋଇଥାଏ । ସବୁ ଯାନବାହନ ଅଟକି ଯାଇ ଥାଆନ୍ତି । ଭଦ୍ରଲୋକ କେବଳ ହର୍ଣ୍ଣ ବଜାଇ ଛଟପଟ ହେଉ ଥାଆନ୍ତି । କିନ୍ତୁ ପଛ ସିଟ୍‌ରେ ତାଙ୍କ ବାଳକ ପୁତ୍ରଟି ପାଟିରେ ଚକୋଲେଟ ଓ ହାତରେ ରଙ୍ଗିନ ଛବି ବହି ଧରି ବିସ୍ମୟଭରା ଦୃଷ୍ଟିରେ ବାହାରକୁ ଅନାଇ ରହିଥାଏ । ଭଦ୍ରଲୋକ ଆଉ ଥରେ ହର୍ଣ୍ଣ ବଜାଇବାକୁ ଗଲା ବେଳକୁ ପିଲାଟି କହିଲା, ''ଡାଡ଼ି, ହେଇ ଦେଖ ।'' ଭଦ୍ରଲୋକ ବୁଲି ଚାହିଁ ଦେଖିଲେ ଗୋଟିଏ ବେଲୁନ୍ ବାଲା ନାନାରଙ୍ଗର ବେଲୁନ୍‌ର ଏକ ବଡ଼ ମୁକୁଟ ପରି ଟୋପି ପିନ୍ଧି ବେଲୁନ୍ ବିକୁଛି ।

ଭଦ୍ରଲୋକ କହିଲେ, ''ମୋର ସେତେବେଳେ ମନେ ହେଲା ଏହି ଯେ ମହାନଗରୀ, ଲକ୍ଷ ଲକ୍ଷ ମଣିଷମାନଙ୍କର ବିଚିତ୍ର ଚଳମାନ ଗତି, ତା' ଭିତରେ ମୋ ନିଜ କାମର ତାଗିଦାଟା ଗୋଟାଏ ଛୋଟ ପାଣି ଫୋଟକା ଛଡ଼ା ଅଧିକ କ'ଣ ? ସେହି ଲରିଟା ମୋତେ ବା ବାଟ ଛାଡ଼ିବ କାହିଁକି ? ପରମୁହୂର୍ତ୍ତରେହିଁ ମୁଁ ଶାନ୍ତ ହୋଇଗଲି । ସେହି ଦିନଠାରୁ ଆଉ କେବେହେଲେ ଭିଡ଼ ଭିତରେ ପଡ଼ିଲେ ବି ଷ୍ଟିଅରିଂ ଧରି ମୁଁ ଛଟପଟ ହୁଏ ନାହିଁ । ଚାରି ଆଡ଼କୁ ଚାହିଁ ଦୃଶ୍ୟସବୁ ଦେଖେ ।''

କୌଣସି ଘଟଣା ବା ପରିସ୍ଥିତି ଆମକୁ ବାହାରୁ କ୍ଳାନ୍ତ ବା ଉତ୍କଣ୍ଠିତ କରିପାରେ ନାହିଁ । ସେହି ଘଟଣା ପ୍ରତି ଆମେ ଯେଉଁ ମନୋଭାବ ରଖୁ ତାହାରି ଫଳରେହିଁ କ୍ଳାନ୍ତ ବା ଉତ୍ତେଜିତ ହେଉ । ଆମେ ପୀଡ଼ିତ ହେଉ କେବଳ ଆମର ମନ ଦ୍ୱାରା, ବାହାରର ଅନ୍ୟ କାହାରି ଦ୍ୱାରା ନୁହେଁ । ବିଖ୍ୟାତ ଫରାସୀ ଦାର୍ଶନିକ Montaignଙ୍କ କଥାରେ "A man is not hurt so much by what happens, as by his opinion of what happens." ଅର୍ଥାତ୍, ''ଯାହା ଘଟିଗଲା ସେଥିପାଇଁ ଯେତେ ନୁହେଁ, ଯାହା ଘଟିଗଲା ସେ ସମ୍ବନ୍ଧରେ ନିଜର ମତାମତ ଦ୍ୱାରାହିଁ ମଣିଷ ବେଶୀ ଆଘାତ ପାଏ ।''

ସେଇଥିପାଇଁ ଦେହରୁ କ୍ଳାନ୍ତି ବା ଅବସାଦ ଦୂର କରିବାକୁ ହେଲେ ପ୍ରଥମେ ମନକୁ ସତେଜ ପ୍ରଫୁଲ୍ଲତାରେ ଭରି ରଖିବା ଦରକାର, କାମଟି ଯେତେ ଶ୍ରମ ସାପେକ୍ଷ ହେଉନା କାହିଁକି ତାହା କରିବାରେ ଆମର କ୍ଳାନ୍ତି ଆସିବ ନାହିଁ; ତା' ସହିତ ଯେଉଁ ମାନସିକ ଉତ୍କଣ୍ଠା, ଆଶଙ୍କା, ତ୍ୱରା, କାମନା ବାସନାସବୁ ଆମେ ମିଶାଇ ଦେଇଥାଉ, ସେଗୁଡ଼ିକୁ ଯଦି ଦୂର କରି ଦେଇପାରୁ ତା'ହେଲେ କାମଟି ଢେର ହାଲୁକା ହୋଇଯାଏ । କାମ ମଧ୍ୟରେ ଯେଉଁ ଯଥାର୍ଥ ଆନନ୍ଦ, ତାହା ମଧ୍ୟ ସେତେବେଳେ ଅନୁଭବ କରି ହୁଏ ।

ଶ୍ରୀମା'ଙ୍କ କଥାରେ, ''ଜୀବନ ଆୟତନର ଏହି ଯେତେ ବ୍ୟସ୍ତତା — ଏଗୁଡ଼ିକ ଭଳି ଆଉ କେଉଁଥିରେ ମନ ଏତେ ହୀନ, ଏତେ ପଙ୍ଗୁ ହୋଇପଡ଼େ ନାହିଁ । ଆମର କାମ ସହିତ ମାଙ୍କଡ଼ସା ଜାଲ ଭଳି ଜଡ଼ି ହୋଇ ରହିଛି ଯେତେସବୁ ଅହଂର ଦାବି, କାମନାବାସନାର ଧୂଆଁର କୁଣ୍ଡଳୀ । ସେହିଗୁଡ଼ିକହିଁ ଆମ ଭିତରେ ଅବସାଦ ନେଇ ଆସେ, ନେଇ ଆସେ କ୍ଷୟ । ଶ୍ରୀମାଙ୍କ

କଥାରେ, ''ଏହି ସେଇ କରାଳ କୀଟ'' ଯାହା ଆମର ଜୀବନର ଫୁଲ ଭଳି ପ୍ରତି କର୍ମ ମଧ୍ୟରେ ପ୍ରବେଶ କରି ତାକୁ ନଷ୍ଟ କରିଦିଏ ।''

ସ୍କୁଲର ପିଲାମାନେ ଗଣ୍ଡଗୋଳ କରନ୍ତି, ପାଟିତୁଣ୍ଡ କରନ୍ତି, କିନ୍ତୁ ଶିକ୍ଷକ କ୍ଲାସରେ ପ୍ରବେଶ କଲା କ୍ଷଣି ସମସ୍ତେ ଶାନ୍ତଶିଷ୍ଟ – ନିଜ ନିଜ ଜାଗାରେ ଚୁପ୍‌ଚାପ୍ ବସି ପଡ଼ନ୍ତି । ଶିକ୍ଷକଙ୍କୁ କିଛି କହିବାକୁ ପଡ଼େ ନାହିଁ । ସେହିପରି ଆମେ ଯେତେବେଳେ କାମ କରୁ ସେତେବେଳେ ଜାଣି ମଧ୍ୟ ପାରୁ ନାହୁଁ ଯେ ଆମର ଅଙ୍ଗ ସବୁ, ଆମର ମନ କେତେ ପ୍ରକାର ବିଶୃଙ୍ଖଳାରେ ପଡ଼ିଥାଏ । ସେଥିପାଇଁ ମଝିରେ ମଝିରେ ଚେତନାକୁ ଏକାଗ୍ର କରି ଶରୀରର ପ୍ରତ୍ୟେକ ଅଙ୍ଗକୁ ପର୍ଯ୍ୟବେକ୍ଷଣ କରି ଦେଖିଲେ ଆମ ଦେହର ସମସ୍ତ ଅଙ୍ଗଗୁଡ଼ିକ ଏକ ଶାନ୍ତ ସଂଯମର ମଧ୍ୟ ଦେଇ ନିୟନ୍ତ୍ରିତ ହୋଇ ଉଠିବେ । ଏହା ଦ୍ୱାରା କର୍ମ କୁଶଳତା ମଧ୍ୟ ବଢ଼େ ଏବଂ ଶରୀର ଶ୍ରାନ୍ତ ହୋଇ ପଡ଼େ ନାହିଁ । ✤

# ଅସଂଯତ କଥାବାର୍ତ୍ତା

## ଶ୍ରୀମା

ଆମେ କହିଥିଲୁ ଆମେ ନିଜକୁ ସାଧନା ପାଇଁ ପଦ୍ଧତି ମୂଳକ ଭାବେ ପ୍ରସ୍ତୁତ କରିବୁ ... ଗୋଟିଏ ବିଷୟ ଉପରେ ମୁଁ ଖୁବ୍ ଜୋର୍ ଦେଇଥାଏ, କିନ୍ତୁ ଦୁର୍ଭାଗ୍ୟବଶତଃ ତୁମ ସମସ୍ତଙ୍କ ଭିତରେ ତାହା ବିଶେଷ ଫଳପ୍ରଦ ହେଉ ନାହିଁ । ମୁଁ ଭାବୁଛି ବୋଧହୁଏ ଭବିଷ୍ୟତ୍ ସାଧନା ପାଇଁ ତୁମକୁ ପ୍ରସ୍ତୁତ କରିବାକୁ ତାହାକୁ ନେଇହିଁ ଆରମ୍ଭ କରିବା ଉତ୍ତମ ହେବ ।

ତେଣୁ ଆଜି ସନ୍ଧ୍ୟାରେ ଆମର ଧ୍ୟାନର ବିଷୟ ହେବ ''କଥାବାର୍ତ୍ତାରେ ସଂଯମହୀନତାର କୁପରିଣାମ'' ।

ଅନେକ ସମୟରେ ମୁଁ ତୁମକୁ କହିଛି ଯେ ଅବାନ୍ତର ବା ଅର୍ଥହୀନ ଭାବରେ କହିଥିବା ପ୍ରତ୍ୟେକଟି ଶବ୍ଦ ହେଉଛି ଏକ ବିପଜ୍ଜନକ ବାଚାଳତା । କିନ୍ତୁ ଏଠାରେ ପରିସ୍ଥିତି ତା'ର ସୀମା ଟପିବାକୁ ବସିଲାଣି । ଯେଉଁମାନେ ମାନବସମାଜର ପୂର୍ଣ୍ଣତା ଚାହାନ୍ତି, ସେମାନେ ବାରଂବାର ଏହି କଥାଟି କହିଛନ୍ତି ଓ ତା'ର ବାରଂବାର ପୁନରାବୃତ୍ତି କରିଛନ୍ତି – ଦୁର୍ଭାଗ୍ୟବଶତଃ ତାହା ବିଶେଷ ଫଳପ୍ରଦ ହୋଇ ନାହିଁ ।

ଏହି ଦୁର୍ଗୁଣଟି ହେଉଛି ଅସଦିଚ୍ଛାପୂର୍ଣ୍ଣ ପରଚର୍ଚ୍ଚା – ଅନ୍ୟକୁ ବଦନାମ କରିବା, ଅନ୍ୟମାନଙ୍କ ସମ୍ପର୍କରେ ନାନା କୁସ୍ତାରଟନା କରିବା – ଅନ୍ୟମାନଙ୍କ ସମ୍ପର୍କରେ ଖରାପ କଥା କହିବାରେ ଆନନ୍ଦ ପାଇବା । ଯେଉଁମାନେ ଏହି ଧରଣର ଅସଂଯତ କଥାବାର୍ତ୍ତାରେ ବୁଡ଼ି ଯାଆନ୍ତି, ତାହା ସେମାନଙ୍କ ଚେତନାକୁ ଦୂଷିତ କରେ, ଏବଂ ଯେତେବେଳେ ସେମାନଙ୍କର ଏହି ଧରଣର ଅସଂଯତ କଥାବାର୍ତ୍ତା ସହିତ ଓ ବାଜେ ଭାଷାରେ କୁହାଯାଉଥିବା ବାଜେ କଳହ ବି ମିଶିଯାଏ ସେତେବେଳେ ଏହା ଆତ୍ମହତ୍ୟା ସଙ୍ଗେ, ନିଜ ଭିତରେ ଏକ ଆଧାତ୍ମିକ ଆତ୍ମହତ୍ୟା ସଙ୍ଗେ ସମାନ ହୋଇଥାଏ ।

ମୁଁ ଏହି ବିଷୟଟି ଉପରେ ଜୋର୍ ଦେଉଛି, ଏବଂ ଏହାକୁ **ଗୁରୁତ୍ୱର** ସହ ଗ୍ରହଣ କର ବୋଲି କହୁଛି ।

(ଧ୍ୟାନ)

(9 July, 1957) (M. C. W., Vol. 9, p. 143) ✤

# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ-ତତ୍ତ୍ୱ

## ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର

''ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।''
(କପିଳ ସଂହିତା)

''ସମସ୍ତ ତୀର୍ଥ ବା କ୍ଷେତ୍ର ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ଅର୍ଥାତ୍ ପୁରଷୋତ୍ତମ ବା ପୁରୀ ଶ୍ରେଷ୍ଠ । ଏହା କ୍ଷେତ୍ରରାଜ,– ତୀର୍ଥରାଜ । ସକଳ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, 'ଶ୍ରୀଜଗନ୍ନାଥ ପୁରୁଷୋତ୍ତମ' । ସେ ଦେବତାମାନଙ୍କର ସମ୍ରାଟ ।'' ସମଗ୍ର ବିଶ୍ୱ ତାଙ୍କର ସାମ୍ରାଜ୍ୟ, ସେ ଜଗତର ନାଥ । ସେହିଁ ସର୍ବୋତ୍ତମ ଈଶ୍ୱର, ଏହି ଶ୍ରେଷ୍ଠ ତତ୍ତ୍ୱ ପୁରୁଷୋତ୍ତମଙ୍କର ବିକଳ୍ପ ନାହିଁ । କେଉଁ ଅନାଦି କାଳରୁ ଆମର ପବିତ୍ର ମାତୃଭୂମି ଉତ୍କଳ ଏହାଙ୍କୁ ଆପଣାର ଇଷ୍ଟଭାବେ ବରଣ କରି ନେଇଛି । ଏଣୁ ଓଡ଼ିଶାର ସ୍ୱଧର୍ମ ହେଉଛି ପୁରୁଷୋତ୍ତମ ଉପଲବ୍ଧି ଏବଂ କେବଳ ବିଚାରରେ ନୁହେଁ ଆଚାର ବା ଆଚରଣରେ, ତତ୍ତ୍ୱରେ ନୁହେଁ ଜୀବନରେ, ପ୍ରତୀକ ଭାବରେ ନୁହେଁ ପ୍ରତ୍ୟକ୍ଷ ଭାବରେ ତାଙ୍କୁ ପ୍ରକଟିତ ବା ପ୍ରକାଶିତ କରିବା । ଉତ୍କଳୀୟତାର ବ୍ୟକ୍ତି ଓ ସମାଜ ଜୀବନରେ କେବଳ ପୁରୁଷୋତ୍ତମଙ୍କର ଅଭିବ୍ୟକ୍ତିକୁ ତା'ର ଅନ୍ତରର ଦାବି, ଏକମାତ୍ର ଅଭୀପ୍ସା ଓ ସ୍ୱଧର୍ମଭାବେ ଗ୍ରହଣ କରିବାହିଁ ତା'ର ଇଷ୍ଟ ସାଧନା, ତଦ୍‌ଭିନ୍ନ ସେ ସ୍ୱଧର୍ମରୁ ପତିତ ହେବ, ତା' ପାଇଁ ପରଧର୍ମ ଭୟାବହ ।

'ପୁରୁଷୋତ୍ତମ' ଶବ୍ଦର ଯଥାର୍ଥ ମର୍ମ ନ ବୁଝି, ପୁରୁଷୋତ୍ତମ ଯେଉଁ ଆଦର୍ଶର ପ୍ରତିନିଧିତ୍ୱ କରୁଛନ୍ତି ତାହା ନ ଜାଣି, ଅନ୍ଧ ଭଳି ଅବାଟରେ ଜୀବନ ବଞ୍ଚିବାରେ ସାଫଲ୍ୟ ଅପେକ୍ଷା ବିଫଳତା ସର୍ବାଧିକ । ଉପନିଷଦ୍ ଏବଂ ଗୀତାରେ ପୁରୁଷୋତ୍ତମଙ୍କ ସଂପର୍କରେ ଯାହା କୁହାଯାଇଛି ତାହା ଆମର ମାର୍ଗଦର୍ଶକ ହେବ । ଗୀତାର ପଞ୍ଚଦଶ ଅଧ୍ୟାୟ, ଅଷ୍ଟାଦଶ ଶ୍ଳୋକରେ କୁହାଯାଇଛି –

''ଯସ୍ମାତ୍‌କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥''

ଏହାର ଅର୍ଥ ହେଲା, ''ଯେହେତୁ ମୁଁ କ୍ଷରପୁରୁଷର ଅତୀତ ବା ଊର୍ଦ୍ଧ୍ୱରେ ଅବସ୍ଥିତ, ଏବଂ ଅକ୍ଷରଠାରୁ ମଧ୍ୟ ଅଧିକ ବା ଉତ୍ତମ ଏଥିପାଇଁ ତିନି ଲୋକରେ ଓ ବେଦରେ ପୁରୁଷୋତ୍ତମ ରୂପେ ମୁଁ ବିଖ୍ୟାତ ହୋଇଅଛି ।'' ଏହି ବାଣୀ ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କ ପ୍ରତି । ଏହାର ତାତ୍ପର୍ଯ୍ୟ : 'କ୍ଷର' ହେଲା ସେଇ ଜୀବ ଜଗତ୍ ଯାହାର କ୍ଷୟ-ବୃଦ୍ଧି ଅଛି, ଯାହା ରୂପଗୁଣର ଜଗତ୍ ଏବଂ ଅକ୍ଷର ହେଲା ସେହି ଲୋକ ଯାହା ଅରୂପ, ନିର୍ଗୁଣ, ସୂକ୍ଷ୍ମାତିସୂକ୍ଷ୍ମ; କିନ୍ତୁ ଏହି ଦୁଇଟି ଜଗତର ଊର୍ଦ୍ଧ୍ୱରେ ଯେଉଁ ଶ୍ରେଷ୍ଠତତ୍ତ୍ୱ ଅଛନ୍ତି ସେ ପରମେଶ୍ୱରଙ୍କର ପୁରୁଷୋତ୍ତମ ତତ୍ତ୍ୱ; ସେ ଉଭୟ କ୍ଷର, ଅକ୍ଷରକୁ ଧାରଣ ଓ ପୋଷଣ କରୁଅଛନ୍ତି, ସମନ୍ୱିତ କରୁଛନ୍ତି, ଏହାଙ୍କର ଆଉ ବିକଳ୍ପ ନାହିଁ; ଏହାଙ୍କୁ ଅତିକ୍ରମ କରି କେହି ବା କିଛି ନାହିଁ । ସେହିଁ ସର୍ବ-ସମନ୍ୱୟକାରୀ ମହାସାଗରବତ୍ ସର୍ବତତ୍ତ୍ୱସାର । 'ତମେବ ଚାଦ୍ୟଂ' କହି ଗୀତା ପଞ୍ଚଦଶ ଅଧ୍ୟାୟର ୪ର୍ଥ ଶ୍ଳୋକରେ ତାଙ୍କୁ ଆଦ୍ୟ ପୁରୁଷ କହିଛନ୍ତି; ସେ ସର୍ବବନ୍ଦ୍ୟ, ଏ ଜଗତ୍ ରୂପକ ଊର୍ଦ୍ଧ୍ୱମୂଳ ଅଶ୍ୱତ୍ଥ ବୃକ୍ଷର ମୂଳ ସ୍ୱରୂପ । ତାଙ୍କଠାରୁ ସକଳ ସୃଷ୍ଟି ହୋଇଛି । ପରା ଚେତନା ବା ପରା ଜ୍ଞାନରେ ତାଙ୍କର କେବଳ ଉପଲବ୍ଧି ସମ୍ଭବ । ଅର୍ଜୁନ ଦିବ୍ୟ ଚକ୍ଷୁ ବା ଦିବ୍ୟଚେତନା ପାଇ ନ ଥିଲେ ତାଙ୍କର ଯଥାର୍ଥ ବିଶ୍ୱରୂପ ଦର୍ଶନ କରିପାରି ନ ଥା'ନ୍ତେ । ଶ୍ରୀଅରବିନ୍ଦ 'ଦିବ୍ୟ ଜୀବନ' ଗ୍ରନ୍ଥରେ ପ୍ରତିପାଦନ କରିଛନ୍ତି– "In its supreme status the Spirit is the supreme Conscious Being, Purushottama, and the Consciousness-Force is his supreme Nature, Para-Prakriti." (Life Divine, p. 365)

ଅର୍ଥାତ୍, ଯିଏ ପୁରୁଷୋତ୍ତମ, ସର୍ବଶ୍ରେଷ୍ଠ ଚେତନା-ଶକ୍ତିର ପ୍ରଭୁ, ତାଙ୍କ ପ୍ରକୃତି ପରା-ପ୍ରକୃତି । ଏହି ପରା ପ୍ରକୃତି ବା ଦିବ୍ୟପ୍ରକୃତିକୁ ବାଦ୍ ଦେଇ, ପରମ ଚେତନାକୁ ଉପେକ୍ଷା କରି ପୁରୁଷୋତ୍ତମଙ୍କ ସଂପର୍କରେ ବିଚାର ଅପୂର୍ଣ୍ଣ ରହିଯାଏ । ମଣିଷକୁ ତା'ର ଆଧ୍ୟାତ୍ମିକ ବିବର୍ତ୍ତନରେ ଅପରାର୍ଦ୍ଧକୁ ଅତିକ୍ରମ କରି ପରାର୍ଦ୍ଧର ଚେତନା-ରାଜ୍ୟରେ ପହଞ୍ଚିବାକୁ ହେବ । ଅର୍ଜୁନଙ୍କୁ ଭଗବାନ୍ କୃପା କରି ଏହି ଚେତନା ଓ ଦିବ୍ୟ ଦୃଷ୍ଟି ଦେଇଥିଲେ ତାଙ୍କ ପୁରୁଷୋତ୍ତମ ବ୍ୟକ୍ତିତ୍ୱ ସଂପର୍କରେ ତାଙ୍କୁ ସଚେତ କରାଇବା ପାଇଁ । ଶ୍ରୀଅରବିନ୍ଦ 'Life Divine'ର 'Ascent towards Supermind' ଅଧ୍ୟାୟରେ କହିଛନ୍ତି,

"This would mean the appearance in the evolution of a gnostic being or Purusha and a gnostic Prakriti, a gnostic Nature."

ଆମେ ଏଥିରୁ ସୂଚନା ପାଉ ଅର୍ଜୁନଙ୍କୁ କିଛିକାଳ ପାଇଁ ଯେଉଁ ଦିବ୍ୟ ଚେତନା ଦିଆଯାଇଥିଲା, ତାହାକୁ ସ୍ଥାୟୀ ରୂପେ ବିବର୍ତ୍ତନ ମାଧ୍ୟମରେ ପାଇବାହିଁ ମନୁଷ୍ୟର ନିୟତି । ଦିବ୍ୟ ପୁରୁଷ ଓ ଦିବ୍ୟପ୍ରକୃତି ଏକ ଓ ଅଭିନ୍ନ । ପ୍ରତ୍ୟେକ ମଣିଷ ପାଇଁ ଏହାହିଁ ଶ୍ରେଷ୍ଠ ଲକ୍ଷ୍ୟ ଏବଂ ନିଶ୍ଚିତ ନିୟତି । ଏହାକୁ ଉପଲବ୍ଧି କରିଥିବା ବ୍ୟକ୍ତି କୃତକୃତ୍ୟ ହୁଏ । ଏହି ପରମ ସତ୍ୟର ପ୍ରତୀକ ହେଲେ ଶ୍ରୀଜଗନ୍ନାଥ । ସେ ଦାରୁ ରୂପରେ ଅବସ୍ଥିତ । କିନ୍ତୁ କେବଳ ଦାରୁ ନୁହନ୍ତି ସେ 'ଦାରୁବ୍ରହ୍ମ' । ବ୍ରହ୍ମ ସର୍ବଶ୍ରେଷ୍ଠ ତତ୍ତ୍ୱ – ଏହାହିଁ ସତ୍ୟଂ ଜ୍ଞାନଂ ଅନନ୍ତଂ, ଏହାହିଁ ସତ୍ ଚିତ୍ ଆନନ୍ଦ, ସତ୍ୟଂ ଶିବଂ ସୁନ୍ଦରମ୍ । ଶ୍ରୀଜଗନ୍ନାଥ ଏସବୁର ସମନ୍ୱିତ ବିଗ୍ରହ । ଏଥିପାଇଁ ପୁରାଣରେ କୁହାଯାଇଛି : ''ପଶ୍ୟ ସାକ୍ଷାତ୍ ଜଗନ୍ନାଥଂ ବେଦାନ୍ତ-ପ୍ରତିପାଦିତମ୍'' ଏବଂ ସେହିଁ ଉପନିଷଦ୍‌ର ଅକ୍ଷରାତ୍ ପରତଃ ପରଃ ପୁରୁଷ । ସେ କେବଳ ସଗୁଣ ନୁହନ୍ତି ବା ନିର୍ଗୁଣ ନୁହନ୍ତି । ସେ ସମସ୍ତ ରୂପ, ଗୁଣ, ଦର୍ଶନତତ୍ତ୍ୱର ମହାସମନ୍ୱୟ । ବିଶ୍ୱର ସକଳ ଧର୍ମର ମର୍ମବାଣୀର ଶ୍ରେଷ୍ଠ ପ୍ରତୀକ । ସକଳ ସଂସ୍କୃତିର ସମନ୍ୱୟ । ଏଣୁ ତାଙ୍କର ଅନ୍ୟ ଦେବତାମାନଙ୍କ ଭଳି ନିର୍ଦ୍ଦିଷ୍ଟ ରୂପ ନାହିଁ । କୌଣସି ଧର୍ମଗୋଷ୍ଠୀ, ସାଧନା ପଦ୍ଧତି ଓ ସଂପ୍ରଦାୟ ଦାବି କରିପାରିବେ ନାହିଁ ଯେ ସେ ତାଙ୍କୁ ସମଗ୍ର ରୂପେ ପାଇଛନ୍ତି । ଜ୍ଞାନ, ଭକ୍ତି, କର୍ମ ସମସ୍ତ ଯୋଗର ସେ ସମନ୍ୱୟ । ବେଦ, ବେଦାନ୍ତ, ତନ୍ତ୍ରର ସେ ମହାସଙ୍ଗମ । ଏଣୁ ସେ ସର୍ବସମନ୍ୱୟକାରୀ ପରମ ଚେତନା, ପରଂବ୍ରହ୍ମ ପରା ପ୍ରକୃତିଯୁକ୍ତ ପୁରୁଷୋତ୍ତମ । ଯିଏ ସଂକୀର୍ଣ୍ଣ ଚେତନାରେ ବାସ କରେ ସେ ତାଙ୍କୁ ଜାଣିପାରିବ ନାହିଁ; ଯେ ଅହଂବର୍ଜିତ, ବିଶ୍ୱଚେତନାରେ ବାସ କରେ – ସାରା ଜଗତର ରାଜା ତା'ର ଇଷ୍ଟ । 'ରାଜା ଅନୁଗତ ଧର୍ମ', ଏଣୁ ସାରା ବସୁଧା ତା'ର କୁଟୁମ୍ବ 'ବସୁଧୈବ କୁଟୁମ୍ବକମ୍' । ଜଗନ୍ନାଥ ଜଗବନ୍ଧୁ ଯଦି ତା'ର ଈଶ୍ୱର ସେ ବିଶ୍ୱବନ୍ଧୁ ନ ହେବେ କିପରି ? କାରଣ ଯେ ଆମର ଇଷ୍ଟ, ସେ ଆମର ହୃଦୟେଶ୍ୱର । ତାଙ୍କର ଗୁଣଧର୍ମ, ତାଙ୍କର ତତ୍ତ୍ୱର, ତାଙ୍କରି ଆଦର୍ଶର ଆମେ ସାଧକ, ପ୍ରକାଶକ ନହେଲେ ତାଙ୍କର ବିରୋଧ ହେବ ନାହିଁ କି ? ଏଣୁ ତାଙ୍କ ଭଳି ଆମେ ବି କହିବା ''ମିତ୍ରସ୍ୟ ଚକ୍ଷୁସା ସମୀକ୍ଷାମହେ'' । ଆମେ ସମସ୍ତଙ୍କୁ ମିତ୍ର ଚକ୍ଷୁରେ ଦେଖିବା । ଆମେ ନିଜକୁ ଯେପରି କହିବା 'ଅହଂ ବ୍ରହ୍ମାସ୍ମି'– ଅନ୍ୟକୁ ସେପରି କହିବା– 'ତତ୍ ତ୍ୱମ୍ ଅସି' ତୁମେ ବି ମୋ ପରି ବ୍ରହ୍ମ । ଆଉ ସାରା ସଂସାରକୁ ବୁଝିବା 'ସର୍ବଂ ଖଳୁ ଇଦଂ ବ୍ରହ୍ମ' । ସବୁକିଛି ବ୍ରହ୍ମ, ବ୍ରହ୍ମ ଜଡ଼ରୁ ସ୍ତମ୍ଭ ଯାଏ, ସର୍ବପ୍ରାଣୀ, ବନସ୍ପତି, ନଦୀ-ପର୍ବତମାଳା, ମାଟି-ପାଣି-ପବନ ସବୁ ବ୍ରହ୍ମ । ସମସ୍ତେ ମହାନ୍ । ଆମ ଦେଶ ମହାନ୍, ସବୁ ଦେଶ ମହାନ୍, ସମଗ୍ର ଜଗତ୍ ମଧ୍ୟ ମହାନ୍ । ଆମର ଇଷ୍ଟ ସାକାର ବା ନିରାକାର, ନିର୍ଗୁଣ ବା ସଗୁଣ, ଦେହ, ମନ, ପ୍ରାଣ ସକଳ ମଧ୍ୟରେ ବିଦ୍ୟମାନ । ସେ ପରାର୍ଦ୍ଧରେ ସଚ୍ଚିଦାନନ୍ଦ ବିଜ୍ଞାନ ରୂପେ ଯେପରି ଅଛନ୍ତି, ଅପରାର୍ଦ୍ଧରେ ଛଦ୍ମ ରୂପରେ ସେହିପରି ଅନ୍ନ, ପ୍ରାଣ, ମନ ଭୂମିରେ ଅଛନ୍ତି; ଆମର ଇଷ୍ଟ ପୁରୁଷୋତ୍ତମ ଜଗନ୍ନାଥଙ୍କ ପାଇଁ ଜ୍ଞାନ-ଭକ୍ତି-କର୍ମର ଭେଦ ନାହିଁ, ବେଦ ଓ ତନ୍ତ୍ରର ଭେଦ ନାହିଁ । ସେ ଆର୍ଯ୍ୟ ଓ ଅନାର୍ଯ୍ୟକୁ ପୃଥକ୍ କରନ୍ତି ନାହିଁ, ସେ ଏକ ଅଦ୍ୱିତୀୟ ହେଲେ ମଧ୍ୟ ବହୁ ରୂପରେ ପ୍ରକଟିତ ହୋଇ ପାରନ୍ତି । ସେ କର୍ତ୍ତା ଅକର୍ତ୍ତା ଅନ୍ୟଥା କର୍ତ୍ତୁଂ ସମର୍ଥଃ । ସେ ସର୍ବକୃତ୍; ପରମତତ୍ତ୍ୱ ।

ଆମର ଇଷ୍ଟ ଉପାସନା ଆମକୁ ତାଙ୍କ ଚେତନାରେ ପହଞ୍ଚାଇ ନ ପାରିଲେ, ତାଙ୍କ ଭଳି ଉଦାର କରି ନ ପାରିଲେ, ଆମେ ଇଷ୍ଟ ଉପାସନାର ଛଳନା କରୁଛୁ ବୋଲି ଯଦି କିଏ କହେ, ଆମେ ତା'ର କି ଜବାବ ଦେଇ ପାରିବା ? ଜଗଦୀଶ୍ୱର ସମସ୍ତଙ୍କର । ସେ କୃଷ୍ଣକାୟଙ୍କର ବା ଶୁକ୍ଳକାୟଙ୍କର ଏକଚାଟିଆ ସଂପତ୍ତି ନୁହନ୍ତି । ଆକାଶ ସୂର୍ଯ୍ୟଙ୍କୁ କିଏ କେବଳ ନିଜର, ଆଉ କାହାର ନୁହଁନ୍ତି ବୋଲି କହିପାରିବ କି ? ତେବେ ସେ ଏଇ ଧର୍ମ ମତର, ସେଇ ଧର୍ମ ମତର ନୁହନ୍ତି – ଏକଥା କହିବା ଆମର କ୍ଷୁଦ୍ର ସାଂପ୍ରଦାୟିକ ବୁଦ୍ଧିର ସଂସ୍କାର । ଯେଉଁ ପୁରୁଷୋତ୍ତମ ଜାତି, ଧର୍ମ, ଲିଙ୍ଗ, ବର୍ଣ୍ଣର ଅତୀତ, ତାକୁ କେଉଁ ଭଳି କେବଳ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ବା ସମାଜର ବୋଲି କହି ସଂକୁଚିତ କରିବା ? ଯେତେଦିନ ଯାଏ ଏଇ ମନୋଭାବ ଆମେ ପରିହାର କରିପାରିବା ନାହିଁ, ସେତେଦିନ ଯାଏ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କୁ ଆମେ ପୁରୁଷୋତ୍ତମ କହିବା ନାହିଁ; ତାଙ୍କର ଯଥାର୍ଥ ତତ୍ତ୍ୱ ଓ ତାଙ୍କର ବ୍ୟବହାରିକ ସ୍ଥିତି ମଧ୍ୟରେ ଏକ ଅଲଂଘ୍ୟ ପ୍ରାଚୀର ସୃଷ୍ଟି କରି ବସିବା । ସଂଗତି ଆମ ବିଚାର ଓ ଆଚାରରେ ରହିବ ନାହିଁ ।

ଆଜିଯାଏ ସମ୍ଭବତଃ ଏହାହିଁ ଅଳ୍ପ ବହୁତ ଭାବେ ହୋଇ ଚାଲିଛି । ଆମେ ଜଗନ୍ନାଥଙ୍କୁ ଆମର ଇଷ୍ଟ କହୁଛୁ,

ପୁରୁଷୋତ୍ତମ ଧର୍ମ ଆମର ଧର୍ମ ବୋଲି କହୁଛୁ ଅଥଚ ପୁରୁଷୋତ୍ତମଙ୍କର ବିରୋଧୀ ଚିନ୍ତାକୁ ମନରେ ପୋଷଣ କରୁଛୁ, ଆମ ଆଚରଣରୁ ସାଂପ୍ରଦାୟିକତା ଓ ସଂକୀର୍ଣ୍ଣତାର ଦୁର୍ଗନ୍ଧ ଦୂର କରିପାରି ନାହୁଁ ।

ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ତତ୍ତ୍ୱ ହେଉଛି ଶ୍ରେଷ୍ଠ ତତ୍ତ୍ୱ, ଏହି ତତ୍ତ୍ୱ ଯଦି ସର୍ବସମନ୍ୱୟକାରୀ ଏବଂ ପ୍ରକୃତରେ ଏଇ ତତ୍ତ୍ୱ ଅନୁରୂପ ଆମର ଜୀବନଧାରା ଯଦି ହୋଇଥାଏ, ତେବେ ଆମ ଜୀବନରେ ଏତେ ଦ୍ୱନ୍ଦ୍ୱ, ଅସଂଗତି, ଅଶୁଦ୍ଧତା ଏବଂ ଅହଂକାରର ସ୍ଥାନ କେଉଁଠି ରହିବ ? ତା' ଅର୍ଥ ଶ୍ରୀଜଗନ୍ନାଥ ଫଟୋ ବା ବିଗ୍ରହର ଆମେ ବାହ୍ୟ ପୂଜାର୍ଚ୍ଚନା କରୁଛୁ ମାତ୍ର, ତାଙ୍କର ସର୍ବସମନ୍ୱୟକାରୀ ପ୍ରଶାନ୍ତ ପରିଶୁଦ୍ଧ ଅମୃତମୟ ଚେତନାରେ ବାସ କରିବାକୁ ଆମେ ଅନିଚ୍ଛୁକ ବା ଅଯୋଗ୍ୟ, ତାକୁ ଜୀବନରେ ଆଚରଣ କରିବାକୁ କୁଣ୍ଠିତ । ଏହାର ଅର୍ଥ ଆମେ ଯେତେ ଭକ୍ତି ଓ ସେବାର ବାହାନା ଦେଖାଇଲେ ମଧ୍ୟ ଆମର ତାଙ୍କ ପ୍ରତି ଆନୁଗତ୍ୟ ନାହିଁ, ଆନ୍ତରିକ ନିଷ୍ଠା ନାହିଁ ବା ଅର୍ଚ୍ଚନାର ଯୋଗ୍ୟତା ନାହିଁ । ତାଙ୍କୁ ଧରି ଆମେ ବ୍ୟବସାୟ କରୁଛୁ, ତାଙ୍କୁ ଧରି ପାଣ୍ଡିତ୍ୟର ଡିଣ୍ଡିମ ପିଟୁଛୁ ।

ଯଦି ପୁରୁଷୋତ୍ତମ ଆମର ଆଦର୍ଶ ଓ ଲକ୍ଷ୍ୟ, ତେବେ ତଦ୍‌ଭିନ୍ନ ଆମେ ଅନ୍ୟ କିଛି ଚାହିଁପାରିବୁ ନାହିଁ । କିନ୍ତୁ ସ୍ୱୀକାର କରିବାକୁ ହେବ, ତାଙ୍କୁ ପାଇବାକୁ ଏଯାଏଁ ଆମେ ଯୋଗ୍ୟ ହୋଇ ନାହୁଁ, ତାଙ୍କର ସର୍ବୋତ୍ତମ ବିଜ୍ଞାନଘନ ଚେତନାକୁ ପାଇବାକୁ ଏଯାଏଁ ସହସ୍ର ଇଚ୍ଛା ବା ଅଭୀପ୍ସା କରି ନାହୁଁ । ପୁରୁଷୋତ୍ତମ ଆମ ନିକଟରେ ଅଛନ୍ତି ଖେଳନା ହୋଇ, ତାଙ୍କୁ ଧରି ନାଟକ କରୁଛୁ, ଜୀବନର ଜ୍ୟୋତିଃ ହୋଇ ଅନ୍ତରରେ ସେ ପ୍ରଜ୍ୱଳିତ ହେଉ ନାହାନ୍ତି । ଆମେ ପୁରୁଷୋତ୍ତମଙ୍କ ପ୍ରତୀକରେ ସନ୍ତୁଷ୍ଟ ହୋଇପାରିବୁ ନାହିଁ, ତାଙ୍କର ପ୍ରତିମା ଭିତରେ ଲୁକ୍କାୟିତ ପ୍ରତିଭାର ପୂଜାରୀ ହେବୁ । ତାଙ୍କ ଚେତନାରେ ବାସ କରି ତାଙ୍କର ଯୋଗ୍ୟ ପୂଜାର୍ଚ୍ଚନା କରିବୁ । କାରଣ 'ଦେବୋ ଭୂତ୍ୱା ଦେବଂ ଯଜେତ୍' । ଦେବତା ନ ହେଲେ ଦେବପୂଜା ହୁଏ ନାହିଁ । ଆମେ ନିଜେ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ନ ହେଲେ ସଚ୍ଚିଦାନନ୍ଦଙ୍କର ପୂଜା କରି ଜାଣିବୁ ନାହିଁ । ରହସ୍ୟମୟ ଜଗନ୍ନାଥ ତାଙ୍କରି ଦାରୁ ବିଗ୍ରହ ମଧ୍ୟରେ ରହି ଆମର ପାଣ୍ଡିତ୍ୟର ଅଭିମାନ, ଅହମିକା, ପୂଜ୍ୟୋତ୍ସବର ଆଡ଼ମ୍ବର, ଅନ୍ୟର ଅଧିକାରକୁ ଅସ୍ୱୀକାର କରି ନିଜର ପୂଜାର୍ଚ୍ଚନାର ଅଧିକାର ନେଇ ଦାବି ଦେଖି ବୋଧହୁଏ ହସୁଥିବେ । ଆମର ଅଚେତନା ଦୂର ହେଲେ, ଅହଂକାରର ପରଦା ଉଦ୍‌ଘାଟିତ ହେଲେ ସିନା ଆମେ ଜାଣନ୍ତୁ ପୁରୁଷୋତ୍ତମଙ୍କ ନାମରେ ଆମେ ନିଜର ଅହଂଦୃପ୍ତ ସଇତାନର ପୂଜାର୍ଚ୍ଚନା କରୁଛୁ ଏବଂ ତା'ଠାରୁ ଦିବ୍ୟ ଜ୍ଞାନାନନ୍ଦ ନୁହେଁ – ବୈଷୟିକ ଭୋଗ୍ୟବସ୍ତୁ ପାଇବା ପାଇଁ କାତର ପ୍ରାର୍ଥନା କରୁଛୁ ଏବଂ ତାହା ପାଇ କୃତକୃତ୍ୟ ହେଉଛୁ, ନ ପାଇଲେ ଅଭାଷାଭାଷାରେ ତାଙ୍କୁ ତିରସ୍କୃତ କରୁଛୁ । ... ... ଏହାର ଅର୍ଥ ନୁହେଁ ଯେ ଚେତନଶୀଳ ଆତ୍ମଦର୍ଶୀ ଭକ୍ତସାଧକଙ୍କର ସେଠି ମୋଟେ ସ୍ଥାନ ନାହିଁ ।

ଯିଏ ପ୍ରକୃତରେ ପୁରୁଷୋତ୍ତମଙ୍କର କେବଳ ବିଗ୍ରହ ବା ପ୍ରତୀକର ସାଧନାରେ ସନ୍ତୁଷ୍ଟ ନ ହୋଇ ପୁରୁଷୋତ୍ତମଙ୍କ ତତ୍ତ୍ୱକୁ ଅନ୍ତରରେ ଉପଲବ୍ଧି କରିବାକୁ ଏବଂ ସେହି ତତ୍ତ୍ୱାନୁକୂଳ ଜୀବନ ଗଢ଼ିବାକୁ ଅଭୀପ୍ସୁ, ସିଏ ନିଶ୍ଚୟ ଅନୁଭବ କରିବ ଯେ ସେହି ଚେତନାହିଁ ବିଜ୍ଞାନଘନ ଚେତନା ବା ଅତିମାନସ । ସେହି ଚେତନାର ଉପଲବ୍ଧିରେ ଦୃଷ୍ଟି ବଦଳିଯାଏ । ତାଙ୍କ ବିଗ୍ରହ ଭିତରୁ ନିରାବରଣ ଭାବେ ପୁରୁଷୋତ୍ତମ ପ୍ରକଟିତ ହୁଅନ୍ତି । ଜଗତରେ ସର୍ବତ୍ର ତାଙ୍କରି ଦର୍ଶନ ମିଳେ । ସାଧକ ସେହି ସଚ୍ଚିଦାନନ୍ଦଙ୍କ ସହ ଏକୀଭୂତ ହୋଇ ନୂତନ ଚେତନାରେ ରୂପାନ୍ତରିତ ହୋଇଯାଏ । ସେତେବେଳେ ସେ 'ଦେବୋ ଭୂତ୍ୱା ଦେବଂ ଯଜେତ୍'ର ସତ୍ୟତା ଅନୁଭବ କରେ । ପୁରୁଷୋତ୍ତମ ତା'ର ଅନ୍ତରରେ, ବାହାରେ, ଊର୍ଦ୍ଧ୍ୱରେ, ଅଧଃରେ ସର୍ବତ୍ର ପ୍ରକଟିତ ହୁଅନ୍ତି । ଗୀତାର ''ବାସୁଦେବସର୍ବମ୍ ଇତି'ର ସତ୍ୟ ତା'ର ଜୀବନରେ ମୁକୁଳିତ ହୁଏ । ଜୀବନ ଦିବ୍ୟ ହୁଏ, ପୁରୁଷୋତ୍ତମ ସଚ୍ଚିଦାନନ୍ଦଙ୍କର ସେ ପ୍ରକାଶକ ହୁଏ ।

ପ୍ରାଚୀନ ସଂସ୍କାରାଚ୍ଛନ୍ନ ମଣିଷ ଚେତନାର ବିବର୍ତ୍ତନକୁ ସ୍ୱୀକାର କରିବାକୁ ରାଜି ନୁହେଁ । କିନ୍ତୁ ମଣିଷର ଅଜ୍ଞାତସାରରେ ଅତିମାନସ ତତ୍ତ୍ୱ ଅଭୀପ୍ସୁ ମଣିଷକୁ ଆକର୍ଷଣ କରୁଛି । ପୁରୁଷୋତ୍ତମଙ୍କ ଯଥାର୍ଥ ଆରାଧନାର ଦିବ୍ୟମୁହୂର୍ତ୍ତ ସମାଗତ । ତା' ନ ହେଲେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ବା ଅତିମାନସ ସାଧନା ପାଇଁ ପୁରୁଷୋତ୍ତମ ଦେଶର ଏତେ ସଂଖ୍ୟକ ଉତ୍କଳୀୟ ଶ୍ରୀଅରବିନ୍ଦ ଆଶ୍ରମକୁ ଟାଣି ହୋଇ ଆସି ନ ଥା'ନ୍ତେ । ଉତ୍କଳର ଆନ୍ତର ଚେତନାରେ ଜଗନ୍ନାଥ କେଉଁଠି ହେଲେ ବି ଛପି ରହିଛନ୍ତି, ଏଣୁ ତାଙ୍କୁ ପ୍ରକଟିତ କରିବାକୁ ଅଭୀପ୍ସୁ ସାଧକ ଶ୍ରୀଅରବିନ୍ଦଙ୍କ ଚେତନାର ଅଭିଯାନ-ପଥରେ ଯାତ୍ରୀ ହୋଇଛି । ନିଜେ ପୁରୁଷୋତ୍ତମ ହେବ, ଦିବ୍ୟ ସମାଜ ଗଢ଼ିବ, ଏଥିପାଇଁ ତା'ର ବ୍ୟାକୁଳତା । ✤

ସାଧନା-ପରମ୍ପରା :

# ଯୋଗବାଶିଷ୍ଠ ରାମାୟଣ

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଲୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂରକରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟ ଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

## ଶ୍ରୀ ମନୋଜ ଦାସଙ୍କ ଭାଷାରେ 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥର ଏକ ସଂକ୍ଷିପ୍ତ ପରିଚୟ

ଭାରତୀୟ ସାହିତ୍ୟରେ ଯେଉଁ ପ୍ରଖ୍ୟାତ ଗ୍ରନ୍ଥ ଦୁଇଜଣ ମହାନ୍ ଋଷି ଯୁଗ୍ମ ଭାବରେ ପ୍ରଣୟନ କରିଛନ୍ତି ବୋଲି ବିଶ୍ୱାସ କରାଯାଏ ସେ ଗ୍ରନ୍ଥ 'ଯୋଗବାଶିଷ୍ଠ ରାମାୟଣ' । ଏହା ଏକ ଅତ୍ୟନ୍ତ ପ୍ରଭାବଶାଳୀ ଅଧ୍ୟାତ୍ମ ସାହିତ୍ୟ । ଜୀବନର ଦୁଇବିଧ ସମସ୍ୟା ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସୃଷ୍ଟିର ରହସ୍ୟ, ଏହାର ଲକ୍ଷ୍ୟ ଇତ୍ୟାଦି ସମ୍ପର୍କରେ ସୁଗମ ଭାଷା ତଥା ସିଧାସଳଖ ଶୈଳୀରେ ଏହା କେତେକ ଦିଗ୍‌ଦର୍ଶନ ଦିଏ ।

ମୁଖ୍ୟତଃ ଏହା ମହର୍ଷି ବଶିଷ୍ଠଙ୍କ ବକ୍ତବ୍ୟ ବୋଲି ବିଶ୍ୱାସ କରାଯାଏ । କିନ୍ତୁ ଏହାର ପ୍ରଣେତା ମହର୍ଷି ବାଲ୍ମୀକି, ଅତଏବ ଏହା ଦୁଇ ଋଷିଙ୍କର କୃତି । ଏଥିରେ ରାମ ଅନ୍ୟତମ ମୁଖ୍ୟ ଚରିତ୍ର ହୋଇଥିବା ଦୃଷ୍ଟିରୁ, ପୁଣି ବାଲ୍ମୀକି ଏହା ଲିପିବଦ୍ଧ କରିଥିବା ଦୃଷ୍ଟିରୁ 'ଯୋଗବାଶିଷ୍ଠ' ସହ ଏଥିରେ 'ରାମାୟଣ' ଶବ୍ଦ ଯୋଡ଼ି ଦିଆ ଯାଇଛି ।

ଏହାର ପଟଭୂମି ଏହିପରି – ଅଯୋଧ୍ୟାର ଯୁବରାଜ ଶ୍ରୀରାମଚନ୍ଦ୍ର ମଣିଷଜାତିର ଅଜ୍ଞାନତା ଏବଂ ଦୁଃଖ ଦେଖି ବଡ଼ ଉଦାସ ଅନୁଭବ କରୁଛନ୍ତି । ଯୁବରାଜସୁଲଭ କାମ ଦାମରେ ମନୋନିବେଶ କରୁ ନାହାନ୍ତି । ସେହି ପରିସ୍ଥିତିରେ ଋଷି ବିଶ୍ୱାମିତ୍ର ଆସି ପହଞ୍ଚିଲେ । ସେ ଚାହାଁନ୍ତି ରାମ ତାଙ୍କ ସହ ବନକୁ ଯିବେ ଏବଂ ବନବାସୀ ଯୋଗୀଋଷିଙ୍କୁ ନାନାମତେ କଲବଲ କରୁଥିବା ରାକ୍ଷସମାନଙ୍କୁ ନିପାତ କରିବେ ।

ବିଶ୍ୱାମିତ୍ରଙ୍କ ପ୍ରସ୍ତାବ ଗ୍ରହଣ କରିବାକୁ ବଡ଼ ଅନିଚ୍ଛୁକ ରାଜା ଦଶରଥ । କିନ୍ତୁ କୁଳଗୁରୁ ବଶିଷ୍ଠ ରାମଙ୍କ ସହ ନାନା ଦାର୍ଶନିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ଆଲୋଚନା କରି ତାଙ୍କୁ ବିଶ୍ୱାମିତ୍ରଙ୍କ ପରାମର୍ଶ ଅନୁସାରେ କାମ କରିବାକୁ ପ୍ରବର୍ତ୍ତାଉଛନ୍ତି ।

ପ୍ରଥମେ ସେ ରାମଙ୍କ ଚିତ୍ତରେ ଶାନ୍ତ ଏବଂ ସ୍ଥିର ଭାବର ପ୍ରତିଷ୍ଠା କରିବା ନିମନ୍ତେ ତାଙ୍କୁ ପରିସ୍ଥିତିର ବାହ୍ୟ ରୂପ ଦେଖି ବିଚଳିତ ନହେବା ସକାଶେ ବୁଝାଉଛନ୍ତି । ଜନ୍ମ ଜନ୍ମ ଧରି ମଣିଷକୁ ବହୁବିଧ ଅଭିଜ୍ଞତା ଅର୍ଜନ କରିବାକୁ ହୁଏ । ନିମ୍ନ ପ୍ରକୃତିରୁ ଯେପର୍ଯ୍ୟନ୍ତ ଜଣେ ସନ୍ତୋଷଲାଭ କରି ଚାଲିଥିବ ସେପର୍ଯ୍ୟନ୍ତ ମହତ୍ତର ଲକ୍ଷ୍ୟ ତାକୁ ଆକୃଷ୍ଟ କରେ ନାହିଁ । କିନ୍ତୁ ସମୟ ଆସେ ଯେତେବେଳେ ସେ ପ୍ରକୃତି କବଳରୁ ଉତ୍ତୀର୍ଣ୍ଣ ହେବା ପାଇଁ ଚାହେଁ । ସେ ବୁଝେ ଯେ ଯେଉଁସବୁ ଅବସ୍ଥା ଓ ବାସନାକାମନାର ତୃପ୍ତିକୁ ସେ କାମ୍ୟ ବୋଲି ଆଦରି ନେଇଛି, ସେସବୁ ବାସ୍ତବରେ ତା' ପାଇଁ ବନ୍ଧନ । ସେ ତେଣିକି ମୁକ୍ତିର ଉପାୟ ଅନ୍ୱେଷଣ କରେ ।

ଏହି ଜ୍ଞାନାନ୍ୱେଷଣର ବିଭିନ୍ନ ପର୍ଯ୍ୟାୟ ରହିଛି । ପ୍ରଥମ ପର୍ଯ୍ୟାୟ 'ବୈରାଗ୍ୟପ୍ରକରଣ' – ଯେତେବେଳେ ମଣିଷ ଗତାନୁଗତିକ ମୂଲ୍ୟବୋଧ ତଥା ଆକର୍ଷଣସମୂହ ପ୍ରତି ବୀତସ୍ପୃହ

ହୁଏ; 'ମୁମୁକ୍ଷୁ ବ୍ୟବହାର ପ୍ରକରଣ' – ଯେତେବେଳେ ସେ ସତ୍ୟ ପାଇଁ, ମୁକ୍ତି ପାଇଁ ପନ୍ଥାର ସନ୍ଧାନ କରେ; 'ଉତ୍ପତ୍ତି ପ୍ରକରଣ' – ନିଜ ସମ୍ପର୍କରେ ଜ୍ଞାନଲାଭ; 'ସ୍ଥିତି ପ୍ରକରଣ' – ଯେଉଁ ଜ୍ଞାନ ଜନ୍ମ-ମୃତ୍ୟୁ ଭିତରେ ବି ତା'ର ଆତ୍ମାର ଅମରତ୍ୱ ସମ୍ପର୍କରେ ତାକୁ ଅଭିହିତ କରେ ଏବଂ 'ଉପଶମ ପ୍ରକରଣ' – ଯାହା ମୁକ୍ତି ଉପଲବ୍ଧି କରାଏ ।

ମୂଳ ବହିର ଶ୍ଳୋକ ସଂଖ୍ୟା ଛତିଶ ହଜାର । ତେବେ ମାତ୍ର ଛଅ ହଜାର ଶ୍ଳୋକ ସମ୍ବଳିତ ଏକ ଛୋଟ ଜନପ୍ରିୟ ସଂସ୍କରଣ ମଧ୍ୟ ବହୁ କାଳରୁ ପ୍ରଚଳିତ ରହିଛି ।

ବହିଟିର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ତଥା ଦୃଷ୍ଟାନ୍ତରେ ସମୃଦ୍ଧ । ଲୀଳା ନାମ୍ନୀ ରାଣୀ ତାଙ୍କ ସ୍ୱାମୀଙ୍କୁ ହରାଇ ମ୍ରିୟମାଣା । ଦେବୀ ସରସ୍ୱତୀଙ୍କ କୃପାରୁ ଧ୍ୟାନାବିଷ୍ଟ ଥାଇ ସେ ଅନ୍ୟ ଏକ ଲୋକରେ ତାଙ୍କ ସ୍ୱାମୀଙ୍କୁ ଦେଖୁଛନ୍ତି । ମଜାର କଥା ହେଲା, ସେଠାରେ ସେ ନିଜେ ବି ରହିଛନ୍ତି । ଧ୍ୟାନରୁ ବାହାରିବା ପରେ ସେ କେଉଁ ଗୋଟିକ ଅଧିକ ବାସ୍ତବ – ଏ ସ୍ଥୂଳ ସଂସାରର ଅଭିଜ୍ଞତା ନା ଧ୍ୟାନାବସ୍ଥାରେ ପ୍ରାପ୍ତ ଅନ୍ୟ ସ୍ତରର ଅଭିଜ୍ଞତା, ତାହା ସେ ଠଉରାଇ ପାରୁ ନାହାନ୍ତି ।

ଦେବୀ ରାଣୀଙ୍କୁ ବୁଝାଇ ଦେଇଛନ୍ତି – ପ୍ରତି ସ୍ତରର ବାସ୍ତବତାର ନିଜସ୍ୱ ବୈଚିତ୍ର୍ୟ ଓ ନିୟମ ରହିଛି, କିନ୍ତୁ କେହି ଅନ୍ୟଠାରୁ କମ୍ ବାସ୍ତବ ନୁହନ୍ତି । ବସ୍ତୁତଃ ବିଭିନ୍ନ ଅଦୃଶ୍ୟ ସ୍ତର ଓତପ୍ରୋତ ଜଡ଼ିତ ହୋଇ ରହିଥା'ନ୍ତି । କାରଣ ଆମ ସ୍ଥୂଳ ବାସ୍ତବତା ଭଳି ସେମାନେ ସ୍ଥୂଳ ସ୍ଥାନ ବା ଆମ ହିସାବର କାଳ ଦ୍ୱାରା ନିୟନ୍ତ୍ରିତ ନୁହନ୍ତି, ଏପରିକି ଏକ ପରମାଣୁ ଭିତରେ ଲୁଚି ରହିଛି ଆମରି ପୃଥିବୀ ଭଳି ବାସ୍ତବ ପୃଥିବୀ ।

କର୍ମ ସମ୍ପର୍କରେ ଯୋଗବାଶିଷ୍ଠର ବକ୍ତବ୍ୟ ସ୍ପଷ୍ଟ – କର୍ମଫଳ ଅନିବାର୍ଯ୍ୟ । କିନ୍ତୁ କର୍ମର ସ୍ଥୂଳ ଅଭିବ୍ୟକ୍ତି ଅପେକ୍ଷା କର୍ମ ଆମ ମନରେ କିଭଳି ପ୍ରଭାବ ବିସ୍ତାର କରିଛି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମ କାର୍ଯ୍ୟକଳାପ ଏବଂ କୃତିତ୍ୱ ଆମ ଚିନ୍ତା ଉପରେ ନିର୍ଭରଶୀଳ । କର୍ମ ଉତ୍ସାରିତ ଫଳ ଉପଭୋଗ କରିବା ଅବସରରେ ଆମେ ସେଥି ସହିତ ଜଡ଼ିତ ହୋଇପଡୁ । ଚିତ୍ତ କିନ୍ତୁ ସ୍ଥାଣୁ ନୁହେଁ । ଜଣେ ଅଭିଜ୍ଞତା ଲାଭ କରି ପରିପକ୍ୱ ହେବା ସଙ୍ଗେ ସଙ୍ଗେ ଚିତ୍ତ ଉପରେ ନିୟନ୍ତ୍ରଣ ହାସଲ କରିପାରେ ।

ମୁକ୍ତି ଏବଂ ବନ୍ଧନ ମଧ୍ୟ ମନ ଉପରେ ନିର୍ଭରଶୀଳ । ଚିତ୍ତକୁ ପୂତ ପବିତ୍ର କରି, ସେହି ପବିତ୍ର ଇଚ୍ଛା ଶକ୍ତି ବଳରେ କେହି କେହି ମୃତ୍ୟୁ ଉପରେ ମଧ୍ୟ ବିଜୟଲାଭ କରିଛନ୍ତି । ଭୂଷଣ୍ଡକାକ କଥା ଧରାଯାଉ । ସେ ବିଜ୍ଞ କାକ ବହୁ ପ୍ରଳୟରୁ ଉତ୍ତୀର୍ଣ୍ଣ । ବଶିଷ୍ଠ ତାଙ୍କୁ ପ୍ରଶ୍ନ କରିଛନ୍ତି, ''ସୃଷ୍ଟିକୁ ବାରଂବାର ଯେଉଁ ଶକ୍ତି ଧ୍ୱଂସ କଲା, ତା' କବଳରୁ ତୁମେ ବଞ୍ଚି ରହିଲ କିପରି ?''

ଭୂଷଣ୍ଡଙ୍କ ଉତ୍ତର – ''ଯେତେବେଳେ ଦ୍ୱାଦଶ ସୂର୍ଯ୍ୟର ଅଗ୍ନି ଯୋଗେ ସୃଷ୍ଟି ଜଳି ଉଠିଲା, ସେତେବେଳେ ମୁଁ ତାରଲ୍ୟ ସହ ଏକୀଭୂତ ହୋଇ ମହାଶୂନ୍ୟକୁ ଉଠିଗଲି । ଯେତେବେଳେ ବାୟୁ-ପ୍ରଳୟ ସୃଷ୍ଟିକୁ ଧ୍ୱଂସକଲା ଏବଂ ପର୍ବତମାନେ ମଧ୍ୟ ବିଦୀର୍ଣ୍ଣ ହୋଇଗଲେ, ସେତେବେଳେ ମୁଁ ନିଜକୁ କାଠିନ୍ୟ ସହ ଏକୀଭୂତ କରି ମହାଶୂନ୍ୟକୁ ଉଠିଗଲି । ଯେତେବେଳେ ସୃଷ୍ଟି ହେଲା ଜଳମଗ୍ନ, ସେତେବେଳେ ମୁଁ ବାୟୁ ସହ ନିଜକୁ ଏକୀଭୂତ କରି ତାହା ଉପରେ ଭାସମାନ ରହିଲି । ପ୍ରତି ନୂତନ କଳ୍ପ ଆରମ୍ଭରେ ମୁଁ ମୋ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାଏ ।''

ଏମିତି ଭାବରେ, ସମଗ୍ର ସୃଷ୍ଟିର ଯାହା ଭାଗ୍ୟ ତା'ର ଊର୍ଦ୍ଧ୍ୱକୁ ଯିବାର ଶକ୍ତି ମଧ୍ୟ ଜଣେ ଆୟତ୍ତ କରିବାର ସମ୍ଭାବନା ରହିଛି ।

''ବର୍ଷାବିଧୌତ ଅରଣ୍ୟକୁ ଯେପରି ଅଗ୍ନି ଦହନ କରିପାରେ ନାହିଁ, ସେହିପରି ଯଥାର୍ଥ ଜ୍ଞାନ ଏବଂ ଯଥାର୍ଥ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିଙ୍କୁ ଦୁଃଖ ଶୋକ ସ୍ପର୍ଶ କରିପାରେ ନାହିଁ ।'' – କହିଛନ୍ତି ବଶିଷ୍ଠ ।

ଅନେକେ ଯୋଗବାଶିଷ୍ଠକୁ ମାୟାବାଦୀ ଦର୍ଶନର ଅନ୍ୟତମ ଉତ୍ସ ରୂପେ ଦେଖନ୍ତି । ଆମେ ଯେଉଁ ଜଗତରେ ରହିଛୁ, ଯେଉଁସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ 'ଯୋଗବାଶିଷ୍ଠ' ପ୍ରତିପାଦିତ କରୁଛି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏ ଗ୍ରନ୍ଥର ମହତ୍ତ୍ୱ ସେତିକିରେ ସୀମାବଦ୍ଧ ନୁହେଁ । ଆମକୁ ମନେ ରଖିବାକୁ ହେବ, ରାମଙ୍କ ଉଦାସୀନ ଭାବ ଭଙ୍ଗ କରି ତାଙ୍କୁ କର୍ମକ୍ଷେତ୍ରକୁ ନେଇଯିବା ବଶିଷ୍ଠଙ୍କ ଉଦ୍ଦେଶ୍ୟ, ଜୀବନର ଅସାରତା ପ୍ରମାଣ କରିବା ନୁହେଁ; ମୂଲ୍ୟବୋଧର ପରିବର୍ତ୍ତନ ଆଣି ଦେବା ଯୋଗବାଶିଷ୍ଠର ଆଭିମୁଖ୍ୟ ।

ରାମ ଏବଂ ବଶିଷ୍ଠଙ୍କ ଭିତରେ ଏକ ସଂଳାପ –

ରାମ – ଜୀବନର ବହୁ ପ୍ରକାର ବନ୍ଧନରୁ ମୁକ୍ତିର ମାର୍ଗ କ'ଣ ?

ବଶିଷ୍ଠ – ଦୃଶ୍ୟମାନ ବସ୍ତୁ ବା ପରିସ୍ଥିତି ଅନ୍ତରାଳରେ ଥିବା ସତ୍ୟର ସନ୍ଧାନ ପାଇଲେ ଜଣେ ବନ୍ଧନରୁ ମୁକ୍ତ ହୋଇ ପାରିବ । ଜଣେ ପ୍ରକୃତ ଜ୍ଞାନରେ ପ୍ରବୁଦ୍ଧ ହେଲେ ମୁକ୍ତି ପାଇଯିବ ।

[''ଭାରତର ଐତିହ୍ୟ : ଶତେକ ପ୍ରଶ୍ନର ଉତ୍ତର'' ଗ୍ରନ୍ଥରୁ ଉଦ୍ଧୃତ]

## ଜ୍ଞାନବନ୍ଧୁ

ରାମ କହିଲେ – ହେ ମୁନିଶ୍ରେଷ୍ଠ ! ଜ୍ଞାନବନ୍ଧୁ କାହାକୁ କୁହାଯାଏ ତାହା ମୋତେ ବୁଝାଇ ଦିଅନ୍ତୁ ।

ବଶିଷ୍ଠ କହିଲେ – ଯେଉଁ ବ୍ୟକ୍ତି ଆନ୍ତରିକଭାବେ ସଂସାର ସୁଖରେ ଆସକ୍ତ, କିନ୍ତୁ ବାହ୍ୟିକଭାବେ ଶାସ୍ତ୍ରାଦିପାଠ ଓ ବ୍ୟାଖ୍ୟା କରେ, ପରନ୍ତୁ ଶାସ୍ତ୍ରବିହିତ କର୍ମାନୁଷ୍ଠାନ କେବେହେଲେ କରେ ନାହିଁ; ପଣ୍ଡିତଗଣ ତାହାକୁ ଜ୍ଞାନବନ୍ଧୁ କୁହନ୍ତି । ଯେଉଁମାନେ ଲୋକ ସମାଜରେ ଶାସ୍ତ୍ର ବ୍ୟାଖ୍ୟା କରି, ଖାଦ୍ୟ ଓ ପରିଚ୍ଛଦାଦି ଲାଭରେ ସନ୍ତୁଷ୍ଟ ହୁଅନ୍ତି ଏବଂ ତା'କୁହିଁ ଶାସ୍ତ୍ରାଲୋଚନାର ଫଳ ବୋଲି ମନେ କରନ୍ତି, ନଟ ପରି ସେହି ଶାସ୍ତ୍ରାଭିନୟକାରୀମାନଙ୍କୁ ଜ୍ଞାନବନ୍ଧୁ କୁହାଯାଏ । ଯେଉଁମାନେ ବେଦବିହିତମାତ୍ର ଅଗ୍ନିହୋତ୍ରାଦି କର୍ମରେ ପ୍ରବୃତ୍ତ, ସେମାନଙ୍କୁ ଏକ ପ୍ରକାର ଜ୍ଞାନବନ୍ଧୁ କୁହାଯାଏ । କିନ୍ତୁ ଏହିପରି କର୍ମାନୁଷ୍ଠାନ ଦ୍ୱାରା ଚିତ୍ତଶୁଦ୍ଧି ହେଲେ, ପରେ ସେମାନେ ତତ୍ତ୍ୱଜ୍ଞାନ ଲାଭରେ ଅଧିକାରୀ ହୁଅନ୍ତି ବୋଲି ପ୍ରଥମୋକ୍ତ ଜ୍ଞାନବନ୍ଧୁ ଅପେକ୍ଷା ଏମାନେ ଅନେକାଂଶରେ ଶ୍ରେଷ୍ଠ । ଆତ୍ମଜ୍ଞାନହିଁ ଯଥାର୍ଥ ଜ୍ଞାନ । କାହିଁକି ନା, ତାହା ଦ୍ୱାରା ଅଖଣ୍ଡ ବ୍ରହ୍ମାନନ୍ଦ ଅନୁଭୂତ ହୋଇଥା'ନ୍ତି । ଆଉ ଅନ୍ୟାନ୍ୟ ଜ୍ଞାନକୁ ଜ୍ଞାନାଭାସ କୁହାଯାଏ; ଯେହେତୁ ସେହିସବୁ ଜ୍ଞାନରେ ବ୍ରହ୍ମାନନ୍ଦ ଲାଭ କରାଯାଏନା । ସୁତରାଂ ଆତ୍ମଜ୍ଞାନରେ ଆକୃଷ୍ଟ ନହୋଇ ଯେଉଁମାନେ ଅନ୍ୟାନ୍ୟ ବୃଥା ଜ୍ଞାନରେ ଆଦର ପ୍ରକାଶପୂର୍ବକ ତଦନୁକୂଳ କର୍ମରେ ପ୍ରବୃତ୍ତ ହୁଅନ୍ତି, ସେମାନେ ନିକୃଷ୍ଟ ଜ୍ଞାନବନ୍ଧୁ । ଯେପର୍ଯ୍ୟନ୍ତ ଭେଦଜ୍ଞାନ ଦୂରୀଭୂତ ହୋଇ ବ୍ରହ୍ମସାରୂପ୍ୟ ଉପଲବ୍ଧ ନହୁଏ, ସେପର୍ଯ୍ୟନ୍ତ ମୁମୁକ୍ଷୁ ବ୍ୟକ୍ତିର ସନ୍ତୁଷ୍ଟ ହେବା ଉଚିତ ନୁହେଁ । ହେ ରାମ ! ସୁତରାଂ ତୁମେ ଏ ପ୍ରକାର ଜ୍ଞାନବନ୍ଧୁ ହୁଅ ନାହିଁ ।

ବଶିଷ୍ଠ କହିଲେ – ହେ ରାଘବ ! ଆତ୍ମତତ୍ତ୍ୱ ଉପଲବ୍ଧ ହେବାରୁ ଅନ୍ତରରେ ଯିଏ ଶାନ୍ତିଲାଭ କରି ଶାନ୍ତ ହୋଇଛନ୍ତି, ସେ ଯଥାର୍ଥ ଜ୍ଞାନୀ । ଆଉ ଯାହା ପ୍ରାପ୍ତ ହେଲେ ମୃତ୍ୟୁ ଓ ଜନ୍ମରୂପ ବନ୍ଧନ ଛିନ୍ନ ହୋଇଯାଏ, ତାହାହିଁ ପ୍ରକୃତ ଜ୍ଞାନ । ଏହାଛଡ଼ା ଅନ୍ୟାନ୍ୟ ଯେଉଁ ସକଳ ଜ୍ଞାନ, ତାହା କେବଳ ଅନ୍ନ ଓ ପରିଚ୍ଛଦାଦି ସଂଗ୍ରହର ଉପାୟ ସ୍ୱରୂପ ଶିଳ୍ପଜ୍ଞାନ ତୁଲ୍ୟ । ହେ ରାମ ! ପୂର୍ବକାଳରେ ମଙ୍କି ନାମରେ ଏକ ବିଶୁଦ୍ଧବ୍ରତ ବ୍ରାହ୍ମଣ ଥିଲେ । ସେ ମୋ ନିକଟରୁ ଉପଦେଶ ପ୍ରାପ୍ତ ହୋଇ ଯେପରି ନିର୍ବାଣ ଲାଭ କରିଥିଲେ, ତାହା କହୁଅଛି ଶୁଣ । ପୂର୍ବେ କୌଣସି ଏକ ସମୟରେ ତୁମ ପିତାମହକର୍ତ୍ତୃକ ଆମନ୍ତ୍ରିତ ହୋଇ ସପ୍ତର୍ଷିଲୋକରୁ ଆସିବା ସମୟରେ ମୁଁ ଏକ ମରୁଭୂମି ନିକଟରେ ଉପସ୍ଥିତ ହେଲି । ସେହି ସମୟରେ ନିକଟବର୍ତ୍ତୀ ଏକ ସ୍ଥାନରେ କୌଣସି ଏକ ପଥିକର କାତରୋକ୍ତି ଶ୍ରବଣ କରି ତତ୍ ପ୍ରତି ମୋ ମନ ଆକୃଷ୍ଟ ହେଲା ଏବଂ ମୁଁ ତାଙ୍କୁ କହିଲି – ହେ ମିତ୍ର ! ତୁମକୁ ଅବଲୋକନ କଲେ କଲ୍ୟାଣଗୁଣସମ୍ପନ୍ନ ଦେଖା ଯାଉଛି । କିନ୍ତୁ ତୁମେ କଲ୍ୟାଣଲାଭର ପନ୍ଥା ଅବଗତ ହୋଇଛ ବୋଲି ମନେ ହେଉ ନାହିଁ । ହେ ପଥିକ ! ସୁତରାଂ ମୋ ସହିତ ତୁମର ଏହି ସାକ୍ଷାତ୍କାର ମଙ୍ଗଳଜନକ ହେଉ । ହେ ରାମ ! ମୁଁ ଏହି କଥା କହିବାରୁ, ସେ ଆଶ୍ୱସ୍ତ ହୋଇ ମୋତେ କହିଲେ – ହେ ଭଗବନ୍ ! ଆପଣଙ୍କୁ ଆତ୍ମତତ୍ତ୍ୱବିତ୍ ମହାତ୍ମା ବୋଲି ମନେ ହେଉଛି । ଆପଣ କିଏ, ତାହା ମୋତେ କୃପା କରି କୁହନ୍ତୁ । ଚିତ୍ତର ମୋହ ନିବନ୍ଧନ ମୁଁ ସଂସାରଜନିତ ଦୁଃଖ ତ୍ୟାଗ କରିପାରୁ ନାହିଁ । ଆପଣ କୃପା କରି ଜ୍ଞାନ ଦାନରେ ମୋ ଦୁଃଖ ଦୂର କରନ୍ତୁ । ମୁଁ କହିଲି – ହେ ବୁଦ୍ଧିମନ୍ । ମୋ ନାମ ବଶିଷ୍ଠ ମୁନି । ମନୀଷିଗଣଙ୍କର ଅନୁସୃତ ପଥରେ ତୁମେ ଆସିଅଛ । ମୁଁ ତୁମ ସହିତ ଆଳାପ କରି ବୁଝିଛି ଯେ ତୁମେ ଉପଦେଶର ଯୋଗ୍ୟ ପାତ୍ର ଏବଂ ପ୍ରକୃତ ମୁକ୍ତିକାମୀ ।

ବଶିଷ୍ଠ କହିଲେ – ମୋର ଏହି କଥା ଶୁଣି ସେହି ବ୍ରାହ୍ମଣ ପ୍ରଣିପାତପୂର୍ବକ କହିଲେ – ହେ ଭଗବନ୍ ! ମୁଁ ବହୁସ୍ଥାନ ଭ୍ରମଣ କରି ମଧ୍ୟ କୌଣସି ସାଧୁପୁରୁଷଙ୍କ ଦର୍ଶନ ଲାଭ କରି ନାହିଁ । ଆଜି ମୁଁ ଆପଣଙ୍କ କୃପାରେ ନିଜକୁ ସୌଭାଗ୍ୟବାନ୍ ମନେ କରୁଛି । ହେ ଭଗବନ୍ ! ମୁଁ ସଂସାର ଦୁଃଖରେ ଅତିଶୟ କାତର । ସୁତରାଂ ହେ ମହର୍ଷେ ! ଆପଣ ମୋତେ ସଂସାର ଦୁଃଖର ଶାନ୍ତିପ୍ରଦ ଉପଦେଶ ଦାନ କରନ୍ତୁ । ମୁଁ କହିଲି – ହେ ବିପ୍ର ! ଇନ୍ଦ୍ରିୟଯୋଗରେ ବିଷୟର ଉପଭୋଗ, ଅତୀତ ବିଷୟର ବାରଂବାର ଭାବନା ଏବଂ ସେହି ଭାବନା ପାଇଁ ଚିତ୍ତର ତଦାକାର ବାସନା ଆଉ ମୃତ୍ୟୁ ସମୟରେ ସେହି ବାସନା ପାଇଁ ଭାବୀ ଦେହ ପ୍ରଭୃତିର ସ୍ମରଣ, ଏହି ଚାରିଟି ପଦାର୍ଥ ମିଥ୍ୟା ହେଲେ ମଧ୍ୟ ସଂସାର ଦୁଃଖର ମୂଳ କାରଣ । ଏହା ମଧ୍ୟରେ ବିଷୟର ଉପଭୋଗ ଓ ଭାବନା, ଏହି ଦୁଇଟି ସମସ୍ତ ଦୋଷର ଆକର । ତହିଁ ମଧ୍ୟରେ ପୁଣି ପ୍ରଥମଟି ଅତିଶୟ ଦୋଷାକାର । ବିଷୟ-ଜ୍ଞାନ ମଧ୍ୟରେ ସମସ୍ତ ସଙ୍କଟ ଅଦୃଶ୍ୟ ଭାବରେ ଅବସ୍ଥାନ କରେ । ବାସନା ସମନ୍ୱିତ ହୋଇ ଯେଉଁମାନେ ସଂସାରରେ ବିଚରଣ କରନ୍ତି, ଅତୀତ ଘଟନାସକଳ ସେମାନଙ୍କ ନିକଟରେ ଯେପରି

ପ୍ରତ୍ୟକ୍ଷଭାବେ ଉପସ୍ଥିତ ହୁଏ । କିନ୍ତୁ ଯିଏ ବିବେକ ବଳରେ ବଳୀୟାନ୍, ତାଙ୍କ ବାସନାସକଳ କ୍ଷୟପ୍ରାପ୍ତ ହୋଇ କ୍ରମଶଃ ସଂସାର ଭ୍ରାନ୍ତି ମଧ୍ୟ ଦୂରୀଭୂତ ହୋଇଥାଏ । ବସନ୍ତକାଳର ମୃତ୍ତିକା ରସ ଯେପରି ବୃକ୍ଷଲତାପୂର୍ଣ୍ଣ ଅରଣ୍ୟ ରୂପେ ପ୍ରକାଶ ପାଏ, ସେହିପରି ବାସନା ଆକାରୀୟ ରସ-ଜୀବ ଅନ୍ତରରେ ସଂସାର ରୂପେ ପ୍ରକାଶ ପାଇଥାଏ । ଏହି ଜଗତରେ ଏକମାତ୍ର ବ୍ରହ୍ମଚୈତନ୍ୟ ବ୍ୟତୀତ ଅନ୍ୟ ଆଉ କିଛି ନାହିଁ । ସେହି ଚିନ୍ମୟ ବ୍ରହ୍ମ ବିଷୟ-ସମ୍ବେଦନରୁ ପୃଥକ୍ । ଏହିପରି ଯେଉଁ ଧାରଣା, ତାହାରି ନାମ ଅବିଦ୍ୟାସମ୍ଭୂତ ଭ୍ରମ ଏବଂ ସେହି ଭ୍ରମହିଁ ସଂସାର ଆକାରରେ ପ୍ରକାଶ ପାଉଅଛି । ସୁତରାଂ ସଂସାର ଯେତେବେଳେ ଅଜ୍ଞାନବଶତଃ ଉତ୍ପନ୍ନ, ସେତେବେଳେ ଜ୍ଞାନବଳରେ ଏହା ବିନଷ୍ଟ ହେବ । ନଦୀ ପ୍ରଭୃତିର ଜଳ ଯେପରି ସମୁଦ୍ରରେ ପତିତ ହୋଇ ତାହା ସହିତ ଏକୀଭୂତ ହୋଇଯାଏ, ସେହିପରି ଜ୍ଞାନ ପ୍ରଭାବରେ ଦୃଶ୍ୟ ପଦାର୍ଥ ବିଲୀନ ହେଲେ ସବୁ ଜ୍ଞାନମୟ ଆତ୍ମା ଏହିପରି ପରିଦୃଷ୍ଟ ହୋଇଥାଏ । ସେତେବେଳେ କେଉଁ ପଦାର୍ଥ ଆଉ ଆତ୍ମାଠାରୁ ପୃଥକ୍ ରୂପେ ପରିଦୃଷ୍ଟ ହୁଏନା; ସମସ୍ତ ଆତ୍ମାମୟ ହୋଇଯାଏ । ବୋଧପରିଜ୍ଞାତ ବସ୍ତୁସକଳକୁ ପଣ୍ଡିତଗଣ ବୋଧ ସ୍ୱରୂପ ବୋଲି ଜାଣନ୍ତି । କାହିଁକିନା, ବସ୍ତୁସକଳ ଯଦି ଆଲୋକର ବିପରୀତ ଅନ୍ଧକାର ପରି ବୋଧର ବିପରୀତ ଜଡ଼ାକାର ହୁଅନ୍ତା, ତେବେ ବୋଧମୟ ଆତ୍ମାଙ୍କର ତାହା ବୋଧଗମ୍ୟ ହୁଅନ୍ତା ନାହିଁ । ଅତଏବ ତୁମେ ଯେଉଁ ବିଷୟ ସମୂହକୁ ଜଡ଼ ବୋଲି ଧାରଣା କରୁଛ, ତାହା ନିତାନ୍ତ ଭ୍ରମ । ବସ୍ତୁତଃ ଏହା ବୋଧମୟ ଆତ୍ମା । ଦ୍ରଷ୍ଟା, ଦର୍ଶନ ଓ ଦୃଶ୍ୟ ଏମାନେ ପ୍ରତ୍ୟେକେ ବୋଧମୟ । ବୋଧସ୍ୱରୂପ ଆତ୍ମା ନିଜକୁ ଏହି ଭାବେ ତ୍ରିଧା ବିଭକ୍ତ କରି ବିରାଜମାନ ରହିଛନ୍ତି । ଆଉ ମଧ୍ୟ ଦେଖ, ଜଳ ସହିତ ଜଳ ଯେପରି ଏକୀଭୂତ ହୁଏ, ସେହିପରି ସଜାତୀୟ ବସ୍ତୁ ସହିତ ସଜାତୀୟ ବସ୍ତୁ ଏକୀଭୂତ ହୋଇଥାଏ । ସୁତରାଂ ତୁମ ବୋଧଗମ୍ୟ ଜଗତ୍ ସହିତ ବୋଧସ୍ୱରୂପ ଆତ୍ମାଙ୍କର କୌଣସି ପାର୍ଥକ୍ୟ ନାହିଁ । ପଦାର୍ଥର ବୋଧସ୍ୱରୂପ ତା' ନହେଲେ ଶଶକ ଶୃଙ୍ଗପରି ତାହା ପ୍ରତ୍ୟକ୍ଷ ହୁଅନ୍ତା ନାହିଁ । କିନ୍ତୁ ଦୃଶ୍ୟ ବସ୍ତୁସକଳ ବୋଧ ସ୍ୱରୂପ ଆତ୍ମାଙ୍କଠାରୁ ପୃଥକ୍ ଜଡ଼ଦ୍ରବ୍ୟ ବୋଲି ମନେ ହୋଇଥାଏ । ପ୍ରକୃଷ୍ଟ ଜ୍ଞାନୋଦୟରେ ଏହି ଭ୍ରାନ୍ତମୟ ଜ୍ଞାନ ଦୂରୀଭୂତ ହେଲେ ଯାଇ ଆତ୍ମାଙ୍କର ଏକତ୍ୱ ଅନୁଭୂତ ହୋଇପାରେ । ହେ ଦ୍ୱିଜବର ! ଏହିପରି ସମସ୍ତ ଯେତେବେଳେ ଚିନ୍ମୟ ବ୍ରହ୍ମସ୍ୱରୂପ, ସେତେବେଳେ ତୁମେ ଆମେ ପ୍ରଭୃତି ସମସ୍ତେ ସେହି ସନାତନ ବ୍ରହ୍ମ । ତେବେ ତୁମର ଯେଉଁ ଅହଂଭାବୀୟ ପୃଥକ୍ ସତ୍ତାବୋଧ ରହିଛି, ତଦ୍ଦ୍ୱାରା ତୁମେ ବ୍ରହ୍ମଙ୍କଠାରୁ ପୃଥକ୍ ହୋଇ ରହିଅଛ ଏବଂ ସେହି ଅହଂଜ୍ଞାନ ତୁମ ଭବବନ୍ଧନର କାରଣ ଓ ଅହଂଭାବ ତ୍ୟାଗ କରି ପାରିଲେ ତୁମେ ମୁକ୍ତ ହୋଇପାରିବ । ମୁଁ ଏବଂ ମୋର, ଏହିପରି ଭ୍ରମଜ୍ଞାନ ସଂସାର ବନ୍ଧନର ହେତୁ । କାହିଁକିନା, ମୁଁ ବା ମୋର ବୋଲି ବସ୍ତୁତଃ କିଛି ନାହିଁ; ସବୁ ସେହି ବ୍ରହ୍ମ । ସୁତରାଂ ଯାହା ଯଥାର୍ଥ ସତ୍ୟଜ୍ଞାନ, ତାହା ଦ୍ୱାରା ମୁକ୍ତ ହେବାକୁ ହୁଏ ଏବଂ ଅଯଥାର୍ଥ ବା ମିଥ୍ୟା 'ମୁଁ, ମୋର' ଜ୍ଞାନରେହିଁ ବନ୍ଧନ ଘଟେ । ତରଙ୍ଗସକଳ ଯେପରି ବସ୍ତୁତଃ ଜଳ, ସେହିପରି ଏହି ଜଗତ୍ ମଧ୍ୟ ବ୍ରହ୍ମଚୈତନ୍ୟ ମାତ୍ର । ସେହି ବ୍ରହ୍ମଚୈତନ୍ୟ ସମସ୍ତ ପଦାର୍ଥ ଓ ସକଳ ଜୀବର ସ୍ୱରୂପ । ହେ ଦ୍ୱିଜ ! ବ୍ରହ୍ମବୋଧ ଲାଭ କରିବା ପକ୍ଷରେ ତୁମେ ଯେଉଁସବୁ ବାଧା ଦେଖୁଅଛ, ତାହାସବୁ ମନର କଳ୍ପିତ । ମନ ବିନଷ୍ଟ ହେଲେ ସେହିସବୁ ବାଧା ମଧ୍ୟ ଦୂରୀଭୂତ ହେବ । ତୁମେ ଆଶଙ୍କା କର ନାହିଁ ଯେ ମନର ବିନାଶ ହେଲେ ଇନ୍ଦ୍ରିୟ ପ୍ରଭୃତି କିଛି ରହିବ ନାହିଁ । ହେ ବିପ୍ର ! ମନର ବିନାଶରେ ଯେଉଁ ଗଗନସଦୃଶ ଆତ୍ମବୋଧ ପ୍ରକାଶିତ ହୁଅନ୍ତି, ତାଙ୍କଠାରେ କେବଳ ନାମ ଓ ରୂପ ବ୍ୟତୀତ ଅନ୍ୟ କୌଣସିଟିର ଅଭାବ ନାହିଁ । ସେହି ଆତ୍ମବୋଧଙ୍କଠାରେ ସଂସ୍ଥିତି ତୁମର ଅଭ୍ୟାସ ନଥିବାରୁ ଏକ୍ଷଣି ତାଙ୍କୁ ସ୍ୱପ୍ନ ପରି ମନେ କରିପାର । କିନ୍ତୁ ତୁମେ ଜାଣିରଖ ଯେ, ସେ ହେଲେ ସମସ୍ତର ସାରଭୂତ । ସୁତରାଂ ତୁମେ ମନ, ଅହଂକାର ଓ ମମତ୍ୱ ତ୍ୟାଗ କରି ଶାନ୍ତଭାବେ ଅବସ୍ଥାନ କର । କାହିଁକି ନା, କଳ୍ପନାମୟ ମନ ଏବଂ ଅହଂକାରର ଅସ୍ତିତ୍ୱରେ ଜଗତର ଅସ୍ତିତ୍ୱ ଏବଂ ଏହି ଉଭୟର ବିଲୋପ ଘଟିଲେ ତାହା ହିଁ ଶାନ୍ତିମୟୀ ବ୍ରହ୍ମସଂସ୍ଥିତି । ହେ ରାମ ! ବିପ୍ରବର ସେହି ମଙ୍କି ମୋର ଏହିପରି ଉପଦେଶ ବାକ୍ୟରେ ପ୍ରବୁଦ୍ଧ ହୋଇ ସର୍ପର ନିର୍ମୋକ ତ୍ୟାଗ ପରି ସମସ୍ତ ପରିତ୍ୟାଗପୂର୍ବକ ବାସନାଶୂନ୍ୟ ହୃଦୟରେ ଶତବର୍ଷକାଳ କର୍ତ୍ତବ୍ୟ-କର୍ମର ଅନୁଷ୍ଠାନ କରିଛନ୍ତି । ପରେ ଏକ ନିର୍ଜନ ପର୍ବତରେ ସମାଧି ଯୋଗରେ ଅଦ୍ୟାପି ଅବସ୍ଥାନ କରୁଛନ୍ତି । ତାଙ୍କୁ ଅତି କଷ୍ଟରେ କେହି କେବେ ପ୍ରବୁଦ୍ଧ କଲେ ସେ କଦାଚିତ ପ୍ରବୁଦ୍ଧ ହୋଇ ପୁନରାୟ ସମାଧି ଯୋଗରେ ପାଷାଣ ପରି ଅବସ୍ଥାନ କରନ୍ତି ।

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ) ✤

ଶେଷ ପୃଷ୍ଠା :

# ନିତ୍ୟ ନିରନ୍ତର ଅଗ୍ରଗତି


## ଶ୍ରୀ ବିଶ୍ୱମ୍ଭର ସାମନ୍ତ


ଦିବ୍ୟ ଚେତନା ଦିଗରେ ଅଗ୍ରଗତି କରିବାକୁ ପ୍ରୟାସ ନ କରିବା ହେଉଛି ମନୁଷ୍ୟର ପାପ । ତା' ମଧ୍ୟରେ ଅଗ୍ନି ପ୍ରଜ୍ୱଳିତ ହେବା ମାତ୍ରେ ସେହି ଦିବ୍ୟ ଚେତନା ଦିଗରେ ତା'ର ଅଗ୍ରଗତି ଆରମ୍ଭ ହୁଏ, ଏଣୁ ସେ ପାପ ମୁକ୍ତ ହୁଏ – ଏହି କଥାଗୁଡ଼ିକ ଋଗ୍ ବେଦର 'ଅଗ୍ନି ମନ୍ତ୍ରମାଳା'ର ଏକ ମନ୍ତ୍ରର ଭାବାର୍ଥରୁ ଗୃହୀତ । ପ୍ରକୃତରେ ମନୁଷ୍ୟର ଚେତନା ଭିତରେ ଦିବ୍ୟ ଅଗ୍ନିର ଯେତେ ସବୁ ରୂପ ରହିଛି ଅଭୀପ୍ସାର ଅଗ୍ନିହିଁ ତାହାର ସବୁଠାରୁ ମହତ୍ତର ରୂପ ଏବଂ ସେହି ଅଗ୍ନିର ଯେତେ ସବୁ କ୍ରିୟା ରହିଛି ତା' ଭିତରେ ସତ୍ୟ ଓ ଦିବ୍ୟ ଚେତନା ପଥରେ ମନୁଷ୍ୟକୁ ଅଗ୍ରସର କରାଇ ନେବାହିଁ ଶ୍ରେଷ୍ଠତମ କ୍ରିୟା । ଅଗ୍ରଗତି ପାଇଁ ଅଭୀପ୍ସାର ଅଗ୍ନି ଆମ ଭିତରେ ପ୍ରଜ୍ୱଳିତ ହେବା ମାତ୍ରକେ ସେହି ଏକ ସମୟରେ ଓ ଏକାଧାରରେ ଦୁଇଟି କ୍ରିୟା ହୋଇଥାଏ; ସେହି ଅଗ୍ନି ଆମକୁ ଅଗ୍ରଗତି ପାଇଁ ପ୍ରେରଣା ଦେଉଥାଏ ଓ ଆମର ପ୍ରତ୍ୟେକଟି ନୂତନ ଅଗ୍ରଗତି ସେହି ଅଗ୍ନିକୁ ନୂତନ ଶିଖା ବିସ୍ତାର କରି ପ୍ରଜ୍ୱଳିତ ହେବା ପାଇଁ ଇନ୍ଧନ ଯୋଗାଇ ଥାଏ ।

ଅଗ୍ରଗତି ବିନା ସୃଷ୍ଟିର କୌଣସି ବିବର୍ତ୍ତନ ସମ୍ଭବ ନୁହେଁ । ସମଗ୍ର ବିବର୍ତ୍ତନର ଇତିହାସହିଁ ହେଉଛି ଚେତନାର ଅଗ୍ରଗତିର ଇତିହାସ । ମନୁଷ୍ୟର ଚେତନାରେହିଁ ଏହି ଅଗ୍ରଗତି ଏକ ସଚେତ ଅଗ୍ରଗତିର ରୂପ ନେଇଥାଏ । ତେଣୁ କୁହାଯାଇଥାଏ ଦେବତା, ଦାନବ, ଯକ୍ଷ, ଗନ୍ଧର୍ବ, କିନ୍ନର ଆଦି ସମସ୍ତଙ୍କୁ ମଧ୍ୟ ଚେତନାରେ ଅଗ୍ରଗତି କରିବା ପାଇଁ ମନୁଷ୍ୟ ଜନ୍ମ ନେବାକୁ ହୋଇଥାଏ । କହିବା ନିଷ୍ପ୍ରୟୋଜନ ଯେ ଆମେ ଯେଉଁମାନେ ଦୁର୍ଲଭ ମନୁଷ୍ୟ ଜନ୍ମ ପାଇଛୁ ଓ ତା'ଠାରୁ ଆହୁରି ଦୁର୍ଲଭ ସୌଭାଗ୍ୟ ଲାଭ କରି ବିବର୍ତ୍ତନର ଚରମ ଲକ୍ଷ୍ୟ ଦିବ୍ୟ ରୂପାନ୍ତରର ଲକ୍ଷ୍ୟ ଗ୍ରହଣ କରିଛୁ ଓ ପୂର୍ଣ୍ଣଯୋଗ ପଥରେ ପାଦ ରଖିଛୁ, ଆମ ପାଇଁ ଜୀବନର ଅର୍ଥହିଁ ହେଉଛି ଚେତନାର ଏକ ନିରନ୍ତର ଅଗ୍ରଗତି । କେବଳ ସୂକ୍ଷ୍ମ ଚେତନାର କ୍ଷେତ୍ରରେ ନୁହେଁ, କେବଳ ଆନ୍ତର ଜୀବନର କ୍ଷେତ୍ରରେ ନୁହେଁ, ସ୍ଥୂଳ ବାସ୍ତବ ଚେତନା ଓ ଜୀବନର କ୍ଷେତ୍ରରେ ମଧ୍ୟ ପୂର୍ଣ୍ଣାଙ୍ଗ ଅଗ୍ରଗତିହିଁ ହେଉଛି ଆମର ଧ୍ୟେୟ । ତେବେ ଏହି ଅଗ୍ରଗତିର ମୂଳଭିତ୍ତି ହେବ ଆନ୍ତର ଜୀବନ ଓ ଆନ୍ତର ଚେତନା ।

ପ୍ରଥମେ ଅନ୍ତରର ସତ୍ୟଗୁଡ଼ିକୁ ଆବିଷ୍କାର କରି, ସେଗୁଡ଼ିକ ସହ ସଚେତ ସଂଯୋଗ ସ୍ଥାପନ କରି ବାହ୍ୟ ବାସ୍ତବ ଜୀବନରେ ସେଗୁଡ଼ିକର ସାର୍ଥକ ପ୍ରକାଶ ଓ ରୂପାୟନ ଲାଗି ପ୍ରଯତ୍ନ କରିବାକୁ ହେବ ବାହାରୁ ଭିତର ଆଡ଼କୁ ନୁହେଁ, ଭିତରୁ ବାହାର ଆଡ଼କୁ ହିଁ ହେଉଛି ସେହି ପ୍ରୟାସର ସ୍ୱରୂପ ।

ତେଣୁ ଆମ ଅଗ୍ରଗତିର ସାଫଲ୍ୟର ମାପକାଠି ହେବ ନାହିଁ ବାହାରର ଭୋଗ୍ୟ ବସ୍ତୁଗୁଡ଼ିକୁ କେତେ ଅଧିକାର ଓ ଉପଭୋଗ କରି ଆମ କାମନା ବାସନାକୁ ଚରିତାର୍ଥ କରି ପାରୁଛୁ, ମାପକାଠି ହେଉଛି ପ୍ରଥମେ ଆନ୍ତର ଜୀବନ ଓ ଆନ୍ତର ଚେତନାରେ ଦିବ୍ୟ ସତ୍ୟ-ଆଲୋକ, ଶକ୍ତି, ଶାନ୍ତି, ଆନନ୍ଦର କେତେ ନିକଟବର୍ତ୍ତୀ ହୋଇ ପାରୁଛୁ । ଆମେ ନିଜ ଚେତନାର ଅଗ୍ରଗତି ଫଳରେ ସେଗୁଡ଼ିକର ଯେତେ ନିକଟବର୍ତ୍ତୀ ହେବୁ, ଆମର ବାହ୍ୟ ଚେତନା ଓ ଜୀବନରେ ସେଗୁଡ଼ିକ ସେତିକି ସ୍ୱତଃସ୍ଫୂର୍ତ୍ତ ଓ ସହଜ ଭାବରେ ଆପେ ଆପେ ପ୍ରକାଶିତ ହେବ । କାରଣ ଆମେ ଆମର ଅଗ୍ରଗତି ପାଇଁ ବାହ୍ୟ ଜଗତକୁ ବାଦ୍ ନ ଦେଇ ତାହାକୁ ଆମ ଲକ୍ଷ୍ୟର ଅନ୍ତର୍ଭୁକ୍ତ କରିଛୁ ।

ତେବେ ପୂର୍ଣ୍ଣଯୋଗର ପଥରେ ଆମେ ପ୍ରଥମେ ଯେଉଁ ଆନ୍ତର ଚେତନା ଲାଭ କରିବା ପାଇଁ ପ୍ରୟାସ କରୁ, ତହିଁରେ ଏପରି କୌଣସି ସ୍ଥିତି ନାହିଁ ଯେଉଁଠି ଆମେ ଏକ ବିଶ୍ରାମ ସ୍ଥାନରେ ଅଟକି ଯାଇ ଆମ ସାଧନାର ଫଳ ଉପଭୋଗ କରିବୁ । ଆମ ପାଇଁ ପ୍ରକୃତ ବିଶ୍ରାମ ରହିଛି ନିତ୍ୟ ନିରନ୍ତର ନୂତନ ନୂତନ ଅଗ୍ରଗତିରେ । ଅନ୍ୟାନ୍ୟ ଯୋଗ ପଥରେ ଯାହାକୁ ସିଦ୍ଧି କୁହାଯାଏ ଅର୍ଥାତ୍ ଭଗବତ୍ ଦର୍ଶନ ହୋଇଗଲା ବା ଆମ ସାକ୍ଷାତ୍କାର ବା ବ୍ରହ୍ମୋପଲବ୍ଧି ଓ ମୁକ୍ତି ହୋଇଗଲା, ତେଣିକି ଆଉ କିଛି କରିବାର ନାହିଁ, ସେହି ଆତ୍ମାନନ୍ଦ ବା ବ୍ରହ୍ମାନନ୍ଦରେ ନିମଗ୍ନ ରହି ସେହି ଆନନ୍ଦ ଉପଭୋଗ କର, – ଆମ ଯୋଗରେ ତାହା ସେପରି ନୁହେଁ । ଏପରିକି ସ୍ୱୟଂ ଶ୍ରୀରାମକୃଷ୍ଣ ପରମହଂସ ମଧ୍ୟ କହୁଥିଲେ କଠୋର ସାଧନା କରି ସିଦ୍ଧି ଅର୍ଜନ କର; ତା'ପରେ ସେହି ଫଳଲାଭର ପେନ୍‌ସନ୍ ଭୋଗ କରି ଅବସର ଜୀବନ ଆନନ୍ଦରେ ବିତାଇ ଦିଅ । କିନ୍ତୁ ପୂର୍ଣ୍ଣଯୋଗ ପଥରେ ବିଶ୍ରାମ ଓ ଅବସରର ଆନନ୍ଦ ପାଇବାକୁ ହେବ ଅଗ୍ରଗତି ଭିତରେ ।

ଅଗ୍ରଗତି ଯେତିକି ଦ୍ରୁତ ଓ ବ୍ୟାପକ ହେବ, ଚେତନାର ଯେତିକି ନୂଆ ନୂଆ ଅଞ୍ଚଳ ଭିତର ଦେଇ ନୂଆ ନୂଆ ବାଧାବିଘ୍ନ ଅତିକ୍ରମ କରି ଆମେ ଆଗେଇ ଯାଉଥିବା, ତାହାହିଁ ଆମ ଭିତରେ ଆଣି ଦେଉଥିବ ସେତିକି ନୂଆ ନୂଆ ଆନନ୍ଦ, ବିଜୟର ଉତ୍‌ଫୁଲ୍ଲତା ଏବଂ ନୂତନ ଅଗ୍ରଗତି ପାଇଁ ନୂତନ ସଙ୍କଳ୍ପ, ନୂତନ ଉତ୍ସାହ ଓ ସ୍ଫୂର୍ତ୍ତି । ଅନ୍ୟାନ୍ୟ ଯୋଗ ପଥରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ସାଧନା ଆରମ୍ଭ କରାଯାଇଥାଏ ଏବଂ ସେହି ଲକ୍ଷ୍ୟ ସିଦ୍ଧିରେହିଁ ସେହି ପଥର ସମାପ୍ତି ।

କିନ୍ତୁ ଶ୍ରୀଅରବିନ୍ଦଙ୍କ କଥାରେ ଅନ୍ୟାନ୍ୟ ଯୋଗର ଯେଉଁଠି ଶେଷ, ଆମ ଯୋଗର ସେଇଠୁ ଆରମ୍ଭ । କାରଣ ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା ପୂର୍ଣ୍ଣ ଭାବରେ ଉଭୟ ଆନ୍ତର ଚେତନା ଓ ବାହ୍ୟ ଚେତନାରେ, ଦେହ ସମେତ ସମଗ୍ର ସତ୍ତାକୁ ଦେଇ ଭଗବାନଙ୍କୁ ପାଇବା ଓ ସେହି ଦିବ୍ୟ ଭାଗବତ ଚେତନାରେ ସମଗ୍ର ସତ୍ତାକୁ ରୂପାନ୍ତରିତ କରିବା – ଯେତେବେଳେ କି ଦେହ ସମେତ ଆମ ସତ୍ତାର କୌଣସି ଅଂଶ ମିଥ୍ୟା, ଅଜ୍ଞାନ, ଅନ୍ଧକାରର ଏପରିକି ଜରା, ମୃତ୍ୟୁ ଓ ବ୍ୟାଧି ଆଦିର ଅଧୀନ ହୋଇ ରହିବ ନାହିଁ । ସେତେବେଳେ ଆମର ସମଗ୍ର ସତ୍ତା ହୋଇ ଉଠିବ ଏକ ଦିବ୍ୟ ଭଗବତ୍ ସତ୍ତା; ସେତେବେଳେ ଆମେ ଆଉ ଭଗବତ୍ ସତ୍ୟ ଦୁଇଟି ଅଲଗା ଅଲଗା ବସ୍ତୁ ହୋଇ ରହିବ ନାହିଁ, ଆମେ ତାଙ୍କ ସହ ପୂର୍ଣ୍ଣ ଏକାତ୍ମତା ଲାଭ କରିବୁ, ତାଙ୍କ ସହ ମିଳି ଏକ ହୋଇଯିବୁ ।

ସେତେବେଳେ ଆମେ ଜାଣି ପାରିବୁ ଯେ ସୃଷ୍ଟି ଲୀଳାରେ ତା'ର ସ୍ରଷ୍ଟା, ଭଗବାନଙ୍କର ସଙ୍କଳ୍ପ କ'ଣ ଏବଂ ସେତେବେଳେ ଆମେ କେତେବେଳେ ହୁଏତ ସ୍ରଷ୍ଟାଙ୍କର ଚେତନା ନେଇ ବା ଆଉ କେତେବେଳେ ତାଙ୍କରି ସୃଷ୍ଟିରେ ତାଙ୍କର ଯନ୍ତ୍ର, ତାଙ୍କର ଦାସ, ସଖା ବା ପ୍ରେମିକର ଚେତନା ନେଇ ଗଭୀର ପ୍ରେମ ଓ ଆନନ୍ଦରେ ତାଙ୍କ ଲୀଳାରେ ଅଂଶ ଗ୍ରହଣ କରିବୁ । ସେତେବେଳେ ସେହି ଲୀଳାର ସମାପ୍ତି କେଉଁଠି ବା ଅଗ୍ରଗତିର ସମାପ୍ତି କେଉଁଠି ? କାରଣ ସୃଷ୍ଟିର ଅର୍ଥ ହେଲା ନିତ୍ୟ ନିରନ୍ତର ଅଗ୍ରଗତି । ଗୀତାରେ ସ୍ୱୟଂ ଶ୍ରୀକୃଷ୍ଣ କହିଛନ୍ତି ଯେ ସେ ଯଦି ମୁହୂର୍ତ୍ତକ ପାଇଁ କର୍ମ କରିବା ବନ୍ଦ କରି ଦେବେ ତେବେ ସମଗ୍ର ସୃଷ୍ଟି ଉଚ୍ଛନ୍ନ ହୋଇ ପ୍ରଳୟରେ ବୁଡ଼ିଯିବ । ତେଣୁ ଆମେ ଯେତେବେଳେ ପୂର୍ଣ୍ଣ ଭାବରେ ସେହି ଭଗବତ୍ ଚେତନାରେ ବାସ କରିବୁ ସେତେବେଳେ ତାଙ୍କ ସୃଷ୍ଟି ଲୀଳାର ନିତ୍ୟ ନିରନ୍ତର ଅଗ୍ରଗତି କରି ଚାଲିବା ଛଡ଼ା ଆମର ଆଉ କିଛି ବିକଳ୍ପ ଅଛି କି ?

ଅଗ୍ରଗତି ବିନା କୌଣସି ବିବର୍ତ୍ତନ, କୌଣସି ଜୀବନ ସମ୍ଭବ ନୁହେଁ; ସମଗ୍ର ସୃଷ୍ଟି ଲୀଳା ହେଉଛି ଅଗ୍ରଗତିରହିଁ ଏକ ଲୀଳା । ଏହା ହେଉଛି ଅଗ୍ରଗତିର ଏକ ବ୍ୟାପକ ଅର୍ଥ । ସେହି ଅର୍ଥକୁ ଆହୁରି ବ୍ୟାପକ କରି କୁହାଯାଇପାରେ ଯେ ସ୍ୱୟଂ ଭଗବାନହିଁ ଯେତେବେଳେ ସୃଷ୍ଟି ଆକାରରେ ନିଜକୁ ପ୍ରକ୍ଷେପ କରି, ପୁଣି ସେହି ସୃଷ୍ଟିକୁ ନିଜ ଆଡ଼କୁ ଆକର୍ଷଣ କରୁଛନ୍ତି, ସେ କ୍ଷେତ୍ରରେ ସୃଷ୍ଟି ଲୀଳାରେ ଯାହାକିଛି ଘଟୁଛି, ସେସବୁର ଗତି ପ୍ରବେଗ ପଛରେ ରହିଛି ସ୍ୱୟଂ ସର୍ବଶକ୍ତିମାନ୍ ପରମଙ୍କର ଚାଳନା । ଭାଗବତର କଥାରେ ''କରି କରାଉଥାଏ ମୁହିଁ, ମୋ ବିନୁ ଅନ୍ୟଗତି ନାହିଁ'' । ତେଣୁ ସବୁଟାହିଁ କେବଳ ଅଗ୍ରଗତି, ଏପରିକି ଆପାତଃ ଦୃଷ୍ଟିରେ ଯାହା ପଶ୍ଚାତ୍‌ଗତି ଭଳି ଲାଗେ ତାହା ମଧ୍ୟ ଅଗ୍ରଗତିରହିଁ ଏକ ଭିନ୍ନ ରୂପ । ଅଗ୍ରଗତିର ସେହି ଅତି ବ୍ୟାପକ ଅର୍ଥରେ କୁହାଯାଇଥାଏ ଯେ ସମଗ୍ର ବିଶ୍ୱ ଓ ତା'ର ବିବର୍ତ୍ତନ ହେଉଛି ଭଗବାନଙ୍କ ସଙ୍ଗେ ମିଳିତ ହେବା ପାଇଁ ବିଶ୍ୱ ପ୍ରକୃତିର ଏକ ଯୋଗ, ଏକ ଅଖଣ୍ଡ ନିତ୍ୟ ନିରନ୍ତର ଯୋଗ ।

କିନ୍ତୁ ଆମେ ଏଠାରେ ଅଗ୍ରଗତିର ସେହି ବିପୁଳ ଆନନ୍ତ୍ୟ ଭିତରକୁ ନ ଯାଇ ତାହାର ସାଧାରଣ ଅର୍ଥକୁ ଧରି କେତେକ ବିଷୟ ଆଲୋଚନା କରିବା । ଯେଉଁମାନେ ଯୋଗର ପଥ ଗ୍ରହଣ କରିଛନ୍ତି ସେମାନଙ୍କ ପାଇଁ ନିତ୍ୟ ନିରନ୍ତର ଅଗ୍ରଗତିର ଅର୍ଥ ହେଲା ଆମ ଭିତରେ ଯେଉଁ ଦିବ୍ୟ ଭଗବତ୍ ଉପସ୍ଥିତି ନିତ୍ୟ ନିରନ୍ତର ଭାବରେ ବିରାଜିତ ରହିଛି, ତାହାକୁ ଉପଲବ୍ଧ କରିବା ପାଇଁ, ତାହା ସହ ଯୁକ୍ତ ଓ ମିଳିତ ହେବା ପାଇଁ ଆମେ କେତେ ଦୂର ଅଗ୍ରଗତି କରୁଛୁ ନା ତାହାଠାରୁ ଦୂରେଇ ଯାଉଛୁ ଏହି ମାପକାଠିକୁ ନେଇହିଁ ଆମେ ଆମର ଅଗ୍ରଗତି ବିଷୟରେ ବିଚାର କରିପାରୁ; ଆମ ଜୀବନ ଓ କର୍ମର ପ୍ରତ୍ୟେକ ଘଟଣା, ଆମର ପ୍ରତ୍ୟେକଟି ଇଚ୍ଛା, ଆବେଗ, କର୍ମସ୍ପୃହା ଓ ପ୍ରେରଣା ଉପରେ ବିଚାରର ଏହି ଆଲୋକ ପକାଇ ଆମେ ଦେଖି ପାରିବୁ ଆମେ ଅଗ୍ରଗତି କରୁଛୁ ନା କୌଣସି ଗୋଟିଏ ଜାଗାରେ ଅଟକି ଯାଇଛୁ ନା ପଶ୍ଚାତ୍‌ଗତି କରୁଛୁ ।

ତେବେ ଏଥିପାଇଁ ପ୍ରଥମ ଆବଶ୍ୟକତା ହେଲା କୌଣସି ଆତ୍ମ ପ୍ରବଞ୍ଚନାକୁ ପ୍ରଶ୍ରୟ ନ ଦେଇ, ଆନ୍ତରିକ ଭାବରେ ନିଜକୁ ନିଜର ପର୍ଯ୍ୟବେକ୍ଷଣ ଆଗରେ ସମ୍ପୂର୍ଣ୍ଣ ଖୋଲି ଧରି ପ୍ରଶ୍ନ କରିବା ଆମେ ଆମ ଭିତରେ ନିତ୍ୟ ନିରନ୍ତର ଭାବେ ରହିଥିବା ଭଗବତ୍ ଉପସ୍ଥିତିର କେତେ ନିକଟବର୍ତ୍ତୀ ହୋଇଛୁ । ସ୍ୱୟଂ ମା' ତ କହିଛନ୍ତି

ସେ ଆମ ହୃଦୟର ଗଭୀରରେ ଆମକୁ ଅପେକ୍ଷା କରି ବସି ରହିଛନ୍ତି କେତେବେଳେ ଆମେ ତାଙ୍କ ପାଖରେ ଯାଇ ପହଞ୍ଚିବୁ । ମା'ଙ୍କ ନିକଟରେ ପହଞ୍ଚିବାର ପଥରେ ବାଧାବିଘ୍ନଗୁଡ଼ିକୁ ଅତିକ୍ରମ କରିବା ପାଇଁ ଆମେ ସବୁ ସମୟରେ ଆନ୍ତରିକ ଭାବେ ଚେଷ୍ଟା କରିଥାଉ କି ? ଅନେକ ସମୟରେ ତ ଦେଖାଯାଏ ସେହି ବାଧାବିଘ୍ନଗୁଡ଼ିକୁ ଅତିକ୍ରମ କରିବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ସେଗୁଡ଼ିକ ପାଖରେ ମୁଣ୍ଡ ନୁଆଁଇ ସେଗୁଡ଼ିକୁ ଗ୍ରହଣ କରିନେଉ, ବେଳେ ବେଳେ ତା'ର ନାମ ଦେଇଥାଉ ସେଗୁଡ଼ିକ ମାନବ ପ୍ରକୃତିର ସ୍ୱାଭାବିକତା ବୋଲି – ପୁଣି ବେଳେବେଳେ କହିଥାଉ ସେହି ବାଧାବିଘ୍ନଗୁଡ଼ିକୁ ଅତିକ୍ରମ କରିବା ପାଇଁ ଆମେ ଅସମର୍ଥ ଓ ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ଆମେ ଅଯୋଗ୍ୟ । ନିରଭିମାନତାର ଏହି ଛଳନା କଲାବେଳେ ଆମେ ଭୁଲିଯାଉ ଯେ ଆମ ସତ୍ତା ଓ ଜୀବନର ଯାହା ସବୁଠାରୁ ବଡ଼ ସତ୍ୟ, ଆମ ଭିତରର ସେହି ଦିବ୍ୟ ଉପସ୍ଥିତି ସହ ମିଳିତ ହେବା ପାଇଁ ନିଜକୁ ଅସମର୍ଥ ବୋଲି କହିବାର ଅର୍ଥ ହେଉଛି ସେହି ସର୍ବ ସମର୍ଥ ଦିବ୍ୟ ଉପସ୍ଥିତିର ସାମର୍ଥ୍ୟ ଉପରେ ସନ୍ଦେହ କରିବା । କାରଣ ଅନ୍ତରର ସେହି ଦିବ୍ୟ ଉପସ୍ଥିତିହିଁ ଆମ ସହିତ ମିଳିତ ହେବା ପାଇଁ ନିତ୍ୟ ନିରନ୍ତର କ୍ରିୟା କରି ଚାଲିଛି । ସେହି ଦିବ୍ୟ ଉପସ୍ଥିତି କେବଳ ଯେ ଆମ ଭିତରେ ନିତ୍ୟ ନିରନ୍ତର ବିରାଜମାନ ହୋଇ ରହିଛି, କେବଳ ସେତିକି ନୁହେଁ, ସେହି ସର୍ବବ୍ୟାପୀ, ସର୍ବଜ୍ଞ ଓ ସର୍ବଶକ୍ତିମାନ୍ ଦିବ୍ୟ ଉପସ୍ଥିତି ଭିତରେ ମଧ୍ୟ ଆମେ ନିତ୍ୟ ନିରନ୍ତର ବିରାଜିତ ହୋଇ ରହିଛୁ । ଆମର ମୂଳ ସ୍ୱରୂପରେ, ଆମର ସତ୍ୟ ସ୍ୱରୂପରେ ଆମେ ସେହି ଦିବ୍ୟ ଉପସ୍ଥିତି ଛଡ଼ା ଆଉ କିଛି ନୋହୁଁ । ତାହାଠାରୁ ନିଜକୁ ଅଲଗା ଅନୁଭବ କରିବା ଅହଂସୃଷ୍ଟ ମାୟାର ଏକ ଆବରଣ ମାତ୍ର । ଆମ ଅନ୍ତରରେ ଓ ବାହାରେ ସର୍ବବ୍ୟାପୀ ହୋଇ ବିରାଜିତ ସେହି ଦିବ୍ୟ ଉପସ୍ଥିତି ସହ ଥରକ ପାଇଁ ନିଜକୁ ଏକ ଓ ଅଭିନ୍ନ ବୋଲି ପ୍ରତ୍ୟକ୍ଷ ଭାବେ ଅନୁଭବ କରି ପାରିଲେ, ଥରକ ପାଇଁ ମଧ୍ୟ ସେହି ନିତ୍ୟ ସିଦ୍ଧ ସତ୍ୟ ସମ୍ପର୍କରେ ସଚେତ ହୋଇ ପାରିଲେ, ଆଲୋକର ଉପସ୍ଥିତିରେ ଯୁଗ ଯୁଗର ଅନ୍ଧକାର ମୁହୂର୍ତ୍ତକରେ ଦୂର ହୋଇଗଲା ପରି ଆମର ସମସ୍ତ ଅସାମର୍ଥ୍ୟତା, ବିଭ୍ରାନ୍ତି, ଅଚେତନତା ଓ ଅଜ୍ଞାନ ଦୂର ହୋଇଯିବ ସମ୍ପୂର୍ଣ୍ଣ ରୂପେ । ସେତେବେଳେ ପ୍ରତ୍ୟକ୍ଷ ରୂପେ ଅନୁଭବ କରିବୁ 'ମୁଁ ହିଁ ହେଉଛି ସେହି ଦିବ୍ୟ ଉପସ୍ଥିତି', 'ମୁଁ ହିଁ ହେଉଛି ସେହି ବ୍ରହ୍ମ', 'ଅହଂ ବ୍ରହ୍ମୋଽସ୍ମି' । ପ୍ରାଚୀନ ଋଷିମୁନିମାନେ କେବଳ ଅନ୍ତରରେ ଏହି ସତ୍ୟର ପ୍ରତ୍ୟକ୍ଷାନୁଭୂତି ପାଇଥିଲେ । ବାହ୍ୟ ଚେତନା, ବାହ୍ୟ ଜଗତ୍, ସଂସାର ଏବଂ ତାହାର ସମସ୍ତ କର୍ମକୁ ବାଦ୍ ଦେଇ ନିଶ୍ଚଳ, ନିର୍ବିକଳ୍ପ ସମାଧି ଭିତରେହିଁ ତାହା ଉପଲବ୍ଧ କରିଥିଲେ । କିନ୍ତୁ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଯୋଗରେ ସମଗ୍ର ଚେତନା, ସମଗ୍ର ସଂସାର ଓ କର୍ମକୁ ନେଇ, ଭିତର ଓ ବାହାର ସବୁଟାକୁ ନେଇ ଏହି ଉପଲବ୍ଧି ପଥରେ ଆଗେଇ ଯିବା କଥା କୁହାଯାଇଛି । କୌଣସି କିଛିକୁ ବାଦ୍ ଦେବାକୁ ହେବ ନାହିଁ । କାରଣ ସବୁଟାହିଁ ଭଗବାନଙ୍କ ସ୍ୱରୂପ ଓ ସବୁକିଛିହିଁ ତା'ର ମୂଳ ଓ ସାର ସ୍ୱରୂପରେ ସ୍ୱୟଂ ଭଗବାନ୍ ।

ଏସବୁ ବିଷୟ ଆମେ କେବଳ ବହିରେ ପଢୁ, ତାତ୍ତ୍ୱିକ ଆଲୋଚନା ଓ ବ୍ୟାଖ୍ୟା ଭିତରେ ବୁଡ଼ି ଯାଉ । କିନ୍ତୁ ଯଥାର୍ଥ ଅଗ୍ରଗତି ହେଉଛି ନିଜର ସମଗ୍ର ଚେତନାକୁ ନେଇ, ନିଜର ସମଗ୍ର ଜୀବନ ଓ କର୍ମକୁ ନେଇ, ଏହି ସତ୍ୟର ପ୍ରତ୍ୟକ୍ଷ ଉପଲବ୍ଧି ଦିଗରେ ଆଗେଇ ଯିବା । ଏହି ଅଗ୍ରଗତି ପାଇଁ କୌଣସି କିଛି ମଧ୍ୟ ଶେଷ ପର୍ଯ୍ୟନ୍ତ ପ୍ରତିକୂଳ ହୋଇ ପାରେନା ।

ଆମ ଭିତରେ ଭଗବାନଙ୍କର ଯେଉଁ ଉପସ୍ଥିତି ନିତ୍ୟ ନିରନ୍ତର ଭାବରେ ରହିଛି, ଆମର ଜୀବନ ଓ କର୍ମରେ ଆମେ ତାହାର ନିକଟବର୍ତ୍ତୀ ହେଉଛୁ ନା ତାହାଠାରୁ ଦୂରେଇ ଯାଉଛୁ, ତାହାହିଁ ଆମ ଅଗ୍ରଗତିର ମାପକାଠି । ସେହି ଦୃଷ୍ଟିରୁ ଭଗବାନଙ୍କ ଦିଗରେ ଅଗ୍ରଗତିହିଁ ଏକମାତ୍ର ଅଗ୍ରଗତି । ମା'ଙ୍କ କଥାରେ – 'Everything else is Zero' – ବାକି ସବୁକିଛି ଶୂନ୍ୟ, ନିଷ୍ଫଳ । ଭଗବତ୍ ଚେତନାର ଉପଲବ୍ଧି ବ୍ୟତିରେକେ ସମସ୍ତ ତଥାକଥିତ କୃତିତ୍ୱ, ସାଫଲ୍ୟ ଆଦି ବୃଥା, ଅସାର ଓ ଅର୍ଥହୀନ । ବାହ୍ୟ କ୍ଷେତ୍ରରେ ଆମର ସମସ୍ତ ସାଫଲ୍ୟ ଓ ଅଗ୍ରଗତି ଯେ କେଉଁ ମୁହୂର୍ତ୍ତରେ କିପରି ଭୁଶୁଡ଼ି ପଡ଼େ, ସେ ଅଭିଜ୍ଞତା ସମସ୍ତଙ୍କର ଅଛି । ତେଣୁ କୌଣସି କର୍ମ ବା କୃତିତ୍ୱ, ଇଚ୍ଛା ଓ ଆବେଗ ଚେତନା ପାଇଁ କେଉଁ ପ୍ରଭାବ, କେଉଁ ପରିଣତି ଆଣି ଦେଉଛି, କେବଳ ତାହାରହିଁ ପ୍ରକୃତ ମୂଲ୍ୟ ରହିଛି । ବାହ୍ୟ ଭାବରେ ଜଣେ ସମ୍ପୂର୍ଣ୍ଣ ନାସ୍ତିକ ମଧ୍ୟ ଆନ୍ତର ଚେତନାର କ୍ଷେତ୍ରରେ ଭଗବାନଙ୍କର ଅଧିକ ନିକଟବର୍ତ୍ତୀ ହୋଇପାରେ ଓ ବାହ୍ୟ ଭାବରେ ନାନା ଧର୍ମାଚାର ଓ ପୂଜାପାଠ କରୁଥିବା ଲୋକ ମଧ୍ୟ ଆନ୍ତର ଚେତନାରେ ଭଗବାନଙ୍କଠାରୁ ବହୁ ଦୂରରେ ରହିପାରେ । ଧର୍ମାନ୍ଧତାର ମିଥ୍ୟାଚାର ବିରୋଧରେ ନାସ୍ତିକତାର ପ୍ରଗତିଶୀଳ ଭୂମିକାକୁ ଅସ୍ୱୀକାର କରି ହେବ ନାହିଁ ।

ଭଗବାନଙ୍କ ଦିଗରେ ଚେତନାର ଅଗ୍ରଗତି କଥା କହିଲା

ବେଳେ ସେଠି କର୍ମ ବା ଜୀବନର ବାହାରର ଧରଣ ବା ଛୋଟ ବଡ଼ ଆକାର ପ୍ରକାର ସମ୍ପର୍କରେ ବିଚାରର କୌଣସି ସ୍ଥାନ ନାହିଁ । ଭଗବାନଙ୍କ ଉଦ୍ଦେଶ୍ୟରେ ଆନ୍ତରିକ ଭାବେ ଛୋଟ ଫୁଲଟିଏ ଅର୍ପଣର ଯେତିକି ମୂଲ୍ୟ, ତା' ତୁଳନାରେ ବିରାଟ ଜାକଜମକରେ ହେଉଥିବା ପୂଜା, ଉତ୍ସବ ଓ ତଥାକଥିତ ଯଜ୍ଞାନୁଷ୍ଠାନର ମୂଲ୍ୟ ଅନେକ କମ୍ । ଏପରିକି ଯୋଗ ବିଭୂତି ଆଦି ଚମତ୍କାରିତା ମଧ୍ୟ ମୂଲ୍ୟହୀନ ତାହା ଯଦି ନିଜ ଚେତନାକୁ ଭଗବାନଙ୍କ ନିକଟବର୍ତ୍ତୀ ନ କରାଏ । ଶ୍ରୀରାମକୃଷ୍ଣ ଗୋଟିଏ ଗଳ୍ପ କହୁଥିଲେ ଯେ ଜଣେ ନିଜର ଯୋଗ ବିଭୂତି ଦେଖାଇବାକୁ ଯାଇ କିଛି ଧୂଳି ପକାଇ ଗୋଟିଏ ଜୀବନ୍ତ ହାତୀକୁ ମାରି ଦେଲା ଓ ପରେ ପୁଣି କିଛି ମନ୍ତ୍ର ଧୂଳି ପକାଇ ତାକୁ ପୁଣି ଜୀବନ ଦାନ କଲା । ହାତୀଟି ଉଠିଚାଲି ଯିବା ପରେ ଦେଖଣାହାରୀ ଜଣେ ସାଧୁ ପଚାରିଲେ ତୁମର ଏହି ଶକ୍ତି ଭଗବାନଙ୍କୁ ପାଇବା ଦିଗରେ କିପରି ସାହାଯ୍ୟ କରିବ ? ଅଲୌକିକ ଶକ୍ତି ଦେଖାଉଥିବା ଲୋକଟି ନୀରବ ରହିଲା ।

ଅଳ୍ପ ହେଉ ବା ଅଧିକ ହେଉ କେବଳ ଭଗବାନଙ୍କ ଦିଗରେ ଚେତନାର ଯେତିକିଟି ଅଗ୍ରଗତି ହୋଇଥାଏ ତାହା ଅବିନାଶୀ ଓ ଅକ୍ଷୟ । ନିବର୍ତ୍ତିତ ହୋଇ ରହିଥିବା ଚେତନା ବିବର୍ତ୍ତନରେ ଯେତିକିଟା ଖୋଲିଥାଏ, ତାହା ଆଉ ପୁଣି ବନ୍ଦ ହୋଇଯାଏ ନାହିଁ । ଗୀତାରେ ମଧ୍ୟ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି, ତାଙ୍କ ଭକ୍ତମାନଙ୍କର ବିନାଶ ନାହିଁ, କୌଣସି ଭକ୍ତର ଯଦି ପତନ ହୁଏ, ତେବେ ଚେତନାରେ ସେ ଯେତିକିଟା ଅଗ୍ରଗତି କରିଥାଏ ତାହା ସେହିପରି ସୁରକ୍ଷିତ ହୋଇ ରହିଥାଏ ଓ ପର ଜନ୍ମରେ ତା'ର ଅଗ୍ରଗତିକୁ ସେହିଠାରୁ ଆରମ୍ଭ କରିବା ପାଇଁ ସେ ଉପଯୁକ୍ତ କୁଟୁମ୍ବ ଓ ପରିବେଶ ଆଦିରେ ଜନ୍ମନିଏ ।

ଚେତନାର ଏହି ଅଗ୍ରଗତିର ଧାରା ପ୍ରତ୍ୟେକଙ୍କ ପାଇଁ ଭିନ୍ନ ଭିନ୍ନ, ତାହା ନିର୍ଭର କରିଥାଏ ଭଗବତ୍ ଚେତନା ସଙ୍ଗେ ଆମ ଆନ୍ତର ଚେତନାର ସମ୍ପର୍କର ପ୍ରକାର ଉପରେ । ତାହାହିଁ ସ୍ୱଧର୍ମ । ଆମ ଚେତନାର ଗଠନ, ବିକାଶ ଓ ବିବର୍ତ୍ତନ ଅନୁସାରେ ଭଗବାନଙ୍କ ସଙ୍ଗେ ଆମ ସମ୍ପର୍କର ସେହି ଧାରାଟି ମଧ୍ୟ କ୍ରମେ କ୍ରମେ ବିକଶିତ ହେଉଥାଏ ଓ ଆମେ ଧୀରେ ଧୀରେ ସେ ସମ୍ପର୍କରେ ସଚେତ ହେଉ । କିନ୍ତୁ ଜଣକର ବିକାଶ ଧାରା ଅନ୍ୟ ଜଣକ ସଙ୍ଗେ ଆଦୌ ସମାନ ନୁହେଁ । ମା'ଙ୍କ କଥାରେ କହିଲେ ତା'ହେଲେ ଅନ୍ୟ ଜଣେ ଆଉ ଆଦୌ ସୃଷ୍ଟି ହୋଇ ନଥା'ନ୍ତା । ସ୍ୱାମୀ ବିବେକାନନ୍ଦ ମଧ୍ୟ କହିଛନ୍ତି ପ୍ରଚଳିତ ବିଭିନ୍ନ ଧର୍ମ ବଦଳରେ, ସେଗୁଡ଼ିକୁ ଅନୁସରଣ ନକରି ଯଦି ପ୍ରତ୍ୟେକଟି ବ୍ୟକ୍ତି ତା' ନିଜ ପାଇଁ ନିଜର ସ୍ୱତନ୍ତ୍ର ଧର୍ମକୁ ରୂପ ଦେଇ ତାହାର ଅନୁସରଣ କରେ ତେବେ ତାହାହିଁ ହେବ ଯଥାର୍ଥ ବିଶ୍ୱଧର୍ମ । ପ୍ରତ୍ୟେକ ବ୍ୟକ୍ତି ଯେ ଅନ୍ୟ ଜଣକ ଠାରୁ ଭିନ୍ନ ତାହା ସ୍ଥୂଳ ଭାବରେ ଆମେ ଦେଖୁ । ଉଦାହରଣସ୍ୱରୂପ ଗୋଟିଏ ଟିପ ଚିହ୍ନ ଅନ୍ୟ ଟିପ ଚିହ୍ନ ସଙ୍ଗେ ମିଳେ ନାହିଁ । ତେଣୁ ସ୍ଥୂଳ ସ୍ତରରେ ଏହି ବିଭିନ୍ନତା ଭଗବାନଙ୍କ ସଙ୍ଗେ ଆନ୍ତର ଚେତନାର ସମ୍ପର୍କର ସୂକ୍ଷ୍ମ ସ୍ତରରେ ଯେ କେତେ ଭିନ୍ନ ଓ ସ୍ୱତନ୍ତ୍ର ହୋଇଥିବ ତାହା ସହଜେ ଅନୁମେୟ ।

କିନ୍ତୁ ମଣିଷ ଏହା ସହଜରେ ବୁଝେ ନାହିଁ । ଭଗବାନଙ୍କ ସଙ୍ଗେ ତା'ର ଆନ୍ତର ସମ୍ପର୍କର ଯେଉଁ ଧାରା ସେହି ଅନୁଯାୟୀ ଅଗ୍ରଗତି କରିବା ପାଇଁ ତାକୁ ଯେଉଁ କର୍ମ ବା ଜୀବନର ପରିବେଶ ମିଳିଥାଏ, ସେ ହୁଏତ ତହିଁରେ ସନ୍ତୁଷ୍ଟ ନରହି ଆକୃଷ୍ଟ ହୁଏ ଅନ୍ୟ କାହାର କର୍ମ, ଜୀବନ ଧାରା ଓ ଆସନ ଆଦି ପାଇଁ । ସେଥିପାଇଁ କେତେ ଈର୍ଷା, କେତେ ବାଦ ପ୍ରତିବାଦ, କେତେ ପ୍ରତିଯୋଗିତା । କିନ୍ତୁ ଅଗ୍ରଗତିର ଯାହା ସତ୍ୟ ତହିଁରେ କେହି କାହାର ସ୍ଥାନ ନେଇ ପାରିବ ନାହିଁ, କାରଣ ସେହି ସ୍ଥାନଟି ନିରୂପିତ ହୋଇଥାଏ ଭଗବାନଙ୍କ ସଙ୍ଗେ ପ୍ରତ୍ୟେକ ଲୋକର କେବଳ ନିଜ ସମ୍ପର୍କ ଉପରେ ।

ଅବଶ୍ୟ ଏହି ଅଜ୍ଞାନମୟ ଜଗତରେ ଯାହାର ଯେଉଁଟି ଯଥାର୍ଥ ସ୍ଥାନ ସେ ସେଠାରେ ରହି ନାହିଁ । ମନ ଓ ପ୍ରାଣର ନାନା ଖେଳ, ନାନା କୃତ୍ରିମତା ଓ ହସ୍ତକ୍ଷେପ ଫଳରେ, ଆନ୍ତର ଚେତନା ସଙ୍ଗେ ଠିକ୍ ଖାପଖୁଆଇ ବାହ୍ୟକର୍ମ ଓ ଜୀବନରେ ଯେ ଯେଉଁ ସ୍ଥାନରେ ରହିବା କଥା, ଅଧିକାଂଶ କ୍ଷେତ୍ରରେ ସେ ସେଠାରେ ରହି ନାହିଁ । ମା' ମଧ୍ୟ କହିଛନ୍ତି ଜଗତର ସମସ୍ତ ଅଜ୍ଞାନ ଓ ମିଥ୍ୟାଚାର ମୂଳରେ ରହିଛି ଚେତନା ଦୃଷ୍ଟିରୁ ଯାହାର ଯାହା ଉପଯୁକ୍ତ ସ୍ଥାନ, ଯିଏ ଯେଉଁଠି ରହିବା କଥା ସେ ସେଠାରେ ରହି ନାହିଁ ।

କିନ୍ତୁ ତା'ର ସଂଶୋଧନର ଉପାୟ କ'ଣ ? ନିଜ ମନ ଓ ପ୍ରାଣର ଅଜ୍ଞାନମୟ ବିଚାରକୁ ଆଶ୍ରୟ କରି କ'ଣ ଠିକ୍ ଲୋକ ପାଇଁ ଠିକ୍ ସ୍ଥାନ ନିରୂପଣ କରି ହେବ ? ନିରୂପଣଟା ଯଥାର୍ଥ ହେଲେ ତାହାକୁ କ'ଣ ସେ ସ୍ଥାନ ମିଳି ପାରିବ ? ଆଦୌ ନୁହେଁ । ଏପରିକି ହୁଏତ ଦେଖାଯିବ ସେହି ବ୍ୟକ୍ତିହିଁ ନିଜେ ସେ ସ୍ଥାନକୁ ପସନ୍ଦ କରୁ ନାହିଁ । ନିଜର ସ୍ୱଧର୍ମ କ'ଣ, ନିଜ ଅଗ୍ରଗତିର ଧାରା କ'ଣ, କର୍ମ ଓ ଜୀବନର ଯଥାର୍ଥ ସ୍ଥାନ

କେଉଁଠି, ସେଠି ପହଞ୍ଚିବାର ବାଟ କ'ଣ, ଏହାର ଉତ୍ତର ମନ ଓ ପ୍ରାଣ କେବେ ହେଲେ ଦେଇ ପାରିବେ ନାହିଁ । ଆମ ଭିତରେ ଭଗବତ୍ ଉପସ୍ଥିତି ସହ ନିତ୍ୟ ନିରନ୍ତର ସଚେତ ସମ୍ପର୍କ ରଖିଥିବା ଆମ ଚୈତ୍ୟସତ୍ତା ହିଁ ତାହା ଜାଣେ । ଆମେ ଆମର ସେହି ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହେଲେ ଯାଇ ତାହାର ଆଲୋକରେ ଏହି ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ପାଇପାରିବୁ । କିନ୍ତୁ ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହେବା ତ ଦିନ ଅଧକର କାମ ନୁହେଁ । ଏଥିପାଇଁ ଗଭୀର ଅଭୀପ୍ସା ନେଇ, ନିଜର ସବୁକିଛିକୁ ମା'ଙ୍କ ପାଖରେ ସହଜ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ସମର୍ପଣ କରି ଧୀର ସ୍ଥିର ଭାବରେ ଅପେକ୍ଷା କରିବାକୁ ହେବ । ଏହି ଅପେକ୍ଷା ହିଁ ପ୍ରକୃତରେ ଅଗ୍ରଗତିର ଏକ ନିଷ୍ପତ୍ତିମୂଳକ ପଦକ୍ଷେପ । ହୁଏତ ମନ ଓ ପ୍ରାଣର ଅସ୍ଥିରତା ଓ ଅଜ୍ଞାନମୟ ଅଭିଳାଷ ପାଇଁ ଏହା ଗୋଟାଏ ଅଟକି ଯିବା ପରି ମନେ ହୋଇପାରେ । କିନ୍ତୁ ଅଗ୍ରଗତି ନାମରେ ପଶ୍ଚାତ୍‌ଗତିର ବିପଦରୁ ରକ୍ଷା ପାଇବା ପାଇଁ ଏହି ଅପେକ୍ଷାହିଁ ସବୁଠାରୁ ନିରାପଦ ପଥ । ଏହି ଅପେକ୍ଷା ଭିତରେ ହିଁ ଆମ ଚେତନା ଭଗବାନଙ୍କ ଦିଗରେ ଦ୍ରୁତ ଆଗେଇ ଯାଉଥାଏ ।

ଚୈତ୍ୟ ଚେତନାରେ ଉତ୍ତୀର୍ଣ୍ଣ ହେବା ପାଇଁ ଏହି ଅପେକ୍ଷାର ସମୟରେ ଆମେ କେଉଁ ଧରଣର କର୍ମ କରୁଛୁ, ତହିଁରେ କିଛି ଯାଏ ଆସେ ନାହିଁ । ଯେଉଁ କର୍ମ କଲେ ମଧ୍ୟ ଆମେ ଯଦି ଆମ ଅଭୀପ୍ସାରେ ଆନ୍ତରିକ ହୋଇଥାଉ ତେବେ ମା'ଙ୍କ କୃପା ଓ ଶକ୍ତିର ଅବିରାମ ପ୍ରବାହ ଆମକୁ ଆମ ଚେତନାର ଅଗ୍ରଗତିର ପଥରେ ଆଗେଇ ନେବ । ମା'ଙ୍କ ସଙ୍ଗରେ ଆମ ଚେତନାର ସମ୍ପର୍କ ସମ୍ପୂର୍ଣ୍ଣ ଏକାନ୍ତ, ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ତହିଁରେ ଅନ୍ୟ କାହାର ବା ଅନ୍ୟ କୌଣସିର ସ୍ଥାନ ନାହିଁ । ମା'ଙ୍କ କଥାରେ, ''ମୋ'ଠାରୁ ଯାହା ପାଉଛ, ତା' ସହିତ ଅନ୍ୟମାନେ କ'ଣ ପାଉଛନ୍ତି ବା ନ ପାଉଛନ୍ତି ତାହାର ଆଦୌ କୌଣସି ସମ୍ପର୍କ ନାହିଁ । ତୁମ ସହିତ ମୋର ସମ୍ପର୍କ ଏକମାତ୍ର ତୁମ ଉପରେହିଁ ନିର୍ଭର କରୁଛି, ତୁମର ଯଥାର୍ଥ ପ୍ରୟୋଜନ ଓ କ୍ଷମତା ଅନୁସାରେହିଁ ମୁଁ ତୁମକୁ ଯାହା ଦେବା କଥା ତାହା ଦେଉଛି । ... ତୁମେ ଯଦି ଆନ୍ତର ସମ୍ପର୍କ ପ୍ରତିଷ୍ଠା ନ କର ତା'ହେଲେ ଏହା ତୁମ ପାଇଁ କିଛି କରି ପାରିବ ନାହିଁ । ... କେବଳ ଆନ୍ତର ଉନ୍ମୋଚନ ଓ ଆନ୍ତର ସମ୍ପର୍କ ଦ୍ୱାରାହିଁ ତୁମେ ମୋର ଉପସ୍ଥିତି ଉପଲବ୍ଧି କରି ପାରିବ ।'' ତେଣୁ ଆନ୍ତର ଉନ୍ମୋଚନ ଦ୍ୱାରା ମା'ଙ୍କ ଦିବ୍ୟ ଉପସ୍ଥିତିକୁ ଉପଲବ୍ଧି କରିବାହିଁ ସମସ୍ତ ଅଗ୍ରଗତିର ଚାବି କାଠି । ❖


## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ



ବରୋଦାରେ ଶ୍ରୀଅରବିନ୍ଦ, ୧୯୦୬

ଶ୍ରୀଅରବିନ୍ଦଙ୍କ ବରୋଦା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

(ତୃତୀୟ ପର୍ବ)



'କିଙ୍ଗସ୍ ଲେନ୍' ଇଲାକା

ଶ୍ରୀଅରବିନ୍ଦ 'କିଙ୍ଗସ୍ ଲେନ୍' ଇଲାକାରେ ରହୁଛନ୍ତି ବୋଲି ଜାଣି ମିଃ. ଓସ୍କାର ବ୍ରାଉନିଂ ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ : ''ଆମେ ଉତ୍ତମ ମେଧାବୀ ଛାତ୍ରଗଣଙ୍କୁ 'କିଙ୍ଗସ୍'କୁ ଆସିବାକୁ ପ୍ରୋତ୍ସାହିତ କରୁ; କିନ୍ତୁ ଅତ୍ୟନ୍ତ ରୁକ୍ଷ ଭାବରେ ସେମାନଙ୍କୁ ଏହି କଦର୍ଯ୍ୟ ବସ୍ତିରେ କଏଦୀ ସଦୃଶ ରହିବାକୁ ଦେଉ । ମୋର ଅନୁମାନ ଏପରି ବ୍ୟବସ୍ଥାର ଅର୍ଥ ସେମାନଙ୍କର ଗୁଣଗରିମାକୁ ଅବଦମିତ କରି ରଖିବା ।''

ଶ୍ରୀଅରବିନ୍ଦ ୧୮୯୦-୯୨ ମସିହା ମଧ୍ୟରେ 'କିଙ୍ଗସ୍'ରେ ଅଧ୍ୟୟନ କରୁଥିବା ବେଳେ ଏକ ଟିପ୍ପଣୀ ଲେଖିଥିଲେ, ଯାହାର ମର୍ମାର୍ଥ ଏହିପରି : ବିପୁଳ ପରିବର୍ତ୍ତନ ଓ ବୈପ୍ଳବିକ ହାଙ୍ଗାମାର ଏହି ଯୁଗରେ ଏକ ମହାନ୍ ଜାତିକୁ ଉପଦେଶ ଦେବାକୁ ଆଶାୟୀ ସ୍ୱଦେଶପ୍ରେମୀଙ୍କୁ ମୁହଁ ଖୋଲିବାକୁ ସାହସ କରିବା ପୂର୍ବରୁ ନିଜେ ସୁନିଶ୍ଚିତ ହେବା ଉଚିତ ଯେ ତାଙ୍କର ଅତ୍ୟନ୍ତ ପ୍ରୟୋଜନୀୟ କିଛି କହିବାକୁ ଅଛି;... ତେବେ ସେ ଯେତେ ଅଜ୍ଞାତ ହୋଇଥା'ନ୍ତୁ ନା କାହିଁକି, ଆଲୋଚନାପୂର୍ବକ ପରିଷ୍କାର ଭାବରେ ସେଇଟିକୁ ବୁଝାଇ ଦେବା ହେଉଛି ତାଙ୍କର ଅବଶ୍ୟ କର୍ତ୍ତବ୍ୟ ।

୧୮୯୩ରେ ଶ୍ରୀଅରବିନ୍ଦଙ୍କର କେମ୍ବ୍ରିଜ୍ ସହପାଠୀ ଓ ଘନିଷ୍ଠ ବନ୍ଧୁ ମିଃ. କେ. ଜି. ଦେଶପାଣ୍ଡେ ଭାରତରେ ପଦାର୍ପଣ କରି ବମ୍ବେରେ ବାରିଷ୍ଟରି କଲେ ଏବଂ ଏହା ସାଙ୍ଗକୁ ସେଠାରେ ପ୍ରକାଶ ପାଉଥିବା ସାପ୍ତାହିକ 'ଇନ୍ଦୁ ପ୍ରକାଶ' ପତ୍ରିକାର ଇଂରାଜୀ ବିଭାଗର ସମ୍ପାଦନା କରୁଥିଲେ । ସେ ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କଲେ 'ଭାରତୀୟ କଂଗ୍ରେସ' ସମ୍ବନ୍ଧରେ ପ୍ରବନ୍ଧମାନ ଲେଖି 'ଇନ୍ଦୁ ପ୍ରକାଶ'ରେ ପ୍ରକାଶ କରିବାକୁ । ଶ୍ରୀଅରବିନ୍ଦଙ୍କର ସ୍ୱୀକୃତି ଲାଭ କରି ୭ ଅଗଷ୍ଟ ୧୮୯୩ରେ ମିଃ. ଦେଶପାଣ୍ଡେ 'New Lamps for Old' ଶିରୋନାମାର ମୁଖବନ୍ଧରେ ଏହି ମର୍ମରେ ଘୋଷଣା କରିଥିଲେ :



ବମ୍ବେରେ କେଶବରାଓ ଗଣେଶ ଦେଶପାଣ୍ଡେ (୧୮୬୯-୧୯୩୯)

''... ... ବର୍ତ୍ତମାନ ଏପରି ପରିସ୍ଥିତି ଉପୁଜିଛି ଯେ ଆମେ ଦେଶକୁ ଗଠନ କରିବୁ ବା ଧ୍ୱଂସ କରିବୁ । ତେଣୁ ବିଶ୍ୱସନୀୟ ଭାବରେ ଆମେ ଜଣେ ସମ୍ମାନନୀୟ ବ୍ୟକ୍ତିଙ୍କୁ ପାଇଛୁ ଯାହାଙ୍କର ରହିଛି ପ୍ରଭୂତ ସାହିତ୍ୟିକ ସାମର୍ଥ୍ୟ; ଉଦାର ଓ ସୁରୁଚିସମ୍ପନ୍ନ ସଂସ୍କୃତି ଏବଂ ଯଥେଷ୍ଟ ଗଭୀର ଅନୁଭୂତି, ଲେଖନୀ ଚଳାଇବାରେ ନିପୁଣ କଳାକୃତି... ଏବଂ ସମ୍ଭାବ୍ୟ ମିଥ୍ୟା ବର୍ଣ୍ଣନାସବୁରୁ ସମ୍ପୂର୍ଣ୍ଣ ବଞ୍ଚିତ ରହି ତାଙ୍କର ନିଜସ୍ୱ ପ୍ରତ୍ୟକ୍ଷ ଦୃଷ୍ଟିଭଙ୍ଗୀକୁ ସ୍ପଷ୍ଟ ଓ ଦୃଢ଼ଭାବରେ ବ୍ୟକ୍ତ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ।...''

ନିଜର ନାମ ନଥାଇ ୧୮୯୩ ଅଗଷ୍ଟରେ ଶ୍ରୀଅରବିନ୍ଦଙ୍କର ପ୍ରଥମ ପ୍ରବନ୍ଧ 'ଇନ୍ଦୁ ପ୍ରକାଶ'ରେ ପ୍ରକାଶ ପାଇଥିଲା । ସେଥିରେ ଶ୍ରୀଅରବିନ୍ଦ ଏହି ମର୍ମରେ ଉଲ୍ଲେଖ କରିଥିଲେ : ''ଆମର ପ୍ରକୃତ ଶତ୍ରୁ ବାହାରର କୌଣସି

ସଙ୍ଗଠିତ ଗୋଷ୍ଠୀ ବା ଶକ୍ତି ନୁହେଁ, କିନ୍ତୁ ଆମର କ୍ରନ୍ଦନରତ ଦୁର୍ବଳତା, ଆମର କାପୁରୁଷତା, ଆମର ସ୍ୱାର୍ଥପରତା, ଆମର କପଟତା, ଆମର ଅନ୍ଧପ୍ରାୟ ଭାବପ୍ରବଣ ପ୍ରବୃତ୍ତି ।...''

ପୁନଶ୍ଚ ''ମୁଁ ତେବେ 'କଂଗ୍ରେସ'କୁ ଏହି କଥା ସୂଚାଇ ଦେବାକୁ ଚାହେଁ,– ଯେ ଏହାର ଲକ୍ଷ୍ୟସବୁ ତ୍ରୁଟିପୂର୍ଣ୍ଣ, ସେମାନେ ସେମାନଙ୍କର ଲକ୍ଷ୍ୟରେ କୃତକାର୍ଯ୍ୟ ହେବା ସକାଶେ ଯେଉଁ ମନୋଭାବ ସହ ଅଗ୍ରସର ହେଉଛନ୍ତି ତାହା ଆନ୍ତରିକତା ତଥା ସର୍ବାନ୍ତଃକରଣର ମନୋଭାବ ନୁହେଁ, ଏବଂ ଯେଉଁସବୁ କର୍ମପ୍ରଣାଳୀ ନିର୍ବାଚନ କରିଛନ୍ତି ସେସବୁ ଯଥାର୍ଥ ନୁହେଁ ଓ ଯେଉଁ ନେତାଗଣଙ୍କ ଉପରେ ସେମାନେ ଆନ୍ତରିକତାର ସହିତ ବିଶ୍ୱାସ ସ୍ଥାପନ କରିଛନ୍ତି ସେମାନେ ନେତା ହେବାକୁ ଅଯୋଗ୍ୟ;– ସଂକ୍ଷେପରେ କହିଲେ ଅଧୁନାତନ ପରିସ୍ଥିତିରେ ଆମେ ଅବିବେଚନାପ୍ରସୂତ ଅନ୍ଧ ନେତାଗଣଙ୍କ ଦ୍ୱାରା ପରିଚାଳିତ ହେଉଛୁ, ସମ୍ପୂର୍ଣ୍ଣ ଅନ୍ଧ ନହେଲେ ବି ଏକ ଚକ୍ଷୁହୀନ, କଣା ।''


इंदुप्रकाश.
INDU-PRAKASH OR THE MOONLIGHT
EXTRA CONGRESS EDITION
The fifth National Congress.
मुंबई इंदुप्रकाश, तारीख २६ माहे डिसेंबर सन १८८९ इसवी.
Price half anna
मुंबई, इंदुप्रकाश तारीख ७ माहे आगस्ट सन १८९३ इसवी.


'NEW LAMPS FOR OLD.'
I.

If the blind lead the blind, shall they not both fall into a ditch? So or nearly so runs an apopthegm of the Galitean prophet, whose name has run over the four quarters of the globe. Of all those pithy comments on human life,

'ଇନ୍ଦୁ ପ୍ରକାଶ'ର ନାମ ପୃଷ୍ଠା ଏବଂ ତହିଁରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ପ୍ରଥମ ପ୍ରବନ୍ଧର ଅବିକଳ ପ୍ରତିଲିପି


## 'ଭାରତୀୟ ଜାତୀୟ କଂଗ୍ରେସ'ର ପ୍ରଥମ ପିଢ଼ିର ବରେଣ୍ୟ ନେତାଗଣ


ଏମାନେ ପ୍ରତ୍ୟେକେ ଦେଶପ୍ରେମୀ ଥିଲେ ସତ କିନ୍ତୁ ଅତ୍ୟନ୍ତ ସାବଧାନ ଓ ଯୁକ୍ତିସଙ୍ଗତ ଭାବେ ନିୟନ୍ତ୍ରିତ; ଏମାନେ ପ୍ରତ୍ୟକ୍ଷ ଭାବରେ ସରକାରଙ୍କର ସମ୍ମୁଖୀନ ହୋଇ କିଛି ମୁକାବିଲା କରିବାକୁ ଚାହୁଁ ନଥିଲେ ବରଂ ସେମାନଙ୍କ ସହିତ ସହଯୋଗ କରିବାକୁ ଅଧିକ ପସନ୍ଦ ମଣୁଥିଲେ । ଏମାନଙ୍କୁ ନରମପନ୍ଥୀ (Moderates) ବୋଲି କୁହାଯାଉଥିଲା ।


ଦାଦାଭାଇ ନାରୋଜି
(୧୮୨୫-୧୯୧୭)


ଉମେଶ ଚନ୍ଦ୍ର ବାନାର୍ଜୀ
(୧୮୪୪-୧୯୦୬)


ଫିରୋଜସାହା ମେହେଟ୍ଟା
(୧୮୪୫-୧୯୧୫)


ସୁରେନ୍ଦ୍ର ନାଥ ବାନାର୍ଜୀ
(୧୮୪୮-୧୯୨୫)



ଭୂପେନ୍ଦ୍ରନାଥ ବୋଷ
(୧୮୫୯-୧୯୨୪)


ଗୋପାଳକୃଷ୍ଣ ଗୋଖଲେ
(୧୮୬୬-୧୯୧୫)



ଭାରତର ତଦାନୀନ୍ତନ ଗଭର୍ଣ୍ଣର୍ ଜେନେରାଲ୍ ଲର୍ଡ଼ ଡୁଫେରିନ୍

୧୮୮୫ରେ ଲର୍ଡ଼ ଡୁଫେରିନ୍‌ଙ୍କର ଗୁପ୍ତ ମନ୍ତ୍ରଣା ଓ ପ୍ରଚ୍ଛନ୍ନ ପୃଷ୍ଠପୋଷକତାରେ ମିଃ. ଆଲାନ୍ ଅକ୍‌ଟାଭିଆନ୍ ହ୍ୟୁମ୍ ନରମପନ୍ଥୀ ନେତାଗଣଙ୍କୁ ନେଇ 'ଭାରତୀୟ ଜାତୀୟ କଂଗ୍ରେସ'ର ଉଦ୍‌ଘାଟନ କରିଥିଲେ । ଦେଶରେ ଉପୁଜୁଥିବା ଉତ୍ତରୋତ୍ତର ଗଣବିଦ୍ରୋହର ଅପସାରଣ ପାଇଁ ସରକାରଙ୍କର ଅଭିପ୍ରାୟ ଥିଲା ଏହି ଧରଣର ନେତାଗଣଙ୍କୁ ଏକ 'ସୁରକ୍ଷିତ-ମାଧ୍ୟମ' (safety-valve) ରୂପେ ବ୍ୟବହାର କରିବା ।




ମିଃ. ଆଲାନ୍ ଅକ୍‌ଟାଭିଆନ୍ ହ୍ୟୁମ୍


'New Lamps for Old' ଶିରୋନାମାରେ ପ୍ରଥମ ଦୁଇଟି ଧାରାବାହିକ ପ୍ରବନ୍ଧ କଂଗ୍ରେସ ନେତାଗଣଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କଲା ।... ପ୍ରଥମ ପିଢ଼ିର ନରମପନ୍ଥୀ କଂଗ୍ରେସ ନେତା ଓ ବମ୍ବେ ହାଇକୋର୍ଟର ପ୍ରଭାବଶାଳୀ ବିଚାରପତି ମହାରାଷ୍ଟ୍ରର ଶ୍ରୀଯୁକ୍ତ ରାଣାଡ଼େ 'ଇନ୍ଦୁ ପ୍ରକାଶ'ର ସ୍ୱତ୍ୱାଧିକାରୀଙ୍କୁ ସାବଧାନ କରାଇ ଦେଲେ ଯେ ଯଦି ଏହି ଧରଣର ପ୍ରବନ୍ଧ ଆପଣଙ୍କ ପତ୍ରିକାରେ ପୁନଃପ୍ରକାଶ ପାଏ ତେବେ ସେ ତାଙ୍କୁ ନିଶ୍ଚିତ ରୂପେ ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କରାଇବେ ।...

କିନ୍ତୁ ରାଣାଡ଼େ ମହାଶୟ ଯେତେବେଳେ ଜାଣିବାକୁ ପାଇଲେ ଯେ 'ଇନ୍ଦୁ ପ୍ରକାଶ'ରେ ଉପରୋକ୍ତ ପ୍ରବନ୍ଧର ଲେଖକ ହେଉଛନ୍ତି ଜଣେ ବାଇଶି ବର୍ଷର ଯୁବକ, ସେ ତାଙ୍କୁ ବ୍ୟକ୍ତିଗତଭାବେ ଭେଟିବାକୁ ଖୁବ୍ ଆଗ୍ରହାନ୍ୱିତ ହୋଇଥିଲେ । ଖୁବ୍ ସମ୍ଭବତଃ ସେ ୧୮୯୪ରେ ଶ୍ରୀଅରବିନ୍ଦଙ୍କୁ ଭେଟି ପ୍ରସଙ୍ଗକ୍ରମେ ଶ୍ରୀଅରବିନ୍ଦଙ୍କୁ ପ୍ରବର୍ତ୍ତାଇ ଥିଲେ ଯେ ଦେଶର ଜେଲ-ସଂସ୍କାର ସଦୃଶ କିଛି ଗଠନମୂଳକ କାର୍ଯ୍ୟରେ ବରଂ ସମୟ ବିନିଯୋଗ କରିବାକୁ ।...

ପରିଶେଷରେ ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ପ୍ରଚେଷ୍ଟାରେ ଆଉ ଆଗ୍ରହ ନଥିଲା । ସେ ମର୍ମେ ମର୍ମେ ହୃଦୟଙ୍ଗମ କଲେ ଯେ ଏବେ ଦେଶବାସୀ ଏଥିନିମିତ୍ତ ପ୍ରସ୍ତୁତ ନୁହଁନ୍ତି ।



ଶ୍ରୀଯୁକ୍ତ ମହାଦେବ ଗୋବିନ୍ଦ ରାଣାଡ଼େ (୧୮୪୨-୧୯୦୧)



କେ. ଜି. ଦେଶପାଣ୍ଡେ (୧୮୯୮ରେ ବରୋଦା ଷ୍ଟେଟ୍ ସର୍ଭିସ୍‌ରେ)

ଶ୍ରୀଅରବିନ୍ଦ ୧୯୦୨ ଡିସେମ୍ବରରେ ଅହମଦାବାଦରେ ଆୟୋଜିତ 'ଭାରତୀୟ ଜାତୀୟ କଂଗ୍ରେସ' ଅଧିବେଶନରେ ଦେଶପାଣ୍ଡେଜିଙ୍କ ସହାୟତାରେ ତିଳକଙ୍କୁ ପ୍ରଥମେ ଭେଟିଥିଲେ ।... ସେହି ମୁହୂର୍ତ୍ତରୁ ଶ୍ରୀଅରବିନ୍ଦଙ୍କର ଦୃଢ଼ପ୍ରତ୍ୟୟ ହୋଇଥିଲା ଯେ ତିଳକହିଁ ସର୍ବଭାରତୀୟ ସ୍ତରରେ ବିପ୍ଳବୀ ଦଳ କଂଗ୍ରେସର ଏକମାତ୍ର ସମ୍ଭାବ୍ୟ ବରେଣ୍ୟ ନେତା ।



ବାଳଗଙ୍ଗାଧର ତିଳକ

ତେଣୁ ଶ୍ରୀଅରବିନ୍ଦ ସିଦ୍ଧାନ୍ତ ନେଲେ ଅନ୍ତରାଳରେ ରହି ବାଳଗଙ୍ଗାଧର ତିଳକଙ୍କ ସଦୃଶ ଏକନିଷ୍ଠ ଦେଶପ୍ରେମୀମାନଙ୍କ ସହିତ ସମ୍ପର୍କ ସ୍ଥାପନ କରି ବରୋଦା ଓ ବଙ୍ଗଦେଶରେ ସୁଶୃଙ୍ଖଳିତ ଗୁପ୍ତ ବିପ୍ଳବୀଦଳର ସଙ୍ଗଠନ କରିବେ ।...



ବାଳଗଙ୍ଗାଧର ତିଳକଙ୍କ ସହିତ ଲାଲା ଲଜପତ୍ ରାୟ, ବିପିନ ଚନ୍ଦ୍ର ପାଲ, ମିଃ. କେଲ୍‌କର, ଚିତ୍ତରଞ୍ଜନ ଦାସ, ସୁରେନ୍ଦ୍ରନାଥ ଠାକୁର ଓ ଡଃ. ମୁଞ୍ଜେ ପ୍ରଭୃତି ନେତୃବୃନ୍ଦ । ଏମାନଙ୍କୁ ଚରମପନ୍ଥୀ (Extremists) ବୋଲି କୁହାଯାଉଥିଲା ।

'ଇନ୍ଦୁ ପ୍ରକାଶ'ରେ କଂଗ୍ରେସ ନେତୃବୃନ୍ଦଙ୍କୁ ଶ୍ରୀଅରବିନ୍ଦଙ୍କର ଅନ୍ୟ ଏକ ଅଭିନବ ଚେତାବନୀ ଥିଲା — ଜନସାଧାରଣଙ୍କୁ ନେଇ ଦେଶୋଦ୍ଧାର ନିମିତ୍ତ ପ୍ରସ୍ତୁତ ହେବା । ତାଙ୍କ ଚିନ୍ତାଧାରାରେ ଦେଶକୁ ସ୍ୱାବଲମ୍ବୀ ସ୍ଥିତିକୁ ଉନ୍ନୀତ କରିବା ନିମିତ୍ତ ପ୍ରଥମ ପଦକ୍ଷେପ ହେଉଛି କଂଗ୍ରେସକୁ ଏକ ଫଳପ୍ରଦ ଜନପ୍ରିୟ ରାଜନୈତିକ ସଂଗଠନ ରୂପେ ପ୍ରତିଷ୍ଠିତ କରାଇବା ।... କାରଣ ଦେଶବାସୀଙ୍କୁ କେବଳ ଛଳନାତ୍ମକ ଭାଷଣମାନ ଦ୍ୱାରା ପ୍ରଲୋଭିତ ଓ ପ୍ରତାରିତ କରି ଆତ୍ମସନ୍ତୁଷ୍ଟ କତିପୟ ନେତାଗଣ କସ୍ମିନ୍‌କାଳେ ସ୍ୱଦେଶର ମୁକ୍ତି ଆଣିପାରିବେ ନାହିଁ ।



ଅଶ୍ୱିନୀ କୁମାର ଦତ୍ତ
(୧୮୫୬-୧୯୨୩)
ଜ୍ୱଳନ୍ତ ସମାଜ ସଂସ୍କାରକ, ଜାତୀୟତାବାଦୀ ବରେଣ୍ୟ ନେତା

ଏଠାରେ ଉଲ୍ଲେଖନୀୟ ଯେ ୧୮୯୮ ମସିହାରେ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦତ୍ତ ଆଲମୋରାରେ ସ୍ୱାମୀ ବିବେକାନନ୍ଦଙ୍କୁ ସାକ୍ଷାତ୍ କରି କଥା ପ୍ରସଙ୍ଗରେ ସ୍ୱାମିଜିଙ୍କୁ ପଚାରିଥିଲେ : ''ତା'ହେଲେ ବର୍ତ୍ତମାନ କଂଗ୍ରେସର କ୍ରିୟାକଳାପରେ ଆପଣଙ୍କର କ'ଣ ବିଶ୍ୱାସ ନାହିଁ ?''

ସ୍ୱାମିଜି ଏହି ମର୍ମରେ ଉତ୍ତର ଦେଇଥିଲେ : ''ନା, ମୋର ବିଶ୍ୱାସ ନାହିଁ । ତେବେ, ନିଃସନ୍ଦେହରେ 'ନାହିଁ ମାମୁ ଠାରୁ କଣା ମାମୁ ଭଲ' ଏବଂ ଏହି ଦୃଷ୍ଟିରୁ ନିଦ୍ରିତ ଜାତିକୁ ସବୁ ଦିଗରୁ ଜାଗ୍ରତ୍ କରି ଉତ୍ଥିତ କରାଇବା ବିଧେୟ । ଆପଣ ମୋତେ କହି ପାରିବେ କି ଜନସାଧାରଣଙ୍କ ସକାଶେ କଂଗ୍ରେସ କ'ଣ କରୁଛି ? ଆପଣ କ'ଣ ଭାବୁଛନ୍ତି ଯେ ଆନୁଷ୍ଠାନିକ ଭାବେ କେତୋଟି ପ୍ରସ୍ତାବକୁ ମଞ୍ଜୁର କରିଦେଲେ ଦେଶ ମୁକ୍ତିଲାଭ କରିବ ? ମୋର ଏଥିରେ ବିଶ୍ୱାସ ନାହିଁ । ସର୍ବାଗ୍ରେ ଜନସାଧାରଣଙ୍କୁ ଏଥି ନିମିତ୍ତ ଜାଗ୍ରତ୍ ଓ ସଚେତନ କରାଇବାକୁ ହେବ ।...''




ସ୍ୱାମୀ ବିବେକାନନ୍ଦ



ଯତୀନ୍ଦ୍ରନାଥ ବନ୍ଦୋପାଧ୍ୟାୟ (୧୮୭୭-୧୯୩୦); ପରବର୍ତ୍ତୀ କାଳରେ 'ନିରାଲମ୍ବ ସ୍ୱାମୀ'

ଖୁବ୍ ସମ୍ଭବତଃ ୧୮୯୮ରେ ବଙ୍ଗଦେଶର ଜନୈକ ଦୀର୍ଘକାୟ, ବଳିଷ୍ଠ ଓ ତେଜୋଦୀପ୍ତ ଯୁବକ ଯତୀନ୍ଦ୍ରନାଥ ବନ୍ଦୋପାଧ୍ୟାୟ ଛଦ୍ମବେଶରେ ଓ ଛଦ୍ମନାମରେ ବରୋଦାରେ ଶ୍ରୀଅରବିନ୍ଦଙ୍କର ତଦାନୀନ୍ତନ ବାସଭବନରେ ପହଞ୍ଚିଲେ । ସେତେବେଳେ ଭାରତର ଇଂରେଜ ଫୌଜରେ ବଙ୍ଗାଳୀମାନଙ୍କର ପ୍ରବେଶ ନିଷେଧ ଥିଲା । ତେଣୁ ଯତୀନ୍ ଉପରୋକ୍ତ ପ୍ରକାରେ ରାଜପୁତନା ଓ ମଧ୍ୟଭାରତ ଆଦି ବିଭିନ୍ନ ମିତ୍ରରାଜ୍ୟର ସୈନ୍ୟ ବିଭାଗରେ ପ୍ରବେଶାଧିକାର ପାଇବା ଉଦ୍ଦେଶ୍ୟରେ ଯଥାସାଧ୍ୟ ଚେଷ୍ଟା କରି ବିଫଳ ହୋଇ ବରୋଦାରେ ଶ୍ରୀଅରବିନ୍ଦଙ୍କର ଶରଣ ପଶିଥିଲେ । ଯତୀନ୍ଦ୍ରନାଥଙ୍କର ତୀବ୍ର ମନୋବଳ, ଉତ୍ସାହ ଓ ଅଧ୍ୟବସାୟର ପରିଚୟ ପାଇ ଶ୍ରୀଅରବିନ୍ଦ ବିସ୍ମିତ ହୋଇଥିଲେ ।... ବନ୍ଧୁ ମାଧବରାଓଙ୍କ ସହାୟତାରେ ଶ୍ରୀଅରବିନ୍ଦ ଯତୀନଙ୍କୁ ବରୋଦାର ଅଶ୍ୱାରୋହୀ ଫୌଜରେ ତାଲିମ ପାଇବାର ସୁବନ୍ଦୋବସ୍ତ କରିଦେଇଥିଲେ ।



ବରୋଦା ମହାରାଜାଙ୍କର କତିପୟ ଅଶ୍ୱାରୋହୀ ଫୌଜଙ୍କ ସହିତ ଏକ ଆନୁଷ୍ଠାନିକ ଶୋଭାଯାତ୍ରା

ଦୁଇ ବର୍ଷ ପରେ, ୧୯୦୦ରେ ଯତୀନଙ୍କର ତାଲିମ ସମାପ୍ତ ହେବା ପରେ ଶ୍ରୀଅରବିନ୍ଦ ତାଙ୍କୁ ବଙ୍ଗଦେଶରେ ଆରମ୍ଭ କରିବାକୁ ଯାଉଥିବା 'ଗୁପ୍ତ ବୈପ୍ଳବିକ କର୍ମ'ର ବୀର ଅଗ୍ରଣୀ ରୂପେ ଯୋଗ ଦେବାକୁ ପ୍ରବର୍ତ୍ତାଇଲେ । ଯତୀନ୍ ବିନା ଦ୍ୱିଧାରେ ସାଗ୍ରହେ 'ଶପଥ ପାଠ' ପୂର୍ବକ ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶିତ ଧାରାରେ କର୍ମ କରିବାକୁ ଦୃଢ଼ ସଂକଳ୍ପବଦ୍ଧ ହୋଇ କଲିକତାରେ ପଦାର୍ପଣ କଲେ । ବଙ୍ଗଦେଶରେ ଆରମ୍ଭ ହେଲା 'ଗୁପ୍ତ ବିପ୍ଳବ ସମିତି' ।

ବିଂଶ ଶତାବ୍ଦୀର ପ୍ରାୟ ପ୍ରାରମ୍ଭରୁହିଁ ବଙ୍ଗଦେଶର ସ୍ଥାନେ ସ୍ଥାନେ ତରୁଣମାନଙ୍କ ଦ୍ୱାରା ଛୋଟ ଛୋଟ ସମିତିମାନ ସ୍ଥାପିତ ହୋଇଥିଲା । ଲାଠି ଖେଳ, କୁସ୍ତି, କସରତ ଆଦି ଶରୀରଚର୍ଚ୍ଚା ଥିଲା ଉପରୋକ୍ତ ସମିତିସବୁର କର୍ମସୂଚୀ । ଏବଂ ଏସବୁର ପରିଚାଳକ ଥିଲେ ମୁଖ୍ୟତଃ ବାରିଷ୍ଟର ପ୍ରମଥନାଥ ମିତ୍ର ଏବଂ ସରଳାଦେବୀ ଘୋଷାଲ ।



ସରଳା ଦେବୀ ଘୋଷାଲ (୧୮୭୩-୧୯୪୫) : ମହାରାଷ୍ଟ୍ରରେ ତିଳକଙ୍କର 'ଶିବାଜୀ ଉତ୍ସବ' ଏବଂ 'ଗଣପତି ଉତ୍ସବ' ପ୍ରଚଳନରେ ତୀବ୍ର ଭାବରେ ପ୍ରଭାବିତ । ୧୯୨୦ରେ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ଏହି ସାକ୍ଷାତ୍‌କାରରେ ସେ ଭାରତର ସ୍ୱାଧୀନତା ପ୍ରାପ୍ତି ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ଦୃଷ୍ଟିଭଙ୍ଗୀ ତଥା ସାମ୍ପ୍ରତିକ ରାଜନୀତି ସମ୍ବନ୍ଧେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ ।



ପ୍ରମଥନାଥ ମିତ୍ର (୧୮୫୩-୧୯୧୦) ଥିଲେ ଯୋଗୀ ବିଜୟ ଗୋସ୍ୱାମୀଙ୍କର ଶିଷ୍ୟ ଏବଂ ସ୍ୱାମୀ ବିବେକାନନ୍ଦଙ୍କର ଜାତୀୟ ଭାବଧାରାରେ ଖୁବ୍ ପ୍ରଭାବିତ ।



ବାରୋଁ କାକୁଜୋ ଓକାକୁରା
(୧୮୬୨-୧୯୧୩)



ଅକ୍‌ଟାରଲୋନି କୀର୍ତ୍ତିସ୍ତମ୍ଭ ଉପରୁ କଲିକତା ସହର ୧୯୦୨

ଏସବୁ କର୍ମର ମୂଳଉସ୍ତ ଥିଲେ ଜଣେ ପ୍ରଭାବଶାଳୀ ସୃଜନାତ୍ମକ ଶରୀରଚର୍ଚ୍ଚାର ନିପୁଣ ସମୀକ୍ଷକ, କାକୁଜୋ ଓକାକୁରା । କିନ୍ତୁ ସ୍ୱାଧୀନତା ଅର୍ଜନ ଉଦ୍ଦେଶ୍ୟରେ ବୈପ୍ଳବିକ କର୍ମବାହିନୀ ସଙ୍ଗଠନ ତଥା ବୈପ୍ଳବିକ କାର୍ଯ୍ୟଧାରା ସମ୍ବନ୍ଧରେ ଏସବୁ ସମିତିର କୌଣସି ସ୍ପଷ୍ଟ ଧାରଣା ପରିସ୍ଫୁଟ ନଥିଲା । ଯତୀନ୍ ବଙ୍ଗଦେଶକୁ ଆସି ଉପରୋକ୍ତ ବିଶିଷ୍ଟ ପରିଚାଳକଙ୍କ ସହ ଯୋଗାଯୋଗ କରି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଏବଂ ତାଙ୍କର ଭବିଷ୍ୟତ୍ ପରିକଳ୍ପନା ସମ୍ବନ୍ଧେ ସୂଚନା ଦେଲେ । ସମସ୍ତେ ଅତ୍ୟନ୍ତ ଉତ୍ସାହର ସହିତ ଶ୍ରୀଅରବିନ୍ଦଙ୍କର କର୍ମଧାରାରେ ପ୍ରବୃତ୍ତ ହେଲେ । ଯୁବଗୋଷ୍ଠୀରେ ଏହି ଅଭିନବ କଳ୍ପନାର ବୀଜବପନ ହେବା ମାତ୍ରେ ଦ୍ରୁତ ବେଗରେ ଅଙ୍କୁରିତ ହୋଇ ସମୃଦ୍ଧ ହେବାକୁ ଲାଗିଲା ।

ଏହି ସମାନ ସମୟକାଳ ମଧ୍ୟରେ ବଙ୍ଗଦେଶରେ ବଙ୍ଗୀୟ-ମରହଟ୍ଟା ଶ୍ରୀଯୁକ୍ତ ସଖାରାମ ଗଣେଶ ଦେଓସ୍କର ଥିଲେ ରାଜନୈତିକ ବିଷୟରେ ଜଣେ ସୁଲେଖକ ଓ ପାରଦର୍ଶୀ ସାମ୍ବାଦିକ । ସେ ତାଙ୍କର ସଦ୍ୟ ପ୍ରକାଶିତ ପୁସ୍ତକ 'ଦେଶେର୍ କଥା'ରେ ସର୍ବପ୍ରଥମେ 'ସ୍ୱରାଜ' ଶବ୍ଦ ବ୍ୟବହାର କରିଥିଲେ ।



ସଖାରାମ ଗଣେଶ ଦେଓସ୍କର
(୧୮୬୯-୧୯୧୨)


ସେତେବେଳେ ବ୍ରହ୍ମବାନ୍ଧବ ଉପାଧ୍ୟାୟ ଥିଲେ ବଙ୍ଗଳା 'ସନ୍ଧ୍ୟା' ପତ୍ରିକାର ସମ୍ପାଦକ । ସେ ତାଙ୍କର ପତ୍ରିକାରେ ସଖାରାମଙ୍କର 'ସ୍ୱରାଜ' ଶବ୍ଦଟିକୁ ବେଶ୍ ଜନପ୍ରିୟ କରିଦେଇଥିଲେ । ତେଣୁ ସ୍ୱଭାବତଃ ସେତେବେଳେ ବିପ୍ଳବୀ ଗୋଷ୍ଠୀଙ୍କର ବଳିଷ୍ଠ ଆଦର୍ଶ ରୂପେ ଗୃହୀତ ହୋଇ ଉଠିଥିଲା – 'ସ୍ୱରାଜ', 'ସ୍ୱଦେଶୀ' ଓ 'ବୟକଟ୍' (ଇଂରେଜ ସରକାରଙ୍କ ସହିତ ସର୍ବପ୍ରକାର ସାମାଜିକ ଓ ଆର୍ଥନୀତିକ ସମ୍ପର୍କ ବର୍ଜନ) ।



ବ୍ରହ୍ମବାନ୍ଧବ ଉପାଧ୍ୟାୟ (୧୮୬୧-୧୯୦୭)
ପରବର୍ତ୍ତୀ କାଳରେ ବ୍ରହ୍ମବାନ୍ଧବ 'ସନ୍ଧ୍ୟା' ପତ୍ରିକା ସାଙ୍ଗକୁ
'ସ୍ୱରାଜ' ପ୍ରତିକାର ମଧ୍ୟ ସମ୍ପାଦକ ଥିଲେ ।

‘ସିପାହୀ ବିଦ୍ରୋହ’ ସମୟରୁ ରାଜପୁତାନାରେ ଏକ ‘ଗୁପ୍ତ ବିପ୍ଲବ ସମିତି’ ଗଢ଼ି-ଉଠିଥିଲା । ଏହାର ନିର୍ଦ୍ଦେଶକ ଓ ପରିଚାଳକ ଥିଲେ ଉଦୟପୁର ରାଜ୍ୟର ଏକ ଯୁବରାଜ; ଜନପ୍ରିୟ ଭାବରେ ‘ଠାକୁର ସାହେବ’ ନାମରେ ପରିଚିତ । ତିଳକ, ମାଧବରାଓ, ଦେଶପାଣ୍ଡେଜି, ଡଃ. ମୁଞ୍ଜେ ଇତ୍ୟାଦି ପାଞ୍ଚ ଜଣ ଦେଶପ୍ରେମୀଙ୍କ ସହାୟତାରେ ଠାକୁର ସାହେବ ମହାରାଷ୍ଟ୍ରରେ ଏକ


ରାଜପୁତାନାର ଏକ ବିହଙ୍ଗାବଲୋକନ



ମୋରେଶ୍ୱର ଗୋପାଳ ଦେଶମୁଖ (ନାନା ସାହେବ) ଥିଲେ ତିଳକଙ୍କର ଘନିଷ୍ଠ ବନ୍ଧୁ; ମୋରୋପନ୍ତ ବିଶ୍ୱନାଥ ଯୋଷୀ ଲଣ୍ଡନରେ ଶ୍ରୀଅରବିନ୍ଦଙ୍କ ସହିତ ‘Lotus and Dagger’ ସମିତିରେ ମଧ୍ୟ ଶପଥ ପାଠ କରିଥିଲେ ।

ପରିଷଦ (‘କାଉନ୍‌ସିଲ୍‌’) ଗଠନ କରି ଏହି ପରିଷଦ ମାଧ୍ୟମରେ ସମଗ୍ର ମହାରାଷ୍ଟ୍ରରେ ବୈପ୍ଲବିକ ଧାରାର ପ୍ରବର୍ତ୍ତନ କରୁଥିଲେ ।

ରାଜପୁତାନାରେ ଠାକୁର ସାହେବଙ୍କ ସମିତିର ଜନୈକ ବରେଣ୍ୟ ସଭ୍ୟ ଥିଲେ ମିଃ. ମାଣ୍ଡୱାଲେ । ଏହି ସଭ୍ୟଙ୍କ ଆନୁକୂଲ୍ୟରେ ବରୋଦାରେ ଶ୍ରୀଅରବିନ୍ଦ, ଦେଶମୁଖ ଓ ମୋରୋପନ୍ତ ଏକସାଥିରେ ପ୍ରଥାନୁମୋଦିତ ‘ଶପଥ ପାଠ’ କରି ସେହି ବିପ୍ଲବ ସମିତିର ସଭ୍ୟ ହୋଇଥିଲେ । ଶପଥଟିର ଲିଖିତ ବିଷୟବସ୍ତୁର ମର୍ମାନୁବାଦ ଏହିପରି —

**‘‘ମୋର ଜୀବନ ଥିବା ପର୍ଯ୍ୟନ୍ତ ଏବଂ ଭାରତମାତା ପରାଧୀନତାର ଶୃଙ୍ଖଳରୁ ମୁକ୍ତ ନହେବା ପର୍ଯ୍ୟନ୍ତ ମୁଁ ବୈପ୍ଲବିକ କର୍ମ ନୈଷ୍ଠିକ ଭାବରେ ଚାଲୁ ରଖିବି । କେବେ ଯଦି ସମିତିର କୌଣସି କଥା ବା କୌଣସି ଘଟଣା ମୋ ତୁଣ୍ଡରୁ ବାହାରିଯାଏ ଅଥବା କୌଣସି ପ୍ରକାରେ ସମିତିର ଅନିଷ୍ଟ କରେ ତେବେ ଏଥିପାଇଁ ମୁଁ ମୋର ଜୀବନ ବଳି ଦେବାକୁ ସଦାପ୍ରସ୍ତୁତ ।’’**



ବାରୀନ୍ (୧୮୮୦-୧୯୫୯)



୧୫ ନଂ. ଦାଣ୍ଡିଆ ବଜାର

୧୯୦୧ରେ ବାରୀନ୍ ଅନନ୍ୟୋପାୟ ହୋଇ ବରୋଦାରେ ଶ୍ରୀଅରବିନ୍ଦଙ୍କର ବାସଭବନରେ ଉପସ୍ଥିତ ହୋଇଥିଲେ । ...ବାରୀନ୍ ବରୋଦାରେ ପହଞ୍ଚିବା ପରେ ଶ୍ରୀଅରବିନ୍ଦ ତାଙ୍କୁ ଠାକୁର ସାହେବଙ୍କର ଗୁପ୍ତ ସମିତିରେ ଶପଥ ପାଠପୂର୍ବକ ବଙ୍ଗଦେଶକୁ ପଠାଇଲେ । ବାରୀନ୍ ଆସି ଯତୀନଙ୍କ ସହିତ ଯୋଗ ଦେଲେ । କଲିକତାର ୧୦୬ ନଂ. ଅପର୍ ସର୍କୁଲାର ରୋଡ଼ରେ ଏକ ଭଡ଼ାଘରେ ଯତୀନ୍ ଓ ବାରୀନଙ୍କର କାର୍ଯ୍ୟ ଆରମ୍ଭ ହେଲା । ଖୁବ୍ ଶୀଘ୍ର ଏ ଦୁହିଁଙ୍କ ସହିତ ଯୋଗ ଦେଲେ ୨୪ ପ୍ରଗଣାର ଅବିନାଶ ଭଟ୍ଟାଚାର୍ଯ୍ୟ । ସେତେବେଳେ ଯତୀନଙ୍କର ବୟସ ୨୫, ବାରୀନଙ୍କର ୨୩ ଏବଂ ଅବିନାଶଙ୍କର ୧୯ ।

ଏହି ୧୯୦୧ରେ ହିଁ ଶ୍ରୀଅରବିନ୍ଦ ଅପର୍ ସର୍କୁଲାର ରୋଡ଼ର ବାସଭବନରେ ତିନି ଜଣଙ୍କୁ ଭେଟିଥିଲେ । ଶ୍ରୀଅରବିନ୍ଦ ପ୍ରଥମ ଥର ଅବିନାଶଙ୍କୁ ଦେଖି ମନ୍ତବ୍ୟ ଦେଇଥିଲେ : ''ତୁମମାନଙ୍କର ପ୍ରଥମ ନିର୍ବାଚନଟି ବେଶ୍ ଉତ୍ତମ — ଦୃଢ଼ପ୍ରତିଜ୍ଞ, ବିଶ୍ୱାସୀ ଓ ନୀରବ କର୍ମୀ ।''

ପୁନଶ୍ଚ ଯତୀନଙ୍କ ସହାୟତାରେ ଶ୍ରୀଅରବିନ୍ଦ ପି. ମିତ୍ର, ସରଳା ଦେବୀ ଆଦି ସଂଗଠକମାନଙ୍କୁ 'ଶପଥ ପାଠ' କରାଇଥିଲେ ।



ଅବିନାଶ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ (୧୮୮୨-୧୯୬୨) ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ସପରିବାରେ କଲିକତାରେ ଏକାଧିକ ବାସଭବନରେ ରହୁଥିବା ବେଳେ ଅବିନାଶହିଁ ତାଙ୍କ ଘରର ସମସ୍ତ ଦେଖାଶୁଣା କରୁଥିଲେ ।



ତଦାନୀନ୍ତନ କଲିକତାର ଏକ ସଦର ରାସ୍ତା



ସତ୍ୟେନ୍ ବସୁ (୧୮୮୨-୧୯୦୮)

୧୯୦୨ ମସିହାର କଲେଜ ଛୁଟିରେ ଶ୍ରୀଅରବିନ୍ଦ ଯତୀନ୍ ଓ ବାରୀନଙ୍କ ସହିତ ପ୍ରଥମ ଥର ପାଇଁ ମେଦିନିପୁର ଯାଇ ସେଠାରେ ବିପ୍ଳବୀ ହେମଚନ୍ଦ୍ର ଦାସଙ୍କୁ ଭେଟି ତାଙ୍କୁ 'ଶପଥ ପାଠ' କରାଇଥିଲେ ।

ଏହି ୧୯୦୨ରେ ଦେଓଘରରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କୀୟ ମାମୁ ବିପ୍ଳବୀ ସତ୍ୟେନ୍ ବସୁ 'ଶପଥ ପାଠ' ପୂର୍ବକ ଏକ ବିପ୍ଳବ ସମିତି ଗଠନ କଲେ ।



ହେମଚନ୍ଦ୍ର ଦାସ (୧୮୭୧-୧୯୫୧)



ତଦାନୀନ୍ତନ କଲିକତା



ଭଗିନୀ ନିବେଦିତା




ଚିତ୍ତରଞ୍ଜନ ଦାସ



ସୁରେନ୍ଦ୍ରନାଥ ଠାକୁର (୧୮୭୨-୧୯୪୦)

ଯତୀନ୍, ବାରୀନ୍ ଓ ଅବିନାଶ ଏକତ୍ର ମାତ୍ର ଛ'ମାସ କର୍ମ କରିଥିଲେ; ଦୁହିଁଙ୍କ ମଧ୍ୟରେ କର୍ମପନ୍ଥାରେ ମତଦ୍ୱୈଧ ଘଟିବାରୁ ବାରୀନ୍ ଓ ଅବିନାଶ ମଦନ ମିତ୍ର ଲେନ୍‌ରେ ରହିଲେ ଏବଂ ଯତୀନ୍ ସୀତାରାମ ଘୋଷ ଷ୍ଟ୍ରୀଟ୍‌ରେ । ଶ୍ରୀଅରବିନ୍ଦ ଏଥର କଲିକତାକୁ ଆସି ଦୁଇଦଳଙ୍କ ମଧ୍ୟରେ ଆପୋଷ ମିଳାମିଶା ଘଟାଇବା ସକାଶେ ଯତୀନଙ୍କ ବାସଭବନରେ ଆୟୋଜିତ ବୈଠକରେ ଯୋଗ ଦେଲେ ।... ଚୂଡ଼ାନ୍ତ ନିର୍ଣ୍ଣୟ ଥିଲା – ଯତୀନ୍ ଓ ବାରୀନ୍ ନିଜ ନିଜ ଧାରାରେ କର୍ମ ଚାଲୁ ରଖିବେ କିନ୍ତୁ ନିୟନ୍ତ୍ରଣ କ୍ଷମତା ପାଞ୍ଚ ଜଣଙ୍କୁ ନେଇ ଗଠିତ ଏକ କମିଟି ଉପରେ ନ୍ୟସ୍ତ ରହିଲା । ସେହି ପାଞ୍ଚଜଣ ଥିଲେ – ପି. ମିତ୍ର, ଚିତ୍ତରଞ୍ଜନ ଦାସ, ଭଗିନୀ ନିବେଦିତା, ସୁରେନ୍ଦ୍ର ନାଥ ଠାକୁର ଓ ଯତୀନ୍ ।

୧୯୦୩ରେ ରାଜ୍ୟର ବ୍ୟବସ୍ଥାପକ ସଭାରେ 'ବଙ୍ଗ-ଭଙ୍ଗ' ଆଇନର ସୂତ୍ରପାତ ହୋଇ ୨୦ ଜୁଲାଇ ୧୯୦୫ରେ ମଞ୍ଜୁର ପ୍ରାପ୍ତି ହେଲା । । ଶ୍ରୀଅରବିନ୍ଦ ବରୋଦାରେ ରହି ଏ ସମ୍ବନ୍ଧରେ ଶୁଣି ଯତୀନ୍ ଇତ୍ୟାଦିଙ୍କୁ ଲେଖିଥିଲେ : ''ଏହା ଏକ ଅପୂର୍ବ ସୁଯୋଗ । ଅତ୍ୟନ୍ତ ପ୍ରଭାବଶାଳୀ ଭାବରେ ଯୁବଗୋଷ୍ଠୀଙ୍କ ମଧ୍ୟରେ 'ବଙ୍ଗ-ଭଙ୍ଗ ଆଇନ ଅମାନ୍ୟ' ଆନ୍ଦୋଳନ ଚାଲୁ ରଖ । ଆମେମାନେ ଏହା ଦ୍ୱାରା ପ୍ରଭୂତ ମାତ୍ରାରେ କର୍ମୀ ଲାଭ କରିବୁ ।'' ଏବଂ 'No Compromise' ପ୍ରବନ୍ଧ ଲେଖି ମୁକ୍ତ ହସ୍ତରେ ଜନସାଧାରଣରେ ଅବାଧରେ ବଣ୍ଟନ କରିବାର କାର୍ଯ୍ୟ ଅର୍ପଣ କଲେ ।...



ବଙ୍ଗଭଙ୍ଗ ପରିକଳ୍ପନାର ରୂପରେଖ


ବାରୀନଙ୍କ ଉକ୍ତିରେ : ''ଏହି ସମୟକାଳ ମଧ୍ୟରେ ମୁଁ ବରୋଦାକୁ ପ୍ରାୟ ତିନି ଥର ଯାଇଛି । ପ୍ରତ୍ୟେକ ଥର ସନ୍ଧ୍ୟାରେ ଆମର ଅବସର-ବିନୋଦନ ସମୟରେ ଆମମାନଙ୍କର 'ମୃତାତ୍ମାଙ୍କ ଦ୍ୱାରା ଲେଖା ଓ କଥନ' (ପ୍ଲାଞ୍ଚେଟ୍)ର ଗବେଷଣା କାର୍ଯ୍ୟକ୍ରମ ହେଉଥିଲା । ଏହି ଆସରରେ ପ୍ରାୟତଃ ସେଜ୍‌ଦା, ଦେଶପାଣ୍ଡେଜି ଓ ମାଧବରାଓ ଉପସ୍ଥିତ ରହୁଥିଲେ । ବରୋଦାରେ ଆମେ ଯେତେ ଜଣ ଏଥିରେ ଉପସ୍ଥିତ ରହୁଥିଲୁ, ମୁଖ୍ୟତଃ ମୋ ହାତରେ ଓ ସେଜ୍‌ଦା'ଙ୍କ ହାତରେ ବେଶୀ ଭାଗ ଲେଖା ଆସୁଥିଲା ।''


ଶ୍ରୀରାମକୃଷ୍ଣ ପରମହଂସ

ଶ୍ରୀଅରବିନ୍ଦଙ୍କ ଉକ୍ତିରେ :

''ଥରେ ଶ୍ରୀରାମକୃଷ୍ଣଙ୍କୁ ଆହ୍ୱାନ କରାହେଲା । ତାଙ୍କୁ ବେଶ୍ କେତୋଟି ପ୍ରଶ୍ନ ପଚରାଗଲା । ସେ ଦୀର୍ଘ ସମୟ ଧରି ନୀରବ ରହିଲେ; କିନ୍ତୁ ଯିବାବେଳେ କହିଗଲେ, 'ମନ୍ଦିର ଗଢ଼, ମନ୍ଦିର ଗଢ଼ ।' ସେତେବେଳେ ସମସ୍ତଙ୍କ ମୁଣ୍ଡରେ କେବଳ ଦେଶୋଦ୍ଧାରର ଚିନ୍ତା ରହିଥିଲା । ତେଣୁ ସ୍ୱଭାବତଃ ସମସ୍ତେ ଭାବିଲେ 'ମନ୍ଦିର ଗଢ଼' ଅର୍ଥ ବଙ୍କିମଙ୍କର 'ଆନନ୍ଦମଠ' ଉପନ୍ୟାସରେ 'ଭବାନୀ ମନ୍ଦିର'ର ବର୍ଣ୍ଣନା ରହିଛି । – ଖୁବ୍ ସମ୍ଭବତଃ ଶ୍ରୀରାମକୃଷ୍ଣ ଏହି ଧରଣର କିଛି ଗଢ଼ିବାର ପରିକଳ୍ପନା ଦେଇଗଲେ ।...'' (ଏହି ପରିକଳ୍ପନାରୁ ୧୯୦୫ରେ ଶ୍ରୀଅରବିନ୍ଦ 'ଭବାନୀ ମନ୍ଦିର' ପୁସ୍ତିକା ରଚନା କରିଥିଲେ ।)

୧୯୦୪ରେ ବାରୀନ୍ ଅଦମ୍ୟ ଉତ୍ସାହ ସହ ବିନ୍ଧ୍ୟ ପର୍ବତମାଳାର ଅମରକଣ୍ଟକ ଅଞ୍ଚଳକୁ ପରିଭ୍ରମଣରେ ଗଲେ । ଉଦ୍ଦେଶ୍ୟ – ନିର୍ଜନରେ ଏକ ଶାନ୍ତ ଓ ମର୍ଯ୍ୟାଦାପୂର୍ଣ୍ଣ ପରିବେଶ ଖୋଜି ସେଠାରେ ମା ଭବାନୀଙ୍କ ମନ୍ଦିର ଗଢ଼ିବେ । ଏହି ଦୁଃସାଧ କର୍ମରେ ରତ ଥିବା ବେଳେ ନଛୋଡ଼ବନ୍ଦା ପାହାଡ଼ୀ ଜ୍ୱରରେ ଆକ୍ରାନ୍ତ ହୋଇ ଶ୍ରୀଅରବିନ୍ଦଙ୍କ ପାଖକୁ ଫେରି ଆସିଥିଲେ । ଦିନେ ହଠାତ୍ ଜଣେ ନାଗା ସନ୍ନ୍ୟାସୀ ଆସି ଘରେ ଉପସ୍ଥିତ ହେଲେ ।... ତାଙ୍କର ମନ୍ତ୍ରିତ ଜଳକୁ ପାନ କରି ବାରୀନ୍ ରାତାରାତି ଜ୍ୱରମୁକ୍ତ ହୋଇଥିଲେ ।...


ଅମରକଣ୍ଟକ ଅଞ୍ଚଳ



ଇଞ୍ଜିନିୟର ଶ୍ରୀଯୁକ୍ତ ଦେବଧର

ଶ୍ରୀଅରବିନ୍ଦଙ୍କ ଉକ୍ତିରେ (ସଂକ୍ଷିପ୍ତ ଭାବାନୁବାଦ) : ''(୧୯୦୪ରେ) ମୁଁ ଯେତେବେଳେ ଯୋଗାଭ୍ୟାସକୁ ଗୁରୁତର ଭାବରେ ଗ୍ରହଣ କଲି ସେତେବେଳେ ମୋ ସାମନାରେ ମାତ୍ର ଗୋଟିଏ ଲକ୍ଷ୍ୟ ଥିଲା – 'ପ୍ରଥମେ ମୋ ଦେଶ, ତା'ପରେ ମନୁଷ୍ୟ-ଜାତି, ଏତତ୍ ବ୍ୟତୀତ ଅନ୍ୟ କିଛିର ଅସ୍ତିତ୍ୱ ନାହିଁ ।' ମୋର ମନେ ହେଉଥିଲା ଯେମିତି ମୋ ଅଲକ୍ଷ୍ୟରେ ପଶ୍ଚାତରୁ କିଛି ଗୋଟିଏ ବସ୍ତୁ ମୋ ଅନ୍ତରରେ ଏହି ଧାରଣାକୁ ଜନ୍ମାଇ ଦେଉଥିଲା ।...''

ସେତେବେଳେ ପ୍ରଚଳିତ ପ୍ରଥା ଥିଲା 'ପ୍ରାଣାୟାମ' ବ୍ୟତୀତ ଯୋଗ ସାଧନା କରାଯାଏ ନାହିଁ । ସ୍ୱାମୀ ବ୍ରହ୍ମାନନ୍ଦଙ୍କର ଶିଷ୍ୟ ଏବଂ ଶ୍ରୀଅରବିନ୍ଦଙ୍କର ଇଞ୍ଜିନିୟର ବନ୍ଧୁ ଶ୍ରୀଯୁକ୍ତ ଦେବଧର ତାଙ୍କୁ 'ପ୍ରାଣାୟାମ' ଅଭ୍ୟାସର ମୌଳିକ ସୂତ୍ରମାନ ସୂଚାଇ ଦେଇଥିଲେ ।

୧୯୦୫ର ନଭେମ୍ବର ଆଡ଼କୁ ବଙ୍ଗଦେଶରେ ସରକାରୀ ନିର୍ଯାତନାର ମାତ୍ରା ଉତ୍ତରୋତ୍ତର ବୃଦ୍ଧି ପାଇବାରୁ 'ଜାତୀୟ ବିଶ୍ୱବିଦ୍ୟାଳୟ' ସ୍ଥାପନ କରିବାରେ ଏକ ପ୍ରଚଣ୍ଡ ଜନମତ ଜାଗିଉଠିଲା । ଏଥିପାଇଁ ସୁବୋଧ ମଲ୍ଲିକ 'ଜାତୀୟ ବିଦ୍ୟାଳୟ' ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏକ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଲେ କିନ୍ତୁ ଏହି ସର୍ତ୍ତରେ ଯେ ଶ୍ରୀଅରବିନ୍ଦଙ୍କୁ ପ୍ରିନ୍ସିପାଲ ହିସାବରେ ନିଯୁକ୍ତ କରିବାକୁ ହେବ ।... ଶ୍ରୀଅରବିନ୍ଦ ଉପରୋକ୍ତ ସର୍ତ୍ତରେ ରାଜି ହେଲେ ।

୧୯୦୬ର ମାର୍ଚ୍ଚ ୨ରେ ଶ୍ରୀଅରବିନ୍ଦ କଲିକତାକୁ ଆସିଲେ ।... ଡଃ. ରାସବିହାରି ଘୋଷ ରହିଲେ 'ଜାତୀୟ ଶିକ୍ଷା ପରିଷଦ'ର ପ୍ରେସିଡେଣ୍ଟ ଏବଂ ନବଗଠିତ 'ବେଙ୍ଗଲ ନ୍ୟାସନାଲ କଲେଜ ଏବଂ ସ୍କୁଲ'ର ପ୍ରିନ୍ସିପାଲ୍ ହେଲେ ଶ୍ରୀଅରବିନ୍ଦ ଓ ତତ୍ତ୍ୱାବଧାରକ ହେଲେ ଶ୍ରୀଯୁକ୍ତ ସତୀଶ ଚନ୍ଦ୍ର ମୁଖାର୍ଜୀ ।



ଡଃ. ରାସବିହାରୀ ଘୋଷ (୧୮୪୫-୧୯୨୧) କଲିକତା ହାଇକୋର୍ଟର ଜଣେ ପ୍ରସିଦ୍ଧ ଓକିଲ ଏବଂ ରାଜନୀତିରେ 'ନରମପନ୍ଥୀ'



ସତୀଶ ଚନ୍ଦ୍ର ମୁଖାର୍ଜୀ (୧୮୬୫-୧୯୪୮) ବଙ୍ଗଦେଶରେ ନୂତନ ଶିକ୍ଷା ପ୍ରଣୟନରେ ଜଣେ ଅଗ୍ରଣୀ ପଥପ୍ରଦର୍ଶକ



ଅକ୍ଟାରଲୋନି କୀର୍ତ୍ତିସ୍ତମ୍ଭ ଉପରୁ କଲିକତା ସହର ୧୯୦୨

୧୯୦୬ ଅଗଷ୍ଟ ୧୪ରେ ଏହା ଉଦ୍‌ଘାଟିତ ହେବାର ସିଦ୍ଧାନ୍ତ ନିଆଗଲା ।... ଜୁଲାଇ ପ୍ରଥମ ସପ୍ତାହରେ ଶ୍ରୀଅରବିନ୍ଦ ବରୋଦା ଚାକିରିରୁ ଚିର ବିଦାୟ ନେଇ କଲିକତାରେ ପଦାର୍ପଣ କଲେ ।

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | | |
|---|---|---|---|
| 1. | Place of Publication | ··· | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ··· | Quarterly |
| 3. | Printer's Name | ··· | Swadhin Chatterjee |
| | Nationality | ··· | Indian |
| | Address | ··· | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ··· | Manoj Das Gupta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 5. | Editor's Name | ··· | Biswambhara Samanta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta


*Date : 25.04.2023* *Signature of Publisher*

Vol. LXVI, No. 2, NAVAJYOTI – 24 April, 2023, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**